RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-161 ♦BHUBANESWAR ♦SATURDAY ♦7 DECEMBER 2024 ♦PAGE-14 ♦₹ 6.00

♦ବର୍ଷ-୪୨ ♦ସଂଖ୍ୟା-୧୬୧ ♦ଭୁବନେଶ୍ୱର ♦ଶନିବାର ♦୭ ଡିସେମ୍ବର ୨୦୨୪ ♦ପୃଷ୍ଠା-୧୪ ♦ଟ.୬.୦୦


## ପୋଲାଭରମ୍‌କୁ ନେଇ ବିଧାନସଭା ହୁଲସ୍ଥୁଲ

# ଘେରିଲେ ବିରୋଧୀ — ଧୋଇଗଲା ଅଧାଦିନ



### ବିଚାରାଧୀନ ପ୍ରକଳ୍ପକୁ ଅନୁଦାନ ମିଳୁଛି, ଆଲୋଚନା ହେବନି କାହିଁକି: ପ୍ରସନ୍ନ

### କାଲି ମୁଖ୍ୟମନ୍ତ୍ରୀ ଉତ୍ତର ଦେଲେ, ଆଜି ଆଲୋଚନାକୁ ଫାଙ୍କୁଛନ୍ତି: ରଣେନ୍ଦ୍ର

### ଡବଲ ଇଞ୍ଜିନ୍ ସରକାର ଓଡ଼ିଶାର ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଉପେକ୍ଷା କରୁଛି: କାଡ଼ାମ

■ **ଭୁବନେଶ୍ୱର,୬ ।୧୨(ସମିସ):** ପୋଲାଭରମ୍ ପ୍ରସଙ୍ଗରେ ଆଜି ହୁଲସ୍ଥୁଲ ହୋଇଛି ବିଧାନସଭା । ଆନ୍ଧ୍ରରେ ପୋଲାଭରମ ପ୍ରକଳ୍ପ ଯୋଗୁଁ ଓଡ଼ିଶାର ବିପୁଳ କ୍ଷତି ହେବାର ଆଶଙ୍କା ସତ୍ତ୍ୱେ ରାଜ୍ୟ ସରକାରଙ୍କ ନିରବତା ଓ ଆନ୍ଧ୍ରକୁ କେନ୍ଦ୍ର ସରକାରଙ୍କ ସମର୍ଥନକୁ ନେଇ ଉଭୟ ବିଜେଡି ଓ କଂଗ୍ରେସ ବିଧାନସଭାରେ ସରକାରଙ୍କୁ ଘେରିଛନ୍ତି । ମାମଲା ଅଦାଲତରେ ଥିବା ଉଲ୍ଲେଖ କରି ସରକାର ଏହି ପ୍ରସଙ୍ଗରେ ଆଲୋଚନା କରିବାକୁ ଅରାଜି ହେବାକୁ ବିରୋଧୀ କଟୁ ସମାଲୋଚନା କରିଛନ୍ତି । ଶାସକ-ବିରୋଧୀଙ୍କ ବାଦବିସମ୍ବାଦ ମଧ୍ୟରେ ଆଜି ଗୃହ କାର୍ଯ୍ୟ ଅଧା ଦିନ ପୁରା ଧୋଇ ଯାଇଛି । ସକାଳେ ମାତ୍ର ଗୃହ ଚାଲିଥିବାବେଳେ ଅପରାହ୍ନ ୪ ପର୍ଯ୍ୟନ୍ତ ବାଚସ୍ପତି ଗୃହକୁ ମୁଲତବୀ ରଖିଛନ୍ତି ।

କଂଗ୍ରେସ୍ ପକ୍ଷରୁ ଆଜି ପୋଲାଭରମ୍ ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଦିଆଯାଇଥିଲା; ମାତ୍ର ବାଚସ୍ପତି ଏହାକୁ ଅଗ୍ରାହ୍ୟ କରିଦେବା ସହିତ ପ୍ରଶ୍ନୋତ୍ତର କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାକୁ କଂଗ୍ରେସ ସଦସ୍ୟମାନେ ବିରୋଧ କରିବା ସହ ପୋଡ଼ିୟମ ଉପରେ ଚଢ଼ିବା ପାଇଁ ଉଦ୍ୟମ କରିଥିଲେ । ଫଳରେ ବାଚସ୍ପତି ପୂର୍ବାହ୍ନ ୧୧.୩୦ ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ବନ୍ଦ ରଖିଥିଲେ । ତେବେ ୧୧.୩୦ରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ଉଭୟ କଂଗ୍ରେସ ସହ ମିଳିତ ଭାବରେ ବିଜେଡି ମଧ୍ୟ ପୋଲାଭରମକୁ ପ୍ରସଙ୍ଗ କରି ଗୃହର ମଧ୍ୟଭାଗରେ ପ୍ରତିବାଦ କରିଥିଲେ । ବାଚସ୍ପତି ସୁରମା ପାଢ଼ୀ ମୁଲତବୀ ପ୍ରସ୍ତାବକୁ ମନ୍ତ୍ରୀଙ୍କ ନିକଟକୁ ପଠାଯାଇଥିଲା । ମାତ୍ର ପୋଲାଭରମ୍ ପ୍ରସଙ୍ଗ ଏବେ ▶ପୃଷ୍ଠା-୭

## ଓଡ଼ିଶାର ସ୍ୱାର୍ଥ ପାଇଁ ଲଢ଼ିଛୁ, ଲଢ଼ି ଚାଲିବୁ



ପୋଲାଭରମ୍ ପ୍ରସଙ୍ଗରେ ବିଜେଡିର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ଦଳର ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ପୋଲାଭରମ୍‌କୁ ନେଇ ଆଜି ବିଧାନସଭାରେ ତମ୍ବିତୋଫାନ ହୋଇଥିବାବେଳେ ଗୃହ ବାହାରେ ବିରୋଧୀଦଳ ନେତା ଶ୍ରୀ ପଟ୍ଟନାୟକ ପୋଲାଭରମ୍ ଲଢ଼େଇ ଜାରି ରହିବ ବୋଲି ଘୋଷଣା କରିଛନ୍ତି । ସେ କହିଛନ୍ତି ଯେ ଓଡ଼ିଶାର ସ୍ୱାର୍ଥ ଆମ ପାଇଁ ସର୍ବାଗ୍ରେ। ଆମେ କ୍ଷମତାରେ ଥିବାବେଳେ ଓଡିଶାର ସ୍ୱାର୍ଥ ଓ ଓଡ଼ିଶାବାସୀଙ୍କ ଅଧିକାର ପାଇଁ ଲଢୁଥିଲୁ, ଆଉ ଆଗକୁ ମଧ୍ୟ ଏହି ଲଢ଼େଇ ଜାରି ରଖିବୁ। କ୍ଷମତାରେ ଥିବାବେଳେ ଆମର ଯେଉଁ ଆଭିମୁଖ୍ୟ ରହିଥିଲା ଓ ଏବେ ମଧ୍ୟ ସେହି ଆଭିମୁଖ୍ୟ ରହିଛି। ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ସଂଗ୍ରାମ କରିବାକୁ ବିଜେଡି ସର୍ବଦା ପ୍ରସ୍ତୁତ ରହିଛି ବୋଲି ନବୀନ କହିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଜେଡି ସୁପ୍ରିମୋ ନବୀନଙ୍କ ନିର୍ଦ୍ଦେଶରେ ଦଳର ଏକ ପ୍ରତିନିଧିମଣ୍ଡଳ ମାଲକାନଗିରିର ପ୍ରଭାବିତ ଅଞ୍ଚଳ ▶ପୃଷ୍ଠା-୭

## ସାର୍ବଜନୀନ ପରୀକ୍ଷା ବିଧେୟକ ପାରିତ



### ଆଇନ ପାଇଁ ଏତେ ତରବର ନ ହୋଇ ସମୟ ନେଇ ସମୀକ୍ଷା କରାଯାଉ: ବିରୋଧୀ

### ଏହି ଆଇନକୁ ଦନ୍ତବିହୀନ ବାଘ ସଦୃଶ ନ କରି କଠୋର ପ୍ରାବଧାନ ଆଣନ୍ତୁ: ବିଜେଡି

■ **ଭୁବନେଶ୍ୱର, ୬ ।୧୨(ସମିସ):** ବିଭିନ୍ନ ପ୍ରକାର ସରକାରୀ ନିଯୁକ୍ତି ପରୀକ୍ଷାରେ ଅନିୟମିତା ରୋକିବା ପାଇଁ ରାଜ୍ୟ ସରକାର ଆଣିଥିବା 'ଓଡିଶା ସାର୍ବଜନୀନ ପରୀକ୍ଷା (ଅନୁଚିତ ସାଧନର ନିବାରଣ) ବିଧେୟକ-୨୦୨୪ ଶୁକ୍ରବାର ବିଧାନସଭାରେ ପାରିତ ହୋଇଛି। ଗୃହରେ ଆଜି ଦୀର୍ଘ ସମୟ ଧରି ଏହି ବିଲ୍ ଉପରେ ଉଭୟ ଶାସକ ଓ ବିରୋଧୀ ଦଳ ଆଲୋଚନା କରିଥିଲେ।

ବିଧେୟକକୁ ବିରୋଧ କରି ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଏହି ବିଲ୍ ଏକ ଦାନ୍ତବିହନୀ ବାଘ ସଦୃଶ ବୋଲି ଅଭିହିତ କରିଥିଲେ। ସରକାର ଆଇନ ଆଣିବା ପାଇଁ ଉଦ୍ୟମ କରିଛନ୍ତି ସତ; କିନ୍ତୁ ଅପରାଧ ଦମନ ଏବଂ ଦୋଷୀଙ୍କୁ ଦଣ୍ଡବିଧାନ ପାଇଁ ଏଥିରେ କିଛି ବ୍ୟବସ୍ଥା ନାହିଁ। ସରକାର ଏତେ ତରବରିଆ ଭାବେ କାହିଁକି ବିଧେୟକ ଆଣୁଛନ୍ତି? ଏହା ଉପରେ ଅଧିକ ତର୍ଜମା କରିବାର ଆବଶ୍ୟକତା ଅଛି। ତେଣୁ ଏହାକୁ ସିଲେକ୍ଟ କମିଟିକୁ ପଠାଯାଉ ବୋଲି ବିରୋଧୀ ▶ପୃଷ୍ଠା-୭

**ସଂସଦରେ ଟଙ୍କାବିଡ଼ା**

## ସିଂଘଭୀଙ୍କ ଆସନରୁ ୫୦ ହଜାର ଜବତ

### ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ

### ଜେପିସି ତଦନ୍ତ ଦାବିକଲେ ଜୟରାମ ରମେଶ

### କଡ଼ା ଜବାବ ଦେଲେ ସିଂଘଭୀ

■ **ନୂଆଦିଲ୍ଲୀ, ୬।୧୨ (ଏଜେନ୍ସି):** ଶିଳ୍ପପତି ଗୌତମ ଆଦାନୀ ଏବଂ ସମ୍ଭଲ ହିଂସାକୁ ନେଇ ଅଚଳ ଥିବା ସଂସଦରେ ଶୁକ୍ରବାର 'ଟଙ୍କା' ତାତି ଉଠିଛି। ରାଜ୍ୟସଭାରେ ୫୦ ହଜାର ଟଙ୍କାର ୫୦୦ ଟଙ୍କିଆ ବିଡ଼ା ମିଳିବାକୁ ନେଇ ହଙ୍ଗାମା ହୋଇଛି। ଏହାକୁ ନେଇ ବିରୋଧୀ ଏବଂ ଶାସକ ଦଳ ମୁହାଁମୁହିଁ ହୋଇଛନ୍ତି। ରାଜ୍ୟସଭା ଅଧ୍ୟକ୍ଷ ତଥା ଉପ-ରାଷ୍ଟ୍ରପତି ଜଗଦୀପ ଧନଖର ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ▶ପୃଷ୍ଠା-୭

**ଅଶୀ ବୟସ୍କ, ଦିବ୍ୟାଙ୍ଗଙ୍କୁ ସରକାରଙ୍କ ଉପହାସ**

## ୩୫୦୦ ଟଙ୍କା ଭତ୍ତା ଅନିଶ୍ଚିତ

### ୪ ମାସ ତଳେ କରିଥିଲେ ଘୋଷଣା; ଏବେ କହୁଛନ୍ତି ବିଚାର ଚାଲିଛି

■ **ଭୁବନେଶ୍ୱର, ୬।୧୨ (ସମିସ):** ପ୍ରଥମେ କହିଲେ ରାଜ୍ୟର ସମସ୍ତ ପେନସନ ହିତାଧିକାରୀଙ୍କୁ ଭତ୍ତା ବାବଦରେ ମାସିକ ୩ ହଜାର ଟଙ୍କା ଦେବେ। କ୍ଷମତାକୁ ଆସିବା ପରେ ଅନ୍ୟ ପ୍ରତିଶ୍ରୁତି ଭଳି ଭତ୍ତା ଟଙ୍କା ନ ଦେବାକୁ ଗଳାବାଟ ଖୋଜିଲେ। ସମସ୍ତ ହିତାଧିକାରୀଙ୍କ ପରିବର୍ତ୍ତେ ୮୦ ବର୍ଷ ବା ତଦୁର୍ଦ୍ଧ୍ୱ ଓ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଭିନ୍ନକ୍ଷମଙ୍କୁ ମାସିକ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭାରେ ଘୋଷଣା କଲେ। ଏଥିପାଇଁ ବଜେଟରେ ୭୬୦୦ କୋଟି ଟଙ୍କାର ବ୍ୟୟବରାଦ ରଖିଲେ; ମାତ୍ର ବଜେଟ୍ ପାସ୍ ହେବାର ୪ ମାସ ପରେ ବରିଷ୍ଠ ନାଗରିକମାନଙ୍କୁ ଭତ୍ତା ତ ମିଳି ନାହିଁ ଓ ନିକଟ ଭବିଷ୍ୟତରେ ମିଳିବ କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି।

ଶୁକ୍ରବାର ବିଧାନସଭାରେ ସରକାର ସାମାଜିକ ସୁରକ୍ଷା ପେନସନ୍ ହିତାଧିକାରୀଙ୍କୁ ଏକ ଜୋରଦାର୍ ଝଟକା ଦେଇଛନ୍ତି। ସାମାଜିକ ସୁରକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ବର୍ଗର ହିତାଧିକାରୀଙ୍କ ମାସିକ ଭତ୍ତା ରାଶି ୩୫୦୦ ଟଙ୍କାକୁ ବୃଦ୍ଧି କରିବାକୁ ସରକାର ବିଚାର କରୁଛନ୍ତି ବୋଲି କହିବା ପରେ ବର୍ଦ୍ଧିତ ଭତ୍ତା ରାଶି ମିଳିବା ନେଇ ସୃଷ୍ଟି ହୋଇଛି ଅନିଶ୍ଚିତତା। ରାଜ୍ୟର ୩.୭୦ ଲକ୍ଷର ଅଧିକ ଅଶୀତିପର ହିତାଧିକାରୀଙ୍କୁ ରାଜ୍ୟ ସରକାର ଠକି ଦେଇଥିବା ସନ୍ଦେହ କରାଯାଉଛି। ବିଜେଡି ବିଧାୟକ ସୁଦର୍ଶନ ହରିପାଲଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ▶ପୃଷ୍ଠା-୭




## ଚୀନ୍‌ରେ ପଢ଼ାଯିବ 'ଲଭ୍ ଏଜୁକେଶନ'



ବେଜିଂ, ୬।୧୨ (ଏଜେନ୍ସି): 'ଆମେ ଦୁଇ ଆମର ଏକ' ସ୍ଲୋଗାନ ଦେଇଥିବା ଚୀନ୍‌ର ଏବେ ଅକଲ ଗୁଡୁମ ହୋଇଯାଇଛି । ଏପରି ସ୍ଲୋଗାନ ଦେଇ ଜନ୍ମହାର କମାଇ ଥିବା ଚୀନ୍ ମୁଣ୍ଡରେ ଏବେ ଚଡ଼କ ପଶିଛି । ଏବେ ଚୀନ୍ ଚାରିପଟୁ ସମସ୍ୟା ପଡ଼ିଛି । ଅର୍ଥନୀତି, ଆମେରିକା ସହ ଟାରିଫ ଯୁଦ୍ଧ ସହିତ ଦେଶରେ ସିଂହଭାଗ ଜନସଂଖ୍ୟା ଦ୍ରୁତଗତିରେ ବୁଢ଼ା ହେବାରେ ଲାଗିଛନ୍ତି । ଏହା ସହିତ ୫୭ ପ୍ରତିଶତ ଯୁବ ବର୍ଗ ବିବାହ କରିବାକୁ ଚାହୁଁ ନ ଥିବାରୁ ଏହା ଚୀନ୍ ପାଇଁ 'ବୋଝ ଉପରେ ନଳିତା ବିଡ଼ା' ସଦୃଶ ହୋଇଛି । ବେକାରୀ ଏବଂ କ୍ୟାରିୟରରେ ସମସ୍ୟା ପାଇଁ ଯୁବ ବର୍ଗ ଏପରି ନିଷ୍ପତ୍ତି ନେଉଛନ୍ତି । ଏଭଳି ସ୍ଥିତିକୁ ଦେଖି ଚୀନ୍ ସରକାର ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଯୁବ ବର୍ଗଙ୍କ ପାଇଁ 'ଲଭ୍ ଏଜୁକେଶନ' ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପିଲାଙ୍କୁ ବିବାହ ଏବଂ ସନ୍ତାନ ଜନ୍ମ କରିବାକୁ ପ୍ରୋତ୍ସାହନ ଦେବା ପାଇଁ ଏହି ପଦକ୍ଷେପ ନେଇଛନ୍ତି । ଦେଶରେ ବୟସ୍କଙ୍କ ସଂଖ୍ୟା ବଢୁଥିବାରୁ ସରକାରୀ ଖର୍ଚ୍ଚ ବଢ଼ିବ । ଶ୍ରମଜୀବୀଙ୍କ ସଂଖ୍ୟା କମ ହେବାରୁ ଅର୍ଥବ୍ୟବସ୍ଥା ଉପରେ ଚାପ ବଢ଼ିବ । ତେଣୁ ସରକାର ଏ ସବୁରୁ ବର୍ତ୍ତିବାକୁ ଯୁବ ବର୍ଗର ଜନସଂଖ୍ୟା ବୃଦ୍ଧି କରିବାକୁ ଚାହୁଁଛନ୍ତି । ତେବେ ଏଥିରେ ବଡ଼ ସମସ୍ୟା ରହିଛି । କାରଣ ଚୀନ୍‌ର ୫୭ ପ୍ରତିଶତ କଲେଜ ଛାତ୍ରଛାତ୍ରୀ ପ୍ରେମ କରିବାକୁ ଚାହୁଁ ନାହାନ୍ତି । ବିବାହ, ପ୍ରେମ, ପ୍ରଜନନ ଏବଂ ପରିବାର ପ୍ରତି ଛାତ୍ରଛାତ୍ରୀଙ୍କ ଆଭିମୁଖ୍ୟ ବଦଳାଇବାକୁ ସରକାର ପ୍ରେମ୍ ଶିକ୍ଷା ଦେବେ ।

## ତୃପ୍ତି ଡିମରି ଭାରତର ସବୁଠୁ ଲୋକପ୍ରିୟ ଷ୍ଟାର୍



ମୁମ୍ବଇ, ୬।୧୨ (ଏଜେନ୍ସି): 'ଆନିମଲ' ଚଳଚ୍ଚିତ୍ରରେ ଦର୍ଶକଙ୍କୁ ବିମୁଗ୍ଧ କରିଦେଇଥିବା ଅଭିନେତ୍ରୀ ତୃପ୍ତି ଡିମରି ନୂଆ କୃତିତ୍ୱ ହାସଲ କରିଛନ୍ତି । ଗୋଟିଏ ପରେ ଗୋଟିଏ ଚଳଚ୍ଚିତ୍ରରେ ନିଜର ଅଭିନୟ ଯାଦୁରେ ପ୍ରଶଂସା ସାଉଁଟୁ ଥିବା ତୃପ୍ତି କିଙ୍ଗ୍ ଖାନ୍ ଶାହାରୁଖ୍, ଦୀପିକା ପାଦୁକୋନ ଏବଂ ଆଲିଆ ଭଟ୍ଟଙ୍କୁ ପଛରେ ପକାଇ ଦେଇଛନ୍ତି । ତୃପ୍ତି ଭାରତର ସବୁଠୁ ଲୋକପ୍ରିୟ ଷ୍ଟାର ପାଲଟି ଯାଇଛନ୍ତି । ଆଇଏମଡିବିର 'ଭାରତର ସବୁଠାରୁ ଲୋକପ୍ରିୟ ଚଳଚ୍ଚିତ୍ର ଷ୍ଟାର' ତାଲିକାରୁ ଏହା ଜଣାପଡ଼ିଛି । ଏହି ତାଲିକାରେ ତୃପ୍ତିଙ୍କ ଏକ ନମ୍ବର ସ୍ଥାନରେ ରହିଥିବାବେଳେ ଦୀପିକା ପାଦୁକୋନ ଦୁଇ ନମ୍ବର ସ୍ଥାନରେ ଅଛନ୍ତି । ଏହା ପଛକୁ ଇଶାନ ଖଟ୍ଟର (ତୃତୀୟ), ଶାହରୁଖ (ଚତୁର୍ଥ), ଶୋଭିତା ଧୂଲିପାଲା (ପଞ୍ଚମ), ଐଶ୍ୱର୍ଯ୍ୟା ରାୟ (ସପ୍ତମ), ସାମନ୍ଥା (ଅଷ୍ଟମ), ଆଲିଆ ନବମ ଏବଂ ପ୍ରଭାସ ଦଶମ ସ୍ଥାନରେ ଅଛନ୍ତି । ଏହି ଉପଲବ୍ଧିକୁ ନେଇ 'ବ୍ୟାଡ୍ ନ୍ୟୁଜ୍' ଅଭିନେତ୍ରୀ ଖୁସି ପ୍ରକଟ କରି ଦର୍ଶକଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି । ଏହା ତାଙ୍କ ପାଇଁ ନିଆରା ମୁହୂର୍ତ୍ତ ବୋଲି କହିଛନ୍ତି । ଏହି ସମ୍ମାନ ପାଇଁ ସେ ଆଇଏମଡିବିକୁ ଧନ୍ୟବାଦ ଦେଇଛନ୍ତି ।

### ଏମ୍‌ଏସ୍‌ପି ଦାବିରେ ଚାଷୀଙ୍କ 'ଦିଲ୍ଲୀ ମାର୍ଚ୍ଚ' ସ୍ଥଗିତ

# କେନ୍ଦ୍ରକୁ ଦିନିକିଆ କଣ୍ଟ



ନୂଆଦିଲ୍ଲୀ, ୬।୧୨ (ଏଜେନ୍ସି): ଦୀର୍ଘ ୫ ବର୍ଷର ଦାବି ପୂରଣ ପାଇଁ ଚାଷୀ ପଞ୍ଜାବ-ହରିୟାଣା ଶମ୍ଭୁ ସୀମାରୁ ଶୁକ୍ରବାର ଦ୍ୱିପହରେ 'ଦିଲ୍ଲୀ ମାର୍ଚ୍ଚ' ଆରମ୍ଭ କରିଛନ୍ତି । ଚାଷୀଙ୍କ ୧୦୧ ସଂଗଠନ ବାରିକେଡ ଏବଂ କଣ୍ଟା ତାର ଭାଙ୍ଗି ଆଗକୁ ବଢିଛନ୍ତି । ମାତ୍ର ପୁଲିସ ଚେତାବନୀ ଦେଇ କିଛି ବାଟରେ ଚାଷୀଙ୍କୁ ଅଟକାଇ ଦେଇଛି । ଲୁହବୁହା ଗ୍ୟାସ୍ ମାଡ଼ କରି ରାଜଧାନୀକୁ ଯିବାକୁ ଦେଇନାହିଁ । ଜାତୀୟ ରାଜପଥ-୪୪ରେ ପୁଲିସ ସହ ଚାଷୀ ମୁହାଁମୁହିଁ ହୋଇଛନ୍ତି । ଏଥିରେ ୮ ଚାଷୀ ଆହତ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି । ଯାତ୍ରା ଆରମ୍ଭର ଅଢେଇ ଘଣ୍ଟା ପରେ ଚାଷୀ ଦିଲ୍ଲୀ ଯାତ୍ରାକୁ ଦିନକ ପାଇଁ ସ୍ଥଗିତ ରଖି ଦେଇଛନ୍ତି । କେନ୍ଦ୍ର ସରକାରଙ୍କୁ ଦିନିକିଆ କଣ୍ଟ ସହ ଚେତାବନୀ ମଧ୍ୟ ଦେଇଛନ୍ତି । ଚାଷୀ ନେତା ସରବଣ ପନ୍ଧେର କହିଛନ୍ତି ଯେ ସରକାରଙ୍କ ସହ ଆଲୋଚନା କରିବାକୁ ଆମେ ପ୍ରସ୍ତୁତ ଅଛୁ । ଏଥିପାଇଁ ଶନିବାର ପର୍ଯ୍ୟନ୍ତ ଅପେକ୍ଷା କରିବୁ । ସରକାରଙ୍କ ସହ ମୁହାଁମୁହିଁ ହେବାକୁ ଚାହୁଁନାହୁଁ । କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆସି ଆଲୋଚନା କରନ୍ତୁ । କେନ୍ଦ୍ର ଆଲୋଚନା ନ କଲେ ରବିବାର ଦ୍ୱିପହରୁ କିଶାନଙ୍କ ୧୦୧ ସଂଗଠନ ଦିଲ୍ଲୀ ଯାତ୍ରା କରିବ । ସେହିପରି ହରିୟାଣା ପୁଲିସ ସହ ଆଲୋଚନା ହୋଇଥିବା ପନ୍ଧେର କହିଛନ୍ତି । ପୁଲିସ ଦାବିପତ୍ର ମାଗିଛି । ଏହି ଦାବିପତ୍ରରେ କେନ୍ଦ୍ର ସହ ଆଲୋଚନା କରିବାକୁ ମଧ କୁହାଯାଇଛି । ଆଲୋଚନା ପାଇଁ ଶନିବାର ଅପେକ୍ଷା କରାଯିବ ।

ଏହି ମାମଲାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଚାଷୀଙ୍କୁ ସମର୍ଥନ ଦେଇଛନ୍ତି । ସରକାରଙ୍କ ନିକଟରେ ନିଜ ଦାବି ରଖିବାକୁ ଏବଂ ଦୁଃଖ ଶୁଣାଇବାକୁ ଦିଲ୍ଲୀ ଆସିବାକୁ ଚାହୁଁଛନ୍ତି । ତାଙ୍କ ଉପରେ ଲୁହବୁହା ଗୋଳା ମାଡ଼ କରିବା ଏବଂ ଘଉଡ଼ାଇବାକୁ ଅତ୍ୟନ୍ତ ନିନ୍ଦନୀୟ । ସେହପରି କଂଗ୍ରେସ ପକ୍ଷରୁ ସରକାରଙ୍କୁ ଚେତାବନୀ ମଧ ଦିଆଯାଇଛି । ମଣିପୁର ଭଳି ସ୍ଥିତିର ସମ୍ମୁଖୀନ ହେବାକୁ ଚାଷୀଙ୍କୁ ଦିଅନ୍ତୁ ନାହିଁ ବୋଲି କୁହାଯାଇଛି । ଚଳଚ୍ଚିତ୍ର ଦେଖିବାକୁ ସମୟ ପାଉଥିବାବେଳେ

**ବାରିକେଡ ଭାଙ୍ଗି ଆଗକୁ ବଢୁଥିଲେ ଚାଷୀ**

**ଲୁହବୁହା ଗ୍ୟାସ୍ ମାଡ଼ରେ ୮ ଆହତ; ୨ ଗୁରୁତର**

**ପୁଲିସ କାର୍ଯ୍ୟାନୁଷ୍ଠାନକୁ ରାହୁଲଙ୍କ ବିରୋଧ**

ଚାଷୀଙ୍କ ଦାବି ଶୁଣିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପାଖରେ ସମୟ ନାହିଁ ବୋଲି କହିଛନ୍ତି । ଏମ୍‌ଏସପି ନେଇ ତୁରନ୍ତ ଆଇନ ଆଣିବାକୁ ସେ ଦାବି କରିଛନ୍ତି । ଅନ୍ୟପଟେ ଚାଷୀଙ୍କ ଦିଲ୍ଲୀ ଯାତ୍ରା ସମୟରେ ଶିବରାଜ ସିଂହ ଚୌହାନ ସଂସଦରେ କହିଥିଲେ ଯେ ସରକାର ଉତ୍ପାଦଗୁଡ଼ିକୁ ଏମଏସପିରେ କିଣିବାକୁ ପ୍ରତିଶ୍ରୁତିବଦ୍ଧ । ସରକାର ଉତ୍ପାଦନ ଖର୍ଚ୍ଚର ୫୦%ରୁ ଅଧିକ ଦାମରେ ଚାଷୀଙ୍କ ଉତ୍ପାଦଗୁଡ଼ିକ କିଣୁଛନ୍ତି ।

## କଙ୍ଗୋରେ ଅଜଣା ରୋଗ; ୧୫୦ ମୃତ

କିନ୍‌ସାସା, ୬।୧୨ (ଏଜେନ୍ସି): ଆଫ୍ରିକୀୟ ଦେଶ ଡେମୋକ୍ରାଟିକ ରିପବ୍ଲିକ ଅଫ୍ କଙ୍ଗୋ (ଡିଆର କଙ୍ଗୋ)ରେ ଅଜ୍ଞାତ ରୋଗ କାୟା ବିସ୍ତାର କରିବାରେ ଲାଗିଛି । ଏହା ୧୫୦ରୁ ଅଧିକ ଲୋକଙ୍କ ଜୀବନ ନେଲାଣି । ଶତାଧିକ ମଧ ସଂକ୍ରମିତ ହେଲେଣି । କଙ୍ଗୋର ପାଞ୍ଜି ରାଜ୍ୟରେ ଏହା ବିପଜ୍ଜନକ ସ୍ଥିତି ସୃଷ୍ଟି କରିଛି । ଥଣ୍ଡାକାଶ ଭଳି ଲକ୍ଷଣ ଥିବା ଏହି ରୋଗରେ ଶିଶୁ ଏବଂ ମହିଳା ସର୍ବାଧିକ ସଂକ୍ରମିତ ହେଉଛନ୍ତି । ନଭେମ୍ବର ୧୦ରୁ ଏହା ବ୍ୟାପିବାରେ ଲାଗିଛି । ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଅପୋଲିନେୟର ୟୁମ୍ବା କହିଛନ୍ତି ଯେ ସଂକ୍ରମିତଙ୍କ ଜ୍ୱର ଆସୁଛି । ମୁଣ୍ଡ ବିନ୍ଧା, ଖାସ ସହିତ ଆନିମିଆ ପରି ଲକ୍ଷଣ ଦେଖା ଦେଉଛି । ଠିକ୍ ସମୟରେ ଚିକିତ୍ସା ନ ମିଳିବାରୁ ଅନେକଙ୍କ ମୃତ୍ୟୁ ହୋଇଛି । ରୋଗରୁ ରକ୍ଷା ପାଇବାକୁ ମୃତଦେହଠାରୁ ଲୋକଙ୍କୁ ଦୂରେଇ ରଖାଯାଉଛି । ଜାତୀୟ ଏବଂ ଅନ୍ତର୍ଜାତୀୟ ସହାୟତା ମଗାଯାଇଛି ।

## ଟ୍ୟାଙ୍କର ସହ ବସ୍ ଧକ୍କା; ୮ ମୃତ



ଲକ୍ଷ୍ନୌ, ୬।୧୨ (ଏଜେନ୍ସି): ଉତ୍ତର ପ୍ରଦେଶ କନୌଜର ଔରୟା ସୀମା ନିକଟସ୍ଥ ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସୱେରେ ଶୁକ୍ରବାର ଦ୍ୱିପହରେ ଭୟଙ୍କର ଦୁର୍ଘଟଣା ଘଟିଛି । ଏକ ଡବଲ୍ ଡେକର ବସ୍ ପାଣି ଟ୍ୟାଙ୍କରୁ ଧକ୍କା ଦେଇ ପଲଟି ଯାଇଛି । ଏଥିରେ ୮ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୩୮ ଜଣ ଆହତ ହୋଇଛନ୍ତି । ଦୁର୍ଘଟଣାସ୍ଥଳର ବିକଳ ଦୃଶ୍ୟ ଭାଇରାଲ ହେବାରେ ଲାଗିଛି । ଲୋକେ ବସ୍ ତଳେ ଚାପି ହୋଇ ରହିଥିବାର ଦେଖାଯାଉଛି । ଏହାର ସୂଚନା ପାଇ ପୁଲିସ ଏବଂ ଦମକଳ ବାହିନୀ ମୃତାହତଙ୍କୁ ଉଦ୍ଧାର କରିଛି । ଜିଲ୍ଲାପାଳ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ଏହା ଏତେ ଭୟାବହ ଥିଲା ଯେ ପ୍ରଚଣ୍ଡ ଶବ୍ଦ ହୋଇଥିଲା । ପାଣି ଟ୍ୟାଙ୍କର ମଧ ଅନେକ ଦୂରକୁ ଯାଇ ଓଲଟି ପଡ଼ିଥିଲା । ବସ୍‌ରୁ ଲୋକେ ଏଣେତେଣେ ଛିଟିକି ପଡ଼ିଥିଲେ ।

## ମନ୍ଦିରକୁ କେଜିଏ ସୁନା ବିସ୍କୁଟ, ୨୩ କୋଟି ଟଙ୍କା ଦାନ

ଜୟପୁର, ୬।୧୨ (ଏଜେନ୍ସି): ରାଜସ୍ଥାନ ଚିତ୍ତୋରଗଡ଼ର ସାନୱାଲିଆ ସେଠ୍ ମନ୍ଦିରକୁ ବିପୁଳ ଦାନ ମିଳିଛି । ଭଗବାନ କୃଷ୍ଣଙ୍କୁ ସମର୍ପିତ ଏହି ମନ୍ଦିରକୁ ମିଳିଥିବା ଦାନ ଦେଖି ସମସ୍ତେ ଚକିତ ହୋଇଯାଇଛନ୍ତି । ଦାନ ବାକ୍ସରୁ କେଜିଏ ସୁନା ବିସ୍କୁଟ, ୨୩ କୋଟିରୁ ଅଧିକ ଟଙ୍କା, ଗୋଟିଏ



ରୁପା ବନ୍ଧୁକ ଏବଂ ରୁପାର ହ୍ୟାଣ୍ଡକଫ ମଧ ମିଳିଛି । ଶ୍ରଦ୍ଧାଳୁ ଆହୁରି ଅନେକ ଛୋଟ ସୁନା ବିସ୍କୁଟ, ରୁପାର ବିଭିନ୍ନ ସାମଗ୍ରୀ, ରୁପା ତାଲାଚାବି ଏବଂ ବଂଶୀ ମଧ ଦାନ ଦେଇଛନ୍ତି । ପୂର୍ବରୁ ମନ୍ଦିରକୁ ଏପରି ଦାନ କେବେ ମିଳି ନ ଥିଲା । ୨ ମାସର ବ୍ୟବଧାନ ପରେ ଅମାବାସ୍ୟାରେ ଏହା ଖୋଲା ଯାଇଥିଲା । ପ୍ରଥମ ପର୍ଯ୍ୟାୟରେ ୧୧.୩୪ କୋଟି, ଦ୍ୱିତୀୟରେ ୩.୬୦ କୋଟି, ତୃତୀୟରେ ୪.୨୭ କୋଟି ଟଙ୍କା ମିଳିଥିଲା । ବର୍ତ୍ତମାନ ସୁଦ୍ଧା ହୋଇଥିବା ଗଣତିରୁ ୨୩ କୋଟିରୁ ଅଧିକ ଟଙ୍କା ମିଳି ସାରିଲାଣି । ଗଣତି ଚାଲିଥିବାରୁ ଏହି ପରିମାଣ ଆହୁରି ବଢ଼ିବ ବୋଲି ଆଶା କରାଯାଉଛି । ଏ ପର୍ଯ୍ୟନ୍ତ ଦାନବାକ୍ସରୁ ମିଳିଥିବା ସୁନା ଓ ରୁପା ସାମଗ୍ରୀର ମୂଲ୍ୟ ଆକଳନ କରାଯାଇ ନାହିଁ । ଏଥର ୬ରୁ ୭ଟି ପର୍ଯ୍ୟାୟରେ ଦାନ ସୂତ୍ରରୁ ମିଳିଥିବା ଜିନିଷଗୁଡ଼ିକର ଗଣତି କରାଯିବ ।

## ୭ରୁ ମହାରାଷ୍ଟ୍ର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ

ମୁମ୍ବଇ, ୬।୧୨ (ଏଜେନ୍ସି): ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀ ଚୟନ ପାଇଁ ଲାଗିଥିବା ହାଇଡ୍ରାମା ଶେଷ ହୋଇଯାଇଛି । ଦେବେନ୍ଦ୍ର ଫଡନାବିସ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ଅଜିତ ପାୱାର ଏବଂ ଏକନାଥ ସିନ୍ଦେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ତେବେ ନିଜ ଛବି ବଞ୍ଚାଇବା ପାଇଁ ସିନ୍ଦେ ଏବଂ ବିଜେପି ଏଭଳି ନାଟକ କରୁଥିଲେ ବୋଲି କୁହାଯାଉଛି । ଜନତାଙ୍କୁ ଏହା ଦେଖାଇବା ପାଇଁ ସେ କେବେ ନିଜ ଗାଁକୁ ଚାଲିଯାଉଥିଲେ ତ ପୁଣି କେବେ ଲୋକଙ୍କୁ ଭେଟୁ ନ ଥିଲେ । ଏକ ସାକ୍ଷାତକାରରେ ଜନତା ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଚାହୁଁଥିବା ମଧ କହି ଦେଇଥିଲେ । ଲୋକଙ୍କୁ ଏବଂ କର୍ମୀଙ୍କୁ ନିଜକୁ ମୁଖ୍ୟ ଭାବେ ଦେଖାଇବାକୁ ଚାହୁଁଥିଲେ ବୋଲି ମହାରାଷ୍ଟ୍ରର ଜଣେ ବରିଷ୍ଠ ସାମ୍ବାଦିକ କହିଛନ୍ତି । ଅନ୍ୟପକ୍ଷରେ ମହାରାଷ୍ଟ୍ର ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ୭ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏଥିପାଇଁ ବିଜେପି ବିଧାୟକ କାଳିଦାସ କୋଲମ୍ବକରଙ୍କୁ ପ୍ରୋଟମ ସ୍ପିକର ନିଯୁକ୍ତି କରାଯାଇଛି । ରାଜ୍ୟପାଳ ତାଙ୍କୁ ଆଜି ଶପଥପାଠ କରାଇଛନ୍ତି ।

### ରାହୁଲ ଗାନ୍ଧୀଙ୍କ ନାଗରିକତା ବିବାଦ

## କେନ୍ଦ୍ରକୁ ଜବାବ ମାଗିଲେ ହାଇକୋର୍ଟ

ନୂଆଦିଲ୍ଲୀ, ୬।୧୨ (ଏଜେନ୍ସି): ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ନାଗରିକତା ମାମଲାରେ ଦିଲ୍ଲୀ ହାଇକୋର୍ଟ ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି । ବିଜେପି ନେତା ସୁବ୍ରମଣ୍ୟନ ସ୍ୱାମୀଙ୍କ ଆବେଦନ ଉପରେ ଶୁଣାଣି କରି ରାହୁଲଙ୍କ



ଭାରତୀୟ ନାଗରିକତା ଉପରେ ସ୍ଥିତି ସ୍ପଷ୍ଟ କରିବାକୁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି କାର୍ଯ୍ୟନିର୍ବାହୀ ମୁଖ୍ୟ ବିଚାରପତି ବିଭୁ ବାଖ୍ରୁ ଏବଂ ଜଷ୍ଟିସ ତୁଷାର ରାଓ ଗେଡେଲାଙ୍କ ଖଣ୍ଡପୀଠ । କୌଣସି ନିର୍ଦ୍ଦେଶ ପାରିତ କରିବା ପୂର୍ବରୁ କେନ୍ଦ୍ର ସରକାରଙ୍କଠାରୁ ମାମଲା ସମ୍ପର୍କରେ ତଥ୍ୟ ଚାହୁଁଛୁ ବୋଲି କୋର୍ଟ କହିଛନ୍ତି । ଜବାବ ମିଳିବା ପରେ ଜାନୁଆରୀ ୧୩ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ । ହାଇକୋର୍ଟ ଗତ ଶୁଣାଣିରେ ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ଖଣ୍ଡପୀଠରେ ଆବେଦନ ଦାଖଲ କରିଥିବା ବିଘ୍ନେଶ ଶିଶିରଙ୍କୁ ସତ୍ୟପାଠ ଦାଖଲ କରିବାକୁ କହିଥିଲେ । ଶିଶିର ହାଇକୋର୍ଟରେ ଦର୍ଶାଇ ଥିଲେ ଯେ ରାହୁଲଙ୍କ ପାଖରେ ନାଲି ରଙ୍ଗର ପାସ୍‌ପୋର୍ଟ ଅଛି । ଏହା ଉପରେ ବ୍ରିଟିଶ ସରକାରଙ୍କ ମୋହର ଲାଗିଛି । ଭାରତର ନାଗରିକତା ଆଇନ ଅନୁଯାୟୀ କେହି ଦ୍ୱୈତ ନାଗରିକତା ନେଇପାରିବେ ନାହିଁ । ଏହି ମାମଲାରେ ୧୯ ତାରିଖ ସୁଦ୍ଧା ଜବାବ ଦାଖଲ କରିବାକୁ ଆହ୍ଲାବାଦ ହାଇକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ । ରାହୁଲଙ୍କ ପାଖରେ ଦ୍ୱୈତ ନାଗରିକତା ଅଛି କି ନାହିଁ ଜଣାଇବାକୁ କହିଥିଲେ । ମାତ୍ର ଦିଲ୍ଲୀ ହାଇକୋର୍ଟରେ ସୁବ୍ରମଣ୍ୟନ ସ୍ୱାମୀ ନୂଆ ଆବେଦନ ଦାଏର କରି ରାହୁଲଙ୍କ ନାଗରିକତା ରଦ୍ଦ କରିବାକୁ ଦାବି କରିଥିଲେ ।

### ଗୁଜରାଟରୁ ୧୪ ନକଲି ଡାକ୍ତର ଗିରଫ

## ୭୦ ହଜାରରେ ଦେଉଥିଲେ ଡାକ୍ତରୀ ଡିଗ୍ରୀ

ସୁରଟ, ୬।୧୨ (ଏଜେନ୍ସି): ଆୟୁଷ୍ମାନ ଯୋଜନାରେ ଟଙ୍କା ହଡ଼ପ ପାଇଁ ସୁସ୍ଥ ଲୋକଙ୍କ ଆଞ୍ଜିଓପ୍ଲାଷ୍ଟି, ଜାଲ୍ ଡାକ୍ତରଖାନା, ନକଲି ଡାକ୍ତର ଗିରଫ ଘଟଣା ପରେ ଗଜରାଟରୁ ଏଭଳି ଆଉ ଏକ ଜଘନ୍ୟ ମାମଲା ସାମ୍ନାକୁ ଆସିଛି । ଲୋକଙ୍କ ଜୀବନ ସହ ଖେଳୁଥିବା ଅନ୍ୟ ଏକ ଗ୍ୟାଙ୍ଗର ପର୍ଦ୍ଦାଫାସ ହୋଇଛି । ୭୦ ହଜାର ଟଙ୍କାରେ ଡାକ୍ତରୀ ଡିଗ୍ରୀ ପ୍ରଦାନ କରୁଥିବା ଗ୍ୟାଙ୍ଗ୍ ଧରାପଡ଼ିଛି । ଏହି ଗୋଷ୍ଠୀ ୧୨୦୦ ଲୋକଙ୍କୁ ନକଲି ଡାକ୍ତର ପ୍ରମାଣପତ୍ର ଦେଇସାରିଛି । ଏମାନଙ୍କ ମଧ୍ୟରେ ଅଷ୍ଟମ ପାସ୍ ସାମିଲ ଅଛନ୍ତି । କେବଳ ସେତିକି ନୁହେଁ, ପଞ୍ଜୀକରଣ ନବୀକରଣ ପାଇଁ ପ୍ରତି ବର୍ଷ ୫ ହଜାର ଟଙ୍କା ଲେଖାଏଁ ମଧ ନିଆଯାଉଥିଲା । ଆଉ ଏଥିପାଇଁ ଜାଲ୍ ୱେବ୍‌ସାଇଟ ବି ଖୋଲା ଯାଇଥିଲା । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ୩୨ ବର୍ଷ ହେଲା ଗ୍ୟାଙ୍ଗ କଳା କାରବାର ଚଳାଇ ଆସୁଥିବାବେଳେ ପୁଲିସ କି ପ୍ରଶାସନ କିଛି ସୁରାଗ ପାଇ ନ ଥିଲା । ଏହି ମାମଲାରେ ୧୪ ଜଣ ନକଲି ଡାକ୍ତରଙ୍କୁ ଗିରଫ କରାଯାଇଛି । ଏମାନଙ୍କ ମଧ୍ୟରେ ଡ. ସମିମ ଅନ୍‌ସାରୀ ସାମିଲ



ରହିଛି । ତାର ଭୁଲ୍ ଚିକିତ୍ସା ଯୋଗୁଁ ଗତ କିଛି ଦିନ ତଳେ ଏକ ଶିଶୁ ପ୍ରାଣ ହରାଇଥିଲା । ଏହି ମାମଲାରେ ଏ ପର୍ଯ୍ୟନ୍ତ ମୋଟ ୧୩ ଜଣଙ୍କୁ ଗିରଫ କରାଗଲାଣି ।

ଏହି ଗୋଷ୍ଠୀର ୨ ମୁଖ୍ୟ ଅଭିଯୁକ୍ତ ଡ. ରମେଶ ଗୁଜରାଟୀ ଏବଂ ବିକେ ରାଓତ ନିକଟରୁ ପୁଲିସ ଶହ ଶହ ଆବେଦନ ଏବଂ ପ୍ରମାଣପତ୍ର ମିଳିଛି । ଏହି ସୂଚନା ଆଧାରରେ ପୁଲିସ ପାଣ୍ଡେସରାର ୩ କ୍ଲିନିକରେ ଚଢ଼ଉ କରିଥିଲା । ଏଠାରୁ 'ବ୍ୟାଚଲର ଅଫ୍ ଇଲେକ୍‌ଟ୍ରୋ ହୋମିଓପାଥି ମେଡିସିନ ଆଣ୍ଡ ସର୍ଜରୀ'ର ପ୍ରମାଣପତ୍ର ମିଳିଥିଲା । ଏହାକୁ ସୁରଟର ୨ ଡାକ୍ତର ଜାରି କରିଥିଲେ । ଯାଞ୍ଚରୁ ଏହା ନକଲି ବୋଲି ଜଣାପଡ଼ିଥିଲା । ଗିରଫ ଡ.ରମେଶ ଗୁଜରାଟୀ ଅନେକ ଟ୍ରଷ୍ଟରେ ବକ୍ତା ଭାବେ କାର୍ଯ୍ୟ କରୁଥିଲା । କିନ୍ତୁ ଲାଭ ନ ହେବାରୁ ଇଲେକଟ୍ରୋ ହୋମିଓପାଥି କ୍ଷେତ୍ରକୁ ଆସିଥିଲା । ଏଥିପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାର କୌଣସି ଆଇନ ପ୍ରଣୟନ କରି ନ ଥିବାରୁ ଗ୍ୟାଙ୍ଗ ଆରମ୍ଭ କରିଥିଲା । ସେ ୨୦୦୨ରେ ଗୋପିପୁରା ଅଞ୍ଚଳରେ ଏକ କଲେଜ ଆରମ୍ଭ କରି ଛାତ୍ରଛାତ୍ରୀ ନ ହେବାରୁ ବନ୍ଦ କରି ଦେଇଥିଲା । ଏହା ପରେ ନକଲି ଡିଗ୍ରୀ ବିକ୍ରି ଆରମ୍ଭ କରିଦେଇଥିଲା । ଏହି କ୍ଷେତ୍ର ପାଇଁ କୌଣସି ନିୟମ ନ ଥିବା ଜାଣି ନକଲି ଡିଗ୍ରୀ ଦେବାକୁ ଏକ ବୋର୍ଡ ଗଠନ କରିଥିଲା ।

# ବିଦ୍ରୋହୀଙ୍କ କବ୍‌ଜାରେ ସିରିଆର ୨ ସହର

ଡାମାସ୍‌କସ୍, ୬।୧୨ (ଏଜେନ୍ସି): ସିରିଆ ଉପରେ ସଙ୍କଟ ଘନେଇବାରେ ଲାଗିଛି । ବିଦ୍ରୋହୀ ଗୋଷ୍ଠୀ ହୟାତ ତହରିର ଅଲ ସାମ (ଏଚ୍‌ଟିଏସ) କ୍ଷମତା ବଢ଼ିବାରେ ଲାଗିଛି । ସରକାର ବିଦ୍ରୋହୀଙ୍କ ଆଗରେ ହାତ ଟେକି ଦେଇଥିଲା ପରି ଲାଗୁଛି । ଏଚଟିଏସ୍ ଗୋଟିଏ ପରେ ଗୋଟିଏ ସହର କବ୍‌ଜା କରିବାରେ ଲାଗିଛି । ଆଲେପୋ ପରେ ଆଉ ଏକ ବଡ଼ ସହର 'ହମା' ବିଦ୍ରୋହୀଙ୍କ ନିୟନ୍ତ୍ରଣକୁ ଚାଲି ଯାଇଛି । ସିରିଆର ଗୁରୁତ୍ୱପୂର୍ଣ୍ଣ ସହର 'ହୋମ୍ସ'ର କିଛି ଅଞ୍ଚଳକୁ ମଧ କବ୍‌ଜା କରି ନେଲେଣି । ହୋମ୍ସ ପରେ ବିଦ୍ରୋହୀ ରାଜଧାନୀ ଡାମାସ୍‌କସ୍‌ରେ ପ୍ରବେଶ କରିବେ । ରିପୋର୍ଟ ଅନୁଯାୟୀ ବିଦ୍ରୋହୀଙ୍କୁ ରୋକିବା ପାଇଁ



ସିରିଆ ସେନା ହୋମ୍ସ ଏବଂ ହମାକୁ ଯୋଡୁଥିବା ହାଇୱେ ଉପରେ ବୋମା ମାଡ଼ କରିଛି । ରାସ୍ତାକୁ ଧ୍ୱଂସ କରିଦେଇଛି । ହୋମ୍ସରୁ ମାତ୍ର ୪୦ କିମି ଦୂରରେ ହମା ସହର ରହିଛି । ବିଦ୍ରୋହୀଙ୍କୁ ଦେଖି 'ସିହା' ମୁସଲମାନ ଜୀବନ ବିକଳରେ ସହର ଛାଡ଼ି ପଳାଇଛନ୍ତି ।

**ଗଲାଣି ୮୨୬ ଜଣଙ୍କ ଜୀବନ**

ଅନ୍ୟପକ୍ଷରେ ଏଚ୍‌ଟିଏସକୁ ଅଟକାଇବା ପାଇଁ ରୁଷ୍ ସେନା ଅନେକ କ୍ଷେପଣାସ୍ତ୍ର ମାଡ଼ କରିଛି । କିନ୍ତୁ ଏହା ବିଫଳ ପ୍ରୟାସ ସାବ୍ୟସ୍ତ ହୋଇଛି । ହମା ଅକ୍ତିଆର କରିବା ପରେ ଏଚ୍‌ଟିଏସ୍ କମାଣ୍ଡର ବିଜୟ ବାର୍ତ୍ତା ଦେଇଛି । ସିରିଆର ଅସଦ ସରକାରକୁ ଭୁଶୁଡେଇ ଦେବୁ ବୋଲି କହିଛି । ଏବେ ଏହି ସରକାର ମରି ସାରିଛି । ଏକଛତ୍ରବାଦ ଶାସନ ଅନ୍ତ କରି ଲୋକଙ୍କ ସରକାର ଚୟନ କରାଯିବ । ସୂଚନାଯୋଗ୍ୟ ଯେ ଗତ ୨୭ ତାରିଖରୁ ସେନା ଏବଂ ଏଚ୍‌ଟିଏସ୍ ମଧ୍ୟରେ ସଂଘର୍ଷ ଜାରି ରହିଛି । ଏଥିରେ ୮୨୬ ଜଣଙ୍କ ମୃତ୍ୟୁ ହେଲାଣି ।

## ହସ୍ପିଟାଲ ଲିଫ୍ଟ ପାଇଁ ପ୍ରସୂତିଙ୍କ ମୃତ୍ୟୁ



ଲକ୍ଷ୍ନୌ, ୬।୧୨ (ଏଜେନ୍ସି): ଉତ୍ତରପ୍ରଦେଶ ମିରଟର ହାପୁଡ଼ ଚୁଙ୍ଗି ସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଅଭାବନୀୟ ଘଟଣା ଘଟିଛି । ଲିଫ୍ଟରେ ଅଧଘଣ୍ଟା ପର୍ଯ୍ୟନ୍ତ ଫଶିଯିବାରୁ ପ୍ରସୂତିଙ୍କ ମୃତ୍ୟୁ ହୋଇଛି । ସୂଚନା ଅନୁଯାୟୀ କିଠୋର ବହରୋଡ଼ା ଗ୍ରାମର ଅଙ୍କୁଶ ମାବି ପ୍ରସବ ପାଇଁ ସ୍ତ୍ରୀ କରିସ୍ମାଙ୍କୁ ଗୁରୁବାର ସକାଳେ ଏହି ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ କରିସ୍ମାଙ୍କ ପ୍ରସବ ହୋଇଥିଲା । ପ୍ରସବ ପରେ କରିସ୍ମାଙ୍କୁ ଷ୍ଟ୍ରେଚରରେ ୱାର୍ଡକୁ ନିଆଯାଉଥିଲା । ଏଥିପାଇଁ ଲିଫ୍ଟରେ ପ୍ରବେଶ କରୁ କରୁ ଏହା ଛିଣ୍ଡି ଯାଇଥିଲା । ଏହି ଦୁର୍ଘଟଣାରେ କରିସ୍ମାଙ୍କ ଗୋଡ ବାହାରେ ଶରୀର ଭିତରେ ରହିଥିଲା । ଭିତରେ ଥିବା କର୍ମଚାରୀ ଏବଂ ଦମକଳ ବାହିନୀର ଅକ୍ଲାନ୍ତ ପରିଶ୍ରମ ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା । ମାତ୍ର ଦୁର୍ଘଟଣାରେ ସେ ଗୁରୁତର ଆହତ ହୋଇଥିଲେ । ଡାକ୍ତରଙ୍କ ଅନେକ ପ୍ରଚେଷ୍ଟା ସତ୍ତ୍ୱେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା । ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଛି । ମୃତକଙ୍କ ପରିବାର ହସ୍ପିଟାଲରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଅବହେଳାରୁ ଏପରି ହେଲା ବୋଲି ଅଭିଯୋଗ କରିଛନ୍ତି । ସରକାର ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

### ବୈଜ୍ଞାନିକ ଆଶ୍ଚର୍ଯ୍ୟ

# ୫ ବର୍ଷ ହେଲା ବଢୁଛି ଗ୍ଲାସିୟର ଆକାର



ଡେରାଡୁନ, ୬।୧୨ (ଏଜେନ୍ସି): ବିଶ୍ୱ ତାପାୟନ ଯୋଗୁଁ ସାରା ଦୁନିଆରେ ତାପମାତ୍ରା ବଢ଼ିବାରେ ଲାଗିଛି । ଏଥିପାଇଁ ଗ୍ଲାସିୟର (ବରଫ) ସବୁ ତରଳିବାରେ ଲାଗିଛି । ଦିନକୁ ଦିନ ଗ୍ଲାସିୟର ଆଚ୍ଛାଦିତ ଅଞ୍ଚଳ ସଂଖ୍ୟା ମଧ ହ୍ରାସ ପାଇବାରେ ଲାଗିଛି । ଏହାକୁ ନେଇ ବିପଜ୍ଜନକ ସ୍ଥିତି ସୃଷ୍ଟି ହୋଇଛି । ଖୁବଶୀଘ୍ର ବିଶ୍ୱରୁ ବରଫ ପାହାଡ଼ ଗାଏବ ହୋଇଯିବ ବୋଲି କୁହାଯାଉଛି । ତେବେ ଦେବଭୂମି ଉତ୍ତରାଖଣ୍ଡରୁ ଭିନ୍ନ ଚିତ୍ର ସାମ୍ନାକୁ ଆସିଛି । ଏହି ରାଜ୍ୟରେ ହିମାଳୟର ଏକ ଗ୍ଲାସିୟରର ଆକାର ବୃଦ୍ଧି ପାଇବାରେ ଲାଗିଛି । ଏହା ପ୍ରତି ବର୍ଷ ୧୬୩ ମିଟର ହାରରେ ବଢୁଛି । ଏହା ଏକ ଅସ୍ୱାଭାବିକ ଘଟଣା । ଏହାକୁ ଦେଖି ବୈଜ୍ଞାନିକମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଏହାର କାରଣ ଜାଣିବା ପାଇଁ ନୂଆ ଗବେଷଣା ଆରମ୍ଭ କରାଯାଇଛି । ଏହି ଗ୍ଲାସିୟର ଚମୋଲି ପାସ୍ ନିକଟସ୍ଥ ଉଚ୍ଚ ହିମାଳୟ କ୍ଷେତ୍ରର ଅବିଗାମୀ ପର୍ବତ ତଳେ ରହିଛି । 'ୱାଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ ହିମାଳୟାନ ଜୁଲୋଜି' ପ୍ରତିଷ୍ଠାନର ବୈଜ୍ଞାନିକମାନେ ୨୦୧୯ ରୁ ଏହା ଉପରେ ନଜର ରଖି ଆସୁଛନ୍ତି । ଏବେ ପ୍ରଥମ ଗବେଷଣା ରିପୋର୍ଟ ଜାରି କରାଯାଇଛି ।

ରିପୋର୍ଟ ଅନୁଯାୟୀ ୨୦୦୧ରେ ଏହା ବର୍ଷକୁ ୭ ମିଟର ହାରରେ ବଢୁଥିଲା । ଏବେ ଏହି ଗତି ୧୬୩ ମିଟରକୁ ବୃଦ୍ଧି ପାଇଛି । ଏହି ଗ୍ଲାସିୟରର ମୋଟ ଆକାର ୪୮ ବର୍ଗ କିମି ରହିଛି । ଏହା ୨୦୧୯ରେ ୩୯ ବର୍ଗ କିମି ଥିଲା । ଏହାର ଗୋଟିଏ ପାର୍ଶ୍ୱ ତିବ୍ବତ ଅଭିମୁଖେ ବୃଦ୍ଧି ପାଉଛି । ତେବେ ଦିନକୁ ୨୭ ମିଟର ହିସାବରେ ଏହା ଦିଗ ବଦଳାଉଛି । ଭାରତୀୟ ଭୂବିଜ୍ଞାନ ସର୍ବେକ୍ଷଣ ଅନୁଯାୟୀ

**ହିମାଳୟ କ୍ଷେତ୍ରର ପ୍ରଥମ ଘଟଣା**

**ବଡ଼ ବିପଦର ସଙ୍କେତ ଦେଉଛି**

ହିମାଳୟ କ୍ଷେତ୍ରରେ ୯, ୫୨୭ ଗ୍ଲାସିୟର ରହିଛି । ଏଥିରୁ ଉତ୍ତରାଖଣ୍ଡରେ କେବଳ ୩୬୦୦ ରହିଛି । ତେବେ କେବଳ ଅବିଗାମୀ ପର୍ବତରେ ଗ୍ଲାସିୟରର ଆକାର ବୃଦ୍ଧି ପାଉଛି । ଅନ୍ୟ ସବୁ ତରଳିବାରେ ଲାଗିଛି । ପ୍ରତିଷ୍ଠାନର ବରିଷ୍ଠ ବୈଜ୍ଞାନିକ ଡ. ମନୀଷ ମେହଟ୍ଟା ଏବଂ ତାଙ୍କ ଟିମ୍ ଏହି ଗବେଷଣା କରିଛି । ଶ୍ରୀ ମେହଟ୍ଟା କହିଛନ୍ତି ଯେ ଗ୍ଲାସିୟର ଆକାର ବୃଦ୍ଧି ହିମାଳୟ କ୍ଷେତ୍ରରେ ବଡ଼ ବିପଦର ସଙ୍କେତ ଦେଉଛି । ସାଧାରଣତଃ ଆଲାସ୍କାରେ ଏପରି ଗ୍ଲାସିୟର ଦେଖିବାକୁ ମିଳେ । ମାତ୍ର ପ୍ରଥମ ଥର ପାଇଁ ହିମାଳୟ କ୍ଷେତ୍ରରେ ଆକାର ବୃଦ୍ଧି ପାଉଥିବା ଗ୍ଲାସିୟର ଦେଖିବାକୁ ମିଳିଛି ।

# ଧାନ କିଣା ପ୍ରହସନ: ଅର୍ଗଳିରେ ଚାଷୀ

ଭୁବନେଶ୍ୱର/ବଲାଙ୍ଗିର/କୋରେଇ, ୬।୧୨ (ସମିସ): ଧାନ କିଣାକୁ ନେଇ ସରକାରଙ୍କ ଯାବତୀୟ ବାହାସ୍ଫୋଟ ଏବେ ମିଛ ପ୍ରମାଣିତ ହୋଇଛି। କଳାହାଣ୍ଡି, ବରଗଡ଼, ସମ୍ବଲପୁର ପରେ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରୁ ଧାନ କିଣା ଅନିୟମିତା ଗୋଟିକ ପରେ ଗୋଟିଏ ପଦାକୁ ଆସୁଛି। ବରଗଡ଼ ଜିଲ୍ଲାରେ ଗ୍ରେନ୍ ଆନାଲାଇଜର ଓ କଟନୀଛଟନୀକୁ ନେଇ ଚାଷୀଙ୍କ ଅସନ୍ତୋଷ ବିସ୍ଫୋରକ ରୂପ ନେବାକୁ ବସିଲାଣି। ଧାନ କିଣା ବେଳେ କଟନୀଛଟନୀ ହେବ ନାହିଁ ବୋଲି ବିଜେପି କ୍ଷମତାକୁ ଆସିବା ପୂର୍ବରୁ ଘୋଷଣା କରିଥିଲା, ପରବର୍ତ୍ତୀ ସମୟରେ ଶାସକ ଦଳର ବିଧାୟକ ଓ ଜଣେ ମନ୍ତ୍ରୀ କଟନୀଛଟନୀ ହେବ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ; ମାତ୍ର ଖୋଦ କୃଷିମନ୍ତ୍ରୀ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ କଟନୀଛଟନୀ ହେବ ବୋଲି ଟିପ୍ପଣୀ ଚାଷୀଙ୍କ ଭରସା ତୁଟାଇ ଦେଇଛି । ଏପରି ସ୍ଥିତିରେ ରାଜ୍ୟରେ ଧାନ କିଣା ଆରମ୍ଭ ହେବାର ଦୁଇ ସପ୍ତାହ ପରେ ମଧ୍ୟ ଏହାର ସ୍ପଷ୍ଟ ରୂପରେଖ ମିଳିପାରି ନାହିଁ। ଅନ୍ୟପକ୍ଷରେ ମିଲରଙ୍କ ତୁଷ୍ଟୀକରଣ ପାଇଁ ସରକାର ଭିତିରିଆ ବୁଝାମଣା କରିଥିବା ଚାଷୀନେତାମାନେ ମଧ୍ୟ ଅଭିଯୋଗ କରିଛନ୍ତି ।

## ଚାରିଦିନ ପରେ ବି ବଲାଙ୍ଗିରରେ କିଣାଯାଇନି କିଲେ ଧାନ

ବଲାଙ୍ଗିର ଜିଲ୍ଲାରେ ଚଳିତ ବର୍ଷ ଧାନକିଣାରେ ଭିନ୍ନ ଏକ ପରିସ୍ଥିତି ସୃଷ୍ଟି ହୋଇଛି। ଧାନକିଣା ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହେବାର ଦୁଇ ଦିନ ପରେ ଚାଷୀଙ୍କୁ ଟୋକନ ମିଳିଥିବା ବେଳେ ତିନି ଦିନ ପରେ ମିଲର୍ସ ଚୁକ୍ତି ଓ ଟ୍ୟାଗିଂ ହୋଇଛି। ପ୍ରଥମରୁ ହିଁ ମିଲର୍ସମାନଙ୍କ ମନମାନୀ ଜିଲ୍ଲାରେ ଦେଖିବାକୁ ମିଳିଛି। କିଛି ଚାଉଳକଳକୁ ସିଧାସଳଖ ଧାନ ଚାଲାଣ ହେଉଥିବା ଦେଖିବାକୁ ମିଳୁଛି। ଫଳରେ ଚଳିତ ଚାଷୀମାନେ ଶୋଷଣର ଶିକାର ହେବେ ବୋଲି ଚାଷୀନେତାମାନେ ଆଶଙ୍କା ପ୍ରକାଶ କରିଛନ୍ତି। ପ୍ରଶାସନ ଓ ରାଜନେତାଙ୍କ ଯୋଗୁଁ ଚଳିତ ବର୍ଷ ବିଳମ୍ବରେ ବୈଠକ ଓ ଧାନକିଣା ଆରମ୍ଭ ହୋଇଛି। ୨ ତାରିଖରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆନୁଷ୍ଠାନିକ ଭାବେ ଧାନକିଣା ଆରମ୍ଭ କରିଥିବା ବେଳେ ଚାରି ଦିନ ପରେ ବି କିଲୋଟିଏ ଧାନ ବି କିଣାଯାଇ ନାହିଁ। ଚାଷୀମାନେ ଟୋକନ ପାଇବାର ୩ ଦିନ ପରେ ଗୁରୁବାର ୬୦ ଟି ମିଲ ଧାନ କିଣିବାକୁ ପ୍ରଶାସନ ସହ ଚୁକ୍ତି କରିଛନ୍ତି।

ସୂଚନା ଅନୁସାରେ ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ବଲାଙ୍ଗିରରୁ ୩୪ ଲକ୍ଷ କ୍ୱିଣ୍ଟାଲ ଧାନ କ୍ରୟ ଲକ୍ଷ୍ୟ ରହିଛି। କିନ୍ତୁ ପ୍ରଶାସନ ଓ ମିଲର୍ସର ଏହି ଖେଳ ଭିତରେ ସିଧାସଳଖ

**ଟୋକନ ମିଳିବାର ୩ ଦିନ ପରେ ମିଲର-ପ୍ରଶାସନ ଚୁକ୍ତି**

**ଯାଜପୁରରେ ଅଭାବୀ ବିକ୍ରି; କ୍ୱିଣ୍ଟାଲ ପିଛା ମାତ୍ର ୧୮୦୦**

**ହରଡ ଘଣାରେ ଚାଷୀ, ଟ୍ରିପ ଟ୍ରିପ ଧାନ ଉଠାଉଛନ୍ତି ଦଲାଲ୍**

ଲାଭ ମିଲର୍ସମାନେ ଉଠାଇଥିବା ଅଭିଯୋଗ ହୋଇଛି। ଜିଲ୍ଲାର ନିର୍ଦ୍ଦିଷ୍ଟ କିଛି ମିଲର୍ସଙ୍କ ବ୍ୟକ୍ତିଗତ ଗୋଦାମ ଧାନରେ ଭରିସାରିଛି। ସିଧାସଳଖ ଦଲାଲମାନଙ୍କ ପାଖରୁ ଏହି ଧାନ ଉଠାଯାଇଥିବା ବେଳେ ଚଳିତ ବର୍ଷ ମଧ୍ୟ ବହୁ ସଂଖ୍ୟାରେ ଚାଷୀ ଧାନକିଣାରୁ ବଞ୍ଚିତ ହେବାର ଆଶଙ୍କା ରହିଛି। ଚଳିତ ଖରିଫରେ ପଞ୍ଜିକୃତ ଚାଷୀଙ୍କ ସଂଖ୍ୟା ୯୪ ହଜାର ୧୪୨ରେ ପହଞ୍ଚିଛି। ମାତ୍ର ଚଳିତ ବର୍ଷ ଯେଉଁ ଢ଼ାଞ୍ଚାରେ ଧାନ କ୍ରୟ ହେଉଛି, ଦଲାଲଙ୍କ ଜରିଆରେ ଚାଷୀଙ୍କଠାରୁ ମିଲରମାନେ ଧାନ ସଂଗ୍ରହ କରୁଛନ୍ତି; ସେଥିରୁ ବହୁ ଚାଷୀ ଧାନ ବିକ୍ରିରୁ ବଞ୍ଚିତ ହେବେ ବୋଲି ଆଶଙ୍କା କରାଯାଉଛି। ମିଲରଙ୍କୁ ସୁହାଇବା ପରି ଜିଲ୍ଲା ପ୍ରଶାସନ କାର୍ଯ୍ୟ କରୁଛି ବୋଲି ଚାଷୀନେତାମାନେ ଅଭିଯୋଗ କରିଛନ୍ତି।

ଏ ନେଇ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀ କହିଛନ୍ତି ଯେ ଧାନକିଣା ଆରମ୍ଭ ହୋଇଛି। ମିଲର୍ସମାନେ ଟ୍ୟାଗିଂ କରୁନଥିବାରୁ ଧାନକିଣା ସ୍ଥିତି ୱେବସାଇଟ୍‌ରେ ଅପଡେଟ ହୋଇନାହିଁ। ଗୁରୁବାର ୬୦ ମିଲର୍ସଙ୍କ ଟ୍ୟାଗିଂ କରାଯାଇଛି। ଯେ କୌଣସି ଅନିୟମିତତାକୁ ଜଗିବା ପାଇଁ ପ୍ରଶାସନସ୍ତରରେ ବ୍ୟବସ୍ଥା କରାଯାଇଥିବା ଶ୍ରୀ ପାଣିଗ୍ରାହୀ କହିଛନ୍ତି।

ଯାଜପୁର ଜିଲ୍ଲାର କୋରେଇ ଅଞ୍ଚଳରେ ସ୍ଥିତି ମଧ୍ୟ ଅନୁରୂପ । ଏ ପର୍ଯ୍ୟନ୍ତ ଯୋଗାଣ ବିଭାଗ ଓ ମିଲର୍ସଙ୍କ ମଧ୍ୟରେ ବୁଝାମଣା ଅଭାବରୁ ଧାନକିଣା ଆରମ୍ଭ ହୋଇନାହିଁ। ମଣ୍ଡି ଖୋଲିବା ବିଳମ୍ବିତ ହୋଇଥିବା ଯୋଗୁଁ ଚାଷୀ ହରଡ଼ଘଣାରେ ପଡିଛି। ଯାହା ଫଳରେ ଗାଁ ଗାଁରେ ସକ୍ରିୟ ଧାନ ଦଲାଲ୍ ଚାଷୀଙ୍କଠାରୁ ଧାନ ଉଠାଉଛନ୍ତି। ଆବଶ୍ୟକତା ପାଇଁ ଚାଷୀ ଖଳାରୁ ଧାନ କ୍ୱିଣ୍ଟାଲ ୧୭୦୦ରୁ ୧୮୦୦ ଟଙ୍କାରେ ଦଲାଲକୁ ଧାନ ବିକ୍ରି କରୁଛି। ଚଳିତ ବର୍ଷ ଚାଷୀକୁ ଧାନ କ୍ୱିଣ୍ଟାଲ ପିଛା ସରକାର ୩୧୦୦ ଟଙ୍କା ଦେବାକୁ କରିଥିବା ଘୋଷଣା କେବଳ ସରକାରୀସ୍ତରରେ ସୀମିତ ରହିଯାଇଛି । ଜିଲ୍ଲାରେ କେବେ ମଣ୍ଡି ଖୋଲିବ ସେ ସମ୍ପର୍କରେ କାହା ପାଖରେ କିଛି ସୂଚନା ନାହିଁ। କିଏ ମାସ ଶେଷକୁ ମଣ୍ଡି ଖୋଲିବ ବୋଲି କହୁଛି ତ କିଏ ଜାନୁଆରୀରେ ମଣ୍ଡି ଖୋଲାଯିବ ବୋଲି କହୁଛି। ଏହା ଚାଷୀଙ୍କୁ ଅଧିକ ବିବ୍ରତ କରିଛି। କୋରେଇ ଅଞ୍ଚଳରେ ୧୯ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ଧାନ ଦେବା ପାଇଁ ୧୦ହଜାରରୁ ଊର୍ଦ୍ଧ୍ୱ ଚାଷୀ ନାମ ପଞ୍ଜିକରଣ କରିଛନ୍ତି। ଧାର କରଜ କରି ଚାଷ କରିଥିବା ଚାଷୀ ଧାନ ବିକ୍ରି କଲେ ଋଣ ଶୁଝିବାକୁ ଲକ୍ଷ୍ୟ ରଖିଛି। ଏହାର ଫାଇଦା ଦଲାଲମାନେ ଉଠାଉଛନ୍ତି ଓ କିଛି ନିର୍ଦ୍ଦିଷ୍ଟ ରାଇସ ମିଲ ମାଲିକ ଏହାର ପୃଷ୍ଠପୋଷକ ସାଜିଛନ୍ତି। ଯୋଗାଣ ବିଭାଗ ଜାଣିଶୁଣି ଏ ସଂକ୍ରାନ୍ତରେ ନିରବ ରହୁଥିବା ଅଭିଯୋଗ ହୋଇଛି।

# କୋଟିପତି ଏସିଏଫ୍‌ଙ୍କ ଘରେ ଭିଜିଲାନ୍ସ

ଭୁବନେଶ୍ୱର/ସମ୍ବଲପୁର, ୬।୧୨ (ସମିସ): ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ପୁଣି ଜଣେ ସରକାରୀ ବାବୁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ୍‌ର ସହକାରୀ ବନ ସଂରକ୍ଷକ (ଏସିଏଫ୍) ରେବତୀ ରମଣ ଯୋଶୀଙ୍କ ସମ୍ବଲପୁରସ୍ଥିତ ସରକାରୀ ବାସଭବନ ସମେତ ୯ଟି ଠିକଣାରେ ଆଜି ଭିଜିଲାନ୍ସ ଚଢ଼ଉ କରି ତାଙ୍କର ବିପୁଳ ସଂପତ୍ତି ଠାବ କରିଛି। ଠାବ ସଂପତ୍ତି ମଧ୍ୟରେ ଶ୍ରୀ ଯୋଶୀଙ୍କ ସମ୍ବଲପୁର ଅଇଁଠାପାଲିରେ ୧.୮ କୋଟି ଟଙ୍କାର ଗୋଟିଏ ୩ ମହଲା କୋଠା,



**କ୍ୱାର୍ଟର୍‌ରୁ ନଗଦ ୧୪.୭୧ ଲକ୍ଷ ଜବତ**

**ସମ୍ବଲପୁର ଟାଉନ୍‌ରେ ୧.୮ କୋଟିର ୩ ତାଲା କୋଠା**

**୪ଟି ଫ୍ଲାଟ୍, ୭ଟି ପ୍ଲଟ୍ ଏବଂ ୩ଟି ବିଲ୍ଡିଂ ବାବୁଙ୍କ ନାମରେ ରହିଛି**

ସମ୍ବଲପୁର ରୋଡ୍‌ରେ ୩-ବିଏଚ୍‌କେର ଗୋଟିଏ ଫ୍ଲାଟ୍ ଓ ଚର୍ଚ୍ଚ ଛକରେ ଥିବା ଏକ ହାଉସିଂ ସୋସାଇଟିରେ ୨ଟି ୨-ବିଏଚ୍‌କେ ଫ୍ଲାଟ୍ ରହିଥିବା ବେଳେ ବରଗଡ଼ ଜିଲ୍ଲା ପଦ୍ମପୁରରେ ଗୋଟିଏ ଘର, ଭୁବନେଶ୍ୱର ଘାଟିକିଆରେ ୨-ବିଏଚ୍‌କେର ଗୋଟିଏ ଫ୍ଲାଟ୍ ରହିଛି। ସେହିପରି ଭିଜିଲାନ୍ସ ତାଙ୍କର ସମ୍ବଲପୁରରେ ୪ଟି ଓ ବରଗଡ଼ ଜିଲ୍ଲାରେ ୩ଟି; ଏପରି ମୋଟ ୭ଟି ପ୍ଲଟ୍ ଠାବ କରିଛି। ଏହି ସବୁ କୋଠା, ଫ୍ଲାଟ ଓ ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଟିମ୍ ପକ୍ଷରୁ ମାପଚୁପ କରାଯାଉଛି। ବଡ଼ କଥା ହେଲା, ଚଢ଼ଉ ବେଳେ ସମ୍ବଲପୁରସ୍ଥିତ ସରକାରୀ କ୍ୱାର୍ଟର୍‌ରୁ ନଗଦ ୧୪ ଲକ୍ଷ ଟଙ୍କା ଦେଖି ଭିଜିଲାନ୍ସ ଅବାକ୍ ହୋଇଯାଇଥିଲା। ଏତେଗୁଡ଼ିଏ ଟଙ୍କା ସେ କେଉଁଠୁ ଆଣିଲେ, ସେ ସଂପର୍କରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ପଚରାଉଚରା କରିଥିଲେ ହେଁ ସେ କୌଣସି ଉତ୍ତର ଦେଇପାରି ନ ଥିଲେ। ସେହିପରି ତାଙ୍କ ଘରୁ ୧୫୦ ଗ୍ରାମର ସୁନା ଅଳଙ୍କାର ଓ ୩୦୦ ଗ୍ରାମର ରୁପା ଅଳଙ୍କାର ସମେତ ୩୧ଲକ୍ଷ ୩୧ହଜାର ୮୪୯ ଟଙ୍କାର ବ୍ୟାଙ୍କ, ବୀମା ଓ ଡାକଘର ଜମା ଠାବ କରିଛି। ତାଙ୍କର ଗୋଟିଏ ଦୁଇଚକିଆ ଗାଡ଼ି ଥିବା ବେଳେ ୯.୧୩ଲକ୍ଷର ଘର ଆସବାବପତ୍ର ରହିଛି। ଆଜି ଭୋରରୁ ଭିଜିଲାନ୍ସର ୯ଟି ଟିମ୍ ତାଙ୍କର ସମ୍ବଲପୁରସ୍ଥିତ ସରକାରୀ କ୍ୱାର୍ଟର୍ ସମେତ ୯ଟି ସ୍ଥାନରେ ଚଢ଼ଉ କରିଥିଲେ। ଚଢ଼ଉରେ ୩ ଡିଏସ୍‌ପି, ୧୦ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ।

# ମୁଖ୍ୟମନ୍ତ୍ରୀ ଗୃହରେ ଶସ୍ତା ମନ୍ତବ୍ୟ ଦେଉଛନ୍ତି: ପ୍ରମିଳା

ଭୁବନେଶ୍ୱର,୬।୧୨(ସମିସ): ମୁଖ୍ୟମନ୍ତ୍ରୀ ଗୃହରେ ଶସ୍ତା ମନ୍ତବ୍ୟ ଦେଉଛନ୍ତି। ଏହା ଅତ୍ୟନ୍ତ ଦୁଃଖଦାୟକ। ଯଦି ପୂର୍ବ ସରକାରେ ନିଯୁକ୍ତି ଜାଲିଆତି ହୋଇଥିଲା, ତା'ହେଲେ କାର୍ଯ୍ୟାନୁଷ୍ଠାନ କାହିଁକି ନେଉ ନାହାନ୍ତି? ଏପରି ନ କରି ଖାଲି ଭାଷଣବାଜି କଲେ ଲୋକେ ଗ୍ରହଣ କରିବେ ନାହିଁ। ଏହାକୁ ବିଜେଡି ଦୃଢ଼ ନିନ୍ଦା କରୁଛି ବୋଲି କହିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ୍।

ଆଜି ବିଧାନସଭାରେ ଓଡିଶା ସାର୍ବଜନୀନ ପରୀକ୍ଷା ବିଧେୟକ ଆଗତ କରିବା ସମୟରେ ବକ୍ତବ୍ୟ ରଖି ମୁଖ୍ୟମନ୍ତ୍ରୀ ବିଜେଡି ସରକାରଙ୍କୁ ସମାଲୋଚନା କରିଥିଲେ। ଏହା ଉପରେ ପ୍ରତିକ୍ରିୟା ରଖି ଶ୍ରୀମତୀ ମଲ୍ଲିକ୍ କହିଛନ୍ତି, ପୂର୍ବ ସରକାର ଅମଳରେ କେଉଁଠି ଜାଲିଆତି ହୋଇଥିଲା, କେଉଁଠି ଶାଗ ମାଛ ଦରରେ ଚାକିରି ବିକ୍ରି କରାଯାଉଥିଲା, ତାହା ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ ହୋଇ ସୁଦ୍ଧା ସେ ଶସ୍ତା ମନ୍ତବ୍ୟ ଦେଉଛନ୍ତି। ଉପରଠାଉରିଆ ମନ୍ତବ୍ୟ ଦେଇ ମୁଖ୍ୟମନ୍ତ୍ରୀ ଓଡିଶାବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି; ଏଥିରୁ ସେ କ୍ଷାନ୍ତ ରୁହନ୍ତୁ।

**ବିଜେଡି ସରକାର ଅମଳରେ ଦୁର୍ନୀତି ହୋଇଥିଲା ଯଦି ଧରନ୍ତୁ**



ଶ୍ରୀମତୀ ମଲ୍ଲିକ ଆହୁରି କହିଥିଲେ, ଯିଏ ଭୁଲ୍ କାମ କରେ, ତାକୁ ସବୁ ଭୁଲ୍ ଦେଖାଯାଏ। ଯଦି ପ୍ରକୃତରେ ପୂର୍ବ ସରକାର ଅମଳରେ ଭୁଲ୍ କାମ ହୋଇଥିଲା, ତା'ହେଲେ ତାଙ୍କ ହାତରେ ଏବେ କ୍ଷମତା ଅଛି, ସତ୍‌ସାହସ ଥିଲେ ଖୋଜି ବାହାର କରନ୍ତୁ। ମୁଖ୍ୟମନ୍ତ୍ରୀ ଏପରି ମନ୍ତବ୍ୟ ଦେବାର କାରଣ ହେଉଛି, ପୂର୍ବ ସରକାର ଅମଳରେ କିଛି ଭୁଲ୍ ହୋଇ ନ ଥିଲା। ମୁଖ୍ୟମନ୍ତ୍ରୀ ଖାଲି ଅନ୍ଧାରରେ ବାଡ଼ି ବୁଲାଉଛନ୍ତି ବୋଲି ଶ୍ରୀମତୀ ମଲ୍ଲିକ କହିଛନ୍ତି।

# ପ୍ରଫୁଲ୍ଲ ସାମଲ ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସଭାପତି

ଭୁବନେଶ୍ୱର, ୬।୧୨(ସମିସ): ବିଜେଡିର ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କୁ ମିଳିଛି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଶ୍ରୀ ସାମଲଙ୍କୁ ବିଜୁ ଶ୍ରମିକ ସାମ୍ମୁଖ୍ୟର ରାଜ୍ୟ ସଭାପତି ଭାବେ ନିଯୁକ୍ତି ଦେଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ୨୦୧୭ ମସିହାରେ ଗଠନ କରାଯାଇଥିବା ବିଜୁ ଶ୍ରମିକ ସାମ୍ମୁଖ୍ୟ ଏକ ପ୍ରମୁଖ ଛାମୁଆ ସଂଗଠନ ଭାବେ ଜଣାଶୁଣା। ଦଳର ବହୁ ବରିଷ୍ଠ ଏବଂ ଅଭିଜ୍ଞ ନେତୃବୃନ୍ଦ ଏହାର କର୍ମକର୍ତ୍ତା ଦାୟିତ୍ୱ ତୁଲାଇଛନ୍ତି। ରାଜ୍ୟରେ ଥିବା ବିଭିନ୍ନ ବର୍ଗର ଶ୍ରମିକଙ୍କ କଲ୍ୟାଣ ତଥା ଉତ୍‌ଥାନ ଦିଗରେ ଏହି ସଂଗଠନର ବଡ଼ ଭୂମିକା ରହି ଆସିଛି। ଶ୍ରମିକମାନଙ୍କ ସାମାଜିକ ସୁରକ୍ଷାଠାରୁ ଆରମ୍ଭ କରି ସେମାନଙ୍କ ଜୀବନଜୀବିକା, ସୁରକ୍ଷା ଦିଗରେ ନିଆଯାଇଥିବା ସଂସ୍କାରମୂଳକ ପଦକ୍ଷେପ ସଫଳ ହୋଇଛି। ଶ୍ରୀ ସାମଲଙ୍କ ଭଳି ଜଣେ ଟାଣୁଆ ସଂଗଠନ ଏହାର ନେତୃତ୍ୱ ନେଇଥିବାରୁ ଆଗକୁ ତୃଣମୂଳ ସ୍ତରରେ ଏହା ଅଧିକ ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।









# ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଗଣଧାରଣା ଜାରି



**ଖପ୍ରାଖୋଲ, ୬।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ପରିସରରେ ଆଜକୁ ବାରଦିନ ହେଲା ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ସଦସ୍ୟମାନେ ଗଣଧାରଣାରେ ଅହୋରାତ୍ର ଆଜକୁ ୧୨ ଦିନ ହେଲା ବସିଛନ୍ତି।ଗଣଧାରଣାରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦକୁ ଧିରେ ଧିରେ ଜନ ସମର୍ଥନ ବଢ଼ିବାରେ ଲାଗିଛି। ଶୁକ୍ରବାର ପାଇକମାଲର ଗନ୍ଧମାର୍ଦ୍ଦନ ସଂଗ୍ରାମୀ ଧ୍ରୁବଲେଶ୍ୱର ସାହୁ, ପଦ୍ମପୁର ଯୁବ ପରିଷଦର ପୂର୍ବତନ ଆବାହକ ରାଜକୁମାର ସେଠ, ପାଟଣାଗଡ଼ର ପୂର୍ବତନ ବିଧାୟକ ସରୋଜ କୁମାର ମେହେର, ଖପ୍ରାଖୋଲ ବ୍ଲକ ଚେୟାରମେନ ନିରୁପମା ପଟେଲ, ଖପ୍ରାଖୋଲ ଦୁଇଟି ଜୋନର ଜୋନର ଜିଲ୍ଲାପରିଷଦ ପ୍ରମିଳା ପାଥର ଓ ଜିଲ୍ଲା ପରିଷଦ ସଂଯୁକ୍ତା ମେହେର, ଭାଇସ ଚେୟାରମେନ ସୁଖିରାମ ଷାଣ୍ଢ, ଏଲଡିଏ ର ମୁଖ୍ୟ ଲବସୁନା, ପୂର୍ବତନ ଜିଲ୍ଲାପରିଷଦ ସତ୍ୟନାରାୟଣ ମେହେର, ଉପସ୍ଥିତ ରହି ଗଣ ଧାରଣାରେ ବସିଥିବା ଗନ୍ଧମାର୍ଦ୍ଦନ ସଂଗ୍ରାମୀମାନଙ୍କୁ ସହଯୋଗ କରିବା ଏବଂ ରାଜ୍ୟସରକାର ଓ କେନ୍ଦ୍ରସରକାର ତ୍ରୁଟିପୂର୍ଣ୍ଣ ଖଣିଜ ସମ୍ପଦ ପରିଚାଳନାକୁ ସମାଲୋଚନା କରିଥିଲେ।

## ନୋ ଏଣ୍ଟ୍ରି ସମୟରେ ଭାରୀଯାନ ଚଳାଚଳ

# ଟ୍ରାଫିକ୍ ପୁଲିସର ଖାମଖିଆଲୀରୁ ବଢୁଛି ସମସ୍ୟା

**ବଲାଙ୍ଗିର, ୬।୧୨(ସମିସ)**

ବଲାଙ୍ଗିର ସହର ଟ୍ରାଫିକ୍ ପୁଲିସର ବିଚିତ୍ର ନୀତି। ନୋ ଏଣ୍ଟ୍ରି ସମୟରେ ସହର ଭିତରେ ଭାରୀଯାନ ଚଳାଚଳ କରୁଥିବା ବେଳେ ସବୁ ଜାଣି ଅଜଣା ଟ୍ରାଫିକ୍ ପୁଲିସ। କାଁ ଭାଁ କେଉଁଠି ଅଭିଯୋଗ ଆସିଲେ ପୁଣି ଉକ୍ତ ଭାରୀଯାନକୁ ଅନ୍ୟତ୍ର ସ୍ଥାନାନ୍ତର କରିଦେଇ କିଛି ଟଙ୍କା ଫାଇନ କାଟି ଦେଇ ନୀରବ ରହୁଥିବା ଦେଖିବାକୁ ମିଳିଛି। ଯାହାର ସୁଯୋଗ ନେଇ ଭାରୀଯାନ ଗୁଡିକ ବ୍ୟବସାୟୀମାନଙ୍କ ସାହସରେ ସହର ଭିତରେ ବିନା ବାଧା ଓ ଚିନ୍ତାରେ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି। ଫଳରେ ସହରର ବିଭିନ୍ନ ରାସ୍ତା ପ୍ରାୟତଃ ଜାମ ରହୁଥିବା ବେଳେ ଅଘଟଣ ଘଟୁଥିବା ଅଭିଯୋଗ ହୋଇଛି।

ଶୁକ୍ରବାର ସକାଳ ପ୍ରାୟ ସାଢେ ୯ ଟାରେ ଏକ ଭାରୀଯାନ ସହର ଭିତରେ ଏଣ୍ଟ୍ରି କରୁଥିବା ଅଭିଯୋଗ ହୋଇଥିଲା। ଏହି ଟ୍ରକ୍ ସକାଳ ସମୟରେ ଟିକ୍ରାପଡ଼ାରେ ଥିବା ଏକ ପ୍ଲାଏ ବ୍ୟବସାୟୀଙ୍କ ଗୋଦାମକୁ ଆସୁଥିବା ବେଳେ



ଏକ ବଡ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା। ଟ୍ରକ୍ ଧକ୍କାରୁ ଜଣେ ବାଇକ୍ ଆରୋହୀ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ପୁଲିସକୁ ଖବର ଦେଇଥିଲେ। ଖବର ପାଇବା ପରେ ପିସିଆର ଭ୍ୟାନ ଓ ଟ୍ରାଫିକ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଭାରୀଯାନ ଡ୍ରାଇଭର୍‌କୁ ତାଗିଦ କରିଦେଇ ଗାଡିକୁ ଅନ୍ୟତ୍ର ସ୍ଥାନାନ୍ତର କରିଦେଇଥିଲେ। ରାତିରେ ଆସି ସାମଗ୍ରୀ ଓହ୍ଲାଇବା ପାଇଁ କହି ଦେଇ ଚାଲିଯାଇଥିଲେ। ତେବେ ଏହା କଣ ଉକ୍ତ ସମସ୍ୟାର ସମାଧାନ କି ? ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ସହରର ଦୈନିକ ବଜାର, ରାଧାରାଣୀପଡ଼ା ରାସ୍ତା, ଟିକ୍ରାପଡ଼ା, ମାଳପଡ଼ା ଅଞ୍ଚଳରେ ପ୍ରତିଦିନ ଭାରୀଯାନ ଗୁଡିକ ବିନା କୌଣସି କଟକଣାକୁ ଖାତିର କରି ଚଳପ୍ରଚଳ ହେଉଥିବା ଦେଖିବାକୁ ମିଳିଛି। ରାସ୍ତା ଉପରେ ଘଣ୍ଟା ଘଣ୍ଟା ଧରି ଛିଡା ହୋଇ ସାମଗ୍ରୀ ଲୋଡିଂ, ଅନଲୋଡିଂ ହେଉଥିବା ଦେଖିବାକୁ ମିଳିଛି। ରାତି ପ୍ରାୟ ୧୧ ଟାରୁ ସକାଳ ୬ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଅନୁମତି ରହିଛି। କିନ୍ତୁ ଏହି ସମୟରେ ଉକ୍ତ

**କଟକଣା ନମାନି ସହରରେ ପଶୁଛନ୍ତି**

**ଧରାପଡ଼ିଲେ ତାଗିଦରେ ସୀମିତ କାର୍ଯ୍ୟାନୁଷ୍ଠାନ**

ଭାରୀଯାନକୁ ସହର ଭିତରେ ଏଣ୍ଟ୍ରି କରିଦେବା ପରେ କଟକଣାକୁ ଭାଙ୍ଗି ସହର ଭିତରେ ବିନା ବାଧାରେ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି। ଫଳରେ ସହରରେ ଅନେକ ସମୟରେ ବିଭିନ୍ନ ରାସ୍ତାରେ ଟ୍ରାଫିକ୍ ଜାମ ସମସ୍ୟା ଦେଖାଦେଉଥିବା ବେଳେ କାମ ସରିବା ପରେ ଟ୍ରକ୍ ଗୁଡିକ ପୁଣି ସହର ବାହାରକୁ ଯାଉଥିବା ଦେଖିବାକୁ ମିଳିଛି। ଅନେକ ସମୟରେ ଏହି ଟ୍ରକ୍ ଗୁଡିକ ଦ୍ୱାରା ଦୁର୍ଘଟଣା ମଧ୍ୟ ଘଟିସାରିଛି। ତେବେ ଗୋଟିଏ ପଟେ ପୁଲିସ ଟ୍ରାଫିକ୍ କଟକଣାକୁ କଡାକଡି କରିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ଅନ୍ୟପଟେ ପୁଲିସ କର୍ମଚାରୀଙ୍କ ଅବହେଳା ଯୋଗୁଁ ଏହି କଟକଣାକୁ ବେଖାତିର କରାଯାଉଛି। ତେବେ ବଲାଙ୍ଗିର ଟାଉନ ପୁଲିସ ଓ ଟ୍ରାଫିକ୍ ପୁଲିସର ଏହିଭଳି ଖାମଖିଆଲି ମନୋଭାବକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ଟ୍ରାଫିକ୍ ଦାୟିତ୍ୱରେ ଥିବା ଇନ୍ସପେକ୍ଟର କଲ୍ୟାଣୀ ବେହେରାଙ୍କୁ ପଚାରିବାରୁ ଟିକ୍ରାପଡ଼ାରେ ନୋ ଏଣ୍ଟ୍ରି ସମୟରେ ପଶିଥିବା ଟ୍ରକକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ଫାଇନ କାଟିବା ପାଇଁ ଫଟୋ ଅଣାଯାଇଛି। ଦୁର୍ଘଟଣା ଖବର ତାଙ୍କ ପାଖରେ ନଥିବା ସେ ପ୍ରତିକ୍ରୀୟାରେ କହିଛନ୍ତି। ଏଥିପ୍ରତି ଜିଲ୍ଲା ପୁଲିସ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।

# ଯୁବକଙ୍କ ମୃତଦେହ ଉଦ୍ଧାର

**ଖପ୍ରାଖୋଲ, ୬।୧୨(ସମିସ)** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଅନ୍ତର୍ଗତ ମାଟିଆଭଟା ଗାଁ ନିକଟ ରାସ୍ତା କଡ଼ରୁ ପୁଲିସ ଜଣେ ଯୁବକର ମୃତଦେହ ଗୁରୁବାର ସକାଳେ ଉଦ୍ଧାର କରିଥିବା ଜଣାଯାଇଛି। ମୃତ ଯୁବକ ଜଣକ ଅନକାମରା ଗାଁର ଅଜୁ ତାଣ୍ଡି (୨୦) ବୋଲି ଖପ୍ରାଖୋଲ ପୁଲିସ ସୂଚନା ଦେଇଛି। ଏନେଇ ଖପ୍ରାଖୋଲ ଖପ୍ରାଖୋଲ ଥାନା କେସ ନମ୍ବର ୨୮୨/୨୪ରେ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରିଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ମୃତ ଯୁବକ ବୁଧବାର ସନ୍ଧ୍ୟାରେ କୌଣସି କାମରେ ବାହାରକୁ ଯାଇ ରାତିରେ ଘରକୁ ଫେରୁଥିବା ବେଳେ ବାଇକ୍ ଭାରସାମ୍ୟ ହରାଇ ବୁଲାଣିରେ ପଡ଼ି ମୃତ୍ୟୁ ହୋଇଥିବା ପୁଲିସ ଅନୁମାନ କରୁଛି। ସୂଚନା ପାଇ ଖପ୍ରାଖୋଲ ପୁଲିସ ସକାଳୁ ଅଗ୍ନିଶମ ବାହିନୀ ସହ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପରେ ଶବର ପଞ୍ଚନାମା ସହ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାଯାଇଛି।

# ଜିପିଏଲ୍‌ଏଫ୍ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

**ଦେଓଗାଁ, ୬।୧୨(ସମିସ):** ଅଲଓଡ଼ିଶା ଜିପିଏଲ୍‌ଏଫ କର୍ମୀ ସଂଘର ଆହ୍ୱାନକ୍ରମେ ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଜିପିଏଲଫ ମିଶନଶକ୍ତି କର୍ମୀ ସାମୁଖ୍ୟ ତରଫରୁ ସଦସ୍ୟାମାନେ ଏକତ୍ରୀତ ହୋଇ ଅନିର୍ଦ୍ଦିଷ୍ଟ କାଳପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ରହିବାପାଇଁ ବିଡିଓଙ୍କ ଉଦ୍ଦେଶ୍ୟରେ ଲିଖିତଭାବେ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନାନୁସାରେ ଅଲ ଓଡ଼ିଶା ଜିପିଏଲ୍‌ଏଫ କର୍ମିସଂଘର ୬ଟି କମ୍ୟୁନିଟି କପୋର୍ଟ ଷ୍ଟାଫ ଯଥା ଏମବିକେ, ସିଆର୍‌ପି, ବ୍ୟାଙ୍କମିତ୍ର, କୃଷି ମିତ୍ର, ପ୍ରାଣୀ ମିତ୍ର ଓ ଏଲଏସପିମାନେ ନିୟମିତ ଭାବେ କାମ କରିଆସିଥିବା



ବେଳେ ଆଜକୁ ପ୍ରାୟ ୮ ମାସ ହେଲା ବିଭାଗ ଦରମା ଦେଇନାହିଁ। ଫଳରେ ପରିବାର ପ୍ରତିପୋଷଣ କରିବାସମସ୍ତଙ୍କ ପାଇଁ କଷ୍ଟସାଧ ହୋଇପଡ଼ିଛି। ରାଜ୍ୟ ସଂଘର ନିଷ୍ପତ୍ତିକ୍ରମେ ସରକାର ଦାବିପୂରଣ ନକରିବା ପର୍ଯ୍ୟନ୍ତ ଚଳିତମାସ ୯ ତାରିଖ ସୋମବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାପାଇଁ ସମସ୍ତ ସିଆରପି, ଏମ୍‌ବିକେ ତଥା ଅନ୍ୟମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଜାନୁୟାରୀ ୮ ରୁ ନୂଆଁପାଲି ଧନୁଯାତ୍ରା

**ଦେଓଗାଁ, ୬।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲିରେ ଜାନୁୟାରୀ ୮ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ଉତ୍ସବ ଆୟୋଜନ ହେବ। ଏଥିରେ ଆଗଲପୁର ଇନସାର ଅକ୍ଷୟ କୁମାର ଭୋଇ କଂସ ଭୂମିକାରେ ଅବତିର୍ଣ୍ଣ ହେବେ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ନୂତନ ପରିଚାଳନା କମିଟି ଗଠିତ ହୋଇଯାଇଛି। ସୁଦାମ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ କମିଟି ସଭାପତି ଭାବେ କୌସ୍ତୁଭମଣୀ ପଧାନ, ଉପସଭାପତି ଭାବେ ଅର୍ଜୁନ ପଶାୟତ, ସମ୍ପାଦକ ଭାବେ ଶୋଭାବନ ବିଶ୍ୱାଳ, ସହସମ୍ପାଦକ ଭାବେ ଜଗଦିଶ ଶତପଥି, କୋଷାଧ୍ୟକ୍ଷ ଭାବେ ସିଦ୍ଧେଶ୍ୱର ଦୋରା ଓ ସହକୋଷାଧ୍ୟକ୍ଷଭାବେ ମହାଦେବ ପଧାନ ମନୋନିତ ହୋଇଛନ୍ତି। ସେପରୀ କମିଟୀର ସକ୍ରିୟକର୍ମକର୍ତ୍ତା ଭାବେ କବି ଦୋରା, ସତ୍ୟ ମନହୀରା, ଶମ୍ଭୁ ଦୋରା, ଗୋପାଳ ସାହୁ, ଉମେଶ ସାହୁ, ଜୟ ବିଶ୍ୱାଳ, ରାଧାକାନ୍ତ ପଧାନ, କମଳ ପଧାନ, ସଦାନନ୍ଦ ପଶାୟତ, ରମା ଶତପଥି, ମଣ୍ଟୁ ପଧାନ, ଅଶୋକ ଶତପଥି, ବାରୁ ବିଶ୍ୱାଳ, ନୀଳ ନାଏକ, ରମେଶ ସାହୁ, ଘସିଆ ନାଏକ, କିରଟୀ ପଧାନ, ପ୍ରେମଜୀ ବିଶ୍ୱାଳ, ରିଙ୍କୁ ଶତପଥି ଓ ଦନାର ମାଝୀ ପ୍ରମୁଖ ରହିଛନ୍ତି। ଚଳିତବର୍ଷ କଂସ ଦରବାର ସହ ମୀନା ବଜାର ଓ ଅପେରା ମୁଖ୍ୟ ଆକର୍ଷଣ ହେବ ବୋଲି ଆୟୋଜକ ସୂତ୍ରରୁ ପ୍ରକାଶ।

## କଣ୍ଟାବାଞ୍ଜିରେ ଡେରା ପକାଇଛନ୍ତି ଇଟାଭାଟି ମାଲିକ

# ବେଆଇନ ଦାଦନ ଶ୍ରମିକ ଚାଲାଣ କରୁଛି ସର୍ଦ୍ଦାର

**କଣ୍ଟାବାଞ୍ଜି, ୬।୧୨(ସମିସ)**

ଦାଦନଗଡ଼ ଭାବେ ପରିଚିତ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳିର ତୁରେକେଲା, ମୁରିବାହାଲ, ବଙ୍ଗୋମୁଣ୍ଡ ବ୍ଲକ ସହ ନୂଆପଡ଼ା, ବରଗଡ଼, କଳାହାଣ୍ଡି ଜିଲ୍ଲା ବିଭିନ୍ନ ଅଞ୍ଚଳର ଶ୍ରମିକମାନେ ଗାଁ ରେ ରୋଜଗାର ନ ପାଇ"କଣ୍ଟାବାଞ୍ଜି ଓ ବେଲପଡ଼ା ଅଞ୍ଚଳର ଦାଦନ ସର୍ଦ୍ଦାରମାନଙ୍କ ଜରିଆରେ ରାଜ୍ୟ ବାହାରକୁ ଦାଦନ ଶ୍ରମିକ ଭାବେ କାମ କରିବାକୁ ଯାଉଛନ୍ତି। ରାଜ୍ୟ ବାହାରକୁ ଦାଦନ ଯାଉଥିବା ଶ୍ରମିକ ମାନେ ଶ୍ରମ ବିଭାଗ ଦ୍ୱାରା ପଞ୍ଜିକୃତ ହୋଇ ଯିବା କଥା କିନ୍ତୁ ଏଠାରେ ବେଆଇନ ଭାବେ ଶ୍ରମିକ ଚାଲାଣ କରୁଛନ୍ତି ଦାଦନ ସର୍ଦ୍ଦାର। ଶ୍ରମ ବିଭାଗରେ କମ ସଂଖ୍ୟା ରେ ଶ୍ରମିକ ପଞ୍ଜିକୃତ ହୋଇଥିବା ବେଳେ ବାସ୍ତବରେ ଅଧିକ ଶ୍ରମିକ ଦାଦନ କଲେଣି। ସେପଟେ ଦାଦନଗଡ଼ ଭାବେ ପରିଚିତ କଣ୍ଟାବାଞ୍ଜି ସହର ବିଭିନ୍ନ ହୋଟେଲ ରେ ରାଜ୍ୟ ବାହାର ଇଟାଭାଟିମାନେ ଡେରା ପକାଇ ସ୍ଥାନୀୟ ଦଲାଲ ଜରୀଆରେ ଗାଁକୁ ଯାଇ ଶ୍ରମିକଙ୍କୁ ଅଗ୍ରୀମ ଟଙ୍କା ଦେଇ ଶ୍ରମିକ ଚାଲାଣ କରୁଛନ୍ତି। କିନ୍ତୁ ଏହିସବୁ ଜାଣିବା ପରେ ମଧ୍ୟ ସ୍ଥାନୀୟ ପୁଲିସ ପ୍ରଶାସନ ଚୁପ ରହିଛି। ଅନ୍ୟପକ୍ଷରେ ଦାଦନଗଡ଼ ଥିବା କଣ୍ଟାବାଞ୍ଜି ଓ ତୁରେକେଲା ପୋଲିସର ଭୂମିକା ନେଇ ମଧ୍ୟ ସନ୍ଦେହ ଉପୁଜି। ଚଳିତ ବର୍ଷ ଗଣମାଧ୍ୟମକୁ ଦେଇଥିବା ବର୍ତ୍ତମାନ ଖବର ଅନୁସାରେ କଣ୍ଟାବାଞ୍ଜି ଥାନା ପ୍ରାୟ ୬ ଟି ବେଆଇନ ଶ୍ରମିକ ଚାଲାଣ ମାମଲ ରୁଜୁ ହୋଇଥିବା ବେଳେ ତୁରେକେଲା ଥାନାରେ ପ୍ରାୟ ୧୧ ଟି ମାମଲ ରୁଜୁ ହୋଇଥିବା



ଜଣାପଡ଼ିଛି। କିନ୍ତୁ ଗିରଫ ହୋଇଥିବା ସର୍ଦ୍ଦାରଙ୍କ ମଧ୍ୟ ଜଣେ ହେଲେ ବଡବଡିଆ ସର୍ଦ୍ଦାରଙ୍କ ନା ନାହିଁ। ଛୋଟଛଟିଆ ଦାଦନ ସର୍ଦ୍ଦାର ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ନେଇ ବଡବଡିଆ ଦାଦନ ସର୍ଦ୍ଦାରଙ୍କ ଠାରୁ ହାତଗୁଞ୍ଜା ନେଇ ପରକ୍ଷ ଭାବେ ସୁରକ୍ଷା ଦେଉଥିବା ଚର୍ଚ୍ଚା ହେଉଛି। ଦାଦନ ଗଡ଼ କଣ୍ଟାବାଞ୍ଜି ଷ୍ଟେସନରୁ ପ୍ରତ୍ୟେକ ଦିନ ଶହ ଶହ ଶ୍ରମିକ ଚାଲାଣ ହେଉଥିବା ବେଳେ ବର୍ତ୍ତମାନ ଯାଏ ଏତେ କମ ମାମଲ ରୁଜୁ ହେବା ସ୍ଥାନୀୟ ପୁଲିସର ଭୂମିକାକୁ ସନ୍ଦେହ ସୃଷ୍ଟି କରୁଛି। ଅନ୍ୟପକ୍ଷରେ ଦାଦନ ଶ୍ରମିକ ଚାଲାଣକୁ ନେଇ ସର୍ଦ୍ଦାର ଓ ପୁଲିସ ଭିତିରିଆ ବୈଠକ ବସିଥିବାର ଅଞ୍ଚଳରେ ଚର୍ଚ୍ଚା ବିଷୟ ହୋଇଛି। ତେବେ ଆଗକୁ ବେଆଇନ ଶ୍ରମିକ ଚାଲାଣ ଉପରେ କଣ୍ଟାବାଞ୍ଜି ଓ ତୁରେକେଲାର ପୁଲିସ କାର୍ଯ୍ୟାନୁଷ୍ଠାନ ନେଉଛି ନା ଚୁପ ରହୁଛି ଦେଖିବାକୁ ରହିଲା।

# ହୀରକ ଜୟନ୍ତୀ ଅବସରରେ ବିଭିନ୍ନ ପ୍ରତିଯୋଗିତା

**ବଲାଙ୍ଗିର, ୬।୧୨(ସମିସ):** ଆସନ୍ତା ୨୧ ଓ ୨୨ ତାରିଖ ଦୁଇ ଦିନ ଧରି ହେବାକୁ ଯାଉଥିବା ପତିତପାବନ ଏକାଡେମୀର ହୀରକ ଜୟନ୍ତୀ ଅବସରରେ ବିଭିନ୍ନ ସ୍କୁଲର



ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତ, ପ୍ରବନ୍ଧ ଓ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ଅନୁଷ୍ଠିତ ସଙ୍ଗୀତ, ତର୍କ ଓ ପ୍ରବନ୍ଧ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଯଥାକ୍ରମେ ଗିରିଜା ସୁନା, ରାଜା ସାହୁ ଓ ଦମୟନ୍ତୀ ଖୁଆସ୍। ଦ୍ୱିତୀୟ ସ୍ଥାନ ଅଧିକାର କରି ଥିଲେ ଗୁପ୍ତେଶ୍ୱର ଲେଙ୍କା, ସ୍ନେହା ସ ଓ ମନୋରଞ୍ଜନ ବ୍ରହ୍ମା। ତୃତୀୟ ସ୍ଥାନରେ ଶ୍ୟାମଳୀ ବରିହା, ଅଭିଷେକ ଚନ୍ଦନ ଓ ଶୁଭମ୍ ପଣ୍ଡା। ବିଚାରକଭାବେ ଯୋଗ ଦେଇଥିଲେ ଗୋପାଳ ପ୍ରଧାନ, ଅର୍ବାଜ ଖାଁ, ସାଏ ଦ ଅଫତାବେ ହୁସେନ୍, ନାସିର ଖାନ୍, ବିଚାରକ ପାଣିଗ୍ରାହୀ, ଦିବାକର ହୋତା, ସୁବ୍ରତ ଖଣ୍ଡୁଆଳ ଓ ଲକ୍ଷ୍ମଣ ଅଗ୍ରୱାଲ। ପ୍ରଧାନଶିକ୍ଷକ ସିନୁ ସୁନ୍ଦର ପାଢ଼ୀଙ୍କ ସଭାପତିତ୍ୱରେ ଜୟନ୍ତୀ କମିଟି ଉପସଭାପତି ହେମନ୍ତ ପଣ୍ଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସେହିପରି ସ୍ମରଣିକା କମିଟିର ସଂଯୋଜକ ମନୋରଞ୍ଜନ ସାହୁ, ପ୍ରଦୀପ ସାହୁ, ମହେନ୍ଦ୍ର ଦର୍ଜି ଓ ରଘୁ ନନ୍ଦନ ସିଂହ ଓ ଅମିୟ ମିଶ୍ର ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଅଂଶୁପା ଭୋଇ ଓ ଅନାନ୍ୟ ମିଶ୍ର ସଭା ପରିଚାଳନାରେ ସହାୟତା କରିଥିଲେ।

# ଖବର ପ୍ରସାରଣ ପରେ ଖୋଲିଲା ଶୌଚାଳୟ




**ଖପ୍ରାଖୋଲ, ୬।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ସ୍ଥାନୀୟ ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ପରିସରରେ ଥିବା ଶୌଚାଳୟ ଦୀର୍ଘ ଏକ ବର୍ଷରୁ ଅଧିକ ହେବ କାମ ସରି ତାଲା ପଡ଼ି ରହିଛି। ଗଣଧାରଣାରେ ବସିଥିବା ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତରଫରୁ ଜିଲ୍ଲପାଳଙ୍କୁ ଅଭିଯୋଗ କରାଯାଇଥିଲା। ଏସମ୍ପର୍କରେ ଖବର ପ୍ରସାରଣ ପରେ ପ୍ରଶାସନ ଶୁକ୍ରବାର ଦିନ ତାଲା ଖୋଲିଛି। ଆଜକୁ ଏଗାରଦିନ ଧରି ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତରଫରୁ ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ଗଣଧାରଣାରେ ଆନ୍ଦୋଳନ ଜାରି ରଖିଥିବା ଆନ୍ଦୋଳନ କାରୀମାନେ ଶୌଚାଳୟ ବ୍ୟବହାର ପାଇଁ ଦାବିପତ୍ର ଜିଲ୍ଲାପାଳଙ୍କୁ ଦେଇଥିଲେ। ଅଭିଯୋଗ ଅନୁଯାୟୀ ଶୌଚାଳୟ ସମ୍ପୂର୍ଣ୍ଣ ହୋଇ ବ୍ଲକରୁ ତହସିଲ କାର୍ଯ୍ୟାଳୟକୁ ହସ୍ତାନ୍ତର କରାଯାଇଥିବା ଗୋଷ୍ଠି ଉନ୍ନୟନ ଅଧିକାରୀ ବିବେକାନନ୍ଦ ଷଡ଼ଙ୍ଗୀ ଅଭିଯୋଗକାରୀଙ୍କୁ କହିଛନ୍ତି। ଅନ୍ୟପକ୍ଷରେ ତହସିଲଦାର ଶୌଚାଳୟ କାମ ଠିକ୍ ଭାବରେ ହୋଇନଥିବାରୁ ଶୌଚାଳୟକୁ ତାଲା ପକାଯାଇଥିବା କହିଛନ୍ତି। ଆଜି ତହସିଲ କାର୍ଯ୍ୟାଳୟ ପରିସରରେ ଥିବା ଶୌଚାଳୟ ପ୍ରଶାସନ ତରଫରୁ ଖୋଲା ଯାଇଥିବାରୁ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ଉପକୃତ ହେବେ ବୋଲି ଆନ୍ଦୋଳନରତ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ସଦସ୍ୟ ପ୍ରକାଶ କରିଛନ୍ତି।

DSPL-238



## ସଶସ୍ତ୍ର ସେନା ପତାକା ଦିବସ ବାର୍ତ୍ତା

ସଶସ୍ତ୍ର ବାହିନୀ ପତାକା ଦିବସ ୭ ଡିସେମ୍ବର ୨୦୨୪ ଅବସରରେ, ମୁଁ ରାଜ୍ୟର ସମସ୍ତ ସେବାରତ ତଥା ସେବାନିବୃତ ସୈନିକ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।

ସଶସ୍ତ୍ର ବାହିନୀ ପତାକା ଦିବସ ଆମକୁ ସଶସ୍ତ୍ର ବାହିନୀର ସେବାରତ ତଥା ସେବାନିବୃତ ସୈନିକମାନଙ୍କୁ କୃତଜ୍ଞତା ଜଣାଇବା ପାଇଁ ଏକ ଅନନ୍ୟ ସୁଯୋଗ ପ୍ରଦାନ କରେ । ଦେଶର ଆଭ୍ୟନ୍ତରୀଣ ତଥା ବାହ୍ୟ ସୁରକ୍ଷା, ଏବଂ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିବାରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନଙ୍କର ଦେଶପ୍ରେମ, ବୀରତ୍ୱ, ବଳିଦାନ ଲୋକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅର୍ଜନ କରିଛି।

ଏହି ଅବସରରେ ଗର୍ବର ସହିତ ସଶସ୍ତ୍ର ବାହିନୀର ପତାକା ଧାରଣ କରି ଏବଂ ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠିକୁ ଦାନ କରି ସମଗ୍ର ଦେଶ ସେବାରତ ତଥା ସେବାନିବୃତ ସୈନିକ, ଯୁଦ୍ଧ ବିଧବା, ଭିନ୍ନକ୍ଷମ ସୈନିକଙ୍କ ପୁନଃଥଇଥାନ ପାଇଁ ସହାନୁଭୂତି ଏବଂ ସମର୍ଥନ ଜଣାଇଥାଏ।

ଏହି ଅବସରରେ ମୁଁ ରାଜ୍ୟର ସମସ୍ତ ନାଗରିକମାନଙ୍କୁ ନିବେଦନ କରୁଛି ଯେ, ସଶସ୍ତ୍ର ବାହିନୀ ପତାକା ଦିବସ ପାଣ୍ଠିକୁ ଉଦାର ହୃଦୟରେ ଦାନ କରନ୍ତୁ।

ଜୟ ହିନ୍ଦ !

(ରଘୁବର ଦାସ)
ରାଜ୍ୟପାଳ, ଓଡ଼ିଶା



## ସଶସ୍ତ୍ର ସେନା ପତାକା ଦିବସ ଉପଲକ୍ଷେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ବାର୍ତ୍ତା

ଡିସେମ୍ବର ୭, ୨୦୨୪ ସଶସ୍ତ୍ର ବାହିନୀ ପତାକା ଦିବସ ଅବସରରେ ମୁଁ ରାଜ୍ୟର ସମସ୍ତ ସେବାରତ, ସେବାନିବୃତ ସୈନିକ ଏବଂ ସେମାନଙ୍କ ପରିବାରବର୍ଗ ତଥା ସୀମାନ୍ତରେ ମୁତୟନ ଥିବା ସମସ୍ତ ସେନାନୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।

ଆମ ଦେଶକୁ କେବଳ ବାହ୍ୟ ବିପଦରୁ ନୁହେଁ ବରଂ ଆଭ୍ୟନ୍ତରୀଣ ବିଦ୍ରୋହ, ଆତଙ୍କବାଦ ତଥା ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରଶାସନକୁ ସାହାଯ୍ୟ କରିବାରେ ସଶସ୍ତ୍ର ବାହିନୀ ନିଜ ଦକ୍ଷତାର ପରାକାଷ୍ଠା ପ୍ରଦର୍ଶନ କରିଛି। ସଶସ୍ତ୍ର ବାହିନୀର ଅନେକ ସାହସୀ ଏବଂ ନିର୍ଭୀକ ବୀରମାନେ ନିଜ କର୍ତ୍ତବ୍ୟ ସମ୍ପାଦନ ସମୟରେ ମଧ୍ୟ ସହିଦ ହୋଇଛନ୍ତି। ଏହି ଦିନଟି ଆମର ବୀର ତଥା ସାହସୀ ସୈନିକମାନଙ୍କୁ ସମ୍ମାନିତ କରିବା ଏବଂ ସଶସ୍ତ୍ର ବାହିନୀ ପ୍ରତି ଆମର ଦୃଢ଼ ସମର୍ଥନ ପ୍ରକାଶ କରିବା ପାଇଁ ଉଦ୍ଦିଷ୍ଟ।

ଏହି ଐତିହାସିକ ଦିବସ ଅବସରରେ, ମୁଁ ଓଡ଼ିଶାର ସମସ୍ତ ନାଗରିକଙ୍କୁ ଅନୁରୋଧ କରୁଛି ଯେ, ସେବାରତ, ସେବାନିବୃତ ସୈନିକ, ଯୁଦ୍ଧ ବିଧବା ତଥା ଭିନ୍ନକ୍ଷମ ସୈନିକମାନଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ସହିତ ସେମାନଙ୍କ ପରିବାରବର୍ଗଙ୍କ କଲ୍ୟାଣ ଓ ପୁନଃଥଇଥାନ ନିମନ୍ତେ ସଶସ୍ତ୍ର ସେନା ପତାକା ଦିବସ ପାଣ୍ଠିକୁ ମୁକ୍ତ ହସ୍ତରେ ଦାନ କରନ୍ତୁ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-12088/13/0001/2425

# ଏଫ୍ଏକ୍ୟୁ ଆଳରେ ଧାନ ଉଠୁନି

**କଲମପୁର, ୬ା୧୨(ସମିସ):** ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ମିଳିବ ବୋଲି ଘୋଷଣ କରି ଶାସକ ଦଳ କ୍ଷମତା ହାସଲ କରିଛି; ହେଲେ ଏଫ୍ଏକ୍ୟୁ ଆଳରେ ଡିସେମ୍ବର ପ୍ରଥମ ସପ୍ତାହ ସରିବାକୁ ବସିଲାଣି ସିନା ଏଯାଏଁ ମଣ୍ଡିରୁ ଧାନ ଉଠିପାରି ନାହିଁ। ଏଣୁ ଚାଷୀଙ୍କ ଭିତରେ ଯନ୍ତ୍ରଣା ବଢ଼ିବାରେ ଲାଗିଛି।

ଇଚ୍ଛାପୁର ଧାନ ମଣ୍ଡିରେ ନିୟୋଜିତ କ୍ରୟ ସଂସ୍ଥା ମା' ଲଙ୍କେଶ୍ୱରୀ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ୩ ଓ ୪ ତାରିଖରେ ଟୋକନ ଥିବା ଚାଷୀଙ୍କୁ ମଣ୍ଡିକୁ ଧାନ ଆଣିବା ପାଇଁ କହିଥିଲା। ନଭେମ୍ବର ପ୍ରଥମ ସପ୍ତାହରୁ ଧାନ ଅମଳ କରି ବିକ୍ରି ଅପେକ୍ଷାରେ ଥିବା ଚାଷୀ ଧାନକୁ ଭଲ ଭାବେ ଶୁଖାଇ ୨ ଥର ଟ୍ରାକ୍ଟର ପଙ୍ଖା ସାହାଯ୍ୟରେ ସମ୍ପୂର୍ଣ୍ଣ ସଫା କରି ମଣ୍ଡିକୁ ଆଣିଥିଲେ। ମଣ୍ଡିରେ ପ୍ରଥମେ ପୂଜାର୍ଚ୍ଚନା ପୂର୍ବକ ବିଡ଼ିଓ ବିଜୟ ମାଣ୍ଡାଙ୍ଗି ଏବଂ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଚାଷୀ ଓ ସମ୍ପୃକ୍ତ କ୍ରୟ ସଂସ୍ଥା ଉପସ୍ଥିତିରେ ଶୁଭାରମ୍ଭ ହୋଇଥିଲା। ଏହାପରେ ଆରଏମସି କର୍ତ୍ତୃପକ୍ଷ ଧାନର ଆର୍ଦ୍ରତା ସହିତ ଆନାଲିସିସ କରିଥିଲେ। ଏତେ ଶୁଖା ଓ ସଫା କଲାପରେ ମଧ ଅନ୍ୟ ସବୁ ଠିକ୍ ରହି ଅପରିପକ୍ୱ ୨ ଶତକଡା ଅଧିକ ବାହାରି ଥିଲା। ଏଥିପାଇଁ ଧାନ ଓଜନ କିମ୍ବା ମଣ୍ଡିରୁ ଧାନ ଲିଫ୍ଟିଂ ପାଇଁ ମଣ୍ଡିରେ ଟ୍ୟାଗ୍ ହୋଇଥିବା ମିଲରଙ୍କ ପକ୍ଷରୁ ନିରବତା ପ୍ରଦର୍ଶନ କରାଯାଇଥିଲା। ତେବେ ଅପରିପକ୍ୱ ଅବସ୍ଥାକୁ ଚାଷୀ କେଉଁ ଭଳି ଭାବେ ତାର ଏଫ୍ଏକ୍ୟୁ କରିବେ ତାହା ଏଠି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶୁଖା ଓ ସଫା ବହୁ ପ୍ରତିକୂଳ ପରିସ୍ଥିତି ସହ ସାମନା କରି ମଧ ଚାଷୀ ଆଶାତୀତ ସଫଳତା ହାସଲ ପାଇଁ ଚେଷ୍ଟା ଚଳାଇଛି। ଏ ନେଇ ରାଜ୍ୟ ସରକାରଙ୍କ ନୀତି ଓ ପ୍ରଶାସନର କାର୍ଯ୍ୟକାରିତା ସହ କଷ୍ଟମ ମିଲିଙ୍ଗ କରିବା ସଂସ୍ଥା ଏହି ଆଳ ଚାଷୀଙ୍କ ଯନ୍ତ୍ରଣା ବଢ଼ାଇଛି। ଯେଉଁ ରୂପ ରେଖ ନେଇ ସରକାର ଚାଷୀଙ୍କୁ ପ୍ରତିଶ୍ରୁତି ଦେଲେ ତାହା ଏବେ ଫସର ଫାଟିଛି। ଏଣୁ ଧାନ ବିକ୍ରି କରି ନ ପାରି ଚାଷୀ ଚିନ୍ତାରେ ପଡ଼ିଛି। ତେବେ ଏଫ୍ଏକ୍ୟୁ ଆଳରେ ସରକାର କେତେ ଦିନ ପରେ ଧାନ କ୍ରୟ କରିବେ ତାହା ପରେ ଜଣାପଡ଼ିବ। ତେବେ ଏଫଏକ୍ୟୁ କରିବା ପାଇଁ ଚାଷୀ ସଚେତନ ନାହାନ୍ତି ତଥା ଏଫଏକ୍ୟୁ କରିବା ପାଇଁ ତାଙ୍କ ପାଖରେ ସାଧନ ନାହିଁ। ଆଗରୁ ଅମଳ କରି ସୁବିଧାରେ ବିକ୍ରି କରୁଥିବା ବେଳେ ବର୍ତ୍ତମାନ କଡା ନିୟମ ଚାଷୀଙ୍କୁ ଚିନ୍ତାରେ ପକାଇଛି।

# ଆମ୍ବେଦକରଙ୍କ ମହାପରିନିର୍ବାଣ ଦିବସ

**କୋକସରା/ଲଡୁଗାଁ, ୬ା୧୨(ସମିସ):** କୋକସରା ବ୍ଲକ ଲଡୁଗାଁ ଆମ୍ବେଦକର କ୍ଲବ୍ ତରଫରୁ ଭାରତ ରତ୍ନ, ସମ୍ବିଧାନ ପ୍ରଣେତା ଡ. ବାବାସାହେବ ଆମ୍ବେଦକରଙ୍କ ୬୯ତମ ମହାପରିନିର୍ବାଣ ଦିବସ ପାଳିତ ହୋଇଛି। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଗୁଣନିଧି ବାଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଲଡୁଗାଁ ଆମ୍ବେଦକର କ୍ଲବ୍‌ର ସଭାପତି ଟୁନୁ ମହାନନ୍ଦ ମୁଖ୍ୟବକ୍ତା, ସାବିତ୍ରୀ ବାଇ ଓ ଡିମା ଶେଖ ମହିଳା ସଂଗଠନର ସଭାନେତ୍ରୀ ଉର୍ମିଳା ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମାଜିକ ପରିବର୍ତ୍ତନ କରିବା ନିତାନ୍ତ ଜରୁରୀ ବୋଲି ଯୁବ ସମାଜକୁ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମରେ ଚିନିଲାଲ ପାଣିଗ୍ରାହୀ, ଉଦ୍ଧବ ବାଗ, ଚୂଡ଼ାମଣି ମହାନନ୍ଦ, ଧ୍ୱଜ ମହାନନ୍ଦ, ଭୁବନେଶ୍ୱର ଦୁର୍ଗା, ପିଙ୍କି ମହାନନ୍ଦ, କୁମୁଦିନୀ ପାଣିଗ୍ରାହୀ, ଜୟନ୍ତୀ ପାଣିଗ୍ରାହୀ, ନୁର ପାଣିଗ୍ରାହୀ, ସରସ୍ୱତୀ ମହାନନ୍ଦ, ଯଶୋଦା ନିଆଲ, ପଦ୍ମିନି ମହାନନ୍ଦ, ଗୀତାଞ୍ଜଳି ବାଗ, ଲତା ମହାନନ୍ଦ, ଓମ୍‌ପ୍ରକାଶ ଛତ୍ରିଆ, ମୂରଲୀଧର ପାଣିଗ୍ରାହୀ, ମହେନ୍ଦ୍ର ମହାନନ୍ଦ, ଛନକ କୁମାର, ଶ୍ରୀକାନ୍ତ ମହାନନ୍ଦ, ବିକାଶ ମହାନନ୍ଦ ସମେତ ପ୍ରଧାନି ବାଗ ପ୍ରମୁଖ ଉପସ୍ଥିତ ଥିଲେ।

# ଆତ୍ମରକ୍ଷା ପ୍ରଶିକ୍ଷଣ ଉଦ୍‌ଯାପିତ




**ଧର୍ମଗଡ଼, ୬ା୧୨(ସମିସ):** ସ୍ଥାନୀୟ ଧର୍ମଗଡ଼ ସ୍ନାତକ ମହିଳା ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ପ୍ରାୟୋଜିତ ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ୨୦ ଦିନ ଧରି ଆୟୋଜିତ ଆରେକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମର ଅଧକ୍ଷା ମୂର୍ତ୍ତି ମଞ୍ଜରୀ ପଣ୍ଡା ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ କଲେଜ ପରିଚାଳନା କମିଟି ସଦସ୍ୟ ତଥା ଅବସରପ୍ରାପ୍ତ ବ୍ୟାଙ୍କ୍ ମୁଖ୍ୟପ୍ରବନ୍ଧକ ରଫିଉଦ୍ଦିନ୍ ଖାନ୍ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅଧାପକ ସରୋଜ ମେହେର, ଅଧାପିକା ଜୟନ୍ତୀ ମୁଦୁଲି, ଅର୍ଚ୍ଚନା ଗୁଛି, ଲକ୍ଷପତି ନାଏକ, ହିମାଂଶୁ ସା, ଫୁଲ ହରିଜନ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ। ମାଳତୀ ପଟେଲ, ଜଳି ପରାଭୋଏ, ଶିବାନୀ ଭାଟି ଓ ଧନିକା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ହିନ୍ଦୁ ଏକତା ମଞ୍ଚର ଜିଲ୍ଲାପାଳ ଅଫିସ ଘେରଉ

# ବାଂଲାଦେଶରେ ହିନ୍ଦୁଙ୍କ ପ୍ରତି ଅତ୍ୟାଚାରକୁ ବିରୋଧ

**ନୂଆପଡ଼ା, ୬ା୧୨(ସମିସ):**

ସମ୍ପ୍ରତି ବାଂଲାଦେଶରେ ଇସଲାମିକ କଟ୍ଟରପନ୍ଥୀଙ୍କ ଦ୍ୱାରା ହିନ୍ଦୁମାନଙ୍କ ପ୍ରତି ଚାଲିଥିବା ଦମନଲୀଳା, ହତ୍ୟା, ଲୁଟ୍, ପୋଡ଼ାଜଳା ତଥା ମହିଳାଙ୍କ ପ୍ରତି ହେଉଥିବା ଅତ୍ୟାଚାର ବଢ଼ିଚାଲିଛି । ଏପରିକି ଶାନ୍ତିପୂର୍ଣ୍ଣ ଭାବେ ହିନ୍ଦୁ ସମାଜର ସୁରକ୍ଷା ପାଇଁ ସଂଗ୍ରାମରତ ଇସ୍କନ ସନ୍ୟାସୀ ଚିନ୍ମୟ କୃଷ୍ଣ ଦାସଙ୍କୁ ବାଂଲାଦେଶ ସରକାର ଦେଶଦ୍ରୋହ ଅପରାଧରେ ଜେଲକୁ ପଠାଇଛନ୍ତି । ଏଭଳି ଅତ୍ୟାଚାରର ପ୍ରତିବାଦ ସହ ଚିନ୍ମୟ କୃଷ୍ଣ ଦାସଙ୍କୁ ଜେଲରୁ ମୁକ୍ତି ପାଇଁ ହିନ୍ଦୁ ଏକତା ମଞ୍ଚ, ନୂଆପଡ଼ା ଜିଲ୍ଲା ତରଫରୁ ଜିଲ୍ଲାପାଳ ଅଫିସ ଘେରଉ କରାଯାଇଥିବା ବେଳେ ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ମଧାହ୍ନରେ ହିନ୍ଦୁ ଏକତା ମଞ୍ଚ ଆବାହକ କାମତା ପ୍ରସାଦ ଚନ୍ଦ୍ରକାର, ଯୁବ ବାହିନୀ ସଭାପତି ହରିଶ୍ଚନ୍ଦ୍ର ପଣ୍ଡା, ହେମନ୍ତ କୁମାର ଦଣ୍ଡସେନା, ଜୟେଶ୍ୱର ବନଗୋଲାଙ୍କ ନେତୃତ୍ୱରେ ସ୍ଥାନୀୟ ତେଲିପଡ଼ା ଶିବ ମନ୍ଦିର ପ୍ରାଙ୍ଗଣରୁ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ହିନ୍ଦୁ ସଂଗଠନର ଗୈରିକଧାରୀ ସମାଜ ସେବୀ ସାମିଲ ଥିଲେ। ସହର ପରିକ୍ରମା କରି ଶେଷରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି କରିଥିଲେ। ରୋହିଙ୍ଗିଆ ବାଂଲାଦେଶୀଙ୍କୁ ଚିହ୍ନଟ କରି ଦେଶରୁ ତଡ଼ିବାକୁ ଦାବି କରାଯାଇଛି। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଏକ ଦାବିପତ୍ର ପ୍ରଦାନ କରାଗଲା। ଏଥିରେ ଅନ୍ୟମାନଙ୍କ ମଧରେ ଗୁରୁକୁଳ ଆଶ୍ରମ ଆମସେନାରୁ କୁଞ୍ଜଦେବ ମନିଷୀ, ହରିପୁରରୁ ଆଚାର୍ଯ୍ୟ ଦିଲୀପଜୀ, ଇସ୍କନ ମନ୍ଦିର ପ୍ରମୁଖ ଜଗମୋହନ ଶ୍ୟାମ ଦାସ, ଗାୟତ୍ରୀ ପରିବାରରୁ ପ୍ରାଣନାଥ ସାହୁ, ମୁରଲୀଧର ସୁନା, ବିଷ୍ଣୁ ଚରଣ ଭୂୟାଁ, କ୍ଷୀରୋଦ ନିବାସ ପଣ୍ଡା, ବିଶ୍ୱ ହିନ୍ଦୁ ପରିଷଦରୁ ରାମେଶ୍ୱର ମୁଣ୍ଡ, ଶରତ କୁମାର ପଣ୍ଡା, ପ୍ରସନ୍ନ କୁମାର ପାଢ଼ୀ, ସରୋଜ କୁମାର ସାହୁ, ଯଦୁମଣି ପାଣିଗ୍ରାହୀ, ଶିବାଜୀ ପଣ୍ଡା, ସଂଜୀବ ସାହୁ, ସତ୍ୟ ନାରାୟଣ ଅଗ୍ରୱାଲ, ସଜ୍ଜନ ଅଗ୍ରୱାଲ, ରତ୍ନାକର ସାହୁ, ସୋନିଆ ଜୈନ, ଜେମା ମଞ୍ଜରୀ ପାଣ୍ଡେ, କ୍ଷମାନିଧି ଦେୱାଙ୍ଗନ, ସୁରେନ ଅଗ୍ରୱାଲ, କ୍ଷମାବାଇ ଚନ୍ଦ୍ରକାର ପ୍ରମୁଖ ସାମିଲ ଥିଲେ।




**ଇସ୍କନ ସନ୍ନ୍ୟାସୀଙ୍କୁ ଜେଲରୁ ଖଲାସ ଦାବି**

# ୧୪ରେ ବର୍ଷର ଶେଷ ଲୋକ ଅଦାଲତ

**କେସିଙ୍ଗା, ୬ା୧୨(ସମିସ):** ଡିସେମ୍ବର ୧୪ ତାରିଖ ମାସର ଦ୍ୱିତୀୟ ଶନିବାର କେସିଙ୍ଗା ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏହି ଅବସରରେ ଏକ ପୂର୍ବ ପ୍ରସ୍ତୁତି ବୈଠକ ଅଦାଲତ ପରିସରରେ ଅନୁଷ୍ଠିତ ହୋଇଥିଲା। କେସିଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଧନଞ୍ଜୟ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଷ୍ଟ୍ରୀୟ ଲୋକ ଅଦାଲତକୁ ସଫଳ କରିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ କେସିଙ୍ଗା ଓକିଲ ସଂଘ ସଭାପତି ଚିତ୍ତ ରଞ୍ଜନ ଭୋଇ, ସମ୍ପାଦକ ସନ୍ଦୀପ ବାନାର୍ଜୀ, ସମ୍ମୁଖ କାର୍ଯ୍ୟାଳୟ ଆଇନ ପରାମର୍ଶଦାତା ଗୋଲକ ବିହାରୀ ପ୍ରଧାନ, ସହକାରୀ ସରକାରୀ ଓକିଲ ପ୍ରକାଶ ଦାସ, ତହସିଲଦାର ପ୍ରଶାନ୍ତି ପ୍ରଧାନ, ଥାନା ଅଧିକାରୀ ଲୋରିସ ପଧାନ ଏବଂ ସହରରେ ଥିବା ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଲୋକ ଅଦାଲତରେ ରଫା ଯୋଗ୍ୟ ଫୌଜଦାରୀ ମାମଲା, ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ଅନାଦେୟ ମାମଲା, ବୈବାହିକ ମାମଲା, ରାଜସ୍ୱ, ଜମିଜମା ପ୍ରଭୃତି ମାମଲାର ବିଭାଗୀୟ ଅଦାଲତରେ ଆଗତ କରାଯିବ। ଲୋକ ଅଦାଲତରେ ମାମଲାର ଫଇସଲା ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ। ଅଦାଲତର ରାୟ ଚୂଡ଼ାନ୍ତ, ବୈଧ ଓ ଫଳପ୍ରଦ।

# 'ବର୍ଣ୍ଣାଳୀ' ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ସିନାପାଲି, ୬ା୧୨ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ସିନାପାଲି ଉଚ୍ଚ ବିଦ୍ୟାଳୟ ପରିସରରେ ତ୍ରିଦିବସୀୟ ବ୍ଲକସ୍ତରୀୟ ବର୍ଣ୍ଣାଳୀ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ସିନାପାଲି ବ୍ଲକ ଅଧୀନସ୍ଥ ବିଭିନ୍ନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟର ୮୬ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଛନ୍ତି । ସାମାଜିକ ଲିଙ୍ଗଭିତ୍ତିକ ସମତା ଓ ପାଠ୍ୟକ୍ରମରେ ସଂଯୋଗୀକରଣ ଆଧାରିତ ଏହି ବର୍ଣ୍ଣାଳୀ ପ୍ରଶିକ୍ଷଣ ଶିବିରର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପ୍ରଧାନଶିକ୍ଷକ ଲଳିତ ସୁନାରୀ ଓ ସମ୍ମାନିତ ଅତିଥି ଭାବରେ ରାଜ୍ୟ ସମ୍ବଳ ଶିକ୍ଷକ ଦ୍ୱୟ ପରେଶନାଥ ପାଣିଗ୍ରାହୀ ଓ ଲୋଚନ ମେହେର ଉପସ୍ଥିତ ଥିଲେ। ପ୍ରାରମ୍ଭରେ ସିଆରସିସି ସୁଧୀର କିଶୋର ଠାକୁର ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଶିକ୍ଷକ ପଦ୍ମଲୋଚନ ନାଏକ ସଭା ପରିଚାଳନା କରିଥିଲେ। ଶିବିର ପରିଚାଳନାରେ ମହେଶ କୁମାର ମେହେର, ଅନିମା କୁମାରୀ ପଣ୍ଡା, ଦୁର୍ଯ୍ୟୋଧନ ମାଝୀ, ଟିଙ୍କି ଦୁରିଆ, ସନ୍ତୋଷ ବନ୍ଦିଛୋର, ପ୍ରସନ୍ନ କୁମାର ମାଝୀ, ଈଶ୍ୱର ବଘେଲ, ଗୁପ୍ତେଶ୍ୱର ମାଝୀ, ସୁଦର୍ଶନ ଭୋଇ ପ୍ରମୁଖ ସହଯୋଗ କରୁଛନ୍ତି।








# ଦଣ୍ଡପାଟ ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ



**ଧର୍ମଗଡ଼, ୬ା୧୨(ସମିସ):** ଧର୍ମଗଡ଼ ବ୍ଲକ ବେହେରା ହାଇସ୍କୁଲ ପଡ଼ିଆରେ ଆସନ୍ତା ୨୫ତାରିଖରୁ ଦଣ୍ଡପାଟ ଧନୁଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏଥିଲାଗି ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। କର୍ତ୍ତା ଭାବେ ଈଶ୍ୱର ବାଣୁଆ ଓ ନନ୍ଦିନୀ ବାଣୁଆ କାର୍ଯ୍ୟ ତୁଲାଇଥିବା ବେଳେ ପୂଜକ ମୋହନ ତିୱାରୀ ରହିଥିଲେ। ଏହି ଧନୁଯାତ୍ରା ପାଇଁ ହାଇସ୍କୁଲ ପଡ଼ିଆରେ ମଥୁରା ନଗରୀ ଓ ମଝିରପଦାକୁ ଗୋପପୁର କରାଯାଇଛି। ଏଥିପାଇଁ ଶୁକ୍ରବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଏହି ଅବସରରେ ଧନୁଯାତ୍ରାର ସଭାପତି ବିନ୍ଦୁସାର ବିଶି, ଭବେଷ ଗଏନ୍ତା, ଉପେନ୍ଦ୍ର ନାଏକ, ବାଳକୃଷ୍ଣ ବିଶି, ଗୁଣନିଧି ନାଗ, ହୁକିମ ବିଶି, ପିକ ବିଶି, ସୋମନାଥ ବିଶି, ସୁକଲୁ ପଟେଲ, ତପୁ ନାଏକ, ବଳରାମ ପୁଝାରୀଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଚଳିତ ବର୍ଷ କଂସ ଭୂମିକାରେ ଗୋପାଲ ପଣ୍ଡା ଅଭିନୟ କରିବେ।

# ୩ଶହରୁ ଅଧିକ ଅସହାୟଙ୍କୁ କମ୍ବଳ ବଣ୍ଟନ



**କଲମପୁର, ୬ା୧୨(ସମିସ):**

କଳାହାଣ୍ଡି ଜିଲ୍ଲା କଲମପୁରସ୍ଥିତ ନେତାଜୀ ସେବା ସଂଗଠନ ଓ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ୍ ଅର୍ଗାନାଇଜେସନର ମିଳିତ ଆନୁକୂଲ୍ୟରେ ଡ. ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ଭାରତରତ୍ନ ଡ. ଆମ୍ବେଦକରଙ୍କ ପୁଣ୍ୟତିଥି ସମାରୋହ ସହ ସଦଭାବନା ସମାବେଶ ଦିବସ ପାଳିତ ହୋଇଛି। ଏହି ଅବସରରେ କମ୍ବଳ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଶିକ୍ଷକ ତଥା ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ମୋହନ ସୁନ୍ଦର ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କଲମପୁର ବିଡିଓ ବିଜୟ ମାଡାଙ୍ଗି, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଛତିଶଗଡ଼ ରାଜ୍ୟର ଜିଏସଟି କମିଶନର ଗଙ୍ଗାଧର ମାଝୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନାଏକ, ସିଡିପିଓ ନିର୍ବାସିନୀ ଦେଇ, ଶିକ୍ଷାବିତ ବସନ୍ତ ନାଏକ, ସତ୍ୟନାରାୟଣ ରାଜପୁତ, ଉଚ୍ଛବ ଚରଣ ସାହୁ, ଚତୁର୍ଭୁଜ ପଣ୍ଡା, ଘନଶ୍ୟାମ ନାଏକ, ପୂର୍ବତନ ବ୍ଲକ ଅଧକ୍ଷ ମହେନ୍ଦ୍ରନାଥ ସାହୁ, ଯୁବକବି ରଜତ ବଂଶଲ, ଥାନା ଅଧିକାରୀ ଶେଖର ଚରଣ ଜେନା, ରାଜେଶ ଶର୍ମା, ପ୍ରିୟା ରାଜଗୁରୁ ପ୍ରମୁଖ ଯୋଗ ଦେଇଥିଲେ। ବାବାସାହେବଙ୍କ ତ୍ୟାଗପୂତ ଜୀବନୀ ଉପରେ ଅତିଥିଗଣ ଆଲୋକପାତ କରିବା ସହ ଶୋଷଣମୁକ୍ତ ସମାଜ ଗଠନରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଶାନ୍ତ ମାଝୀ ସଂଯୋଜନା କରିଥିବା ବେଳେ ଶଙ୍କର ପ୍ରସାଦ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଗଠନ ସଭାପତି ସଞ୍ଜୀବ ଠାକୁର ଲକ୍ଷ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଯୁବ ସଂଗଠକ ଅବିନାଶ ମୁଣ୍ଡ କାର୍ଯ୍ୟକ୍ରମର ସବିଶେଷ ବିବରଣୀ ପ୍ରଦାନ କରିଥିବା ବେଳେ କୋଷାଧକ୍ଷ ଲଳିତ ବିଶି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କଲମପୁର ଏବଂ ଆଖପାଖ ଅଞ୍ଚଳର ୩ଶହରୁ ଅଧିକ ଦିବ୍ୟାଙ୍ଗ, ବିଧବା ଓ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଂଗଠନ ଉପସଭାପତି ପ୍ରଦ୍ୟୁମ୍ନ ମହାନ୍ତି, ସଦସ୍ୟ ବେଦପ୍ରକାଶ ପଣ୍ଡା, ଗିରିଶ୍ୱେର ସାହୁ, ଈଶ୍ୱରୀ ରାଜପୁତ, କୈଳାସ ଚନ୍ଦ୍ର ସାହୁ, ଦୈତାରି ବାରିକ, ଶିବାଜୀ ଚିନ୍ଦା, ବିବେକାନନ୍ଦ ରଣା, ମୂରଲୀଧର ସାହୁ, ମୁକୁନ୍ଦ ଟେଣ୍ଡକାରୀ, ଦୁଷ୍ମନ୍ତ ଛତ୍ରିଆ, ହରେକୃଷ୍ଣ ସାହୁ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ପ୍ରମୁଖ ସହଯୋଗ କରିଥିଲେ।

## ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

କେନ୍ଦୁଝର, ୬।୧୨(ସମିସ): କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ବିଜୟ କୁମାର ମିଶ୍ର ଶୁକ୍ରବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଘଟଗାଁ ଥାନା ଅଞ୍ଚଳର ଈଶ୍ୱର ନାଏକ(୩୦)ଙ୍କୁ ୨୦ ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ, ଅଧିକ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି। ଏଥିସହ ପୀଡ଼ିତାଙ୍କୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ପ୍ରଦାନ ନିମନ୍ତେ ଜିଲ୍ଲା ଆଇନସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩ ନଭେମ୍ବର ୯ ତାରିଖ ଦିନ ପ୍ରାୟ ସାଢ଼େ ୧୨ଟାରେ ୫ ବର୍ଷର ଜଣେ ନାବଳିକା ଈଶ୍ୱରଙ୍କ ଘରକୁ ଟିଭି ଦେଖିବାକୁ ଯାଇଥିବା ବେଳେ ଏହି ଆପରାଧିକ ଘଟଣା ଘଟିଥିଲା। ଈଶ୍ୱର ସଂପୃକ୍ତ ନାବାଳିକାକୁ ଦୁଷ୍କର୍ମ କରିଥିଲା।

# ଶାଶୂଘର ଆଗରେ ପୋଡ଼ିଲେ ବୋହୂର ଶବ



ଭୋଗରାଇ, ୬।୧୨(ସମିସ): ଶାଶୂଘର ଆଗରେ ହୁତୁହୁତୁ ହୋଇ ଜଳିଲା ବୋହୂର ଜୁଇ। କାଠ ଯୋଗାଡ଼ କରିବାଠାରୁ ଆରମ୍ଭ କରି ସବୁ ବିଧିବିଧାନ କରି ଝିଅର ଶବରେ ନିଆଁ ଲଗାଇ ଦେଲେ ବାପଘରଲୋକ। ସାହି ପଡ଼ିଶାଠାରୁ ଆରମ୍ଭ କରି ଗାଁଲୋକଙ୍କ ପର୍ଯ୍ୟନ୍ତ ଦିନ ଦି'ପହରେ ସମସ୍ତଙ୍କ ଆଖି ସାମ୍ନାରେ ଏହା ଘଟିଥିଲେ ବି କେହି ପ୍ରତିବାଦ କରିବା ମୁଡ୍‌ରେ ନଥିଲେ। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିଥିଲେ ବି ଜୁଇରେ ନିଆଁ ଲାଗି ସାରିଥିବାରୁ ସେଠାରୁ ଫେରି ଆସିଥିଲା। ଭୋଗରାଇ ବ୍ଲକ୍ ଗୁନାଇବସାଣ ପଞ୍ଚାୟତ ଅଧୀନ ହରିପୁର ଗାଁରେ ଆଜି ଏପରି ଏକ ଅଭାବନୀୟ ଘଟଣା ଘଟିଛି। ଝିଅକୁ ନିର୍ଯାତନା ଦେଇ ହତ୍ୟା କରାଯିବା ପ୍ରତିବାଦରେ ବାପଘରଲୋକ ଏପରି କରିଛନ୍ତି। ମୃତ ମହିଳା ହେଲେ, ଗାଁର ସସ୍ମିତା ମାହାନା।

ସୂଚନାନୁଯାୟୀ, ଗତ ଗୁରୁବାର ଗାଁର ରାମକୃଷ୍ଣ ମାହାନାଙ୍କ ପତ୍ନୀ ସସ୍ମିତାଙ୍କ ଅସ୍ୱାଭାବିକ ମୃତ୍ୟୁ ହୋଇଥିଲା। ମାତ୍ର ସ୍ଥାନୀୟ କୁମ୍ଭାରମୁଳି ଗ୍ରାମର ସସ୍ମିତାଙ୍କ ବାପଘର ଲୋକେ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିବାରୁ ଭୋଗରାଇ ପୁଲିସ୍ ହସ୍ପିଟାଲ ପରିସରରୁ ସ୍ୱାମୀ ରାମକୃଷ୍ଣଙ୍କୁ ଉଠାଇ ନେଇଥିଲା। ଅନ୍ୟପଟେ ଗିରଫଦାରୀ ଭୟରେ ସସ୍ମିତାଙ୍କ ଶଶୁର ସୁରଥ ଏବଂ ଶାଶୂ ଘରେ ତାଲା ପକାଇ ଫେରାର୍ ହୋଇଯାଇଥିଲେ। ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ପରେ ସସ୍ମିତାଙ୍କ ଶବ କେହି ନବାକୁ ନ ଆସିବାରୁ ସସ୍ମିତାଙ୍କ ବାପା, ମା' ଓ ସଂପର୍କୀୟମାନେ ତାଙ୍କ ଶବକୁ ହରିପୁରସ୍ଥିତ ଶାଶୂଘରକୁ ନେଇଥିଲେ। କିନ୍ତୁ ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ମଧ୍ୟ ଶାଶୂଘର ପକ୍ଷରୁ କେହି ଶବ ଗ୍ରହଣ ନ କରିବାରୁ ସେମାନେ କ୍ଷୁବ୍ଧ ହୋଇଯାଇଥିଲେ। ପ୍ରତିବାଦରେ ସେମାନେ ଶାଶୂଘର ଆଗରେ ଜୁଇ ପ୍ରସ୍ତୁତ କରି ସସ୍ମିତାଙ୍କ ଶବକୁ ଜାଳି ଦେଇଥିଲେ।

## ପୁରୀରେ ପୁଲିସ୍ ଆଇନ ୩୦ ଧାରା ୯୦ ଦିନ ବଳବତ୍ତର

ପୁରୀ, ୬।୧୨(ସମିସ): ପୁଲିସ ଆଇନର ୩୦ ଧାରା ପୁରୀ ଜିଲ୍ଲାରେ ଲାଗୁ କରାଯାଇଛି। ଚଳିତବର୍ଷ ନଭେମ୍ବର ୨୮ ତାରିଖଠାରୁ ୨୦୨୫ ମସିହା ଫେବୃଆରୀ ୨୫ ତାରିଖ ପର୍ଯ୍ୟନ୍ତ ୯୦ ଦିନ ଧରି ପୁରୀ ଜିଲ୍ଲାର ସମସ୍ତ ପୁଲିସ ଷ୍ଟେସନ ଅଞ୍ଚଳ, ପୁରୀ ମ୍ୟୁନିସିପାଲିଟି, ପିପିଲି, କୋଣାର୍କ ଓ ନିମାପଡ଼ା ଏନ୍ଏସି ଅଞ୍ଚଳରେ ବଳବତ୍ତର ରହିବ। ଏହି ସମୟ ମଧ୍ୟରେ ବିନା ଅନୁମତିରେ ସଭା, ଶୋଭାଯାତ୍ରା, ମାଇକ୍ ବ୍ୟବହାରକୁ ବେଆଇନ ଘୋଷଣା କରାଯାଇଛି ବୋଲି ଏସ୍‌ପି ବିନୀତ ଅଗ୍ରୱାଲ ସୂଚନା ଦେଇଛନ୍ତି।



ଦୈନିକ 'ସକାଳ' ଖବରକାଗଜର
୪ର୍ଥ ସନକ୍ଷତ୍ର ଅବସରରେ ଶୁଭେଚ୍ଛା
ଓ ଶୁଭକାମନା ସହ ଉତ୍ତରୋତ୍ତର
ଉନ୍ନତି କାମନା କରୁଛି
ସୁବାସ ଚନ୍ଦ୍ର ସିଂ
ମେୟର
କଟକ ମହାନଗର ନିଗମ



ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ ସରିତା ଶତପଥି
ପଥୁରୀପଡ଼ା, ବାଙ୍କୀ, କଟକ
ଆବିର୍ଭାବ -୧୧/୦୭/୧୯୮୩
ତିରୋଧାନ -୨୮/୧୨/୨୦୨୪
ଆପଣଙ୍କର ଶ୍ରଦ୍ଧା ଓ ସ୍ନେହକୁ ଆମ୍ଭେମାନେ ସର୍ବଦା ମନେ ରଖିବୁ। ଆପଣଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରଭୁଙ୍କ ଚରଣରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ହତଭାଗ୍ୟ ସ୍ୱାମୀ ଜୟ ପ୍ରକାଶ, ଝିଅ ସରିତା, ମିଶ୍ର ପରିବାର ଓ ବନ୍ଧୁବାନ୍ଧବବର୍ଗ


■ କଳା ତାଲିକାଭୁକ୍ତ କମ୍ପାନୀକୁ କାମ ଦେଇଛି ବିଜେପି ସରକାର

# ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ

ଭୁବନେଶ୍ୱର, ୬।୧୨(ସମିସ): ସୁନ୍ଦରଗଡ଼ ସହରର ବିଜୁଳି ବନ୍ଧ ନିର୍ମାଣ କାର୍ଯ୍ୟରେ ବିଳମ୍ବ କରି ପୂର୍ବରୁ କଳା ତାଲିକାଭୁକ୍ତ ହୋଇଥିବା କମ୍ପାନୀ ୱାପ୍‌କସ୍‌କୁ ପୁଣି କାମ ଦେଇଛି ବିଜେପି ସରକାର। ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ୩୦୦କୋଟିର ନିର୍ମାଣ କାର୍ଯ୍ୟ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି। ଜନଜାତି ଐତିହ୍ୟ ଓ ସ୍ୱାଭିମାନ ଭବନ, ଜନଜାତି ଭାଷା ଏବଂ ସଂସ୍କୃତି ପ୍ରତିଷ୍ଠାନ, ଆଶ୍ରମ ସ୍କୁଲର ପାହ୍ୟାବନ୍ଧି ପ୍ରକଳ୍ପ ପାଇଁ ଏହାକୁ କାର୍ଯ୍ୟାଦେଶ ଦିଆଯାଇଥିବାରୁ ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଶୁକ୍ରବାର ଆଦିବାସୀ କଲ୍ୟାଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ବାସଭବନ ଘେରାଉ କରାଯାଇଛି। ଓଡ଼ିଶାବାସୀଙ୍କ ଅର୍ଥକୁ କଳା କମ୍ପାନୀକୁ ଟେକିଦେଇ ମନ୍ତ୍ରୀ ମୁନାଫା ପାଉଥିବା ଅଭିଯୋଗ କରି ଅଣ୍ଡାମାଡ଼ କରିଛନ୍ତି। ପ୍ରଦେଶ ଛାତ୍ର ସଂଗ୍ରେସ ସଭାପତି ରଣଜିତ ପାତ୍ରଙ୍କ ନେତୃତ୍ୱରେ ତୀବ୍ର ପ୍ରତିବାଦ କରି ବାସଭବନକୁ ପଚା ଟୋମାଟୋ ଫିଙ୍ଗି ପୁଲିସ ସହ ମୁହାଁମୁହିଁ ହୋଇଛନ୍ତି।

ଅଭିଯୋଗ ଅନୁଯାୟୀ, ଗତ ୨୨ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନଚରଣମାଝୀ ବିଧାନସଭାରେ ରଖିଥିବା ଉତ୍ତର ଅନୁଯାୟୀ ସୁନ୍ଦରଗଡ଼ ସହରର ବିଜୁଳି ବନ୍ଧ ନିର୍ମାଣ କାର୍ଯ୍ୟରେ ବିଳମ୍ବ କରିବାରୁ ୱାପ୍‌କସ୍ କମ୍ପାନୀକୁ ଗତ ମାର୍ଚ୍ଚ ୪ ତାରିଖରେ କଳା ତାଲିକାଭୁକ୍ତ କରାଯାଇଛି। ସେତେବେଳେ ସଚିବ ଥିବା ବିଷ୍ଣୁପଦ ସେଠୀଙ୍କ ସମୟରେ ଏହା ହୋଇଥିଲା। ହେଲେ ଗତ ଅକ୍ଟୋବରରେ ସେହି କଳା ତାଲିକାଭୁକ୍ତ କମ୍ପାନୀକୁ ପୁଣି ୩୦୦ କୋଟି ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିବାରୁ ତାଙ୍କ ଭୂମିକା ସନ୍ଦେହ ଘେରରେ ରହିଥିବା ଦଳ ଅଭିଯୋଗ କରିଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଲୋକସଭା ପ୍ରାର୍ଥୀ ୟାସିର ନୱାଜ କହିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ସମେତ, ଆଦିବାସୀ କଲ୍ୟାଣ ମନ୍ତ୍ରୀ ଓ ସଚିବ ଆଦିବାସୀ ଓ ଦଳିତ ବର୍ଗରୁ ପ୍ରତିନିଧିତ୍ୱ କରୁଥିଲେ ମଧ୍ୟ ଆଦିବାସୀ ଓ ଦଳିତ ଲୋକଙ୍କ ଟଙ୍କା ହଡ଼ପ କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି। ବିଜେପିକୁ କଳା ଦଳ ଓ ସରକାରକୁ କଳା ସରକାର କହି ସମାଲୋଚନା କରିଛନ୍ତି। ସରକାର ତୁରନ୍ତ କାର୍ଯ୍ୟାଦେଶ ପ୍ରତ୍ୟାହର ନକଲେ ଆନ୍ଦୋଳ ତୀବ୍ରତର କରିବାକୁ ଦଳ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ମନୋଜ ବିଶ୍ୱାଳ, ଅଜୟ ସାହୁ, ମହମ୍ମଦ ଗୁଲଫାମ୍, ନିହାର ବେହେରା, ଗଣେଷ ଦାସ, ମିର୍ଜା ଇସ୍‌ଲାମ୍ ବେଗ୍, ଆଶିଷ ମହନ୍ତ, ମହମ୍ମଦ ପରଭେଜ୍, ଗୋପନ ମାର୍ଥା, ବାବୁ ଜେନା, ବଳରାମ ନନ୍ଦ, କାର୍ତ୍ତିକ କାଣ୍ଡି, ଲିପିକା ପାତ୍ର, ସୁରଜ ରାଉତଙ୍କ ସହ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।




Sreeram Hospital
Dr. Jadunath Dash (Med. TB & Chest)
Dr. Shakti Prasad Sahoo (Laproscopic Surgeon)
Dr. Umesh Ray (General & Lap. Surgeon)
Dr. Sujata Mishra (Gynaecologist)
Dr. Girish Chandra Bhanja (Gynaecologist)
Dr. Sandeep Mishra (Gynaecologist)
Dr. Ankita Pattnaik (Gynaecologist)
Dr. Susanta Ku. Sren (Orthopedic)
Dr. Alekh Kumar Bose (Gynaecologist)
Dr. Sanjay Das (Orthopedic)
Dr. Sisir Kumar Sahoo (Orthopedic)
Dr. Amit Ku. Prusty (Dental)
Dr. Diptikanta Dora (ENT)
Dr. Gayadhar Pradhan (Orthopedic)
Dr. Niranjan Mishra (Dental & Maxillary Surgery)
Dr. Ranjan Kumar Rout (Cardiology)
Facilities
- General Surgery
- Laproscopic Surgery
- Obst. Gynaec Surgery
- Orthopedic Surgery
- Plastic Surgery
- Uro-Surgery
- ENT-Surgery
- Pediatric Surgery
- Spine Surgery
- Medicine Store
Consultation
Gunaec, Medicine
Pediatric, Urology
ENT
Dental, Cardiology
Diabetics
Pathology Investigation
ECG & X-ray
Mob.: 9338586074, 9658556585, 9337194626
Email: drpnswain@gmail.com



ଦୈନିକ 'ସକାଳ' ଖବରକାଗଜର
୪ର୍ଥ ସନକ୍ଷତ୍ର ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ସହ ଉତ୍ତରୋତ୍ତର ଉନ୍ନତି କାମନା କରୁଅଛୁ

ମହେନ୍ଦ୍ର କୁମାର ନାୟକ
ପ୍ରତିଷ୍ଠାତା ସଭାପତି
କଟକ କ୍ରେଡିଟ୍ କୋ ଅପରେଟିଭ ସୋସାଇଟି ଲିଃ
ଲିଙ୍କ ରୋଡ, ଅରୁଣଦୋୟ ନଗର
କଟକ ୯୪୩୭୦୭୦୫୭୦


# ଶିମିଳିପାଳରୁ ପୁଣି ୨ ଶିକାରୀ ଗିରଫ

ବାରିପଦା, ୬।୧୨(ସମିସ): ଶିକାରୀ ଦାଉରୁ ବନ୍ୟଜନ୍ତୁଙ୍କୁ ସୁରକ୍ଷା ନିମନ୍ତେ ଶିମିଳିପାଳ ଅଭୟାରଣ୍ୟରେ ଖଞ୍ଜାଯାଇଥିବା କୃତ୍ରିମ ବୁଦ୍ଧିମତ୍ତା (ଏ.ଆଇ) କ୍ୟାମେରା ପୁଣି ୨ ଦୁର୍ଦ୍ଦାନ୍ତ ଶିକାରୀଙ୍କୁ ଧରା ପକାଇଛି। ଶିକାରୀଦ୍ୱୟ ହେଲେ, ଯଶିପୁର ଥାନା ଅନ୍ତର୍ଗତ କାନ୍ଦିବିଲ ଗ୍ରାମର ଲକ୍ଷ୍ମଣ ବାଦ୍ରା ଓ ପୂର୍ଣ୍ଣ ତିରିଆ। ଏମାନେ ମାରଣାସ୍ତ୍ର ଧରି ଜେନାବିଲ ବନଖଣ୍ଡ




ରେଞ୍ଜ ଅନ୍ତର୍ଗତ କୋର୍ ଅଞ୍ଚଳ ମଧ୍ୟକୁ ପ୍ରବେଶ କରିଥିଲେ। ସେମାନଙ୍କ ଫଟୋ କ୍ୟାମେରାରେ କଏଦ୍ ହେବା ପରେ ବନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଥିଲା। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଏସିଏଫ୍‌ଙ୍କ ନେତୃତ୍ୱରେ ବନ କର୍ମଚାରୀଙ୍କ ଏକ ଟିମ୍ ଶିକାରୀଦ୍ୱୟଙ୍କୁ ଚିହ୍ନଟ କରି ସେମାନଙ୍କୁ ସେମାନଙ୍କ ଘରୁ ଗିରଫ କରିଥିଲେ। ଏନେଇ ବନ ବିଭାଗ ଏକ ମାମଲା ରୁଜୁ କରି ଉଭୟଙ୍କୁ ଅଧିକ ପଚରାଉଚରା କରୁଛି। ଆସନ୍ତାକାଲି ସେମାନଙ୍କୁ କୋର୍ଟ ଚାଲାଣ କରାଯିବ। ସୂଚନା ଥାଉକି, ଦିନକ ପୂର୍ବରୁ ଶିକାର ଉଦ୍ଦେଶ୍ୟରେ ଶିମିଳିପାଳ ପ୍ରବେଶ କରିଥିବା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଡୁମାସାହି ଗ୍ରାମ କରଣ ମାର୍ଣ୍ଡି, ଜଳଡିହା ଗ୍ରାମର କାରୁ ହାଁସଦାଓ ବୁଧୁରାଇ ସୋରେନ(୨୮)ଙ୍କୁ ବନବିଭାଗ କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ନିକଟରୁ ୫ଟି ଦେଶୀ ବନ୍ଧୁକ ଓ ଅନ୍ୟାନ୍ୟ ଶିକାର ସାମଗ୍ରୀ ଜବତ ହୋଇଥିଲା।


ଜିଲ୍ଲା ସଂସ୍କୃତି ପରିଷଦ, ନବରଙ୍ଗପୁର
ମଣ୍ଡେଇ ବାର୍ତ୍ତା
ନବରଙ୍ଗପୁର ଜିଲ୍ଲା ର ପାରମ୍ପରିକ ଯାନିଯାତ୍ରା, ପର୍ବପର୍ବାଣି ମଧ୍ୟରେ "ମଣ୍ଡେଇ" ହେଉଛି ଏକ ଗଣପର୍ବ। ନବରଙ୍ଗପୁର ଜିଲ୍ଲା ର କଳା, ସଂସ୍କୃତି, ଐତିହ୍ୟ ଓ ନିଆରା ପରମ୍ପରା ପାରସ୍ପରିକ ସଦଭାବ ରଖିବାରେ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ଦୀର୍ଘବର୍ଷ ଧରି ଆମରି ଲୋକକଳା, ଲୋକବାଦ୍ୟ, ସାଂସ୍କୃତିକ ବୈଭବକୁ ସାରା ଦେଶରେ ଲୋକ ପ୍ରିୟ କରିବାରେ "ମଣ୍ଡେଇ ମହୋତ୍ସବ" ଗୁରୁ ଦାୟିତ୍ୱ ନିର୍ବାହ କରିଆସିଛି। "ମଣ୍ଡେଇ-୨୦୨୪" ଆସନ୍ତା ଚଳିତ ଡିସେମ୍ବର ମାସ ୬,୭ ଓ ୮ ତାରିଖରେ ମଣ୍ଡେଇ ପଡିଆ (ହିର୍ଲି) ଠାରେ ପାଳିତ ହେବାକୁ ଯାଉଅଛି। ଏହି ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ୬ ଠାରୁ ୧୦ତାରିଖ ପର୍ଯ୍ୟନ୍ତ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବ। ଏହି ଅବସରରେ ମୁଁ ନବରଙ୍ଗପୁର ଜିଲ୍ଲା ତଥା ପାର୍ଶ୍ୱବର୍ତ୍ତୀ ଜିଲ୍ଲାବାସୀଙ୍କୁ ମଣ୍ଡେଇ -୨୦୨୪ର ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ ସହ ଏହି ସାଂସ୍କୃତିକ ମହୋତ୍ସବରେ ବହୁ ସଂଖ୍ୟାରେ ଯୋଗଦେଇ ସନ୍ଧ୍ୟାକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ସମସ୍ତଙ୍କୁ ସ୍ୱାଗତ କରୁଛି।
ମଣ୍ଡେଇ ୨୦୨୪

ଡ଼ଃ ଶୁଭଙ୍କର ମହାପାତ୍ର
ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ
ନବରଙ୍ଗପୁର ଜିଲ୍ଲା

ପ୍ରକାଶ କୁମାର ମିଶ୍ର
ଉପ-ଜିଲ୍ଲାପାଳ ତଥା
ଅଧକ୍ଷ ନିୟନ୍ତ୍ରିତ ବଜାର କମିଟି
ନବରଙ୍ଗପୁର ଜିଲ୍ଲା

କପିଳେନ୍ଦ୍ର ସାସମଲ୍
ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି
ନବରଙ୍ଗପୁର ଜିଲ୍ଲା



ଦୈନିକ ଖବରକାଗଜ 'ସକାଳ' ଚାରିବର୍ଷ ମଧ୍ୟରେ ଓଡିଶାବାସୀଙ୍କ ପାଖରେ ବେଶ୍ ଆଦୃତ ହୋଇପାରିଛି। 'ସକାଳ'ର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ଏହାର ମୁଖ୍ୟ ସମ୍ପାଦକ, ସମସ୍ତ କର୍ମକର୍ତ୍ତା ଓ ସାମ୍ବାଦିକ ବନ୍ଧୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି।

ଶ୍ରୀଯୁକ୍ତ ଲିଙ୍ଗରାଜ ସାହୁ
ମୁଖ୍ୟ ପରିଚାଳକ
ରବିନ୍ ଟ୍ରେଡର୍ସ ତୁଳସୀପୁର
ଚାରିଛକ, ନିମାପଡା, ପୁରୀ



ଦୈନିକ ଖବରକାଗଜ 'ସକାଳ' ଚାରିବର୍ଷ ମଧ୍ୟରେ ଓଡିଶାବାସୀଙ୍କ ପାଖରେ ବେଶ୍ ଆଦୃତ ହୋଇପାରିଛି। 'ସକାଳ'ର ଚତୁର୍ଥ ସ୍ୱନକ୍ଷତ୍ର ଦିବସ ଅବସରରେ ଏହାର ମୁଖ୍ୟ ସମ୍ପାଦକ, ସମସ୍ତ କର୍ମକର୍ତ୍ତା ଓ ସାମ୍ବାଦିକ ବନ୍ଧୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି।

ପ୍ରଫେସର ଗୋପୀନାଥ କର
(ସଭାପତି)

ଶ୍ରୀଯୁକ୍ତ କାହ୍ନୁଚରଣ ବେହେରା
(ସମ୍ପାଦକ)
ମହର୍ଷି ମାୟାଧର ଦାସ ବରିଷ୍ଠ ନାଗରିକ ମଞ୍ଚ ଚାରିଛକ, ନିମାପଡା, ପୁରୀ



manishri
Refractories & Ceramics Pvt. Ltd.
OUR PRODUCTS:
• Bricks • Monolithic
• Special Refractories • Accessories
INDUSTRY APPLICATIONS:
• Iron & Steel
• Aluminium
• Cement
• Glass & Ceramic
• Zinc & Copper
• Petroleum & Petrochemicals
• Fertilizer & Chemicals
We provide the following services in the field of refractory.
• Refractory Lining Design
• Turnkey Installation
• Application and Maintenance of Refractory Lining Jobs
• Hot Repairs and Remedies
• Inspection and Testing
• Product Development
Works & Registered Office Madhupatna, Cuttuck-753010, Odisha, India
Phone: 91-671-2344544, 2344728,2344390
E-mail: mohantysatyajit@hotmail.com/info@manishri.com
website: www.manishri.com

# ଅବଶିଷ୍ଟାଂଶ...

## ଧୋଇଗଲା ଅଧାଦିନ...

ବିଚାରାଧୀନ ରହିଛି। ତେଣୁ ନିୟମ ଅନୁସାରେ ବିଚାରାଧୀନ ଥିବା ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଗ୍ରହଣ କରାଯାଇ ପାରିବ ନାହିଁ। ତେଣୁ ବିରୋଧୀ ସଦସ୍ୟମାନେ ନିଜ ନିଜ ଆସନକୁ ଫେରିଯିବାକୁ ସେ ପରାମର୍ଶ ଦେଇଥିଲେ। ମାତ୍ର ବିରୋଧୀ ପୋଲାଭରମ୍ ସଂକ୍ରାନ୍ତ ଆଲୋଚନା ନିମନ୍ତେ ଅଡ଼ି ବସିବାରୁ ବାଚସ୍ପତି ସୁରମା ପାଢ଼ୀ ଅପରାହ୍ନ ୪ଟା ଯାଏ ଗୃହକୁ ମୁଲତବୀ ଘୋଷଣା କରିଥିଲେ।

କଂଗ୍ରେସ୍ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍ କହିଥିଲେ ଡବଲ ଇଞ୍ଜିନ୍ ସରକାର ଓଡିଶାର ସ୍ୱାର୍ଥକୁ ଅଣଦେଖା କରୁଥିବା ବେଳେ ରାଜ୍ୟ ସରକାର ଚୁପ୍ ବସିଛନ୍ତି। ସେପଟେ କେନ୍ଦ୍ର ସରକାର ଓଡିଶାକୁ ବିପଦ ମୁହଁକୁ ଠେଲି ଦେଇଛନ୍ତି। ପୋଲାଭରମ୍ ପ୍ରକଳ୍ପ ପାଇଁ ଆନ୍ଧ୍ରକୁ ଆଖିବୁଜା ସମର୍ଥନ ଦେବା ସହିତ ଶୀଘ୍ର ପ୍ରକଳ୍ପ ସାରିବା ପାଇଁ କେନ୍ଦ୍ର ସହଯୋଗ କରୁଛି । ଏହା ଅତ୍ୟନ୍ତ ଦୁଃଖଦାୟକ ବୋଲି ଶ୍ରୀ କାଡାମ୍ କହିଥିଲେ। ବିଜେଡିର ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ ଅଦାଲତରେ ବିଚାର ଚାଲିଥିବାରୁ ଆଲୋଚନା ହୋଇପାରିବ ନାହିଁ ବୋଲି ସରକାର ବାହାନା ନେଉଛନ୍ତି। ପ୍ରକଳ୍ପ ମାମଲା ବିଚାରାଧୀନ ଥିବା ବେଳେ କେନ୍ଦ୍ର ସରକାର ପ୍ରକଳ୍ପ ପାଇଁ ପାଣ୍ଠି ଦେଲେ, ଜାତୀୟ ପ୍ରକଳ୍ପ କିପରି ଘୋଷଣା କଲେ। ମାତ୍ର ଏଠାରେ ସରକାର ମାମଲା ବିଚାରାଧୀନ ଥିବା ବାହାନା କରୁଛନ୍ତି। ଦେଶର ବହୁତ କଥା ବିଚାରାଧୀନ ଅଛି। ତା ମାନେ କ'ଣ ସେଗୁଡିକ ସଂସଦ, ବିଧାନସଭାରେ ଆଲୋଚନା ହୋଇପାରିବ ନାହିଁ। ଏହା ବହୁତ ବଡ଼ ସମ୍ବେଦନଶୀଳ ପ୍ରସଙ୍ଗ। ଲୋକଙ୍କ ଜୀବନ ଜୀବିକା ବୁଡିଯିବ, ଜଙ୍ଗଲ, ଚାଷ ଜମି ଉଜୁଡି ଯିବ, ପରିବେଶ କ୍ଷତି ସହିବ। ଏହା ଉପରେ ଯଦି ଆଲୋଚନା ହେବ ନାହିଁ ତା ହେଲେ ଆଉ କ'ଣ ଆଲୋଚନା ହେବ। ଓଡିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ସରକାର ଆଲୋଚନା କରିବା ଆବଶ୍ୟକ ବୋଲି ଶ୍ରୀ ଆଚାର୍ଯ୍ୟ କହିଥିଲେ।

ଅନ୍ୟପକ୍ଷରେ ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଗୃହ ବାହାରେ କହିଥିଲେ ଯେ ମୁଁ ଗୁରୁବାର ଦିନ ପୋଲାଭରମ୍ ସମ୍ପର୍କିତ ଏକ ପ୍ରଶ୍ନ କରିଥିଲି। ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ଜଣାଇଛନ୍ତି ଯେ ପୋଲାଭରମ୍ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ମାଲକାନଗିରି ଜିଲ୍ଲା ପଛୁଆ ଜଳ ଦ୍ୱାରା ପ୍ରଭାବିତ ହେବ। ୨୦୧୧ ମସିହାରେ ସୁପ୍ରିମ୍ କୋର୍ଟଙ୍କ ଦ୍ୱାରା ଗଠିତ ଗୋପାଳକୃଷ୍ଣ କମିଟି ଦ୍ୱାରା ସମ୍ଭାବ୍ୟ କ୍ଷୟକ୍ଷତି ଆକଳନ କରାଯାଇଥିଲା ଏବଂ ଓଡିଶା ଦ୍ୱାରା ଏହା ଗ୍ରହଣୀୟ ନୁହେଁ। ସର୍ବୋଚ୍ଚ ନ୍ୟାୟାଳୟରେ ଓଡିଶା ସରକାର ଆପତ୍ତି ଉଠାଇଥିଲେ। ପରେ ୨୦୨୨ରେ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଅନୁସାରେ ଆନ୍ଧ୍ର ସରକାରଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଓଡିଶା ସରକାର ଉଦବେଗ ପ୍ରକାଶ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି। ଶ୍ରୀ ସ୍ୱାଇଁ କହିଛନ୍ତି, ଗତକାଲି ଯେଉଁ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଉତ୍ତର ରଖୁଛନ୍ତି, ଆଜି ତାହା ଆଲୋଚନା କରିବାକୁ ପଛଘୁଞ୍ଚା ଦେଉଛନ୍ତି।

## ଓଡ଼ିଶାର ସ୍ୱାର୍ଥ ପାଇଁ...

ପରିଦର୍ଶନ ସହ ଅନୁଧ୍ୟାନ କରିଛନ୍ତି । ସେହିପରି ଗତ ୩ ଦିନ ହେଲା ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଓ ରାଜ୍ୟସଭା ସଦସ୍ୟମାନେ ଦିଲ୍ଲୀରେ ବିଭିନ୍ନ ମନ୍ତ୍ରଣାଳୟ, ଜଳ ଆୟୋଗ, ଆଦିବାସୀ କମିଶନ ଆଦିଙ୍କୁ ଭେଟି ଆନ୍ଧ୍ରର ମନମାନି ଯୋଗୁଁ ଓଡ଼ିଶାର ବିପୁଳ କ୍ଷତି ସମ୍ପର୍କରେ ଅବଗତ କରିଛନ୍ତି। ଏହା ସହିତ ଆନ୍ଧ୍ରର ଏକତରଫା କାର୍ଯ୍ୟ ଉପରେ ଅଙ୍କୁଶ ଲଗାଇବାକୁ ଦାବି କରିଛନ୍ତି ।

## ସାର୍ବଜନୀନ ପରୀକ୍ଷା...

ସଦସ୍ୟମାନେ ଦାବି କରିଥିଲେ। ତେବେ ବିରୋଧୀଙ୍କ ଅଭିଯୋଗ ଅମୂଳକ ଏବଂ ପିଲାମାନଙ୍କ ସୁରକ୍ଷିତ ଭବିଷ୍ୟତ ପାଇଁ ଏହି ଆଇନ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୁକ୍ତି ବାଢ଼ିଥିଲେ।

ଆଲୋଚନାରେ ଭାଗନେଇ ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ, ନିଯୁକ୍ତି ପରୀକ୍ଷାରେ ଅନିୟମିତତା ରୋକିବା ପାଇଁ ଆଇନ ଆସିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ସରକାର ଯେଉଁ ବିଧେୟକ ଆଣିଛନ୍ତି, ସେଥିରେ ବହୁ ଦୋଷଦୁର୍ବଳତା ରହିଛି। ତେଣୁ ଗୃହରେ ଆଲୋଚନା ପରେ ସେଗୁଡ଼ିକ ସଂଶୋଧନ ହେବା ଆବଶ୍ୟକ। ବଡ଼ କଥା ହେଉଛି, ଏଥିରେ ଦୋଷୀ ସାବ୍ୟସ୍ତ ହେଲେ ପିଅନ ପାଇଁ ଯେତିକି ଜୋରିମାନା, ପ୍ରଥମ ଶ୍ରେଣୀ ପାହ୍ୟାର ଅଧିକାରୀ ପାଇଁ ମଧ ସମାନ ଦଣ୍ଡ ବିଧାନ ବ୍ୟବସ୍ଥା ଅଛି। ଅର୍ଥାତ୍ ମାଷ୍ଟରମାଇଣ୍ଡକୁ ଯେତିକି ଦଣ୍ଡ, ଛୋଟ ଭୁଲ୍ କରିଥିବା କର୍ମଚାରୀଙ୍କୁ ବି ସେତିକି ଦଣ୍ଡ। ଏହା କି ପ୍ରକାର ନ୍ୟାୟ? ସେହିପରି ପ୍ରଶ୍ନପତ୍ର ଲିକ୍, ନିଯୁକ୍ତି ପାଇଁ ଅର୍ଥ ସଂଗ୍ରହ ସଂଗଠିତ ଅପରାଧ ଭାବେ ବିବେଚନା ହେବା ଜରୁରୀ; କିନ୍ତୁ ଏଥିରେ ସେପରି ବ୍ୟବସ୍ଥା ନାହିଁ। ଅପରପକ୍ଷେ ବିଚାର ପ୍ରକ୍ରିୟାରେ ମଧ ବହୁ ସମୟ ଅପଚୟ ହେବ। ତେଣୁ ଏହି ଆଇନ୍ ଏକ ଦାନ୍ତ ବିହୀନ ବାଘ ସଦୃଶ ହେବ ବୋଲି ଶ୍ରୀ ସ୍ୱାଇଁ କହିଥିଲେ।

ବିଜେଡି ସଦସ୍ୟ ଗଣେଶ୍ୱର ବେହେରା କହିଥିଲେ, ଉକ୍ତ ବିଧେୟକ ଆଗତ କରି ନିଯୁକ୍ତି ପ୍ରକ୍ରିୟାରେ ଅନିୟମିତତାକୁ ନେଇ ମୁଖ୍ୟମନ୍ତ୍ରୀ ଯେଉଁ ଆରୋପ ଲଗାଇଛନ୍ତି ତାହା ଅସତ୍ୟ, ଅର୍ଦ୍ଧସତ୍ୟ ଏବଂ ଅତିରଞ୍ଜିତ। ନିଯୁକ୍ତି ପ୍ରକ୍ରିୟାରେ ଦୁର୍ନୀତି ନେଇ ଯେତେବେଳେ ବି ଅଭିଯୋଗ ଆସିଛି, ପୂର୍ବ ସରକାର ତାହାର ବିଧିବଦ୍ଧ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ବିରଞ୍ଚି ନାରାୟଣ ସାହୁ ହେଉଛନ୍ତି ଏହାର ଶ୍ରେଷ୍ଠ ଉଦାହରଣ। ପୂର୍ବତନ ମୁଖ୍ୟମନ୍ତ୍ରୀ ତାଙ୍କୁ କାର୍ଯ୍ୟରୁ ଅନ୍ତର କରିବା ସହିତ ଗିରଫ କରି ଜେଲ୍‌ରେ ପୁରାଇଥିଲେ। କିଛି ଦିନ ପୂର୍ବେ ବିଜେପି ସରକାର ୧୬ ହଜାର ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନିଯୁକ୍ତିପତ୍ର ବାଣ୍ଟିଥିଲେ। ଏଥିପାଇଁ ପୂର୍ବ ସରକାର ଗତ ଜାନୁଆରୀ ମାସରେ ପରୀକ୍ଷା କରାଇଥିଲେ। ହେଲେ ଏହାକୁ ନେଇ ବିଜେପି ସରକାର କୌଣସି ଦୁର୍ନୀତି କଥା ଉଠାଉ ନାହିଁ। ଖାଲି ପୂର୍ବରୁ ଅନୁଷ୍ଠିତ ନିଯୁକ୍ତି ମେଳାରେ ଦୁର୍ନୀତି ହୋଇଛି ବୋଲି କହିବା କେତେଦୂର ଗ୍ରହଣୀୟ? ଶ୍ରୀ ବେହେରା ଆହୁରି କହିଥିଲେ ଏହି ବିଲ ହେଉଛି ନିଟ୍ ପରୀକ୍ଷା ଘୋଟାଲାର ପ୍ରତିଫଳନ। ପୂର୍ବରୁ ହରିୟାନା ସରକାର ୨୦୨୧ରେ, କର୍ଣ୍ଣାଟକ ସରକାର ୨୦୨୨୩ରେ ସମାନ ଆଇନ୍ ଆଣିଛନ୍ତି। ସେହିପରି ଅନେକ ରାଜ୍ୟରେ ବହୁ ଆଗରୁ ପରୀକ୍ଷାରେ ସ୍ୱଚ୍ଛତା ରକ୍ଷା ପାଇଁ ଆଇନ ଆଣିଛନ୍ତି। ତେବେ ଓଡିଶା ସରକାର ଯେଉଁ ବିଧେୟକ ଆଣିଛନ୍ତି, ତାହା କେନ୍ଦ୍ର ସରକାରଙ୍କ ଆଇନର ଏକ ନକଲ ମାତ୍ର। ତଥାପି ଆମ ରାଜ୍ୟରେ ସରକାର ଏପରି ଆଇନ ଆଣନ୍ତୁ, ସମସ୍ୟା ନାହିଁ; ହେଲେ ସବୁ ଦିଗରୁ ବିଚାର କରି ଆଇନ ପ୍ରଣୟନ ହେବା ଆବଶ୍ୟକ ବୋଲି ଶ୍ରୀ ବେହେରା କହିଥିଲେ।

କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ସରକାର ବହୁ ତରବରିଆ ଭାବେ ଏହି ଆଇନ୍ ଆଣିବା ପାଇଁ ଉଦ୍ୟମ କରୁଛନ୍ତି। ଏହା ଠିକ୍ ନୁହେଁ। ଏଥିରେ ବହୁ ବ୍ୟତିକ୍ରମ ରହିଛି, ସେଗୁଡିକ ତର୍ଜମା କରାଯିବା ଆବଶ୍ୟକ। ପିଲାମାନଙ୍କ ଭବିଷ୍ୟତ ସୁରକ୍ଷିତ କରିବାକୁ ହେଲେ ଆମକୁ ଏକ କଠୋର ଆଇନ୍ ଆଣିବା ଜରୁରୀ। ଯଦି ଅପରାଧୀଙ୍କୁ ଉଚିତ ଦଣ୍ଡ ମିଳିବ ନାହିଁ, ତା'ହେଲେ ଅପରାଧ ଦମନ ହେବା ସହଜ ହେବନାହିଁ। ଏପରିସ୍ଥଳେ ଅଧିକ ଆଲୋଚନା ପାଇଁ ବିଧେୟକକୁ ସିଲେକ୍ଟ କମିଟିକୁ ପଠାଯିବା ଉଚିତ ବୋଲି ଶ୍ରୀ କାଡାମ୍ ଦାବି କରିଥିଲେ।

ଏହା ଉପରେ ଉତ୍ତର ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ସରକାର ଆଦୌ ତରବରିଆ ଭାବେ ଏହି ଆଇନ ଆଣୁ ନାହାନ୍ତି। ବିଚାରବିମର୍ଶ ପରେ ବିଧେୟକ ଉପସ୍ଥାପିତ ହୋଇଛି। ସିଲେକ୍ଟ କମିଟିକୁ ପଠାଗଲେ କେବଳ ସମୟ ଅପଚୟ ହେବ; କିଛି ଲାଭ ହେବନି। ପରୀକ୍ଷା ପରିଚାଳନା କରୁଥିବା ସରକାରୀ ଅନୁଷ୍ଠାନ ହୁଅନ୍ତୁ ଅବା ଘରୋଇ ସଂସ୍ଥା, କାହାକୁ ଛଡ଼ାଯିବ ନାହିଁ। ନୂଆ ଓଡିଶା, ସମୃଦ୍ଧ ଓଡିଶା ନିର୍ମାଣ ପାଇଁ ଏହି ଆଇନ କାର୍ଯ୍ୟକାରୀ ହେବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ କହିବା ସହିତ ବିଧେୟକକୁ ସମର୍ଥନ ପାଇଁ ବିରୋଧୀ ସଦସ୍ୟଙ୍କୁ ନିବେଦନ କରିଥିଲେ। ଶାସକ ଦଳର ସଭ୍ୟମାନେ ଆଲୋଚନାରେ ଭାଗନେଇ ବିଲ୍‌କୁ ସମର୍ଥନ ଜଣାଇଥିଲେ।

## ସିଂଘଭୀଙ୍କ ଆସନରୁ...

ମଧ୍ୟରେ କଥା କଟାକଟି ହୋଇଛି। ଶେଷରେ ସନ୍ଧ୍ୟାରେ ଗୃହକୁ ସ୍ଥଗିତ ରଖା ଯାଇଥିଲା। କଂଗ୍ରେସ ସାଂସଦ ଅଭିଷେକ ମନୁ ସିଂଘଭୀଙ୍କ ଆସନରୁ ଟଙ୍କା ବିଡ଼ା ମିଳିଥିବା ନେଇ ଆଜି ଧନଖର କହିଥିଲେ। ଏ ନେଇ ଗୁରୁବାର ସନ୍ଧ୍ୟାରେ ଗୃହର ସୁରକ୍ଷା ଅଧିକାରୀ ସୂଚନା ଦେଇଥିଲେ। ୨୨୨ ନଂ ଆସନରୁ ଟଙ୍କା ମିଳିଥିବା କହିଥିଲେ। ଏହି ଆସନ ସିଂଘଭୀଙ୍କୁ ଦିଆଯାଇଛି। ପରେ ବିଜେପି ଏହାର ତଦନ୍ତ ଦାବି କରିଥିଲା। ମାତ୍ର କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଉପ-ରାଷ୍ଟ୍ରପତିଙ୍କ ସାର୍ବଜନୀନ ଘୋଷଣାକୁ ବିରୋଧ କରିଥିଲେ। ତଦନ୍ତ ପୂର୍ବରୁ ନାମ ନେବା ଉଚିତ ନୁହେଁ ବୋଲି କହିଥିଲେ। ଏଭଳି କାମ କରାଯାଇ ଦେଶର ନାମକୁ ବଦନାମ କରାଯାଉଥିବା କହିଥିଲେ। ତେବେ ଉଚ୍ଚସ୍ତରୀୟ କମିଟି ଏହି ମାମଲାର ତଦନ୍ତ କରୁଛି। ଏଥିରେ ସୁରକ୍ଷା ଏଜେନ୍ସିର ଅଧିକାରୀଙ୍କ ସହିତ ରାଜ୍ୟସଭା ସଚିବାଳୟ ଅଧିକାରୀ ଏବଂ ବରିଷ୍ଠ ସାଂସଦ ସାମିଲ ଅଛନ୍ତି। କମିଟି ସିସିଟିଭି ଫୁଟେଜ ଆଧାରରେ ଯାଞ୍ଚ କରୁଛି।

ଅନ୍ୟପକ୍ଷରେ ସିଂଘଭୀ ଏହି ମାମଲାରେ ସ୍ପଷ୍ଟୀକରଣ ଦେଇଛନ୍ତି। ସେ ରାଜ୍ୟସଭାକୁ ଗଲାବେଳେ କେବଳ ୫୦୦ ଟଙ୍କା ନେଇ ଯାଇଥାଆନ୍ତି। ପ୍ରଥମ ଥର ପାଇଁ ସେ ଏପରି ଶୁଣୁଛନ୍ତି। ସେ ଗୁରୁବାର ୧୨ଟା ୫୭ରେ ସଦନକୁ ଯାଇଥିଲେ। ଏହା ପରେ କ୍ୟାଣ୍ଟିନ ଯାଇ ୧ଟା୩୦ରେ ଫେରି ଆସିଥିଲେ। ବିଜେପି ସମାଲୋଚନାକୁ ସିଂଘଭୀ କଡ଼ା ଜବାବ ଦେଇଛନ୍ତି। ସେ ୭୧୪ କୋଟି ଟଙ୍କାର ଟିକସ ପୈଠ କରୁଥିବା କହିଛନ୍ତି। ଏତେ ଟଙ୍କା ପୈଠ କରିବାର ସାହସ ଅଛି କି ବୋଲି ବିଜେପିକୁ ପଚାରିଛନ୍ତି। ଏହି ମାମଲାକୁ ନେଇ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଆଦାନୀ ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ଏପରି ଷଡ଼ଯନ୍ତ୍ର କରାଯାଇଛି। କେହି ୫୦ ହଜାର ଟଙ୍କା ରଖିଦେଲେ ଅପରାଧ ନୁହେଁ। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ସାଂସଦ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଭେଟିଛନ୍ତି। ଏଜେନ୍ସି ଦ୍ୱାରା ଯାଞ୍ଚ କିମ୍ବା ଜେପିସି ତଦନ୍ତ ପାଇଁ ଜୟରାମ ରମେଶ ଦାବି କରିଛନ୍ତି।

## ୩୫୦୦ ଟଙ୍କା ଭତ୍ତା...

ଶ୍ରୀ ଗଣ୍ଡ କହିଛନ୍ତି ଯେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅଧିନରେ ୮୦ ବର୍ଷ କିମ୍ବା ତଦୁର୍ଦ୍ଧ୍ୱ ବୟସ୍କ ଭତ୍ତାଧାରୀଙ୍କ ସଂଖ୍ୟା ୧,୫୫,୭୦୯ ଓ ମଧୁବାବୁ ପେନସନ୍ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ୨,୧୪,୩୬୮ ରହିଛି। ଏହାସହ ଏହି ଲୋକମାନଙ୍କୁ ୩୫୦୦ ଟଙ୍କା ଭତ୍ତା ଦେବା ସଂକ୍ରାନ୍ତରେ ସରକାର ବିଚାର କରୁଛନ୍ତି ବୋଲି ମଧ ଶ୍ରୀ ଗଣ୍ଡ ବିଧାନସଭାରେ ସୂଚନା ଦେଇଛନ୍ତି। ମନ୍ତ୍ରୀ ଶ୍ରୀ ଗଣ୍ଡଙ୍କ ଘୋଷଣା ଏବେ ହିତାଧିକାରୀଙ୍କ ସହ ଚିନ୍ତାକୁ ବଢ଼ାଇ ଦେଇଛି।

ବିଧାନସଭାରେ ୩୫୦୦ ଟଙ୍କା ପ୍ରଦାନ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ ଇତି ମଧ୍ୟରେ ୫ ମାସ ପୂରିବାକୁ ବସିଲାଣି। ବର୍ଦ୍ଧିତ ଭତ୍ତା ରାଶି ମିଳିବ ବୋଲି ହିତାଧିକାରୀମାନେ ପ୍ରତିମାସରେ ଚାହିଁ ବସିଥିବା ବେଳେ, ବିଭାଗୀୟ ମନ୍ତ୍ରୀଙ୍କ ଆଜିର ଉତ୍ତର ସେମାନଙ୍କୁ ଗଭୀର ନିରାଶା ଆଣିଦେଇଛି। ସରକାର ଏପରି ଆଚରଣ କରି କେବଳ ଆମକୁ ପରିହାସ କରୁଛନ୍ତି ବୋଲି ଜୀବନର ସାୟାହ୍ନରେ ପହଞ୍ଚିଥିବା ଅସହାୟ ବୃଦ୍ଧ, ବୃଦ୍ଧାମାନେ କ୍ଷୋଭ ପ୍ରକାଶ କରିଛନ୍ତି। ରାଜ୍ୟ ସରକାର ଯେପରି ଢଙ୍ଗରେ ନିଜ ପ୍ରତିଶ୍ରୁତିରୁ ଓହରି ଯାଉଛନ୍ତି, ତାହା ଅତ୍ୟନ୍ତ ଦୁଃଖଦାୟକ। ସମାଜର ସବୁଠାରୁ ଦୁର୍ବଳ ବର୍ଗଙ୍କ ପ୍ରତି ରାଜ୍ୟ ସରକାରଙ୍କ ଏପରି ଛଳନା ରାଜ୍ୟ ସରକାରଙ୍କ ପାଇଁ ମହଙ୍ଗା ପଡ଼ିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି।

# ଯାତ୍ରା ଅଶ୍ଳୀଳତାରେ ପଡ଼ିବ ପୂର୍ଣ୍ଣଚ୍ଛେଦ

**ଖୁବ୍‌ଶୀଘ୍ର ସରକାର ଆଣିବେ ମାର୍ଗଦର୍ଶିକା**

**ଭୁବନେଶ୍ୱର, ୬।୧୨(ସମିସ):** ଯାତ୍ରା ମଞ୍ଚରେ ଆଉ ଅଶ୍ଳୀଳ ନୃତ୍ୟ ପରିବେଷଣ ହେବନି। ଡାଏଲଗ୍‌ରେ ବି କେହି ଦ୍ୱି-ଅର୍ଥବୋଧକ ଶବ୍ଦର ବ୍ୟବହାର କରିପାରିବେନି। ଯାତ୍ରା ବହିରେ ଲେଖାଯାଉଥିବା ଡାଏଲଗ୍‌କୁ ମଧ କଳାକାର ବଦଳାଇ ନିଜ ମନକୁ ସେଥିରେ ଏଣୁତେଣୁ କିଛି ଯୋଡ଼ି କହିପାରିବେନି। ଯାତ୍ରାର ପୂରା ମାନଦଣ୍ଡ ସ୍ଥିର କରାଯିବ। ଯେଉଁମାନେ ଯାତ୍ରାରେ ଓଡ଼ିଶାର କଳା ଓ ସଂସ୍କୃତିକୁ ଅପଭ୍ରଂଶ କରିବାକୁ ଚେଷ୍ଟା କରିବେ, ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଯାତ୍ରାରୁ ଅଶ୍ଳୀଳତା ହଟାଇବା ପାଇଁ ରାଜ୍ୟ ସରକାର ଏପରି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଥିପାଇଁ ସରକାର ଖୁବ୍‌ଶୀଘ୍ର ଯାତ୍ରା ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଆଣିବାକୁ ଯାଉଛନ୍ତି ବୋଲି କହିଛନ୍ତି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ବିଧାନସଭାରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ସୂରଜ ଏହି ଉତ୍ତର ରଖିଛନ୍ତି।

ବିଧାୟକ ଶ୍ରୀ ବାହିନୀପତି ଯାତ୍ରା ପାର୍ଟିରେ ଅଶ୍ଳୀଳ ନୃତ୍ୟ ପରିବେଷଣ ଉପରେ ରୋକ୍ ଲଗାଇବାକୁ ରାଜ୍ୟ ସରକାର କ'ଣ ଠୋସ୍ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରଶ୍ନ କରିଥିଲେ। ଲୋକେ ଛୋଟ ପିଲା ଓ ପରିବାର ସହ ଯାତ୍ରା ଦେଖିବାକୁ ଯାଉଛନ୍ତି। କିନ୍ତୁ ଯାତ୍ରା ମଞ୍ଚରେ ଯେଉଁଭଳି ଅଶ୍ଳୀଳତା ପ୍ରଦର୍ଶନ ହେଉଛି, ତାହା ଆମ ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ। ତେଣୁ ଏଥିପାଇଁ ତୁରନ୍ତ ଆଇନ ଆସିବା ସହ ଏହା ବନ୍ଦ ହେବା ଦରକାର ବୋଲି ଶ୍ରୀ ବାହିନୀପତି କହିଛନ୍ତି। ବିଧାୟକ ଅକାଶ ଦାସନାୟକ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ ଯାତ୍ରାରେ ଅଶ୍ଳୀଳତା ଦେଖାଯାଉଛି। ଯେଉଁ କିଛି ଜଣ ଏଭଳି କରୁଛନ୍ତି, ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଉଚିତ। ଯାତ୍ରା କଳାକାରଙ୍କୁ ସମ୍ମାନ ମଧ ଦିଆଯିବା ଉଚିତ। ସେହିପରି ଓଡ଼ିଶାରେ ସିନେମା ହଲ୍ ସଂଖ୍ୟା ବଢ଼ିବା ସହ ନୂଆ ଚଳଚ୍ଚିତ୍ର ନୀତି ଆସିବା ଉଚିତ୍। ସେଥିରେ ଓଡ଼ିଆ ଫିଲ୍ମର ଅଭିବୃଦ୍ଧିକୁ ଦୃଷ୍ଟିଦେବା ସହ ହଲ୍ ଖୋଲିବା ପାଇଁ ମାଲିକମାନଙ୍କୁ ଅଧିକରୁ ଅଧିକ ପ୍ରୋତ୍ସାହନ ଯୋଗାଇଦେବା ଦରକାର ବୋଲି ବିଧାୟକ ଶ୍ରୀ ଦାସନାୟକ କହିଛନ୍ତି।

# ଓଡ଼ିଶାରେ ଆଉ ୮ କେନ୍ଦ୍ରୀୟ ବିଦ୍ୟାଳୟ

**ଭୁବନେଶ୍ୱର, ୬।୧୨(ସମିସ):** ଓଡ଼ିଶାରେ ଖୋଲିବ ଆଉ ୮ଟି କେନ୍ଦ୍ରୀୟ ବିଦ୍ୟାଳୟ। ସମ୍ବଲପୁର ଜିଲ୍ଲାର କୁଚିଣ୍ଡା, ଅନୁଗୁଳର ତାଳଚେର ଓ ଆଠମଲ୍ଲିକ, ଢେଙ୍କାନାଳର କାମାକ୍ଷାନଗର, ଖୋର୍ଦ୍ଧାର ଆଇଟିବିପି ଖୋର୍ଦ୍ଧା, କୋରାପୁଟର ଜୟପୁର, ବଲାଙ୍ଗିରର ରେଲ୍‌ୱେ ଟିଟିଲାଗଡ଼ ଓ ପାଟଣାଗଡ଼ରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି(ସିସିଇଏ) ବୈଠକରେ ଏହାକୁ ମଞ୍ଜୁରୀ ମିଳିଛି। ଏହାସହ ଦେଶରେ ୮୫ଟି କେନ୍ଦ୍ରୀୟ ବିଦ୍ୟାଳୟ ଓ ୨୮ଟି ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଞ୍ଜୁରୀ ମିଳିଛି। କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ପ୍ରାୟ ୫୮୭୨ କୋଟି ଓ ନବୋଦୟ ବିଦ୍ୟାଳୟ ପାଇଁ ପ୍ରାୟ ୨୩୫୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏଥିପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ କହିଛନ୍ତି, ଏକବିଂଶ ଶତାବ୍ଦୀର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାରେ ଏହା ମାଇଲ ଖୁଣ୍ଟ। ବିଦ୍ୟାଳୟ ସ୍ତରରେ ଗୁଣାତ୍ମକ ଶିକ୍ଷାଦାନ ହେବ। ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୃଷ୍ଟି ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

## ୫ ବର୍ଷରେ ପଞ୍ଜୀକରଣ କରିଛନ୍ତି ୧୨୧୩୯୨୪ ଜଣ

## ମାତ୍ର ୨୨୭୪ ଜଣଙ୍କୁ ନିଯୁକ୍ତି

**ଭୁବନେଶ୍ୱର,୬।୧୨(ସମିସ):** ବିଗତ ୫ ବର୍ଷ ଅର୍ଥାତ୍ ୨୦୧୯-୨୦ରୁ ୨୦୨୩-୨୪ ମଧ୍ୟରେ ମୋଟ ୧୨୧୩୯୨୪ ଜଣ ଏଚଏସଇ, ସିଏଚଏସଇ, ଯୁକ୍ତ ତିନି, ମାଷ୍ଟର ଡିଗ୍ରୀ ଓ ବୈଷୟିକ ଉତ୍ତୀର୍ଣ୍ଣ ପ୍ରାର୍ଥୀ ଓ ପ୍ରାର୍ଥିନୀ ସେମାନଙ୍କ ନାମ ପଞ୍ଜୀକରଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୨୨୭୪ ଜଣ ଯୁବକ ଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ବିଧାୟକ ସାରଦା ପ୍ରସାଦ ନାୟକଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉପରୋକ୍ତ ସୂଚନା ଦେଇଛନ୍ତି।

# ଗୃହରେ ୧୦ଟି ପ୍ରାଇଭେଟ ମେମ୍ବର୍ସ ବିଲ୍ ଏବଂ ୨ଟି ସଂକଳ୍ପ ଆଗତ

**ଭୁବନେଶ୍ୱର,୬।୧୨(ସମିସ):** ଶୁକ୍ରବାର ବିଧାନସଭାରେ ମୋଟ ୧୦ଟି ପ୍ରାଇଭେଟ ମେମ୍ବର୍ସ ବିଲ୍ ଆଗତ ହୋଇଛି। ତନ୍ମଧ୍ୟରୁ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ସୌଭିକ୍ ବିଶ୍ୱାଳ ସର୍ବାଧିକ ୪ଟି ଲେଖାଏଁ ବିଲ୍ ଆଣିଥିବା ବେଳେ ବିଧାୟକ ସନ୍ତୋଷ ଖଟୁଆ ଏବଂ ଡ. ଅରୁଣ ସାହୁ ଗୋଟିଏ ଲେଖାଏଁ ବିଲ୍ ଗୃହରେ ଉପସ୍ଥାପିତ କରିଛନ୍ତି।

ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓଡ଼ିଶା ନିଶା ନିବାରଣ ବିଲ୍, ୨୦୨୪, ଓଡ଼ିଶା ଅମାନୁଷିକ ମନ୍ଦ ଅଭ୍ୟାସ ରୋକିବା ଏବଂ ଗୁଣିଗାରେଡି ବିଲୋପ ବିଲ୍, ୨୦୨୪କୁ ଗୃହରେ ଉପସ୍ଥାପିତ କରିଛନ୍ତି। ସେହିପରି ସେ ଓଡ଼ିଶା ସହର କ୍ଷେତ୍ର ସଂରକ୍ଷଣ ଓ ସବୁଜ ବିକାଶ ବିଲ୍, ୨୦୨୪ ଓ ଓଡ଼ିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ରାଜ୍ୟ ଆୟୋଗ ବିଲ୍, ୨୦୨୪କୁ ମଧ ଉପସ୍ଥାପିତ କରିଛନ୍ତି। ବିଧାୟକ ସୌଭିକ୍ ବିଶ୍ୱାଳ ଓଡ଼ିଶା ଭୂପୃଷ୍ଠ ଜଳାଶୟରେ ମୂର୍ତ୍ତି ବିସର୍ଜନ ନିବାରଣ ବିଲ୍, ୨୦୨୪, ଓଡ଼ିଶା ନାରୀ ଶୋଷଣ ନିଷେଧ ବିଲ୍, ୨୦୨୪, ଓଡ଼ିଶା ଗୋ-ହତ୍ୟା ନିଷେଧ ଓ ଗୋ ସଂରକ୍ଷଣ ବିଲ୍, ୨୦୨୪ ଏବଂ ଓଡ଼ିଶା ପୌର(ସଂଶୋଧନ) ବିଲ୍, ୨୦୨୪କୁ ଗୃହରେ ଉପସ୍ଥାପନ କରିଛନ୍ତି। ବିଧାୟକ ସନ୍ତୋଷ ଖଟୁଆ ଓଡ଼ିଶା ଗୋ-ହତ୍ୟା ନିଷେଧ ଓ ଗୋ-ସଂରକ୍ଷଣ ବିଲ୍, ୨୦୨୪ ଏବଂ ବିଧାୟକ ଡ. ଅରୁଣ କୁମାର ସାହୁ ଓଡ଼ିଶା ପୌର(ସଂଶୋଧନ) ବିଲ୍, ୨୦୨୪କୁ ଗୃହରେ ଉପସ୍ଥାପିତ କରିଛନ୍ତି। ଏହାବ୍ୟତୀତ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଶାରଦା ପ୍ରସନ୍ନ ଜେନା ଦୁଇଟି ସଂକଳ୍ପ ଗୃହରେ ଆଗତ କରିଛନ୍ତି।


MAYURBHANJ COLLEGE OF ACCOUNTANCY & MANAGEMENT

Recognised by UGC Govt. of India, New Delhi Under 12(f) and 12(B) of UGC Act. 1956

AT- MAHARAJPUR, PO- TAKATPUR, BARIPADA, MAYURBHANJ-757003

COURSES OFFERED

+3 Arts with Hons, +3 Science with Hons & +3 Commerce with Hons

M.A. - ODIA, ENGLISH, EDUCATION, POLITICAL SCIENCE & PMIR

M. SC. - PHYSICS, CHEMISTRY, BOTANY, ZOOLOGY

INTEGRATED LAW (BA LLB Hons)

Eligibility: +2 Arts, Science, Commerce with 45% Marks & 40% for ST SC Students

Visit us: www.mcam.org.in | Email: pknayakmcam@gmail.com

MOB- 9437161128, 7978914846


## AFFIDAVIT

By virtue of an affidavit Before the executive magistrate Narasinghpur I Minaskhi Rout W/O:Late Dillip Kumar Pradhan of village/Post: Balihari,P.S:Kanpur,Dist:Cuttack do hereby I Want to change the name of my daughter in any of my husband's Army documents as Adyasa pradhan instead of Smruti Priyadarshini for all purposes.

## AFFIDAVIT

By Virtue of an Affidavit Sworn before Executive Magistrate Nimapada dated 19.12.2024 I Sumanta bal address at-Padhan sahi(Nageswar)po-Madhab,ps-Niali,dist-Cuttack,Pin-754004 Odisha . Declare that I have changed my name from kimat bal to sumanta bal Henceforth,I shall be known as Sumanta Bal for all purposes .

## AFFIDAVIT

I, KUNTALI MALLIK , w/o- KAMAL BHOI resident of DHULUSAR, Po - CHUDAPALI,Dist. - BALANGIR, Odisha declare before the Notary Balangir that in KUNTALI MALLIK & SAPNA BHOI in Which name i known before marrige is same person further in all purposes.

## AFFIDAVIT

I, Ratnakara Dora, S/o- Naridatya Dora, Father of Jeebita Dora, resident of Tepasahi, Badigaon, Po- Badigaon, Ps - Kasinagar, Dist - Gajapati, Pin -761206, Odisha, declare by this affidavit no -1032, dated-27/10/2024 that now onwards I shall be known as **RATNAKAR DORA** for all future purposes.

## AFFIDAVIT

I, Bijaya Kumar Biswal, S/o- Late Khetrabasi Biswal, residing at Plot No- 5/694, Bishnu Vihar, Balianta, Dist-Khordha, Pin- 752101, Odisha, declare by this affidavit No. 12091, dated-05/12/2024, that now onwards I shall be known as **BIJAY KUMAR BISWAL** for all future purposes.

## AFFIDAVIT

By virtue of an Affidavit sworn before the Executive Magistrate, Bhubaneswar, I Sanjay Routray hereby state that the name of my son aged about 14 yrs has been wrongly recorded as "Aiush Kumar Routaray" instead of "Ayush Routray" in his Aadhar Card bearing No. 8326 3001 3030. Since, Aiush Kumar Routaray and Ayush Routray are the one and same person, he will be known as "Ayush Routray" in all purposes.

Sd/- SANJAY ROUTRAY

**OFFICE OF THE SUPERINTENDING ENGINEER, RWSS DIVISION, KORAPUT** O-786

**Phone : 06852-250281, Email: eerwsskpt@rediffmail.com**

**2nd CORRIGENDUM TO TENDER CALL NOTICE NO. 06/SE/RWSS/KPT/2024-25/12.11.2024**

**CORRIGENDUM NO. 5253, DATE- 03.12.2024**

Due to some unavoidable circumstances the following alterations have been made in the time schedules of this office e-procurement NOTICE NO. 06/SE/RWSS/KPT/2024-25/12.11.2024.

| Sl. No. | TENDER CALL NOTICE NO. 06/SE/RWSS/KPT/ 2024-25/12.11.2024 | As per Scheduled | As per time schedule in 1st corrigendum | As per time schedule in 2nd corrigendum |
|---|---|---|---|---|
| 1 | Availability of Bid document in the website | Dt. 20.11.2024 at 17.00 hours to 29.11.2024 | Dt. 03.12.2024 at 17.00 hours to 12.12.2024 up to 17.00 hours | Dt. 10.12.2024 at 17.00 hours to 19.12.2024 up to 17.00 hours |
| 2 | Date of Seeking clarification | During the office hours of 20.11.2024 to 28.11.2024 | During the Office hours of 03.12.2024 to 11.12.2024 | During the office hours of 10.12.2024 to 18.12.2024 |
| 3 | Date of Opening of Bid | Dt. 30.11.2024 at 11.00 hours | Dt. 13.12.2024 at 11.00 hours | Dt. 20.12.2024 at 11.00 hours |

All other terms and conditions remain unaltered.

OIPR-25034/11/0013/2425

Superintending Engineer
RWS&S Division, Koraput

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**UPPER INDRAVATI RIGHT CANAL DIVN.NO.I**
**AT/PO: MUKHIGUDA, DIST: KALAHANDI**
**ODISHA, PIN: 766026**
**e-mail address: eeuircd1@gmail.com** A-674

1. Type of Work : **Canal & Building works.**
2. Total No. of Works : **04 nos.**
3. Estimated Cost : **Rs.7.00 lakh to Rs.26.78 lakh (excluding GST)**
4. Period of Completion : **06 (Six) calendar months**
5. Class of contractor : **'D', 'C' & 'B' Class**

| Procurement Officer | e-Procurement No. | Bid Amount | Availability & Submission of Bids on line. |
|---|---|---|---|
| SUPERINTENDING ENGINEER UPPER INDRAVATI RIGHT CANAL DIVISION NO. I AT/PO: MUKHIGUDA, DIST. KALAHANDI ODISHA, PIN: 766026 | SE, RCD-I-04(01-04)/ 24-25 Dt.03.12.2024 | Rs.7.00 lakh to Rs.26.78 lakh (excluding GST) | From 09.12.2024,10AM to 18.12.2024, 05.00 P.M. |

Date of opening of bid: **Dt-19.12.2024 at 11.00 AM** in the O/O the Superintending Engineer, UI Right Canal Division No-I, Mukhiguda, Kalahandi, Odisha, PIN-766026.

Further details can be seen from the Govt. Website www.tendersorissa.gov.in

OIPR-32193/11/0006/2425

Superintending Engineer
UI Right Canal Division No.I
Mukhiguda, Kalahandi

**EASTERN INVESTMENTS LIMITED**

CIN:L65993OR1927GOI034842

**Registered office:** Plot No. 255, Pristine Green, Pokhariput, Bhubaneswar, Odisha-751001, **Tel. No.** 0674-2391595, **website: www.birdgroup.co.in Email: omdc.sec.dept@gmail.com**

**NOTICE TO THE SHAREHOLDERS OF 97th ANNUAL GENERAL MEETING OF EASTERN INVESTMENTS LIMITED.**

**Notice** is hereby given that the 97th Annual General Meeting (AGM) of Eastern Investments Limited (the 'Company') will be held on Saturday, 28th December, 2024 at 11:30 A.M. IST through video conferencing (VC)/other audio-visual means (OAVM), to transact the business as set out in the Notice. In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 97th AGM and Annual Report containing the financial statements for FY 2023-24, Auditors' Report thereon, Board's Report and other documents, have been sent through e-mails on 6th December 2024, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. **www.birdgroup.co.in** websites of stock exchanges i.e. **www.cse-india.com** and on the website of CDSL at **www.evotingindia.com.** Further, the Company has engaged Central Depository Services (India) Limited (CDSL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 97th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. Friday, 20th December, 2024 may cast their vote electronically in respect of business to be transacted at the AGM. The remote e-voting platform will be open for voting from Wednesday, 25th December, 2024 (09:00 AM) to Friday, 27th December, 2024 (05:00 PM). Remote e-voting module shall be disabled by CDSL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, **Email: rta@cbmsl.com.** Any person whose e-mail ID is not registered with the Company/DP may obtain the user Id and password for e-voting by sending a request at **evoting@cdsl.com.** However, if the member is already registered with CDSL / Remote e-voting, he/she can use his/her existing user id and Password for casting the vote. Further, Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of CDSL website i.e. **www.evotingindia.com** or refer to the instructions as mentioned in the Notice of 97th AGM.

**Book Closure:**

Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 21st December 2024 to 27th December 2024 (both days inclusive) for the purpose of ensuing 97th AGM of the Company.

**Attending AGM through VC / OAVM:**

Members will be provided with a facility to attend the AGM through VC/OAVM through the CDSL e-Voting system. Members may access by following the steps mentioned for "Access to CDSL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**

Members who would like to express their views/ask questions during the 97th AGM may register themselves as a speaker and may send this request from 25th December 2024 (9.00 a.m. IST) to 27th December 2024 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: **omdc.sec.dept@gmail.com.**

By the Order of the Board
Sd/-
S Raja Babu
Company Secretary & Compliance Officer

Place:Visakhapatnam
Date: 6th December, 2024

**THE BISRA STONE LIME COMPANY LIMITED**

CIN:L14100OR1910GOI033904

**Registered office:** Plot No. 255, Pristine Green, Pokhariput, Bhubaneswar, Odisha-751001, **Tel. No.** 0674-2391595, **website: www.birdgroup.co.in Email: omdc.sec.dept@gmail.com**

**NOTICE TO THE SHAREHOLDERS OF 113th ANNUAL GENERAL MEETING OF THE BISRA STONE LIME COMPANY LIMITED.**

**Notice** is hereby given that the 113th Annual General Meeting (AGM) of The Bisra Stone Lime Company Limited (the 'Company') will be held on Saturday, 28th December, 2024 at 11:00 A.M. IST through video conferencing (VC)/other audio-visual means (OAVM), to transact the business as set out in the Notice. In compliance with the provisions of the Companies Act, 2013 read with circulars issued by Ministry of Corporate Affairs and SEBI, from time to time, the Notice of 113th AGM and Annual Report containing the financial statements for FY 2023-24, Auditors' Report thereon, Board's Report and other documents, have been sent through e-mails on 6th December 2024, to all the Members, whose e-mail IDs are registered with the Company/Depository Participant (DP). The said documents are also available on the Company's website i.e. **www.birdgroup.co.in** websites of stock exchanges i.e. **www.cse-india.com** and on the website of CDSL at **www.evotingindia.com.** Further, the Company has engaged Central Depository Services (India) Limited (CDSL) to enable the members of the Company to attend the said AGM through VC/OAVM and to cast votes electronically, in respect of the businesses to be transacted at 113th AGM of the Company. Members of the Company holding shares either in physical form or in dematerialized form as on the Cut-off date i.e. Friday, 20th December, 2024 may cast their vote electronically in respect of business to be transacted at the AGM. The remote e-voting platform will be open for voting from Wednesday, 25th December, 2024 (09:00 AM) to Friday, 27th December, 2024 (05:00 PM). Remote e-voting module shall be disabled by CDSL for voting thereafter. Those members, who do not cast their vote on the resolutions through remote e-voting during the above period and are otherwise not barred from doing so, shall be eligible to vote through e-voting system during the AGM.

Members who have not registered their email address or who becomes a member of the Company after dispatch of the Notice of AGM and holds shares as on the Cut-Off date, are requested to register the same with the Depository through their Depository Participant(s) in case the shares are held in electronic form and in case of shares held in physical form, with the Company's Registrar and Share Transfer Agent i.e. M/s CB Management Services Private Limited, **Email: rta@cbmsl.com.** Any person whose e-mail ID is not registered with the Company/DP may obtain the user Id and password for e-voting by sending a request at **evoting@cdsl.com.** However, if the member is already registered with CDSL / Remote e-voting, he/she can use his/her existing user id and Password for casting the vote. Further, Members who have cast their vote by remote e-voting may attend the AGM, but shall not be entitled to vote again at the AGM.

In case of any queries, Members may refer to the Frequently Asked Questions (FAQs) for shareholders and e-voting user manual available at the download section of CDSL website i.e. **www.evotingindia.com** or refer to the instructions as mentioned in the Notice of 113th AGM.

**Book Closure:**

Notice is given pursuant to Section 91 of the Companies Act, 2013 and Regulation 42 of SEBI (LODR) Regulations. 2015 that the Register of Members and Share Transfer Books of the company will remain closed from 21st December 2024 to 27th December 2024 (both days inclusive) for the purpose of ensuing 113th AGM of the Company.

**Attending AGM through VC / OAVM:**

Members will be provided with a facility to attend the AGM through VC/OAVM through the CDSL e-Voting system. Members may access by following the steps mentioned for "Access to CDSL e-Voting system" in Notes to Notice. After successful login, with login credentials, Member can see link of "VC/OAVM" placed under "Join meeting" menu against Company name. Members are requested to click on VC/OAVM link placed under Join Meeting menu. The link for VC/OAVM will be available in Shareholders/Member login where the EVEN of Company will be displayed.

**Member Speaker Registration:**

Members who would like to express their views/ask questions during the 113th AGM may register themselves as a speaker and may send this request from 25th December 2024 (9.00 a.m. IST) to 27th December 2024 (5.00 p.m. IST) mentioning their name, DP ID and Client ID, Folio number, email id, mobile number at: **omdc.sec.dept@gmail.com.**

By the Order of the Board
Sd/-
Pintu Kumar Biswal
Company Secretary & Compliance Officer

Place: Bhubaneswar
Date: 6th December, 2024

୪ର୍ଥ ସୁନକ୍ଷତ୍ର
ସକାଳ
THE SAKALA

# ସମ୍ପାଦକୀୟ



କିଛିଲୋକ ସଫଳତାର ସ୍ୱପ୍ନ ଦେଖନ୍ତି, କିନ୍ତୁ ଆଉ କିଛି ଲୋକ ସଫଳ ହେବା ପାଇଁ କଠିନ ପରିଶ୍ରମ କରନ୍ତି
-ମାର୍କ ଜୁକରବର୍ଗ

## ବ୍ୟାଙ୍କ ହାତକୁ ଅଧିକ ଋଣ କ୍ଷମତା

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ)ର ପଞ୍ଚମ ଦ୍ୱି-ମାସିକ ମୁଦ୍ରାନୀତି ସମୀକ୍ଷା ବୈଠକରେ ସିଆରଆର(ନଗଦ ଜମା ଅନୁପାତ)କୁ ୪.୫%ରୁ ୪% ବା ୫୦ ବେସିସ୍ ପଏଣ୍ଟ ହ୍ରାସ କରି ରିପୋ ରେଟ୍‌କୁ ୬.୫%ରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ହୋଇଛି। ଏହାଫଳରେ ବ୍ୟାଙ୍କମାନଙ୍କ ହାତରେ ଅଧିକ ଋଣ ଦେବା ପାଇଁ ସୁଯୋଗ ସୃଷ୍ଟି ହେବ ଏବଂ ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ ହେବ ବୋଲି ଆରବିଆଇ ଆଶା କରିଛି। ଏହାକୁ ମିଶାଇ ଦୀର୍ଘ ୨୨ ମାସ ବା ପାଖାପାଖି ଦୁଇବର୍ଷ ଧରି ରିପୋ ରେଟ୍ ଅପରିବର୍ତ୍ତିତ ରହିଛି, ଯେଉଁଥିରୁ ସୂଚନା ମିଳୁଛି ଯେ ଦେଶରେ ମୁଦ୍ରାସ୍ଫୀତି ସମସ୍ୟା ଏବେ ମଧ୍ୟ ଉତ୍କଟ ଅଛି। ଦେଶର ଅର୍ଥନୀତି ଯେ ଠିକ୍ ରାସ୍ତାରେ ଯାଉନାହିଁ ତାହା ମଧ୍ୟ ମୁଦ୍ରାନୀତି ସମୀକ୍ଷା ବୈଠକର ଅଭିବୃଦ୍ଧିର ସଂଶୋଧିତ ହାର ଘୋଷଣାରୁ ସ୍ପଷ୍ଟ ହେଉଛି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅର୍ଥନୈତିକ ଅଭିବୃଦ୍ଧି ହାର ୭.୨% ରହିବ ବୋଲି କରି ଆରବିଆଇ କରିଥିବା ପୂର୍ବଆକଳନକୁ ୬.୬%କୁ ହ୍ରାସ କରିଛି ଏବଂ ଖୁଚୁରା ମୁଦ୍ରାସ୍ଫୀତି ୪.୮%କୁ ବୃଦ୍ଧି ପାଇବ ବୋଲି ଅନୁମାନ କରିଛି।

ଆରବିଆଇର ମୁଦ୍ରାନୀତି ସମୀକ୍ଷା ବୈଠକର ଉପରୋକ୍ତ ନିଷ୍ପତ୍ତିରେ ଆଚମ୍ବିତ ହେବାର ନାହିଁ। ଯାହା ପୂର୍ବରୁ ଅନୁମାନ କରାଯାଉଥିଲା ତାହା ହିଁ ମୁଦ୍ରାନୀତିରେ ଅକ୍ଷେବହୁତ ପ୍ରତିଫଳିତ ହୋଇଛି। କେବଳ ଯାହା ସିଆରଆର ପରିବର୍ତ୍ତନକୁ ଅପ୍ରତ୍ୟାଶିତ ବୋଲି କୁହାଯାଇପାରେ। ମୁଦ୍ରାସ୍ଫୀତି ଲଗାତାର ଆରବିଆଇର ଧାର୍ଯ୍ୟ ସହନଶୀଳ ହାରଠାରୁ ଉଚ୍ଚା ରହିଥିବାରୁ ରିପୋ ହାର ହ୍ରାସର ସମ୍ଭାବନା ବହୁତ କମ୍ ଥିଲା। ଅପରପକ୍ଷରେ ଉଚ୍ଚା ରିପୋ ହାର ପ୍ରଭାବରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି ମାନ୍ଦା ହୋଇଆସୁଛି। ଏହାଛଡ଼ା ଇତିମଧ୍ୟରେ ଟଙ୍କା ତୁଳନାରେ ଆମେରିକୀୟ ଡଲାର ମୂଲ୍ୟ ବୃଦ୍ଧି ଫଳରେ ବୈଦେଶିକ ମୁଦ୍ରାଭଣ୍ଡାରରେ ହ୍ରାସ ଘଟିଛି। ଏହା ସେତେ ଚିନ୍ତାଜନକ ନ ହେଲେ ମଧ୍ୟ ବୈଶ୍ୱିକ ଯୁଦ୍ଧ ପରିସ୍ଥିତି ଦୃଷ୍ଟିରୁ ଶୁଭସଙ୍କେତ ନୁହେଁ। ତେଣୁ ଏଭଳି ପରିସ୍ଥିତିରେ ବ୍ୟାଙ୍କମାନଙ୍କ ଜରିଆରେ ଦେଶର ଅର୍ଥନୀତିକୁ ଅଧିକ ସମ୍ବଳ ଯୋଗାଇ ଦେବାର ଏକମାତ୍ର ରାସ୍ତା ଥିଲା ସିଆରଆରରେ ହ୍ରାସ। ଉପରୋକ୍ତ ନିଷ୍ପତ୍ତି ଫଳରେ ଏଣିକି ଦେଶର ବାଣିଜ୍ୟିକ ବ୍ୟାଙ୍କମାନଙ୍କ ହାତରେ ମୋଟ ୧.୧୬ ଲକ୍ଷ କୋଟି ଟଙ୍କାର ନଗଦ ଜମା ରହିପାରିବ, ଯାହାକୁ ସେମାନେ ଋଣ ଆକାରରେ ବିନିଯୋଗ କରିପାରିବେ। ଏହାଫଳରେ ନିବେଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇ ଅଭିବୃଦ୍ଧି ହାର ଊର୍ଦ୍ଧ୍ୱମୁଖୀ ହେବ। ସିଆରଆର ବ୍ୟବସ୍ଥାରେ ବାଣିଜ୍ୟିକ ବ୍ୟାଙ୍କମାନେ ଆରବିଆଇରୁ ସୁଧ ପାଆନ୍ତି ନାହିଁ। ତେଣୁ ଏବେ ସେହି ନଗଦକୁ ସେମାନେ ଲାଭକାରୀ ରାସ୍ତାରେ ବିନିଯୋଗ କରି ଅଧିକ ଲାଭବାନ ହେବେ ଏବଂ ଅର୍ଥନୀତିକୁ ଲାଭାନ୍ୱିତ କରିବେ।

ଆରବିଆଇର ଚଳିତ ମୁଦ୍ରାନୀତି ବୈଠକରେ ସବୁଠାରୁ ଅଧିକ ଚାପରେ ଥିଲା ମୁଦ୍ରାସ୍ଫୀତି ନିୟନ୍ତ୍ରଣ ବନାମ ରିପୋ ହାର ହ୍ରାସ। ଅଭିବୃଦ୍ଧି ହାର ସଂକୁଚିତ ହେଉଥିବାରୁ ମୁଦ୍ରାନୀତିକୁ କୋହଳ କରିବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଆରବିଆଇ ଉପରେ ପରୋକ୍ଷ ଚାପ ସୃଷ୍ଟି କରି ଆସୁଥିଲେ। କିନ୍ତୁ ବିଗତ ୧୪ ମାସର ସର୍ବାଧିକ ସ୍ତର ୬.୨୧%ରେ ପହଞ୍ଚିଥିବା ମୁଦ୍ରାସ୍ଫୀତି କୋହଳ ମୁଦ୍ରାନୀତିର ସୁଯୋଗ ନେଇ ପୁଣି ବୃଦ୍ଧି ପାଇବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ। ଅପରପକ୍ଷରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ମୁଦ୍ରାନୀତିକୁ ଆହୁରି କଠୋର କଲେ ତାହାର ପ୍ରତିକୂଳ ପ୍ରଭାବ ଦେଶର ସାମଗ୍ରିକ ଅର୍ଥନୀତି ଉପରେ ପଡ଼ିବା ପ୍ରାୟ ନିଶ୍ଚିତ। ଏହିଭଳି ଦ୍ୱୈତ ଆହ୍ୱାନର ସମ୍ମୁଖୀନ ହୋଇଥିବା ଆରବିଆଇର ମୁଦ୍ରାନୀତି କମିଟି ଏକ ମଧ୍ୟମ ପନ୍ଥା ବାହାର କରି ସିଆରଆର ହାରକୁ ହ୍ରାସ କରିବାକୁ ଉଚିତ ମଣିଛି।

ଏବେ ଶକ୍ତି, ଇନ୍ଧନ, ଧାତବ ପଦାର୍ଥ ସହିତ ନିତ୍ୟବ୍ୟବହାର୍ଯ୍ୟ ଖାଉଟି ସାମଗ୍ରୀ ଓ ଫଳ, ପନିପରିବା, ଦୁଗ୍ଧଜାତ ପଦାର୍ଥର ମୂଲ୍ୟ ବଢ଼ିଚାଲିଛି। ବିଶେଷକରି ଫଳ ଓ ପନିପରିବା ଦରଦାମ ବୃଦ୍ଧି ଯୋଗୁଁ ମୁଦ୍ରାସ୍ଫୀତି ହାର ଉଚ୍ଚା ରହୁଛି। ଏହା ମଧ୍ୟ ପରୋକ୍ଷରେ ମୁଦ୍ରାନୀତିକୁ ପ୍ରଭାବିତ କରୁଛି। ତେଣୁ ମୁଦ୍ରାସ୍ଫୀତି ଆକଳନରୁ ଫଳ ଓ ପନିପରିବାକୁ ବାଦ୍ ଦେବାକୁ ବିଚାରବିମର୍ଶ ଜାରି ରହିଛି। ଏହାଫଳରେ ଉପରକୁ ଅର୍ଥନୀତିର ଚିତ୍ର ଗୋଲାପୀ ଦେଖାଗଲେ ମଧ୍ୟ ଆଭ୍ୟନ୍ତରୀଣ ଅର୍ଥନୀତି ଅଧିକ ବିଗିଡ଼ି ଯିବାର ଆଶଙ୍କା ଥିବାରୁ ଅନେକ ଅର୍ଥନୀତିଜ୍ଞ ଏହାକୁ ବିରୋଧ କରୁଛନ୍ତି। ତେଣୁ କେବଳ ଅର୍ଥନୀତି ଓ ଅଭିବୃଦ୍ଧିକୁ ସକାରାତ୍ମକ କରିବା ପାଇଁ ଏହାର ପ୍ରମୁଖ କାରକଗୁଡ଼ିକୁ ଅଣଦେଖା କରାଯିବା ଦୀର୍ଘମିଆଦୀ ପ୍ରଭାବ ଦୃଷ୍ଟିରୁ ଅନୁଚିତ। ଏହାସତ୍ତ୍ୱେ ଯଦି ସରକାରଙ୍କ ଚାପରେ ଆରବିଆଇ ଏଭଳି ନିଷ୍ପତ୍ତି ନିଏ ତେବେ ୫ ଟ୍ରିଲିୟନ ଡଲାର ମାକ୍ରୋଅର୍ଥନୀତିର ସ୍ୱପ୍ନ ଦେଖୁଥିବା ଭାରତର ମାଇକ୍ରୋଅର୍ଥନୀତି ଭୁଶୁଡ଼ି ପଡ଼ିବ। ଏହି ଦୁଇ ଅର୍ଥନୀତି ମଧ୍ୟରେ ସମତୁଳତା ବଜାୟ ରଖିବାକୁ ହେଲେ ଅନେକ କଠୋର ନୀତିଗତ ସଂସ୍କାର ପଦକ୍ଷେପ ନେବା ଏବଂ ଏଥିରେ ସର୍ବସହମତି ଆଣିବା ବାଞ୍ଛନୀୟ।

ଦରଦାମ ବୃଦ୍ଧି ପାଇଁ ସରକାର ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଓ ବୈଶ୍ୱିକ ଯୁଦ୍ଧ ପରିସ୍ଥିତିକୁ ଦାୟୀ କରୁଥିଲେ ମଧ୍ୟ ଏହା ପଛର ବାସ୍ତବତା ହେଉଛି କ୍ଷମତା ଦୌଡ଼ ଓ ଭୋଟ ରାଜନୀତିରେ ଏବେ ପ୍ରମୁଖ ଅସ୍ତ୍ର ରୂପେ ପରିଗଣିତ ବିଭିନ୍ନ ମାଗଣା ଯୋଜନାର ପ୍ରଭାବ। ଅତୀତରେ ଭାରତର ଜଣେ ପ୍ରଧାନମନ୍ତ୍ରୀଙ୍କ ଉକ୍ତି ଅନୁଯାୟୀ ଟଙ୍କା ଗଛରେ ଫଳେ ନାହିଁ। ଏହା ନିରାଟ ସତ। ଭାରତର ବହିଃବାଣିଜ୍ୟ ମଧ୍ୟ ବଳକା ନୁହେଁ। ତେଣୁ ଭୋଟ ରାଜନୀତିରେ ନିର୍ବାଚନ ଜିତି କ୍ଷମତାକୁ ଫେରିବା ପାଇଁ ସରକାରରେ ଥିବା ଦଳମାନେ ଯେଉଁଭଳି ବିପୁଳ ପରିମାଣର ଅର୍ଥ ଓ ମାଗଣା ସାମଗ୍ରୀ ବାଣ୍ଟିବାର ରାସ୍ତା ଆପଣେଇଛନ୍ତି ତାହାର ମୁଖ୍ୟ ଉତ୍ସ ହେଉଛି ରାଜକୋଷ। ଏଥିପାଇଁ ରାଜକୋଷ ଉପରେ ଯେଉଁ ଚାପ ପଡୁଛି ତାହାର ଭରଣା ଖାଉଟିମାନଙ୍କଠାରୁ ବିଭିନ୍ନ ଟିକସ ଆକାରରେ ଆଦାୟ ହେଉଛି ଏବଂ ଦରଦାମ ବୃଦ୍ଧି ପାଉଛି। ମାଗଣା ସଂସ୍କୃତିର ଅର୍ଥନୀତି ଉପରେ ପ୍ରଭାବକୁ ନେଇ ଅତୀତରେ ଅର୍ଥନୀତିଜ୍ଞ ଓ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ବିରକ୍ତି ପ୍ରକାଶ କରିଥିଲେ। କିନ୍ତୁ ଏହା ରାଜନୈତିକ ଦଳମାନଙ୍କ ମଧ୍ୟରେ ଏକ ବ୍ୟାଧି ରୂପରେ ସଂକ୍ରମିତ ହୋଇସାରିଥିବାରୁ ମାଗଣା ସଂସ୍କୃତି ଭାରତରୁ ନିକଟ ଭବିଷ୍ୟତରେ ବିଦାୟ ନେବାର ସମ୍ଭାବନା କ୍ଷୀଣ।

ଅର୍ଥନୀତି ପାଇଁ ଉଦ୍‌ବେଗଜନକ ହେଉଛି ଭୋଟ ରାଜନୀତିର ପରୋକ୍ଷ ପ୍ରଭାବ ଓ ବୋଝକୁ ଖାଉଟି ବା ଭୋଟରଙ୍କୁ ହିଁ ମୁଣ୍ଡାଇବାକୁ ପଡୁଛି। ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି ମଧ୍ୟବିତ୍ତ ଓ ନିମ୍ନ-ମଧ୍ୟବିତ୍ତ। ତେଣୁ ଆରବିଆଇର ମୁଦ୍ରାନୀତି ସେମାନଙ୍କ ପାଇଁ କୌଣସି ବଡ଼ ଫରକ ଆଣିବ ନାହିଁ। ମୁଦ୍ରାନୀତିର ସର୍ବାଧିକ ହିତାଧିକାରୀ ଉଚ୍ଚ ମଧ୍ୟବିତ୍ତ ଓ ଧନୀ ବର୍ଗ। ତେଣୁ ମୁଦ୍ରାନୀତିକୁ ମାକ୍ରୋଅର୍ଥନୀତି ଆଧାରିତ ନ କରି ମାଇକ୍ରୋ ଅର୍ଥନୀତି ଅନୁକୂଳ କରିବା ବିଧେୟ। ●

## ଜନଜାତି ପର୍ଯ୍ୟଟନ: ସମ୍ଭାବନା ଓ ସମସ୍ୟା

**ଆଶୁତୋଷ ପାତ୍ର**

ପର୍ଯ୍ୟଟନ ମନୁଷ୍ୟର ଆଦିମ ପ୍ରବୃତ୍ତି। ପ୍ରକୃତି ଓ ସୌନ୍ଦର୍ଯ୍ୟ ମନୁଷ୍ୟକୁ ସବୁବେଳେ ଆକର୍ଷିତ କରିଆସିଛି। ତେଣୁ ସୁନ୍ଦରତା ଓ ବିବିଧତା ହିଁ ପର୍ଯ୍ୟଟନର ମୂଳାଧାର। ପୁଣି ଯେତେବେଳେ ପ୍ରକୃତି ପ୍ରସଙ୍ଗ ଆସୁଛି ସେତେବେଳେ ପ୍ରକୃତି-ମଣିଷ ଆଦିମ ଅଧିବାସୀମାନେ ସ୍ୱତଃ ପ୍ରାସଙ୍ଗିକ ହୋଇଯାଆନ୍ତି। ସେମାନଙ୍କ ନିରାଡ଼ମ୍ବର ଜୀବନଚର୍ଯ୍ୟା, ସରଳ ବିଶ୍ୱାସ ଓ ନିରୁତା ଭଲ ପାଇବା ଗୁଣ ହିଁ ପ୍ରକୃତିର ପ୍ରକୃତ ପ୍ରତିନିଧି ଭାବେ ସେମାନଙ୍କୁ ସ୍ୱୀକୃତି ଦିଏ। ତେଣୁ ପର୍ଯ୍ୟଟନ ମାନଚିତ୍ରରେ ଜନଜାତି ଅଞ୍ଚଳ ଏକ ସ୍ୱତନ୍ତ୍ର ମହତ୍ତ୍ୱ ରଖେ। ପର୍ଯ୍ୟଟନ ଓ ମନୋରଞ୍ଜନର ପରିବର୍ଦ୍ଧିତ ସଂସ୍କରଣରେ 'ଜନଜାତି ପର୍ଯ୍ୟଟନ' ଏକ ନୂତନ ଅଙ୍ଗ ଭାବେ ଜନ୍ମ ନିଏ।

ଜନଜାତି ପର୍ଯ୍ୟଟନ ହେଉଛି ପର୍ଯ୍ୟଟନର ଏକ ବିଶେଷ ରୂପ। ଏହା ସାଂସ୍କୃତିକ ଯାତ୍ରା ଭାବେ ପର୍ଯ୍ୟଟକମାନଙ୍କୁ ଜନଜାତିଙ୍କ ନିଆରା ଜୀବନଶୈଳୀ, ପରମ୍ପରା, ସଂସ୍କୃତି ଓ କଳା ସହିତ ପରିଚିତ କରାଇଥାଏ। ପର୍ଯ୍ୟଟକମାନଙ୍କୁ ଭିନ୍ନ ଏକ ଅନୁଭବ ପ୍ରଦାନ କରିଥାଏ। ଅତିନିକଟରୁ ସେମାନେ ଆଦିବାସୀମାନଙ୍କ ଜୀବନର ଅନନ୍ୟତାକୁ ଅନୁଭବ କରିବାର ସୁଯୋଗ ପାଇଥା'ନ୍ତି। ଜିଜ୍ଞାସୁ ଓ ଅନୁସନ୍ଧିତ୍ସୁମାନଙ୍କ ପାଇଁ ଏହା ଏକ ଅପୂର୍ବ ସୁଯୋଗ। ଜନଜାତି ଗ୍ରାମ, ହାଟ, ଯାତ୍ରା, ମେଳଣ ଆଦି ଭ୍ରମଣ ବ୍ୟତୀତ ସେମାନଙ୍କ ଭାଷା, ବାଦ୍ୟ, ଗୀତ, ସଙ୍ଗୀତ, ବିଭିନ୍ନ ପରମ୍ପରା ଏବଂ ସଂସ୍କୃତି ସହ ପରିଚିତ ହେବା; ଆଦିବାସୀ ଦେବତା, ପୂଜା ପଦ୍ଧତି ଆଦି ଦେଖିବା; ସେମାନଙ୍କର ପୋଷାକ ପରିପାଟୀ, ପରିଧାନ, ଅଳଙ୍କାର, ଖାଦ୍ୟ, ବାସଗୃହ, ଜୀବିକା, ଚିତ୍ରକଳା, ହସ୍ତଶିଳ୍ପ, ପର୍ଯ୍ୟବେକ୍ଷଣ ଆଦି ଏହି ପର୍ଯ୍ୟଟନର ଅନ୍ତର୍ଭୁକ୍ତ। ଆଦିବାସୀମାନଙ୍କ ମୌଖିକ ପରମ୍ପରାରେ ପ୍ରଚଳିତ କାହାଣୀ, କାଥାନୀ, ମିଥ୍, ଢଗଢମାଳି, ପ୍ରବାଦ ପ୍ରବଚନ, କିମ୍ବଦନ୍ତୀ ଆଦି ମଧ୍ୟ ଆଗ୍ରହୀ ପର୍ଯ୍ୟଟକମାନଙ୍କ ପାଇଁ ଅମୂଲ୍ୟ ବିଭବ।

ବିଶିଷ୍ଟ ପର୍ଯ୍ୟଟନ ଗବେଷକ ତଥା ପ୍ରାଧ୍ୟାପକ ଡେଭିଡ୍ ହାରିସନ୍ ଏବଂ ବେଟ୍ଟି ୱେଲର୍‌ଙ୍କ ମତରେ ଜନଜାତି ପର୍ଯ୍ୟଟନ ପ୍ରଥମତଃ ହେଉଛି ପର୍ଯ୍ୟଟକମାନଙ୍କ ସାଂସ୍କୃତିକ ପୃଷ୍ଠଭୂମିଠାରୁ ଭିନ୍ନ ଏକ ଜାତିଙ୍କ ସହ ଏକ ପ୍ରାମାଣିକ ଏବଂ ବେଳେବେଳେ ଅନ୍ତରଙ୍ଗ ସାକ୍ଷାତ ଓ ଅନୁସନ୍ଧାନ ନିମିତ୍ତ ପ୍ରେରିତ। ପ୍ରଫେସର୍ ଜନ୍‌ଷ୍ଟନ୍‌ଙ୍କ ମତରେ ଏହା ଆଧୁନିକ ସଭ୍ୟତାର ପ୍ରଭାବରେ ଅବକ୍ଷୟମୁଖୀ ସଂସ୍କୃତିକୁ ଦେଖିବାର ଦୁର୍ବାର ଇଚ୍ଛା ଦ୍ୱାରା ପ୍ରେରିତ। ପ୍ରଫେସର୍ ସ୍ମିଥ୍‌ଙ୍କ ମତରେ ବ୍ୟବସାୟିକ ଭାବେ କହିବାକୁ ଗଲେ ଜନଜାତି ସଂସ୍କୃତିକୁ ଏକ ବିଚିତ୍ର ବିପଣୀ ଭାବେ ପର୍ଯ୍ୟଟକମାନଙ୍କ ମନୋରଞ୍ଜନ ପାଇଁ ଉଦ୍ଦିଷ୍ଟ ଓ ଉପଲବ୍ଧ କରାଯାଇଥାଏ।

ପର୍ଯ୍ୟଟକମାନେ ସାଧାରଣତଃ ଏକ ପ୍ରାକୃତିକ ପରିବେଶରେ ଜନଜାତି ସଂସ୍କୃତିକୁ ପ୍ରାମାଣିକ ଭାବେ ଅନୁଭବ କରିପାରୁଥିବା ବେଳେ ଜନଜାତି ପର୍ଯ୍ୟଟନର ଲୋକପ୍ରିୟତା ପାଇଁ ପ୍ରୋତ୍ସାହକ ରୂପେ ପର୍ଯ୍ୟଟନ ପ୍ରାଧିକରଣଗୁଡ଼ିକ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହାତକୁ ନେଇଥା'ନ୍ତି। ସେହିପରି ବିଜ୍ଞାପନଦାତାମାନେ ମଧ୍ୟ ଏହାର ଲୋକପ୍ରିୟତାର ଅଂଶୀଦାର ହୋଇଥା'ନ୍ତି। ବୈଶ୍ୱିକ ତଥ୍ୟ ଅନୁସାରେ, ନିଉଜିଲ୍ୟାଣ୍ଡର ମାଓରି ଜନଜାତି, ଅଷ୍ଟ୍ରେଲିଆର ଆଦିମ ଅଧିବାସୀ, ଦକ୍ଷିଣ ଆଫ୍ରିକାର ବୁଶ୍‌ମ୍ୟାନ୍ ଓ ଇଣ୍ଡୋନେସିଆର ଇବୋ ଜନଜାତି ଆଦି ପର୍ଯ୍ୟଟକମାନଙ୍କ ପାଇଁ ସର୍ବାଧିକ ଆକର୍ଷଣ। ଆମେରିକା ଓ ୟୁରୋପର କେତେକ ଅଞ୍ଚଳରେ ବସବାସ କରୁଥିବା ଆମିଶ୍ ସମ୍ପ୍ରଦାୟ ପାରମ୍ପରିକ ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀ। ଏବେ ମଧ୍ୟ ସେମାନେ ସପ୍ତଦଶ ଶତାବ୍ଦୀର ମଣିଷ ପଦବାଚ୍ୟ। ସେମାନେ ସର୍ବସାଧାରଣ ବିଦ୍ୟୁତ୍ ଉପଯୋଗ କିମ୍ବା ଆଧୁନିକ କୃଷି ଯନ୍ତ୍ରପାତି, ଯନ୍ତ୍ରଚାଳିତ ଗାଡ଼ି ବ୍ୟବହାର କରନ୍ତି ନାହିଁ କି ରଖନ୍ତି ନାହିଁ। ରେଡିଓ, ଟେଲିଭିଜନ୍, କମ୍ପ୍ୟୁଟର ସହିତ ସେମାନଙ୍କର କୌଣସି ସମ୍ପର୍କ ନାହିଁ।

ଡଃ. ଜିଆନା ମୋସ୍‌କାର୍ଡୋ ଓ ପ୍ରଫେସର୍ ଫିଲିପ୍ ପିଅର୍ସଙ୍କ ଦ୍ୱାରା ଅଷ୍ଟ୍ରେଲିଆର କୁଇନ୍‌ସଲାଣ୍ଡ ସ୍ଥିତ ଜାପାକାଇ ଆଦିମ ଜନଜାତିଙ୍କ ପରିଦର୍ଶନରେ ଯାଇଥିବା ପର୍ଯ୍ୟଟକମାନଙ୍କୁ ନେଇ କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ ଜନଜାତି ପର୍ଯ୍ୟଟକମାନଙ୍କୁ ଚାରିଭାଗରେ ବିଭକ୍ତ କରାଯାଇପାରେ। ପ୍ରଥମଟି ହେଉଛି ଜନଜାତି ପର୍ଯ୍ୟଟକ। ଏମାନେ ଜନଜାତିଙ୍କ ସହ ବ୍ୟକ୍ତିଗତ ଭାବେ ଯୋଗାଯୋଗ କରିବା ଏବଂ ଜନଜାତି ଉତ୍ପାଦ ପ୍ରତି ଅତ୍ୟନ୍ତ ଆଗ୍ରହ ରଖୁଥିବା ବ୍ୟକ୍ତିମାନେ। ଦ୍ୱିତୀୟଟି ହେଲା ପରୋକ୍ଷ ସାଂସ୍କୃତିକ ଶିକ୍ଷା ଗୋଷ୍ଠୀର ପର୍ଯ୍ୟଟକ। ଏମାନେ ଜନଜାତି ପର୍ଯ୍ୟଟନ ପାଇଁ ଆଗ୍ରହୀ ହେଲେ ମଧ୍ୟ ସାଂସ୍କୃତିକ ଶିକ୍ଷା ଉପରେ ଅଧିକ ଧ୍ୟାନ ଦେଇଥା'ନ୍ତି। ତୃତୀୟଟି ହେଲା ଜନଜାତି ଉତ୍ପାଦ ଏବଂ କାର୍ଯ୍ୟକଳାପ ଗୋଷ୍ଠୀ। ଏମାନେ ଜନଜାତିଙ୍କ ସଂସ୍କୃତି ଏବଂ ବ୍ୟକ୍ତିଗତ ଯୋଗାଯୋଗ ଅପେକ୍ଷା ସେମାନଙ୍କ ପାରମ୍ପରିକ ଉତ୍ପାଦ ଏବଂ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିବାକୁ ଭଲ ପାଇଥା'ନ୍ତି। ଚତୁର୍ଥ ପ୍ରକାର ହେଲେ ନିମ୍ନ ଜନଜାତି ପର୍ଯ୍ୟଟକ। ଏମାନଙ୍କର କୌଣସି ଆଗ୍ରହ ନଥାଏ। ପର୍ଯ୍ୟଟନ ଦଳର ଅନ୍ୟମାନେ ଯିବାକୁ ଚାହୁଁଥିବା ହେତୁ ସେମାନେ ଯିବାକୁ ବାଧ୍ୟ ହୋଇଥା'ନ୍ତି। ଏହି ଅଧ୍ୟୟନରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକାରଭେଦ ଦେଖିବାକୁ ମିଳେ। ପ୍ରଥମଟି ହେଉଛି ପର୍ଯ୍ୟଟକମାନଙ୍କ ଅନୁଭବ ପ୍ରକାରେ ପର୍ଯ୍ୟଟନର ଦୃଷ୍ଟିକୋଣ ଭିନ୍ନଭିନ୍ନ ହୋଇଥାଏ। ଦ୍ୱିତୀୟରେ ଜନଜାତିଙ୍କ ସହ ସଂସ୍ପର୍ଶ କେତେକଙ୍କ ପାଇଁ ଅସହଜ ମନେହୁଏ।

ପର୍ଯ୍ୟଟନ ଜନଜାତିଙ୍କ ପାଇଁ ଆୟର ଏକ ପନ୍ଥା ସୃଷ୍ଟି କରିଥାଏ। ସେମାନେ ନିଜର ଜଙ୍ଗଲଜାତ ଦ୍ରବ୍ୟ, କଳା, ହସ୍ତଶିଳ୍ପ ଏବଂ ଉତ୍ପାଦକୁ ବିକ୍ରି କରିବା ପାଇଁ ହାତପାଆନ୍ତାରେ ଏକ ବଜାର ପାଇଥା'ନ୍ତି। ଆଦିବାସୀମାନଙ୍କ ଆର୍ଥିକ ସ୍ୱାଧୀନତା ବଢ଼ିବା ସହିତ ସାମାଜିକ ଉନ୍ନତି ଘଟିଥାଏ। ଏହା ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ସାହାଯ୍ୟ କରିଥାଏ। ପର୍ଯ୍ୟଟନ ଦ୍ୱାରା ଜନଜାତିମାନେ ଆଧୁନିକ ସଭ୍ୟତାର ନିକଟବର୍ତ୍ତୀ ହେବାର ସୁଯୋଗ ପାଇଥା'ନ୍ତି। ଏହା ସେମାନଙ୍କର ସଭ୍ୟତାକୁ ପରିମାର୍ଜିତ କରିବା ସହ ସୁଦୂରପ୍ରସାରୀ କରିଥାଏ। ନିଜ ସମ୍ପ୍ରଦାୟରେ ସଂସ୍କୃତି ନାମରେ ପ୍ରଚଳିତ କୁସଂସ୍କାରକୁ ବୁଝିପାରିଥାଏ। ପରମ୍ପରା ଓ ଆଧ୍ୟାତ୍ମିକତାକୁ ରକ୍ଷା କରିବାରେ ସାହାଯ୍ୟ କରିଥାଏ। ବାହ୍ୟ ସମାଜ ସହ ଭାବର ଆଦାନ ପ୍ରଦାନ ସୁଯୋଗ ମିଳିବା ହେତୁ ସେମାନେ ଦେଶର ଉନ୍ନତି କକ୍ଷେ ମୁଖ୍ୟସ୍ରୋତରେ ସାମିଲ ହୋଇପାରନ୍ତି। ଜିଜ୍ଞାସୁ ପର୍ଯ୍ୟଟକମାନେ ବ୍ୟକ୍ତିଗତ ଭାବେ ଆଦିବାସୀମାନଙ୍କ ସଂସ୍ପର୍ଶରେ ଆସିଥା'ନ୍ତି। ତ'ଦ୍ୱାରା ସେମାନଙ୍କ ମଧ୍ୟରେ ଜନଜାତିଙ୍କ ପ୍ରତି ଥିବା ଭ୍ରାନ୍ତ କିମ୍ବା ଭ୍ରମ ଧାରଣା ଦୂରୀଭୂତ ହୋଇଥାଏ। ପର୍ଯ୍ୟଟନ ଦ୍ୱାରା ବିଲୁପ୍ତ ହେବାକୁ ବସିଥିବା କିଛି ଜନଜାତି ପ୍ରଜାତି ତିଷ୍ଠିବା ସମ୍ଭବପର ହୋଇଯାଏ।

ଜନଜାତି ପର୍ଯ୍ୟଟନରେ ମଧ୍ୟବିତ୍ତ ଲୋକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେମାନେ ଜନଜାତିଙ୍କ ସାଂସ୍କୃତିକ ମୂଲ୍ୟବୋଧର ପ୍ରଚାର କରିଥା'ନ୍ତି। ଅସ୍ୱାଭାବିକ ପରିସ୍ଥିତି ପ୍ରତି ପର୍ଯ୍ୟଟକଙ୍କୁ ସଚେତନ କରାଇ ସେମାନଙ୍କ ସହ ଭାବର ଆଦାନ ପ୍ରଦାନ କରିବା ପାଇଁ ସନ୍ତୋଷଜନକ ପରିସ୍ଥିତି ସୃଷ୍ଟି କରି ସକାରାତ୍ମକ ଭୂମିକା ଗ୍ରହଣ କରିଥା'ନ୍ତି। ଜନଜାତିଙ୍କ ସାମାଜିକ, ଆର୍ଥିକ, ରାଜନୈତିକ ତଥା ପାରିବେଶିକ ବିଷୟ ପ୍ରତି ଅବଗତ କରାଇଥା'ନ୍ତି। ସାମ୍ଭବ୍ୟ ଠାରୁ ଅଧିକ କିଛି ଆଶା ନ ରଖିବା ପାଇଁ ପର୍ଯ୍ୟଟକଙ୍କୁ ହୃଦ୍‌ବୋଧ କରାଇଥା'ନ୍ତି। ନକାରାତ୍ମକ ଦିଗଟି ହେଲା - ପର୍ଯ୍ୟଟକମାନେ ଚାହାନ୍ତି ଜନଜାତି ଲୋକେ ସେମାନଙ୍କ ନିକଟରେ ନିଜର ପାରମ୍ପରିକ ବେଶଭୂଷାରେ ଉପସ୍ଥାପିତ ହୁଅନ୍ତୁ, ପାରମ୍ପରିକ ନୃତ୍ୟ ପରିବେଷଣ କରନ୍ତୁ, ସେମାନଙ୍କ ସହ ଯୋଗ ଦିଅନ୍ତୁ, ପାରମ୍ପରିକ ଉତ୍ସବ ଆୟୋଜନ କରନ୍ତୁ, ଯ' ଦ୍ୱାରା ପର୍ଯ୍ୟଟକମାନେ ସେମାନଙ୍କ ଫୋଟ ନେଇପାରିବେ, ଭିଡିଓ ରେକର୍ଡ କରିପାରିବେ ଏବଂ ସମସ୍ତ ଅନୁଭବକୁ ଲିପିବଦ୍ଧ କରିପାରିବେ। ତାହାଦ୍ୱାରା ଜନଜାତି ଏକ ବିପଣନ ସାମଗ୍ରୀ ବିବେଚିତ ହୁଅନ୍ତି। ପର୍ଯ୍ୟଟକଙ୍କ ବେଶପୋଷାକ, କଥା କହିବା ଶୈଳୀ ପ୍ରତି ଜନଜାତିମାନଙ୍କ ଉତ୍ସୁକତା ବୃଦ୍ଧି ପାଇପାରେ ଏବଂ କ୍ରମଶଃ ସେମାନଙ୍କୁ ଅନୁକରଣ କରିପାରନ୍ତି। ଫଳରେ ପର୍ଯ୍ୟଟକଙ୍କ ଆକର୍ଷଣ କମିବାର ଆଶଙ୍କା ସୃଷ୍ଟି ହୁଏ। ଯେତେବେଳେ ପର୍ଯ୍ୟଟକମାନେ ନିଜ ରୁଚି ଅନୁଯାୟୀ ଜନଜାତିଙ୍କୁ ଉପସ୍ଥାପିତ କରିବାକୁ ଚାହାନ୍ତି ସେତେବେଳେ ଜନଜାତି ଲୋକଙ୍କୁ ଅଭିନୟ କରିବା ଭଳି ପରିସ୍ଥିତିକୁ ନେଇଯାଏ। ଏଥିସହିତ ପର୍ଯ୍ୟଟକମାନଙ୍କ ଅଧିକ ଆଗମନ ଦ୍ୱାରା ଜନଜାତି ଅଞ୍ଚଳର ସାମାଜିକ ଓ ସାଂସ୍କୃତିକ ପରମ୍ପରା ପ୍ରଭାବିତ ହେବାର ଆଶଙ୍କା ରହେ। ପରୋକ୍ଷରେ ଏହା ସେମାନଙ୍କର ପରମ୍ପରା ଓ ଜୀବନ ଉପରେ କୁପ୍ରଭାବ ପକାଇପାରେ। ଏଭଳି ଏକ ଆହ୍ୱାନର ମୁକାବିଲା ପାଇଁ ଜନଜାତି ପର୍ଯ୍ୟଟନକୁ ଜନଜାତି ମୌଳିକ ସଂସ୍କୃତି ଅନୁକୂଳ କରିବା ସହିତ ଅର୍ଥନୈତିକ ଅଭିବୃଦ୍ଧି ଭିତ୍ତିକ କରିବା ଦିଗରେ ଦୃଷ୍ଟି ଦେବା ଆବଶ୍ୟକ। ●

ସହକାରୀ ଜିଲ୍ଲାପାଳ, ନବରଙ୍ଗପୁର
ମୋ: ୯୪୩୭ ୯୦୮୦୭୦

## ପଡ଼ୋଶୀ ସହିତ ନକର କଳି

**ସନ୍ଧ୍ୟାରାଣୀ ଧଳ**

ଘରେ ଫୁଟଣ ଫୁଟିଲେ ପଡ଼ୋଶୀଙ୍କୁ ବାସେ। ଏହାର ଅର୍ଥ ଆମ ଘରେ ଯାହା ସବୁ ଘଟେ ପ୍ରଥମେ ପଡ଼ୋଶୀ ହିଁ ଜାଣିଥା'ନ୍ତି। ସେମାନେ ଆମ ଆତ୍ମୀୟଙ୍କ ଠାରୁ ବଳି। ଦୁଃଖ-ସୁଖର ସାଥୀ। ପୁନେଇପରବରେ ପିଠାପଣାଠାରୁ ଆରମ୍ଭ କରି କନିଆଁ ଓ ବର ଦେଖାରେ ପଡ଼ୋଶୀ ଯାଇଥା'ନ୍ତି ଏବଂ ବିବାହ ଉତ୍ସବରେ ନିଜକୁ ଅନ୍ତରର ସହିତ ସାମିଲ୍ କରିଥା'ନ୍ତି। ବିବାହ ଦିନ ଧାର୍ଯ୍ୟ ହେବା ପରେ ପୁଅ ଓ ଝିଅଙ୍କୁ ନିଜ ଘରକୁ ଡାକି ମନଲାଖି ଖାଦ୍ୟରେ ଆପ୍ୟାୟିତ କରିଥା'ନ୍ତି। ଘରେ ଯାହା ରୋଷେଇ ହୁଏ ପରିବାର ଖାଇବା ପୂର୍ବରୁ ଗିନାରେ ଯାଏ ପଡ଼ିଶା ଘରକୁ। ଖାଲି ଗିନା ଫେରେନା, ତାଙ୍କ ଘର ରୋଷେଇ ସେହି ଗିନାରେ ଆସେ। ଏହି ସମ୍ପର୍କ ଯୁଗଯୁଗରୁ ଯୋଡ଼ି ହୋଇଆସିଛି।

ପଡ଼ୋଶୀମାନେ ଆମର ଉପଦେଷ୍ଟା, ଆଜ୍ଞାବହନକାରୀ। ବିପଦରେ ଶକ୍ତି ଓ ସାହସ ଦିଅନ୍ତି। ବାହାର ଲୋକ କି'ଏ ଆମ ସହିତ କଳି କଲେ, ପଡ଼ୋଶୀ ତା'କୁ ସମାଧାନ କରିଦିଅନ୍ତି। ଆମ ବନ୍ଧୁ କ'ଣ ଏତେ ଶୀଘ୍ର ଆମ ବିପଦରେ ପହଞ୍ଚି ପାରନ୍ତି? ପିଲାଟି ବେଳୁ ଅର୍ଦ୍ଧେକ ସମୟ କଟେ ପଡ଼ୋଶୀଙ୍କ କାଖରେ। ସେଥିପାଇଁ ବଂଶାନୁକ୍ରମରେ ଛୋଟ ବେଳୁ ପଡ଼ୋଶୀଙ୍କ ପ୍ରତି ଏକ ସ୍ୱର୍ଗୀୟ ଆକର୍ଷଣ, ସ୍ନେହ, ମମତା ଓ ଆନୁଗତ୍ୟ ଭରି ରହିଥାଏ। ଚାଉଳ, ତେଲ, ଲୁଣ, ପିଆଜ, ରସୁଣ ଏପରିକି ଟଙ୍କା ସରିଯାଇଥିଲେ ପଡ଼ୋଶୀଙ୍କ ଘରୁ ଧାର ସୂତ୍ରରେ ଆସିଥାଏ। ପଡ଼ୋଶୀ ପିଲା ଭଲ ନମ୍ବର ରଖି ପାସ୍ କଲେ, ଚାକିରି କଲେ, ପୁରସ୍କାର ପାଇଲେ ତିନି ଗାଁରେ ସେ କଥା ପ୍ରଚାର କରନ୍ତି ପଡ଼ୋଶୀ। ମହିଳାଙ୍କ ହାତକୁ ସାହାଯ୍ୟ ହୁଅନ୍ତି।

ଏବେ କିନ୍ତୁ ବସ୍ତୁବାଦୀ ମଣିଷର ଆଚାର ବ୍ୟବହାର ବଦଳିଯାଇଛି। ଅନେକ ବର୍ତ୍ତମାନ କହୁଛନ୍ତି, 'ପଡ଼ୋଶୀ



ଆମର ବଡ଼ ଶତ୍ରୁ।' ପଡ଼ୋଶୀ ସହିତ ପୂର୍ବପରି ଘନିଷ୍ଠ ସମ୍ପର୍କ ଆଉ ନାହିଁ। ପ୍ରତି କଥାରେ ପଡ଼ୋଶୀ ସହିତ ପ୍ରତିଯୋଗିତା। କ୍ରମଶଃ ଏହା ପ୍ରତିଦ୍ୱନ୍ଦ୍ୱିତାରେ ପରିଣତ ହୁଏ। ପ୍ରତିଦ୍ୱନ୍ଦ୍ୱିତାରୁ ହିଂସା, କ୍ରୋଧ, ପରଶ୍ରୀକାତରତା ବଢ଼େ। ଦୁଇ/ଚାରି ଆଙ୍ଗୁଳି ଜାଗାକୁ ନେଇ କଳି, ମାଡ଼ଗୋଳ ହୋଇ କଥା ଥାନା ଓ କଚେରିକୁ ଯାଉଛି। ଆମେ ନିଜ ହାତରେ ସମ୍ପର୍କର ଡୋରି କାଟୁଛୁ। କେହି କାହାର ଶିରି ଦେଖି ପାରୁନାହାନ୍ତି। ସହରରେ ଆମ ଆପାର୍ଟମେଣ୍ଟରେ ଦେଶର କୁଖ୍ୟାତ ଅପରାଧୀ ଓ ଚୋରା ନିଶା କାରବାର ଚାଲିବା ଆମେ ଜାଣିପାରୁନା। ପୁଲିସ୍ ଗିରଫ କଲେ ଆମେ ଜାଣୁ। ପଡ଼ୋଶୀ-ପଡ଼ୋଶୀ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଓ ମନୋମାଳିନ୍ୟ ଆମ ମାନସିକ ସମସ୍ୟାର ଏକ ବଡ଼ କାରଣ ବୋଲି କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ଓ କେତେକ ମନୋବିଜ୍ଞାନୀ ପ୍ରକାଶ କରିଛନ୍ତି। ଅଫିସ୍ କାମ ହେଉ ଅବା ଯେକୌଣସି କାମରେ ବାହାରେ ଥିଲେ ମୋବାଇଲ୍‌ରେ ପଡ଼ୋଶୀଙ୍କ ଉତ୍ପାତ ଖବର ପହଞ୍ଚେ। ଏହି ଖବର ପାଇଲେ କାମରେ ବାଧା ସୃଷ୍ଟି ହୁଏ। ଦୁଶ୍ଚିନ୍ତା ମାଡ଼ି ଆସେ।

ନିଜେ ନିରବୀ ଗଲେ ବି କେତେକ ଉଦ୍‌ଭ୍ରାନ୍ତ ପଡ଼ୋଶୀ ଶାନ୍ତ ପଡ଼ନ୍ତିନି। ଆମେ ଯଦି ତାଙ୍କ ଗଡ଼ିଆରେ ଗୋଡ଼ ପୂରାଉ, ଗୋଡ଼ ପଙ୍କିଳ ହୋଇଯାଏ। କିଛିଜଣ ବାରମ୍ବାର ପଡ଼ୋଶୀର କ୍ଷତି ଚିନ୍ତା କରନ୍ତି। ହଇରାଣ ହରକତ କରିବାକୁ ଲାଗିପଡ଼ନ୍ତି। ସେଥିରେ ସମୟତକ ନଷ୍ଟ ହୁଏ। ଭଲ କାମରେ ବାଧା ଉପୁଜେ। କଳହ ବେଳେ ବେଳେ ରକ୍ତପାତ ଘଟାଏ। ଯେହେତୁ ସେମାନେ ଆମ ପାଖ ଘରେ ରହନ୍ତି ଅଧିକାଂଶ ସମୟରେ ସେମାନଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇପଡୁ। ମନରେ ପ୍ରତିଶୋଧ ଜାଗେ, ତାଙ୍କୁ ପାନେ ଦେବାକୁ ଖରାପ ଚିନ୍ତା କରୁ। କୌଣସି କାମରେ ପରିବାର ବାହାରକୁ ଗଲେ ଘରେ ତାଲା ଦେଇ ଗଲେ ମଧ୍ୟ ମନ ସନ୍ଦେହରେ ଆଉଟୁପାଉଟୁ ହୁଏ। ଆମେ ଯଦି ଘର ଭଡ଼ାରେ ଥିବା ତେବେ ଯେତେ କଷ୍ଟ ହେଉ ଅନ୍ୟ ଘର ଦେଖି ଚାଲିଯିବା। ଯାହାର ନିଜ ଘର ସେ କ'ଣ ସେ ଘରକୁ ବିକ୍ରି କରିଦେବା ସମ୍ଭବ?

ପୂର୍ବରୁ କେହି ବିଷାଦଗ୍ରସ୍ତ ହେଲେ ସୁଧାରିବାରେ ପରିବାରଠାରୁ ପଡ଼ୋଶୀଙ୍କ ଭୂମିକା ଥାଏ ଅଧିକ। ନିଜର ମନକଥା ଖୋଲି କହିହୁଏ ପଡ଼ୋଶୀ ପାଖରେ। ପଡ଼ୋଶୀ ତୁରନ୍ତ ଏହାର ସମାଧାନ କରିଦିଅନ୍ତି। ଅବାଟରେ ଥିବା ପଡ଼ୋଶୀଙ୍କୁ ଠିକ୍ ବାଟକୁ ଆଣିବା ଶ୍ରେଷ୍ଠତ୍ୱର ପରିଚାୟକ। ତାଙ୍କ ସହିତ ମନ ମିଳାଇ ଚଳିବାକୁ ପଡ଼ିବ। ଆମକୁ ଚିନ୍ତା କରିବାକୁ ପଡ଼ିବ ଅବାଟରେ ଥିବା ପଡ଼ୋଶୀ ଜଣକ ଆମେ ନୁହଁ ତ ? ଯାହାଙ୍କ ଗହଣରେ ଆମେ ଅଛେ, ତାଙ୍କ ଦାୟାଦଙ୍କ ସହିତ ଆମ ଦାୟାଦ ଚଳିବେ। ମନସ୍ଥିର କଲେ ଅଡୁଆ ସୂତାର ଗଣ୍ଠି ସହଜରେ ଖୋଲିଯାଏ। ଆମ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ମହାନଦୀ ପାଣି ଅଟକାଇ ଓ ଆନ୍ଧ୍ର କୋଟିଆକୁ ନିଜର କହି ଓଡ଼ିଶାର ମାନସିକ ସ୍ଥିତି ଦୋହଲାଇ ଦେଉଛନ୍ତି। ପାକିସ୍ତାନ, ଚୀନ୍ ଓ ବାଂଲାଦେଶ ପଡ଼ୋଶୀ ରାଷ୍ଟ୍ର ହୋଇ ଅମାନିଆ ପଡ଼ୋଶୀର ଭୂମିକା ନେଉଛନ୍ତି। ଆମକୁ ତ ତାଙ୍କୁ ନେଇ ଚଳିବାକୁ ହେବ। ●

ପଟ୍ଟାମୁଣ୍ଡାଇ, ମୋ: ୯୫୫୬୭୫୮୬୦୩୦

## ଅସ୍ମିତାର ଅନୁସନ୍ଧାନ

**ସତ୍ୟଜ୍ୟୋତି**

### ସାଧବର ସାଗର ସନ୍ଧାନ

ପ୍ରାୟ ଦଶବର୍ଷ ତଳେ ଜଣେ ଅଣଓଡ଼ିଆ କଥାପ୍ରସଙ୍ଗରେ ପଚାରିଦେଲେ, 'ତମ ଓଡ଼ିଆମାନଙ୍କର କେବଳ ଜଗନ୍ନାଥଙ୍କୁ ଛାଡ଼ି ଆଉ ଗର୍ବ କରିବାର କ'ଣ ଅଛି?' ଏହି ପ୍ରଶ୍ନଟି ହଠାତ୍ ଲଘୁ ପରିବେଶକୁ ଟିକିଏ ଗୁରୁ କରିଦେଲା। ମୋର ଉତ୍ତର ଥିଲା - 'ଶ୍ରୀଜଗନ୍ନାଥ ପ୍ରତିଟି ଓଡ଼ିଆପ୍ରାଣର ଚେତନା, ସ୍ପନ୍ଦନ, ଅନୁଭବ, ଉପଲବ୍ଧି ଆଉ ପରିଚୟ। ତେଣୁ ଶ୍ରୀଜଗନ୍ନାଥଙ୍କୁ ଆଗରେ ଓ ସାଥୀରେ ରଖି ଚାଲିବାର ମାନସିକତା ଆମ ଅସ୍ଥି ମଜ୍ଜାଗତ।' ଏହାପରେ ତାଙ୍କର ପୁଣି ପାଲଟା ଆରୋପ ଥିଲା, 'ତମେ ଓଡ଼ିଆଗୁଡ଼ା କର୍ମକୁଣ୍ଠ ହୋଇଥିବାରୁ ଧର୍ମଭୀରୁ।' ଏଥର ସେହି ଅଣଓଡ଼ିଆ ମହୋଦୟଙ୍କୁ ମୋର ଶାଣିତ ଉତ୍ତର ଥିଲା - 'ସ୍ୱାଧୀନତା ସଂଗ୍ରାମର ଯେଉଁ ମହାନାୟକ ତଥା ସଶସ୍ତ୍ର ବିପ୍ଳବୀଙ୍କୁ ନେଇ ତୁମ ଜାତି ଗର୍ବ କରୁଛି ତାଙ୍କ ଶରୀରର ଶୀରାପ୍ରଶିରାରେ ଭରି ରହିଛି ଓଡ଼ିଶାର ମାଟି, ପାଣି, ପବନ, ଚେତନା ଓ ପ୍ରେରଣା। ଆଉ ଜଣେ ଦୁର୍ଦ୍ଧର୍ଷ ଓଡ଼ିଆ ବୈମାନିକର ସାହସ ଓ ବୀରତ୍ୱର ଯୋଗଦାନ ବିନା ସ୍ୱାଧୀନ ଭାରତ ତା'ର ପ୍ରଥମ ଯୁଦ୍ଧରେ କାଶ୍ମୀରକୁ ହରାଇଥା'ନ୍ତା। ଡଚ୍‌ମାନଙ୍କ କବଳରୁ ଇଣ୍ଡୋନେସିଆର ତୁଙ୍ଗ ନେତାଙ୍କୁ ଏକାକୀ ଉଦ୍ଧାର କରି ଆଣିଥିôବା ସେହି 'ୱାନ ମ୍ୟାନ୍ ଆର୍ମି' ମଧ୍ୟ ଥିଲା ଜଣେ ଓଡ଼ିଆ, ଯାହାର ପାର୍ôଥବ ଶରୀର ଉପରେ ଚାରିଟି ରାଷ୍ଟ୍ରର ଜାତୀୟ ପତାକା ଶୋଭା ପାଇଥିଲା। ଏବେ ରାଷ୍ଟ୍ରୀୟ ଭାଷା ହେବାର ଦାବି କରୁଥିବା ହିନ୍ଦୀ ଭାଷା ସାହିତ୍ୟର ପ୍ରଥମ ଧ୍ୱନି ବିଜ୍ଞାନ ମଧ୍ୟ ଲେଖିଥିଲା ଜଣେ ଓଡ଼ିଆ। ଓଡ଼ିଆ ଶାରୀରିକ ଶକ୍ତି, ସାହସ, ବୁଦ୍ଧିମତ୍ତା, ବିଚକ୍ଷଣତାର ଏଭଳି ଉଦାହରଣ ଅନେକ। ଶ୍ରୀଜଗନ୍ନାଥ ଆମ ମୁରବି। ତାଙ୍କ ଇଚ୍ଛା ବିନା ସାହସିକତା, ସଫଳତା, ଉପଲବ୍ଧି ମୂଲ୍ୟହୀନ। କରି କରାଉ ଥାଏ ସେହି - ଏହି ଧାରଣା ପ୍ରତିଟି ଓଡ଼ିଆ ପ୍ରାଣର ଶ୍ୱାସ ଓ କୋଷରେ ମିଶିଯାଇଥିବାରୁ ସଫଳତାର ସମସ୍ତ ଶ୍ରେୟ ତାଙ୍କୁ ହିଁ ସମର୍ପଣ କରୁ, ପୁଣି ବିଫଳତାରେ ଗାଳି ଦେଉ। ଗଙ୍ଗାରୁ ଗୋଦାବରୀ ଜୟ କରିଥିବା ସମ୍ରାଟ୍ ମଧ୍ୟ ନିଜକୁ ରାଉତପଣେ ଜଗତସମ୍ରାଟ ପାଖରେ ସମର୍ପି ଦିଏ।' ଏଥର ସେ ଅଣଓଡ଼ିଆଙ୍କ ମହାଶୟଙ୍କ ପାଖରେ ନିଜ ଜାତିକୁ ନେଇ ଗର୍ବ କରିବାର କୌଣସି ଶବ୍ଦ ନଥିଲା। ଲଘୁ କଥା ଛଳରୁ ଆରମ୍ଭ ହୋଇଥିବା ଆଲୋଚନା ଏକ ଗୁରୁଗମ୍ଭୀର ପରିବେଶରେ ସମାପ୍ତ ହେଲା।

ଯୁକ୍ତିଛଳରେ ସିନା ସେଦିନ ଓଡ଼ିଆର ଜିତାପଟ ହେଲା। କିନ୍ତୁ ଅନେକ ଦିନ ପର୍ଯ୍ୟନ୍ତ ସେ ମହାଶୟଙ୍କ ପ୍ରଶ୍ନଟି ଅବଚେତନ ମନକୁ ଆନ୍ଦୋଳିତ କରିବାକୁ ଲାଗିଲା। କ'ଣ ଓଡ଼ିଆମାନଙ୍କର ଏଭଳି କୌଣସି ସମୃଦ୍ଧ ଐତିହ୍ୟ ଓ ପରମ୍ପରା ନାହିଁ, ଯାହାକୁ ନେଇ ସେ ପୃଥିବୀର ଯେକୌଣସି ଅଞ୍ଚଳରେ ଠିଆ ହୋଇ ଗର୍ବ କରିପାରିବ? ବିଶ୍ୱ ତା' ଆଗରେ ନତମସ୍ତକ ହେବ? ସାରା ଜଗତ କୃତଜ୍ଞ ରହିବ? ଏଭଳି ଜିଜ୍ଞାସା ଓ ଓଡ଼ିଆ ଅସ୍ମିତାର ଅନୁସନ୍ଧାନରେ ସେହି ବିଶ୍ୱ ନିୟନ୍ତାଙ୍କ ଅଦୃଶ୍ୟ ଇଙ୍ଗିତରେ ହଠାତ୍ ଶବ୍ଦଟିଏ ମନରେ ଆସିଲା - କଳିଙ୍ଗ ନୌବାଣିଜ୍ୟ। ଏହାପରେ ଆରମ୍ଭ ହେଲା କଳିଙ୍ଗ ନୌବାଣିଜ୍ୟ ପରମ୍ପରା ଜରିଆରେ ଓଡ଼ିଆ ଅସ୍ମିତାର ଅନୁସନ୍ଧାନ।

ଅଣଇତିହାସ ଛାତ୍ର ଭାବେ ନୌବାଣିଜ୍ୟ ଇତିହାସରେ ଗଭୀର ପ୍ରବେଶ ନଥିଲା। ବୃତ୍ତିଗତ ସମୟାଭାବ ଏହି ଗବେଷଣାକୁ ଆହୁରି ମନ୍ଥର କରିଦେଲା। ସମୟାଭାବ ଓ ଜ୍ଞାନାଭାବର ଏହି ଦ୍ୱନ୍ଦ୍ୱ ମଧ୍ୟରେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ଓ ଅଭିଲେଖାଗାରରୁ ଆରମ୍ଭ ହେଲା ଓଡ଼ିଆ ଅସ୍ମିତା ସନ୍ଧାନର ପ୍ରଥମ ଅଭିଯାନ। ସନ୍ଧାନର ପ୍ରଥମ ଉପଲବ୍ଧି ଥିଲା ପଣ୍ଡିତ ଜବାହାରଲାଲ୍ ନେହେରୁଙ୍କ ଲିଖିତ 'ଡିସ୍‌କଭରି ଅଫ୍ ଇଣ୍ଡିଆ'ର ସେହି ଧାଡ଼ିଟି, ଯେଉଁଥିରେ ଲେଖାଥିଲା - 'ଦ ଅର୍ଲି କଲୋନିଷ୍ଟିସ୍ ଆର୍ ସପୋଜଡ୍ ଟୁ ହାଭ ଗନ୍ ଫ୍ରମ୍ କଳିଙ୍ଗ ଅନ୍ ଦ ଇଷ୍ଟକୋଷ୍ଟ।' ଯାହାର ମର୍ମାର୍ଥ - ବିଶ୍ୱର ପ୍ରଥମ ଉପନିବେଶବାଦ ଅଭିଯାନର ପ୍ରାରମ୍ଭ କଳିଙ୍ଗରୁ ଆରମ୍ଭ ହୋଇଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଓଡ଼ିଆ ଅସ୍ମିତାର ଏହି ଅନୁସନ୍ଧାନକୁ ହଠାତ୍ ତ୍ୱରାନ୍ୱିତ କଲା ପ୍ରଥିତଯଶା ଔପନ୍ୟାସିକ, କଥାଶିଳ୍ପୀ ଓ ଓଡ଼ିଆ ସାରସ୍ୱତ ଜଗତର ପ୍ରଣମ୍ୟ ପୁରୁଷ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟଙ୍କ ପ୍ରେରଣା ଓ ସହଯୋଗ। ଏହି ସ୍ତମ୍ଭରେ ପ୍ରତି ସପ୍ତାହରେ ସେହି ଯତ୍‌କିଞ୍ଚିତ ଗବେଷଣାଲବ୍ଧ ତଥ୍ୟର ଉପସ୍ଥାପନା ଓ ଆଲୋଚନା କରିବାର କ୍ଷୁଦ୍ର ପ୍ରୟାସ କରୁଛି। ● (କ୍ରମଶଃ)

ମୋ: ୯୩୩୮୦୮୭୯୦୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ପୂର୍ବତନ କଳାପଥର ପାକ୍ସ ସମ୍ପାଦକ ଦୋଷୀ ସାବ୍ୟସ୍ତ

# ୪ ବର୍ଷ ଜେଲ ଓ ୩୦ ହଜାର ଟଙ୍କା ଜରିମାନା

**ସୋନପୁର, ୬।୧୨(ସମିସ):** ସରକାରୀ ଅର୍ଥ ଆତ୍ମସାତ ସମ୍ପର୍କିତ ୨୦୨୦ର ଏକ ଭିଜିଲାନ୍ସ ମାମଲାରେ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥର ପ୍ୟାକ୍ସର ପୂର୍ବତନ ସମ୍ପାଦକ ଜଗଦୀଶ ରଥ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।୨୦୧୪-୧୫ ମସିହାରେ ଡେବୁକ୍ କ୍ଲୋଜିଂ ବାଲାନ୍ସକୁ କମ ଦର୍ଶାଇ ଏବଂ କାର୍ଯ୍ୟାଳୟର ରେକର୍ଡରେ ହେରଫେର କରି ୫ ଲକ୍ଷ ୨୮ ହଜାର ଟଙ୍କା ୫୪ ଟଙ୍କା ଆତ୍ମସାତ କରିଥିବା ଜଣା ପଡ଼ିଥିଲା।ଏହି ମାମଲାରେ ବଲାଙ୍ଗିର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଜଗଦୀଶ ରଥଙ୍କୁ ଦୋଷୀ ସାବ୍ୟସ୍ତ କରି ୪ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏହା ସହ ୩୦ ହଜାର ଟଙ୍କାର ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କୁ ଚାକିରିରୁ ବହିଷ୍କାର ପାଇଁ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଆବେଦନ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ବଲପୁର ଭିଜିଲାନ୍ସ ଡିଭିଜନର ପୂର୍ବତନ ଇନ୍ସପେକ୍ଟର ତପସ୍ୱିନୀ ସେଠ ମାମଲାର ତଦନ୍ତ କରିଥିଲେ। ବଲାଙ୍ଗିର ସ୍ୱତନ୍ତ୍ର ଭିଜିଲାନ୍ସ ପିପି ଜୟକୃଷ୍ଣ ସାହୁ ମାମଲା ପରିଚାଳନା କରିଥିଲେ।

# ବିଦେଶୀ ମଦ ଦୋକାନକୁ ବିରୋଧ



**ସଇଁତଲା, ୬।୧୨(ସମିସ):** ସଇଁତଲା ଥାନା ଅର୍ନ୍ତଗତ ଗଣ୍ଡପତ୍ରାପାଲି ପଞ୍ଚାୟତ ଫପସି ଛକରେ ଥିବା ବିଦେଶୀ ମଦ ଦୋକାନ ଯୋଗୁଁ ଅଞ୍ଚଳରେ ଅସାମାଜିକ କାର୍ଯ୍ୟକଳାପ ହେଉଥିବା ଅଭିଯୋଗ ହୋଇଛି। ଗାଁକୁ ଲାଗି ମଦ ଦୋକାନ ଥିବାରୁ ଛାତ୍ରଛାତ୍ରୀ, ମହିଳା ଯିବା ନିଜକୁ ଅସୁରକ୍ଷାମନେ କରୁନାହାଁନ୍ତି।ଏଥିସହ ରାସ୍ତା ଦେଇ ମହିଳାମାନେ ପ୍ରତ୍ୟକ ଦିନ ପାଣି ସଂଗ୍ରହ କରିବା ପାଇ ଯାଇଥାନ୍ତି। ଗାଁ ମଝୀରେ ମଦ ଦୋକାନ ଥିବାରୁ ଗଣ୍ଡ ପତ୍ରାପାଲି ସରପଞ୍ଚ ମନିଶ ସୁନା ସମେତ ଗାଁର ଶତାଧିକ ମହିଳା ଓ ପୁରୁଷ ଗତ ନଭେମ୍ବର ୧୮ ତାରିଖ ଦିନ ବଲାଙ୍ଗୀର ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଅବକାରୀ ବିଭାଗ ଅଧିକାରୀ ସଚିନ ବେହେରା ଆସି ତଦନ୍ତ କରିଥିଲେ। ତଦନ୍ତ ବେଳେ ସ୍ଥାନୀୟ ସରପଞ୍ଚ ମନୀଷ ସୁନା, ସମିତି ସଭ୍ୟା ଅମ୍ରିତା ଦୀପ, ଅମିତ ଦୀପ ସମେତ ଗାଁ ର ୱାର୍ଡ ସଭ୍ୟ ସହ ଅନେକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।ଅନ୍ୟପଟେ ଅଭିଯୋଗକୁ ଭିତ୍ତିକରି ତଦନ୍ତ କରିବାକୁ ଯାଇ ବିଭିନ୍ନ ଦିଗକୁ ନେଇ ତଦନ୍ତ କରି ଉପରସ୍ଥ ଅଧିକାରୀକୁ ରିପୋର୍ଟ ଦେବା ପାଇଁ କହିଥିଲେ।

# ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ରକ୍ତଦାନ ଶିବିର

**କଣ୍ଟାବାଞ୍ଜି, ୬।୧୨(ସମିସ):**ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରେ ରୋଡ ନଂ ୩ରେ ଏଚଡିଏଫସି ବ୍ୟାଙ୍କ ରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଉଛି।ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଗିରିରାଜ ଶଙ୍କର ମଲ୍ଲିକ ଯୋଗଦେଇ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୩୫ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶାଖା ପରିଚାଳକ ଶାଶ୍ୱତ ସାମାନ୍ତ ରାଏ, ରଞ୍ଜନ ବସନ୍ତିଆ, ଦୁଷ୍ମନ୍ତ ପୁଟେଲ, ନିହାର ବେହେରା, ସପିଳ ଗୁରୁ, ଶ୍ରୀତମ ବେହେରା, ରକ୍ତ ଭଣ୍ଡାର କର୍ମଚାର ବିଶ୍ୱାସଜୀତ ଦେବତା କୁନା ଦାସ, ଶିବ ସାହୁ, ଦୁର୍ଗା ତାଣ୍ଡି, ଗୁରୁବାରୁ ରଣାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



# କୋସଲି ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ





**ନୂଆପଡ଼ା, ୬।୧୨(ସମିସ)**

ନୂଆପଡ଼ା ଜିଲ୍ଲା ପୁଲିସ ପଡ଼ିଆରେ ଶୁକ୍ରବାର ଦିନ କୋସଲି ସାହିତ୍ୟ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ କୋସଲି ସାଂସ୍କୃତିକ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି।ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠାନ ପକ୍ଷରୁ ସିରତୋଲ ଠାରୁ ଶୋଭାଯାତ୍ରା ବାହାରି ନୂଆପଡ଼ା ସହର କରିକ୍ରମା କରିଥିଲେ। ପରେ ପୁଲିସ ପଡ଼ିଆ ସାସ୍କୃତିକ ମଞ୍ଚରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ କୋସଲି ସାଂସ୍କୃତିକ ମହୋତ୍ସବ ସଭାପତି ସୁରଜିତ ସିଂହ ମହାରଥା ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ମଧୁସୁଦନ ଦାସ, ମୁଖ୍ୟବକ୍ତା ଭାବେ ଦହିତା କଲେଜ ଅଧକ୍ଷ ଶୁଶାନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ଏସ୍‌ପି ଜିଆର ରାଘବେନ୍ଦ୍ର ପ୍ରମୁଖ ଯୋଗ ଦେଇ ଅଭିଭାଷଣ ରଖିଥିଲେ। ମହୋତ୍ସବ ପାଳନ କମିଟି ସମ୍ପାଦକ ରବି ମଙ୍ଗରାଜ କାର୍ଯ୍ୟକ୍ରମ ପରିଚାଳନା ରହିଥିଲେ। ପ୍ରଥମ ଦିନରେ କୁରେଫୁଲ ସାଂସ୍କୃତିକ ଅନୁଷ୍ଠାନ ଜୁନାନୀ, ସଙ୍ଗୀତ ସାଧନା ଲୋଇସିଂହା, ମହୁରି କଳା ଅନୁଷ୍ଠାନ ପାଟନାଗଡ଼, ଘୁଙ୍ଗୁରୁ କଳା ପରିଷଦ ବଲାଙ୍ଗିର, କୋସଲ ଫୋକ ଏକାଡେମୀ ବଲାଙ୍ଗିର, ଆଶ୍ରମ ବାଳିକା ହାଇସ୍କୁଲ କୋଟେନରୁଆଁ, ସାଲିହା, ଆଶ୍ରମ ସ୍କୁଲ ଭାଲେଶ୍ୱର, ବେଲଟୁକୁରୀ, ମହାମାୟା କଲେଜର ବିଭିନ୍ନ ସାସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବ ୬ ତାରିଖ ଠାରୁ ଆରମ୍ଭ ହୋଇ ୧୦ ତାରତଖ ଦିନ ଉଦ୍‌ଯାପିତ ହେବ। ୯ ତାରିଖ ଦିନ ଷ୍ଟାର ନାଇଟ ଆଶିଷୀ କୁମ୍ଭାର, ଗଗନ ବାଗ ଓ ୧୦ ତାରିଖ ଦିନ ରକ ଷ୍ଟାର ରୁକୁ ସୁନାର କାର୍ଯ୍ୟକ୍ରମ ରହିଛି ବୋଲି ସମ୍ପାଦକ ମଙ୍ଗରାଜ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମକୁ କମିଟିର ଉପଦେଷ୍ଟା ଅଶ୍ୱିନୀ ଭୋଇ, ଅଶୋକ ପୁଞ୍ଜି, ପିଣ୍ଟୁ ଜଗତ, ଏକମ ଦୀପ, କିରଣ ବାଗ, ବିଜୁ ହେର୍ଣ୍ଣା, ସଞ୍ଜୟ ମହାନନ୍ଦ, ଗଜିନ ସାହୁ, ପ୍ରଭାତ ମହାନନ୍ଦ, ସନ୍ତୋଷ ଦୁରିଆ ସହଯୋଗ କରୁଛନ୍ତି।

# ଗୃହରକ୍ଷୀ ଦିବସ ପାଳିତ

**ବଲାଙ୍ଗିର, ୬।୧୨(ସମିସ):** ବଲାଙ୍ଗିର ମନୋହରପୁରସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ଗୃହରକ୍ଷୀ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ଏସ୍‌ପି ରିଶିକେଷ ଖିଲାରୀ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଗୃହରକ୍ଷୀଙ୍କ ଦ୍ୱାରା ପ୍ରଥମେ ପରେଡ କାର୍ଯ୍ୟକ୍ରମ କରାଯାଇଥିଲା। ବାଦ୍ୟର ତାଳେତାଳେ ପରେଡ କରି ବିଭାଗୀୟ ମୁଖ୍ୟଙ୍କୁ ସଲାମୀ ଜଣାଇଥିଲେ। ଏହାପରେ ଏସ୍‌ପି ବକ୍ତବ୍ୟ ରଖି ସମସ୍ତ ଗୃହରକ୍ଷୀଙ୍କୁ ଗୃହରକ୍ଷୀ ଦିବସର ଶୁଭକାମନା ଜଣାଇଥିଲେ। ସେ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଶୁଭେଚ୍ଛା ବାର୍ତ୍ତା ପଠନ କରିଥିଲେ। ୧୯୬୨ ମସିହାରେ ଭାରତ ଓ ଚୀନ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ସାମରିକ ବାହାନିଙ୍କୁ ସହଯୋଗ କରିବାକୁ ଗୃହରକ୍ଷୀ ବାହାନି ପ୍ରତିଷ୍ଠା କରାଯାଇଥିଲା। ଚୀନ ସହିତ ମୁକାବିଲା କରିବାରେ ଗୃହରକ୍ଷୀମାନଙ୍କର ଯଥେଷ୍ଟ ଭୂମିକା ରହିଛି। ସେହଦିନ ଠାରୁ ଭାରତର ସୁରକ୍ଷା ବାହାନି, ଆରକ୍ଷୀ ବାହାନିଙ୍କୁ କର୍ତ୍ତବ୍ୟପରାୟଣତାର ସହିତ ସହଯୋଗ କରିଆସୁଛି ଗୃହରକ୍ଷୀ ବିଭାଗ। ଓଡ଼ିଶାରେ ଟ୍ରାଫିକ୍ ସେବା, ଓ ଅନ୍ୟାନ୍ୟ କାର୍ଯ୍ୟରେ ଗୃହରକ୍ଷୀ ବାହାନିଙ୍କ ଭୂମିକା ପ୍ରଶଂସନୀୟ ବୋଲିଏସ୍‌ପି କହିଥିଲେ। କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ସହରର ବିଭିନ୍ନ ସଂଗଠନର କର୍ମକର୍ତ୍ତା, ସାମ୍ବାଦିକ ଉପସ୍ଥିତ ଥିଲେ।



# ଅସହାୟଙ୍କ ଶବ ସତ୍କାର କଲେ ସ୍ୱେଚ୍ଛାସେବୀ



**ବଲାଙ୍ଗିର, ୬।୧୨ (ସମିସ):** ପାଟଣାଗଡ଼ ହସ୍ପିଟାଲରେ କେହି ଜଣେ ଆସିକି ବୃଦ୍ଧଙ୍କୁ ଭର୍ତ୍ତି କରି ଦେଇ ଚାଲିଗଲେ। ଅସହାୟ ବୃଦ୍ଧ ଜଣକ ବୟସ ପ୍ରାୟ ୭୦ ବର୍ଷ। ଗତ ୩ ତାରିଖ ରାତିରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ପରେ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଘଠନକୁ ଖବର ଦେଇ ପୁଲିସ ଦ୍ୱାରା ଶବକୁ ଜବତ କରାଯାଇ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ବ୍ୟବଚ୍ଛେଦ ପରେ ଔପଚାରିକତା ଦୃଷ୍ଟିରୁ ଶବକୁ ସଂରକ୍ଷଣ କେନ୍ଦ୍ରରେ ସଂରକ୍ଷିତ ରଖାଯାଇଥିଲା। ବୃଦ୍ଧଙ୍କୁ କିଏ ଆଣିକି ହସ୍ପିଟାଲରେ ଭର୍ତ୍ତି କରିଥିଲା ତାହାର କୌଣସି ତଥ୍ୟ ହସ୍ପିଟାଲ କାଜୁଆଲିଟିରୁ ଉପଲବ୍ଧ ହୋଇପାରିଲା ନାହିଁ। ପାଟଣାଗଡ଼ ପୁଲିସ ଅଧିକାରୀ ମୃତ ବୃଦ୍ଧଙ୍କ ପରିଚୟ ସନ୍ଧାନ ଲକ୍ଷ୍ୟରେ ଖବରକାଗଜରେ ବିଜ୍ଞାପନ ମଧ ଦେଇଥିଲେ। କିନ୍ତୁ ବୃଦ୍ଧଙ୍କ କୌଣସି ପରିଚୟ ମିଳି ପାରିଲା ନାହିଁ। ଫଳରେ ଆଜି ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ଗୋବିନ୍ଦ ଚନ୍ଦ୍ର ଶତପଥୀ, ଲିଙ୍କନ ସେଠ, ଉତ୍ତମ ନନ୍ଦ, ସୁବ୍ରତ ରଣା, ପାଟଣାଗଡ଼ ପୋଲିସ ଉପସ୍ଥିତିରେ ଉକ୍ତ ଅପରିଚିତ ବୃଦ୍ଧଙ୍କ ଶବକୁ ସଂରକ୍ଷଣ କେନ୍ଦ୍ରରୁ ସ୍ୱର୍ଗ ରଥରେ ନେଇ ସ୍ଥାନୀୟ ବିଜାଖମାନ ସ୍ମଶାନରେ ସସମ୍ମାନେ ଶେଷ ସଂସ୍କାର କରିଛନ୍ତି।

# ମହାପରିନିର୍ବାଣ ଦିବସ ପାଳିତ



**କଣ୍ଟାବାଞ୍ଜି, ୬।୧୨ (ସମିସ):** ଭାରତୀୟ ସମ୍ବିଧାନ ପ୍ରଣେତା ଡ ଭୀମରାଓ ଆମ୍ବେଦକରଙ୍କ ୬୮ ତମ ମହାପରିନିର୍ବାଣ ଦିବସ କଣ୍ଟାବାଞ୍ଜିରେ ପାଳିତ ହୋଇଯାଇଛି। ପ୍ରଥମେ ଆମ୍ବେଦକର ଛକ ଠାରେ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଦେଇ ପରେ ସ୍ଥାନୀୟ ଆମ୍ବେଦକର ଭବନ ଠାରେ ସାଧାରଣ ସଭାର ଆୟୋଜିତ ହୋଇଥିଲା। ଅତିଥିମାନେ ଡ. ଭୀମରାଓ ଆମ୍ବେଦକରଙ୍କ ଜୀବନୀ ବିଷୟରେ ଅବିଭାଷଣ ରଖିଥିଲେ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ପାଟଣାଗଡ଼, ୬।୧୨(ସମିସ):** ବିଜ୍ଞପିତ ଅଞ୍ଚଳ ପରିଷଦ ପାଟଣାଗଡ଼ ଓ ବ୍ଲକ ପାଟଣାଗଡ଼ ଆନୁକୂଲ୍ୟରେ ସ୍ଥାନୀୟ ସୁଭଦ୍ରା ଭବନରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜ୍ଞପିତ ଅଞ୍ଚଳ ପରିଷଦର ଅଧକ୍ଷା ମାନସୀ ବିଶ୍ୱାଳ ଓ ବ୍ଲକ ବିଡ଼ିଓ ସୁମନ୍ତ ମିଞ୍ଜି ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ।ଜିଲ୍ଲା ମଙ୍ଗଳ ଅଧିକାରୀ ମଦନ ଜିତ ହୋତା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିବିରରେ ଯୋଗଦେଇଥିବା ଭିନ୍ନକ୍ଷମଙ୍କୁ ଜିଲ୍ଲାରୁ ଆସିଥିବା ଡାକ୍ତର ଦଳ ଯାଞ୍ଚ କରି ଭିନ୍ନକ୍ଷମଙ୍କୁ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଶିବିରରେ ପାଟଣାଗଡ଼ ବ୍ଲକ ମଙ୍ଗଳ ଅଧିକାରୀ କମଳାକାନ୍ତ ବାରିକ, ଘସିଏନ ସିଏଚ୍‌ସିର ଅଧିକାରୀ ସୁଜୟ ମେହେରଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

# ଲୋଇସିଂହା ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**ଲୋଇସିଂହା, ୬।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଲୋଇସିଂହା ମହାବିଦ୍ୟାଳୟରେ ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ଓ ୟୁଥ୍ ରେଡକ୍ରସ୍‌ର ମିଳିତ ଆନୁକୂଲ୍ୟରେ, ଅଧାପକ ଅଭିଷେକ ଦାସଙ୍କ ସଂଯୋଜନାରେ ଆମ୍ବେଦକରଙ୍କ ଶ୍ରାଦ୍ଧ ବାର୍ଷିକୀ ଅବସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଆମ୍ବେଦକରଙ୍କ ଫୋଟୋରେ ଫୁଲମାଳ ଦେଇ ମନେ ପକାଇ ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ସାହୁ ଶିବିର ଉଦ୍‌ଘାଟନ କରି ରକ୍ତଦାନର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଯୁବାମଞ୍ଚର ସଭାପତି ଅଜିତ୍ କୁମାର ପତି ବାବା ସାହେବଙ୍କର ଭାରତୀୟ ସମ୍ବିଧାନ ପ୍ରଣୟନରେ ଅବଦାନ ସମ୍ପର୍କରେ ଅବଗତ କରାଇଥିଲେ। ଶିବିରରେ ୨୬ ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ୟୁଥ୍ ରେଡକ୍ରସ୍ ସଂଯୋଜକ କ୍ଷୀରୋଦ୍ର ପାତ୍ର, ହିମାଂଶୁ ମହାକୁର୍ ଙ୍କ ସହିତ ଛାତ୍ର ସୁବାଷ ବିଶ୍ୱାଳ, ପୁରୁଷୋତ୍ତମ ସେଠ୍, କର୍ମଚାରୀ ଜୋସେଫ୍ ମେହେର୍, ଯୁବାମଞ୍ଚର ସମ୍ପାଦକ ସୁମନ୍ତ ଶତପଥୀ, ଥବିର କର୍ମୀ, ସୁରେଶ କମ୍ପ, ବିରେନ୍ଦ୍ର ପାଣ୍ଡେ, କାଶୀନାଥ ହୋତା, ସରୋଜ ପଧାନ, ଅଭିଜିତ ଦାଶ, ଅବିନାଶ ଦାଶ, ପ୍ରେମାନନ୍ଦ, ରମାକାନ୍ତ, ଯତୀନ ନାୟକ ଏବଂ କଲେଜର ଅଧାପକ ଅଧାପିକା ଓ କର୍ମଚାରୀ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଅଭିଷେକ ଦାଶ ଧନ୍ୟବାଦ ଜ୍ଞାପନ କରିଥିଲେ।



# ୬୨ତମ ଗୃହରକ୍ଷୀ ବାହିନୀ ଦିବସ

**ନୂଆପଡ଼ା, ୬।୧୨(ସମିସ):** ସ୍ଥାନୀୟ ସିଲଦାସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ଶୁକ୍ରବାର ଦିନ ଗୃହରକ୍ଷୀ ବାହିନୀ ଦିବସ ପାଳିତ ହୋଇ ଯାଇଛି। ମୁଖ୍ୟଅତିଥି ଭାବେ ନୂଆପଡ଼ା ଏସ୍‌ପି ଜିଆର ରାଘବେନ୍ଦ୍ର, ଅତିରିକ୍ତ ଏସ୍‌ପି ଇନ୍ଦ୍ରମଣି ବେହେରା, ପୁଲିସ ଆରଆଇ ଲିଙ୍ଗରାଜ ମାଝୀ, ଗୃହରକ୍ଷୀ ଆରଆଇ ଚିତ୍ତରଞ୍ଜନ ନାଏକ ଯୋଗଦାନ କରିଥିଲେ। ଗୃହରକ୍ଷୀ ବାହିନୀ ପକ୍ଷରୁ ହୋଇଥିବା ପରେଡରେ ଏସ୍‌ପି ରାଘବେନ୍ଦ୍ର ଅଭିବାଦନ କରିଥିଲେ। ଏହି ଅବସରରେ ଜିଲ୍ଲାର ୧୮ ଜଣ ଗୃହରକ୍ଷୀଙ୍କୁ ଏସ୍‌ପି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ନୂଆପଡ଼ା ଗୃହରକ୍ଷୀ ବାହିନୀ ସଭାପତି ଶରତ ହଂସ, ସମ୍ପାଦକ ଧୋବଲେଶ୍ୱର ଜଗତ, କୋଷାଧକ୍ଷ ଗୋପାଳ ଦାସ ବାବା ପ୍ରମୁଖ ଯୋଗ ଦେଇଥିଲେ।

# ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



**ମୁରିବାହାଲ, ୬।୧୨(ସମିସ)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଡିଗ୍ରୀ ମହାବିଦ୍ୟାଳୟ ତରଫରୁ ୨ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କ୍ରୀଡ଼ାରେ ମହାବିଦ୍ୟାଳୟର ୧୪୭ ଜଣ ପ୍ରତିଯୋଗି ଅଂଶ ଗ୍ରହଣ କରି ଥିବା ବେଳେ ୨୨ଟି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଗତ ୫ ତାରିଖ ଠାରୁ ମୁରିବାହାଲ ପଞ୍ଚାୟତି ହାଇସ୍କୁଲର ଖେଳ ପଡ଼ିଆରେ ଅନୁଷ୍ଠିତ ବାର୍ଷିକ କ୍ରୀଡାକୁ ଏମପିଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ କ୍ରୀଡ଼ା ପତକାକୁ ଉତ୍ତୋଳନ କରି ଅନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ।ଏହାପରେ ୨ ଦିନ ଧରି ବାଳିକା ଓ ବାଳକ ବିଭାଗରେ ବିଭିନ୍ନ ବିଭାଗରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ତ୍ରିବିକ୍ରମ ସାହୁ ମୁଖ୍ୟଅତିଥି ରୂପେ ଉପସ୍ଥିତ ରହି କ୍ରୀଡା ଦ୍ୱାରା ମନୁଷ୍ୟର ବିକାଶ, ସହ ମାନସିକର ବିକାଶ ହୋଇଥାଏ ବୋଲି କହିଥିଲେ। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇ ଥିବା ପ୍ରତିଯୋଗିଙ୍କୁ ମାନପତ୍ର ସହ ଟ୍ରଫି ଦେଇ ପୁରସ୍କୃତ କରିଥିଲେ। ସମ୍ମାନନିୟ ଅତିଥି ଭାବରେ ଅଧାପକ ଗୁଣସାଗର ମେହେର, ସୋମେଶ ଦତ୍ତ ହୋତା, ଦିଲୀପ କୁମାର ପଶାୟତ, ପୂର୍ଣ୍ଣଚନ୍ଦ୍ର ପଧାନ, ଉପସ୍ଥିତ ରହି କ୍ରୀଡା ଉଦେଶ୍ୟ ଉପରେ ଆଲୋକପାତ କରିଥିଲେ। କ୍ରୀଡ଼ାକୁ ଖେଳ ଶିକ୍ଷକ ଶରତ ଚନ୍ଦ୍ର ପଧାନ, ରାଧେଶ୍ୟାମ ବଘାର, ନୀତେଶ ତାଣ୍ଡି ପରିଚାଳନା କରି ଥିବା ବେଳେ, ଭିଙ୍ଗରାଜ ରଣା ପରିଚାଳନା ପରିଚାଳନାରେ ରେଡକ୍ରସର ନୋଡାଲ ଅଧିକାରୀ ଛନ୍ଦା ଚରଣ ଖୁଣ୍ଟିଆ, ଓ ଏନଏନଏସ ୟୁନିଟର ନୋଡାଲ ଅଧିକାରୀ ଘନଶ୍ୟାମ ଖମାରୀଙ୍କ ନେତୃତ୍ୱରେ ସମସ୍ତ ଛାତ୍ରୀଛାତ୍ର ସହ ଯୋଗ କରିଥିଲେ। ଅଦ୍ଧାପକ ଜୋସେସ୍ମିତା ବେହେରା, ସୌଳିକା ନାୟକ, ସରିତା ରଣା, ମୀରାବାଇ ଗଡ୍ତତୀଆ, ଶେଷରେ ପ୍ରେମ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।

# ଅନ୍ତର୍ଜାତୀୟ କରାଟେ ଖେଳାଳିଙ୍କୁ ସ୍ୱାଗତ



**ବଲାଙ୍ଗିର, ୬।୧୨(ସମିସ):** ଦକ୍ଷିଣ ଆଫ୍ରିକାରେ ଚାଲିଥିବା କମନୱେଲଥ ଗେମ୍ ଖେଳି ସଫଳତା ପାଇଛନ୍ତି ବଲାଙ୍ଗିରର ଝିଅ ତମନ୍ନା ମେହେର। ଦକ୍ଷିଣ ଆଫ୍ରିକାରୁ ଫେରିବା ପରେ ଶୁକ୍ରବାର ସନ୍ଧ୍ୟାରେ ତମନ୍ନାକୁ ସ୍ୱାଗତ କରାଯାଇଛି। ଏହି ଅବସରରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଗାନ୍ଧୀ ଷ୍ଟାଡିୟମ୍ ପର୍ଯ୍ୟନ୍ତ ସ୍ୱାଗତ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ବଲାଙ୍ଗିର କରାଟେ ଏକାଡେମୀର ପ୍ରଶିକ୍ଷକ ତଥା ତମନ୍ନାଙ୍କ ଗୁରୁ ହୃଦୟ ଶବର ଓ ଚନ୍ଦ୍ରଶେଖର ସେଠ୍, ଅନ୍ୟାନ୍ୟ ପ୍ରଶିକ୍ଷ୍ୟାର୍ଥି, ଅବିଭାବକ ଓ ସହରବାସି ସାମିଲ ହୋଇ ସ୍ୱାଗତ କରିଥିଲେ। ପ୍ରକାଶ ଯେ ଦକ୍ଷିଣ ଆଫ୍ରିକା ଯାଇଥିବା ଭାରତ ଦଳରେ ପଶ୍ଚିମ ଓଡ଼ିଶାରୁ ତମନ୍ନା ଏକମାତ୍ର ଝିଅ ଥିଲେ। ସେ କନିଷ୍ଠ ବର୍ଗ ଦଳୀୟ କାତାରେ ଉତ୍ତମ ଖେଳ ପ୍ରଦର୍ଶନ କରି ଫାଇନାଲ ପର୍ଯ୍ୟନ୍ତ ଯାଇଥିଲେ। ଫାଇନାଲରେ ଦକ୍ଷିଣ ଆଫ୍ରିକାର ଖେଳାଳିଙ୍କ ଠାରୁ ପରାଜିତ ହୋଇଥିଲେ।ଦ୍ୱିତୀୟ ସ୍ଥାନରେ ରହିଥିବାରୁ ତାଙ୍କୁ ସିଲଭର ମେଡାଲ ମିଳିଥିଲା। ସିଲଭର ମେଡାଲ ପାଇ ସେ ଜିଲ୍ଲା, ରାଜ୍ୟ ଓ ଦେଶ ପାଇଁ ଗୌରବ ଆଣିଛନ୍ତି। ତମନ୍ନା ବର୍ତ୍ତମାନ ବଲାଙ୍ଗିର ପବ୍ଲିକ ସ୍କୁଲ ରେ ନବମ ଶ୍ରେଣୀରେ ପାଠ ପଢୁଛନ୍ତି। ସେ ଦୀର୍ଘ ୬ ବର୍ଷ ହେଲା ବଲାଙ୍ଗିର କରାଟେ ସ୍କୁଲରେ ପ୍ରଶିକ୍ଷଣ ନେଉଛନ୍ତି। ତାଙ୍କର ଏହି ସଫଳତା ପାଇଁ ଅବିଭାବକ ଗୁରୁଙ୍କୁ ଶ୍ରେୟ ଦେଇଛନ୍ତି। ଆଗାମୀ ଦିନରେ ସେ ଦେଶ ପାଇଁ ସୁନାମ ଆଣିବାକୁ ଲକ୍ଷ ରଖିଥିବା କହିଛନ୍ତି।

# ଛାତ୍ରଛାତ୍ରୀଙ୍କ ତର୍କରେ କମ୍ପିଲା ସମ୍ମିଳନୀ କକ୍ଷ

**ବୌଦ୍ଧ/ମନମୁଣ୍ଡା, ୬।୧୨(ସମିସ):** ବସନ୍ତ ସୋସିଆଲ ଫାଉଣ୍ଡେସନ ନୂଆଦିଲ୍ଲୀର ମନମୁଣ୍ଡା ଶାଖା ପକ୍ଷରୁ ବୌଦ୍ଧ ଯୋଗେନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ ଶତବାର୍ଷିକୀ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ତର୍କ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ଅଧକ୍ଷା ରାଜଶ୍ରୀ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଏହି ତର୍କ ପ୍ରତିଯୋଗିତାରେ ବିଭିନ୍ନ ସରକାରୀ ଉଚ୍ଚ ବିଦ୍ୟାଳୟରୁ ୯ ଜଣ ଛାତ୍ରୀ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଥିଲେ। ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥାରେ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ସମ୍ପର୍କିତ ଶୀର୍ଷକ ଉପରେ ତର୍କ ପ୍ରତଯୋଗିତା ଅନୁଷ୍ଠିତ ହୋଇଥିଲା। ସଂଗ୍ରାମପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅଭିଲିପସା ବିଶ୍ୱାଳ ପ୍ରଥମ, ବୀରନରସିଂହପୁର ସାଧୁଚରଣ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲିପସା ମହାକୁଲ ଦ୍ୱିତୀୟ ଓ ଶଗଡ଼ା ଉଚ୍ଚ ବିଦ୍ୟାଳୟର ପଦ୍ମାଳୟା ସେଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମୁଖ୍ୟଅତିଥି ଭାବରେ ଜିଲାପାଳ ସୁବ୍ରତ ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଓଡ଼ିଶା ଜୋନାଲ ମୁଖ୍ୟ ରାଜେଶ କୁମାର, ଭୁବନେଶ୍ୱର ମଣ୍ଡଳ ମୁଖ୍ୟ ଲକ୍ଷ୍ମୀଧର ମିଶ୍ର, ସମ୍ବଲପୁର ମଣ୍ଡଳ ମୁଖ୍ୟ ଅଜିତ ମେହେର, ଜୀବନ ବୀମା ବୌଦ୍ଧ ଶାଖା ପରିଚାଳକ ଅନିଲ ଦୋରା, ଯୋଗେନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ସିଂହ ଓ ଫାଉଣ୍ଡେସନର ଅଧକ୍ଷା ରାଜଶ୍ରୀ ମିଶ୍ର ଯୋଗଦେଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ବସନ୍ତ ଫାଉଣ୍ଡେସନର ପ୍ରତିଷ୍ଠାତା ବିକାଶ ନାରାୟଣ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଚାରକ ଭାବରେ ସାମ୍ବାଦିକ ଶଶାଙ୍କ ଶେଖର ମିଶ୍ର, ଦେବାଶିଷ ପୁରୋହିତ ଓ ଶିକ୍ଷକ ବିଜୟ ପ୍ରଧାନ ସହଯୋଗ କରିଥଲେ। ଶିକ୍ଷକ ସମ୍ବିତ ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ସାମ୍ବାଦିକ ବୈଦ୍ୟନାଥ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଶଳାବୁଢ଼ାଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପ୍ରସଙ୍ଗ

# ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କଲେ ସାମାଜିକ କର୍ମୀ

**ବିନିକା, ୬।୧୨(ସମିସ):** ଏ ଅଞ୍ଚଳର କଳା ସଂସ୍କୃତି ଭାଷାକୁ ଯିଏ ବିଶ୍ୱ ଦରବାରରେ ପରିଚିତ କରାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ ସେ ନାହାନ୍ତି ସତ ହେଲେ ତାଙ୍କର ଆତ୍ମା ସ୍ୱର୍ଗପୁରରେ ଜୀବିତ। ଜନ୍ମ ନେଇଥିବା ବିନିକା ମାଟିର ସୁଯୋଗ୍ୟ ସନ୍ତାନ ତଥା ଏକାଧାରରେ କବି, ଲେଖକ, ନାଟ୍ୟକାର, ଔପନ୍ୟାସିକ, ଚଳଚ୍ଚିତ୍ର ଅଭିନେତାର ଶଳାବୁଢ଼ା ଭାବେ ପରିଚିତ ସ୍ୱର୍ଗତ ଅଟଳ ବିହାରୀ ପଣ୍ଡାଙ୍କ ଦେହାନ୍ତ ଇତି ମଧ୍ୟରେ ୩ବର୍ଷ ଅତିକ୍ରାନ୍ତ ହୋଇସାରିଲାଣି। ହେଲେ ସେହି ସମୟରେ ଏ ମାଟିର ଗର୍ବ, ଗୌରବକୁ ସମ୍ମାନ ଦେବା ପାଇଁ କୁଆଡେ ବ୍ଲକ ଓ ଜିଲ୍ଲାସ୍ତରୀୟ ପ୍ରଶାସନିକ ଅଧିକାରୀ ବିନିକାରେ ତାଙ୍କର ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଅଦ୍ୟାବଧି ନିର୍ମାଣ ହୋଇପାରିନାହିଁ। ଏନେଇ 'ସକାଳ' ରେ ଖବର ପ୍ରକାଶ ପାଇବା ପରେ ବରଗଡ଼ ଜିଲ୍ଲା ଭେଡେନ ଥାନା ଅନ୍ତର୍ଗତ କେଶରୀପାଲି ଗ୍ରାମର ସାମାଜିକ କର୍ମୀ ରମେଶ କୁମାର ମେହେର ପ୍ରକାଶିତ ଖବରକୁ ପଢ଼ି ତାଙ୍କ ମୋବାଇଲ ଟୁଇଟର ଯୋଗେ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଂସ୍କୃତି ବିଭାଗ ସଚିବ ଏସ କେ ସିଂଦେଓ, ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ମହାପୁରୁଷ ସ୍ୱର୍ଗତ ଅଟଳ ବିହାରୀ ପଣ୍ଡାଙ୍କ ପ୍ରତିମୂର୍ତ୍ତି ତୁରନ୍ତ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

# କେନଝରିଆପାଲିରେ କୁରାଳ ପୂଜା ମହୋତ୍ସବ



**ସୁବଲୟା, ୬।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେନଝରିଆପାଲି ଗ୍ରାମରେ ଶୁକ୍ରବାର କୁରାଳ ସାମାଜ ପକ୍ଷରୁ ବାର୍ଷିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରି କଳସ ଶୋଭାଯାତ୍ରା ବାହାରି ପୂଜା ମଣ୍ଡପ ଠାରେ କଳସ ସ୍ଥାପନ କରି ଲକ୍ଷ୍ମୀ ନାରାୟଣଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ରତନ ନନ୍ଦ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ବିଦେଶି ରଣା ଓ ସହଧର୍ମିଣୀ ପଙ୍କଜିନୀ ରଣା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଦିନ ବେଳେ ପାରାୟଣ ଓ ରାତିରେ ପତର ସଉରା ବୈଠକ ହୋଇଥିବା ବେଳେ ଶନିବାର ଭଷାଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାଯାଇଛି। ସଭାପତି ବ୍ରହ୍ମାଶେଖର ରଣା, ସମ୍ପାଦକ ମଙ୍ଗୁଲୁରଣା, ଉପସଭାପତି ବିଶ୍ୱାମିତ୍ର ରଣା, ସହସମ୍ପାଦ ପଟାରି ରଣା, ଅରବିନ୍ଦ ରଣା ଓ ସଞ୍ଜୟ କୁମାର ରଣା ଉପସ୍ଥିତ ଥିଲେ।

## ମୃତକଙ୍କ ନାଁରେ ୧୧ମାସର ଚାଉଳ ହଡ଼ପ

● ଚାଉଳ ବାବଦ ଟଙ୍କା ଜମା ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ହରଭଙ୍ଗା, ୬।୧୨(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ହରଭଙ୍ଗା ପଞ୍ଚାୟତରେ ଚାଉଳ ହଡପ ଘଟଣାରେ ବୌଦ୍ଧ ଜିଲ୍ଲାପାଳ ହସ୍ତକ୍ଷେପ କରିଛନ୍ତି। ବୌଦ୍ଧ ଯୋଗାଣ ବିଭାଗ ତଦନ୍ତକାରୀ ଦଳ ହରଭଙ୍ଗା ପଞ୍ଚାୟତରେ ଚାଉଳ ଉଠାଣରେ ଅନିୟମିତତା ନେଇ ଯାଞ୍ଚ କରିଥିଲେ। ସୁରୁଣ୍ଡି ଗ୍ରାମର ସୁଶୀଳା ଭୋକ୍ତାଙ୍କ ଚଳିତ ବର୍ଷ ଫେବୃଆରୀ ମାସରେ ମୃତ୍ୟୁ ଘଟିଛି। ତାଙ୍କ ନାମରେ ମାସିକ ୩୫ କିଗ୍ରା ଚାଉଳ ଆସୁଥିଲା। ପଞ୍ଚାୟତର ଯୋଗାଣ ସହାୟକ ପ୍ରମୋଦ ପ୍ରଧାନଙ୍କ ସହଯୋଗରେ ସ୍ୱର୍ଗତ ସୁଶୀଳା ଭୋକ୍ତାଙ୍କ ନାଁରେ ୧୧ ମାସର ୩ କୁଇଣ୍ଟାଲ ୮୫ କେଜି ଚାଉଳ ହଡପ ହୋଇଛି। ଚାଉଳ ଉଠାଇଥିବ ଦୂତୀବାହନ ଭୋକ୍ତା (ମୃତକଙ୍କ ଭାଇ) ଓ ଯୋଗାଣ ସହାୟକ ପ୍ରମୋଦ ପ୍ରଧାନଙ୍କୁ ୧୧ ମାସର ଚାଉଳ ବାବଦରେ ଏବେ ଟଙ୍କା ଗଣିବାକୁ ହେବ। ପ୍ରତ୍ୟେକ ୮୦୪୨ ଟଙ୍କା ସରକାରୀ ତହବିଲରେ ଜମା କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଯୋଗାଣ ସହାୟକ ପ୍ରମୋଦ ପ୍ରଧାନଙ୍କୁ ତାଙ୍କ କାର୍ଯ୍ୟରୁ ଜିଲ୍ଲାପାଳ ଅବ୍ୟାହତି ଦେଇଛନ୍ତି।

## ବଦଳିଲେ ମନମୁଣ୍ଡା ଥାନା ଅଧିକାରୀ

**ଶଗଡ଼ା, ୬।୧୨(ସମିସ):** ବୌଦ୍ଧ ଜିଲ୍ଲାର ପୁଲିସ ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ମନମୁଣ୍ଡା ଥାନା ଅଧିକାରୀ ରାମକୁମାର ମୁର୍ମୁଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ ବୌଦ୍ଧରେ କାର୍ଯ୍ୟରତ ଇନ୍ସପେକ୍ଟର ତରୁଣ ତପନ ବେହେରାଙ୍କୁ ମନମୁଣ୍ଡା ନୂତନ ଥାନା ଅଧିକାରୀ ଭାବରେ ନିଯୁକ୍ତ କରାଯାଇଛି। ସେହିଭଳି ଶଗଡ଼ା ଫାଣ୍ଡିରେ କାର୍ଯ୍ୟରତ ଏଏସଆଇ ସନ୍ତୋଷ ମଲ୍ଲିକଙ୍କୁ ବୌଦ୍ଧକୁ ବଦଳି କରାଯାଇ ଥିବା ବେଳେ ବୌଦ୍ଧ ଆଦର୍ଶ ଥାନା ଏସଆଇ ମାଧବ ଚନ୍ଦ୍ର ଟାକ୍ରୀଙ୍କୁ ଶଗଡ଼ା ଫାଣ୍ଡି ଅଧିକାରୀ ଭାବରେ ଜିଲ୍ଲା ପୁଲିସ ମୁଖିଆ ନିଯୁକ୍ତି କରିଛନ୍ତି। ସେହିଭଳି ଜିଲ୍ଲାରେ କିଛି ଗୃହରକ୍ଷୀଙ୍କୁ ମଧ୍ୟ ବଦଳି କରାଯାଇଛି।

● ଗଞ୍ଜେଇ ଜବତ ମାମଲା

## ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

**ବୌଦ୍ଧ, ୬।୧୨(ସମିସ):** ଅତିରିକ୍ତ ଜିଲ୍ଲା ଜଜ୍ ସରୋଜିନୀ ପତି ଏକ ଗଞ୍ଜେଇ ମାମଲାର ରାୟ ଶୁଣାଇଛନ୍ତି। ଏକ ଗଞ୍ଜେଇ ଜବତ ମାମଲାରେ ଜଣେ ଅଭିଯୁକ୍ତକୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ଆଦେଶ ଦେଇଛନ୍ତି। ୨୦୧୫ ସେପ୍ଟେମ୍ବର ୪ ତାରିଖ ବାଉଁଶୁଣୀ ପୁଲିସ ଟାଟରକିଲା ଗ୍ରାମର ଯୋଗୀନ୍ଦ୍ର ସାହୁଙ୍କ ପୁରୁଣା ଘରେ ଚଢଉ କରି ୩୯ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ୍ କରିଥିଲା। ଏହି ମାମଲା ଅତିରିକ୍ତ ଜିଲ୍ଲା ଜଜଙ୍କ ଅଦାଲତରେ ବିଚାରାଧୀନ ଥିଲା। ଶେଷରେ ରାୟ ପ୍ରକାଶ ପାଇଛି। ମୋଟ୍ ୧୪ ଜଣ ସାକ୍ଷୀଙ୍କ ବୟାନ ଓ ଦସ୍ତାବିଜକୁ ବିଚାରକୁ ନେଇ ଅତିରିକ୍ତ ଜିଲ୍ଲା ଜଜ୍ ଅଭିଯୁକ୍ତ ଯୋଗୀନ୍ଦ୍ରଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ଆଦେଶ ଦେଇଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବୌଦ୍ଧର ଯୁବ ଆଇନଜୀବୀ ରାଜୀବ ଦଲାଲ୍ ମାମଲା ପରିଚାଳନା କରୁଥିଲେ।

## ୪୫ ଏକରର ଗଞ୍ଜେଇ ଗଛ ନଷ୍ଟକଲା ଅବକାରୀ ବିଭାଗ

**ଶଗଡ଼ା, ୬।୧୨(ସମିସ):** ଲମ୍ବସରୀ ପଞ୍ଚାୟତ ବଡ଼ଝାରମୁଣ୍ଡା ଓ ସାଲେପାଲୀ ଗ୍ରାମ୍ୟ ଜଙ୍ଗଲରେ ଚଢ଼ଉ କରାଯାଇ ବ୍ୟାପକ ଗଞ୍ଜେଇ ଗଛ କାଟି ପୋଡି ଗଛ ନଷ୍ଟ କରାଯାଇଛି। ୪୫ ଏକର ପରିମିତ ଜାଗାରେ ବେଆଇନ ଭାବରେ ଚାଷ ହୋଇଥିବା ୪୫ ହଜାର ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରାଯାଇଛି। ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରହିଛି। ମନମୁଣ୍ଡା ଅବକାରୀ, କଣ୍ଧମାଳ ପୁଲିସ, ଅବକାରୀ ମୋବାଇଲ ସ୍କ୍ୱାଡ୍, ଏପିଆର ଫୋର୍ସ ସହିତ ବନ ବିଭାଗ କର୍ମଚାରୀ ଚଢ଼ଉ କରିଥିଲେ।

# ଫକୀର ବାବାଙ୍କ ଉର୍ସ ଉତ୍ସବ ପାଇଁ ପ୍ରସ୍ତୁତି



**ତରଭା, ୬।୧୨(ସମିସ):** ଡିସେମ୍ବର ୧୪ ଓ ୧୫ ତାରିଖ ଦୁଇଦିନ ଧରି ହେବାକୁ ଥିବା ପ୍ରସିଦ୍ଧ ହଜରତ ସୟଦ ଶାହ ଅବଦୁଲ ଶକୁର ରହମେତୁଲ୍ଲା ଆଲ୍ଲେହେ ଓରଫ ତରଭା ୱାଲେ ଫକୀର ବାବାଙ୍କ ଉର୍ସ ଉତ୍ସବ ପାଳିତ ହେବ। ଉର୍ସ ଉତ୍ସବ ପାଇଁ ଶାନ୍ତି କମିଟି ବୈଠକ ତରଭା ବ୍ଲକ ସଭାଗୃହରେ ଶୁକ୍ରବାର ସୋନପୁର ଜିଲ୍ଲାପାଳ ଅନ୍ୟା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ବିରେନ୍ଦ୍ର କୁମାର ନାଏକ, ଉପଜିଲ୍ଲାପାଳ ଡ଼ ସୌମ୍ୟରୁପା ରଥ, ବ୍ଲକ ଅଧକ୍ଷ ସରୋଜ କୁମାର କମ୍ପ, ବିଡ଼ିଓ ଗଙ୍ଗାରାମ ବୁଡେକ, ତହସିଲଦାର ତୁଳା ମୁଦୁଲି, ସିଡିଏମଓ ପ୍ରଦୀପ କୁମାର ଗୁରୁ, ତରଭା ମେଡ଼ିକାଲ ଅଫିସର ରଶ୍ମିରଞ୍ଜନ ଚୌହାନ, ଆଇଆଇସି ଅନିତା କିଡୋ, ଏନ୍ଏସି ନିର୍ବାହୀଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକ, ଆରଡବ୍ଲ୍ୟୁଏସଏସ ନିର୍ବାହୀଯନ୍ତ୍ରୀ ତପନ କୁମାର ପ୍ରଧାନ, ଟିପିଡବ୍ଲ୍ୟୁଓଡିଏଲ ନିର୍ବାହୀଯନ୍ତ୍ରୀ ଅଶୋକ କୁମାର ରଥ, ଫାୟାର ଅଫିସର ଅନିଲ କୁମାର ମିଶ୍ର, ଏଇଏସ କଲେଜ ଅଧକ୍ଷ କୃଷ୍ଣଚନ୍ଦ୍ର ମିଶ୍ର, ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ କବିତା ବରେଇ, ବାଳକ ହାଇସ୍କୁଲ ପ୍ରଧାନଶିକ୍ଷକ ସୁରଜ କୁମାର ସେଠୀ, ଏବିଇଓ ସତ୍ୟନାରାୟଣ ମହାପାତ୍ର, ପିଏଚ୍‌ଡି କନିଷ୍ଠଯନ୍ତ୍ରୀ ଦୀପକ କୁମାର ମେହେର ପ୍ରମୁଖ ଯୋଗଦେଇ ଉର୍ସ ଉତ୍ସବ ସମୟରେ ଆବଶ୍ୟକ ହେଉଥିବା ସମସ୍ତ ବିଷୟରେ ଟିକିନିଖି ଆଲୋଚନା କରିଥିଲେ। ଜିଲ୍ଲାପାଳ ଉର୍ସ ସମୟରେ ବିଭାଗ ଗୁଡିକ ସେମାନଙ୍କ କାର୍ଯ୍ୟ ସୁଚାରୁରୁପେ ତୁଲାଇବାକୁ ନିର୍ଦ୍ଦେଶ ଦେଇଥିଲେ।ଏଥିରେ ଉପ ନଗରପାଳ ଗଗନ କୁମାର ଅଗ୍ରୱାଲ, ମଧୁସୂଦନ ପାଣ୍ଡେ, ପୂର୍ବତନ ନଗରପାଳ ଶୈଳେନ୍ଦ୍ର କୁମାର ସାହୁ, ବରିଷ୍ଠ ନାଗରିକ କମିଟି ସଭାପତି ଦେବେନ୍ଦ୍ର ବିଜୟ ସାହୁ, ଜୟପ୍ରକାଶ ନାରାୟଣ ସାହୁ, ସାମ୍ବାଦିକ ଅଶୋକ କୁମାର ସାହୁ, ମାନଭଞ୍ଜନ ମିଶ୍ର, ରାଜକୁମାର ମାହାଣା, କପିଳାସ ସେଠ, ଅନ୍ତର୍ଯ୍ୟାମୀ ସାହୁ, କଲ୍ୟାଣ କୁମାର ନାଏକ, ରାଜେଶ କୁମାର ମେହେର, ମନୋଜ ମନହୀରା, ଭୋଳା କୁମାର ବର୍ମା, ମସଜିଦ ମଜାର କମିଟି ସଭାପତି ସେହେବାଜ ଖାନ, ସମ୍ପାଦକ ଅସଲମ ଖାନ, ଉପସଭାପତି କ୍ୱାଜ ମହମ୍ମଦ, ଆକବର ଅଲ୍ଲୀ, ମୁଜାଫର ଖାନଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।ପ୍ରାରମ୍ଭରେ ବିଡ଼ିଓ ଶ୍ରୀ ବୁଡେକ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶେଷରେ ବ୍ଲକ ଅଧକ୍ଷ ଶ୍ରୀ କମ୍ପ ଧନ୍ୟବାଦ ଦେଇଥିଲେ।

## ସୁରେନ୍ଦ୍ର ସାଏ ଦିବ୍ୟଦୃଷ୍ଟି ଯୋଜନାର କର୍ମଶାଳା

**ବୀରମହାରାଜପୁର, ୬।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ସ୍ତରୀୟ ଡାକ୍ତରଖାନାରେ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନାର କର୍ମଶାଳା ଡାକ୍ତରଖାନାର ଅଧକ୍ଷ ଡା.ସଞ୍ଜୟ କୁମାର ମହାପାତ୍ରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ମାଗଣାରେ ସାର୍ବଜନୀନ ବ୍ୟାପକ ଚକ୍ଷୁ ଯତ୍ନସେବା ଯୋଗାଇଦେବା ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏହି ଯୋଜନା ଦ୍ୱାରା ମୋତିଆ ବିନ୍ଦୁ, ଗ୍ଲୁକୋମା ଓ କର୍ଣ୍ଣିଆର ଅସୁସ୍ଥତା କ୍ଷେତ୍ରରେ ଅସ୍ତ୍ରୋପଚାର ଓ ମାଗଣା ଚଷମା ବଣ୍ଟନପରି ଉପଯୁକ୍ତ ହସ୍ତକ୍ଷେପ ପାଇଁ ବିଭିନ୍ନ ବୟସ ବର୍ଗର ଚକ୍ଷୁ ପରୀକ୍ଷା କରାଯିବ। ଏହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଗୁଡିକୁ ଇ-ସଞ୍ଜିବନୀ ନେଟୱାର୍କ ମାଧ୍ୟମରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟ ସୁପରସ୍ପେସାଲିଟି ହସ୍ପିଟାଲର ବିଶେଷଜ୍ଞ ଏବଂ ସୁପର ସ୍ପେସାଲିଟି ଡାକ୍ତରମାନଙ୍କ ସହିତ ସଂଯୁକ୍ତ କରାଯିବ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଅନ୍ତର୍ଭୁକ୍ତିକରଣକୁ ବିଶେଷ ଭାବେ ଗୁରୁତ୍ୱ ପ୍ରଦାନ କରା ଯିବ ବୋଲି ମତବ୍ୟକ୍ତ କରିଥିଲେ। ଡାକ୍ତର ପ୍ରଣବ ମହାପାତ୍ର, ବିପିଏମ୍ ମହେନ୍ଦ୍ର ମିଶ୍ରଙ୍କ ସମେତ ମହାନଦୀ ନେତ୍ର ନିକେତନ ଓ ବିଭିନ୍ନ ବିଦ୍ୟାଳୟରର କର୍ମକର୍ତ୍ତା କର୍ମଶାଳାରେ ଯୋଗଦାନ କରିଥିଲେ।

## ଗୁଡ଼ଭେଲି ପଦରରେ ଭାଲୁ ଆତଙ୍କ

**ଶଗଡ଼ା, ୬।୧୨(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଗୁଡଭେଲି ପଦର ଗ୍ରାମରେ ଭାଲୁ ବୁଲୁଛି। ଦୁଇ ଦିନ ପୂର୍ବେ ଗ୍ରାମର ଜଣେ ବ୍ୟକ୍ତି ରାତିରେ ଗାଁ ମୁଣ୍ଡରେ ଭାଲୁଟି ବୁଲୁଥିବା ଦେଖଥିଲେ। ପରେ ଭାଲୁଟି ଗ୍ରାମର ଆଖପାଖ ଅଞ୍ଚଳରେ ବୁଲୁଥିବା କିଛି ଲୋକ ମଧ୍ୟ ଦେଖିଥିଲେ। ତେବେ ଭାଲୁକୁ ନେଇ ଲୋକେ ଆତଙ୍କିତ ଥିବା। ବେଳେ ସନ୍ଧ୍ୟାରେ ଲୋକେ ଭୟଭୀତ ଅବସ୍ଥାରେ ଯାତାୟାତ କରୁଛନ୍ତି।

# ପ୍ରତିଷ୍ଠା ଦିବସରେ ଗୃହରକ୍ଷୀଙ୍କୁ ପ୍ରଶଂସା

**ସୋନପୁର, ୬।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ନିଉ ରିଜର୍ଭ ପରେଡ ପଡ଼ିଆଠାରେ ଜିଲ୍ଲା ପୁଲିସ୍ ପକ୍ଷରୁ ୬୨ତମ ଗୃହ ରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଅତିରିକ୍ତ ଏସ୍‌ପି ବିରେନ୍ଦ୍ର କୁମାର ନାୟକ ଯୋଗ ଦେଇ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ହୋମଗାର୍ଡ ଡିଜିଙ୍କ ପ୍ରେରିତ ବାର୍ତ୍ତା ପଠନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଡିଏସପି ଚନ୍ଦ୍ର ଶେଖର ଶବର, ଡିଏସପି ରେଣୁକା ସୁନା, ସୋନପୁର ଏସଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ, ବିଏମପୁର ଏସଡିପିଓ ବାସୁଦେବ ଛତ୍ରିଆ, ଇନ୍ସପେକ୍ଟର ରାଜେଶ୍ୱରୀ ଭୋଇ, ସୋନପୁର ଥାନା ଅଧିକାରୀ ରଞ୍ଜିତ ସାହୁ, ଇନ୍ସପେକ୍ଟର ରମେଶ କୁମାର ମହାଣା ଯୋଗ ଦେଇଥିଲେ। ପୁଲିସ ହୋମଗାର୍ଡର ଦୁଇଟି ପ୍ଲାଟୁନ ପରେଡରେ ଭାଗ ନେଇଥିଲେ। ଜିଲ୍ଲା ପୋଲିସ କନେଷ୍ଟବଲ୍ ସଂଘର ସଭାପତି ଦିନେଶ ମିଶ୍ର, ସମ୍ପାଦକ ରଞ୍ଜିତ ପଧାନ, ମନୋଜ ପଣ୍ଡା, ଚମରା ପଧାନ, କବି ମିସ୍ତ୍ରୀ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ କାର୍ଯକ୍ରମରେ ସହଯୋଗ କରିଥିଲେ। ସଭାକୁ ଆରଆଇ ସରୋଜ ବେହେରା ପରିଚାଳନା କରିଥିବା ବେଳେ ସର୍ଜନ ନୀଳକଣ୍ଠ କଅଁର ସହଯୋଗ କରିଥିଲେ। ଜିଲ୍ଲାର ଶ୍ରେଷ୍ଠ ହୋମଗାର୍ଡ ଭାବେ ଲଛିପୁର ଥାନାର ବିକ୍ରମ ଦାଶ, ବିଏମପୁର ଥାନାର ବିନୋଦ ତାଣ୍ଡିଆ ଓ ସୋନପୁର ଥାନାର ମହିଳା ହୋମଗାର୍ଡ ରାଶେଶ୍ୱରୀ ଦୀପଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ରିଜର୍ଭ ଅଫିସ୍‌ରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା।



# ଧନୁଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ



**ବୀରମହାରାଜପୁର/ସୁବଲୟା, ୬।୧୨(ସମିସ):** ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ବୀରମହାରାଜପୁର ଧନୁଯାତ୍ରାର ଶୁଭସ୍ତମ୍ଭ ସ୍ଥାପନ ହୋଇଯାଇଛି। ଧନୁଯାତ୍ରା ଆୟୋଜକ କମିଟି ସଭାପତି କିଶୋର ହୋତାଙ୍କ ନେତୃତ୍ୱରେ ତୃତୀୟ ଥର ପାଇଁ ଆସନ୍ତା ୨ ଜାନୁୟାରୀ ୨୦୨୫ ଠାରୁ ୮ ଜାନୁୟାରୀ ୨୦୨୫ ପର୍ଯ୍ୟନ୍ତ ଧନୁଯାତ୍ରା ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଶୁକ୍ରବାର ଭୂମିପୂଜନ ସହ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ପୂଜକ ରବିଚନ୍ଦ୍ର ପୁରୋହିତ ଭୂମି ପୂଜନ କରିଥିବା ବେଳେ ପୂର୍ବତନ ବ୍ଲକ ଅଧକ୍ଷ ସ୍ୱୟମ୍ଭୂ ନାଥ ଖଣ୍ଡଗିରି, ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଚମ୍ପାମାଳ ସରପଞ୍ଚ ମହେନ୍ଦ୍ର ଜଗଦଲା, ସମିତି ସଭ୍ୟ ଲକ୍ଷ୍ମୀ ନାରାୟଣ ପୁରୋହିତ, ବ୍ଲକ କଳାକାର ସଂଘ ସଭାପତି ରାମକୃଷ୍ଣ ହୋତା, ଆଇନଜୀବୀ ପ୍ରଦୀପ ମିଶ୍ର, ଯୁଧିଷ୍ଠିର ସାହୁ, ଆଶ୍ରୟ ମହାନନ୍ଦ, ମେଘନାଦ ଭୋଇ, ଶୁଭମ ପ୍ରୀତମ ହୋତା, ଚିନ୍ମୟ ସାହୁ, ରାଧା ଚରଣ. ମେହେର, ସୁରୁବାବୁ ସାହୁ, ପ୍ରକାଶ ପଧାନ, କିଶୋର ଭୋଇଙ୍କ ସମେତ ଧନୁଯାତ୍ରା କମିଟିର ସମସ୍ତ ସଦସ୍ୟ ସାମିଲ ଥିଲେ। ଚଳିତ ବର୍ଷ ଏକ ସ୍ମରଣିକା ପ୍ରକାଶ ପାଇବା ସହ ମୀନବଜାର ସାଙ୍ଗକୁ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଧନୁଯାତ୍ରା ଆୟୋଜକ କମିଟି ସଭାପତି କିଶୋର ହୋତା ସୂଚନା ପ୍ରଦାନ କରିଛନ୍ତି।

## 'ସକାଳ' ପ୍ରଭାବ

# ଜଳିଲା ବ୍ଲକ୍ ଛକ ଟ୍ରାଫିକ୍ ଲାଇଟ୍

**ସୋନପୁର, ୨୬।୧୨(ସମିସ):** ମାସ ମାସ ହେଲା ଅଚଳ ହୋଇ ପଡ଼ି ରହିଥିବା ସୋନପୁରର ବ୍ୟସ୍ତ ବହୁଳ ବ୍ଲକ ଛକର ଟ୍ରାଫିକ୍ ଶୁକ୍ରବାର ଜଳିଛି।ଲାଇଟ୍ ଜଳିବା ପରେ ପୁଣି ଟ୍ରାଫିକ ନିୟନ୍ତ୍ରଣ ସହଜ ହୋଇଛି। ଟ୍ରାଫିକ୍ ଲାଇଟ ସଜଡା ଯିବା ପରେ ସ୍ଥାନୀୟ ଲୋକଙ୍କ ସହ ଟ୍ରାଫିକ୍ ପୁଲିସ ଆଶ୍ୱସ୍ତି ପକାଶ କରିଛନ୍ତି।



ମାସାଧିକ କାଳ ଲାଇଟ୍ ଅଚଳ ହୋଇ ପଡ଼ିଥିଲା। ଟ୍ରାଫିକ ସିଗନାଲ ଲାଇଟ୍ ଅଚଳ ହୋଇ ଯାଇଥିବାରୁ ଲୋକେ ନା ନା ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏହା ଯୋଗୁଁ ଦୁର୍ଘଟଣାର ଆଶଙ୍କା ବଢ଼ି ଯାଇଥିଲା। ଏହି ଛକରେ ସକାଳ ୮ଟାରୁ ୧୨ଟା ଯାଏଁ ଏବଂ ସନ୍ଧ୍ୟା ୫ଟାରୁ ୮ଟା ଯାଏଁ ଟ୍ରାଫିକ୍ ପୁଲିସ ଡ୍ୟୁଟି କରନ୍ତି। ତେଣୁ ଦିନ ୧୨ଟା ପରେ ଏହି ଛକ ଅତିକ୍ରମ କରିବା କଷ୍ଟକର ହୋଇ ଯାଉଥିଲା। ଲାଇଟ୍ ଅଚଳ ଯୋଗୁଁ ଡ୍ୟୁଟିରେ ଥବବା ଟ୍ରାଫିକ୍ ପୁଲିସମାନଙ୍କୁ ମଧ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବହୁ କଷ୍ଟ ସ୍ୱୀକାର କରିବାକୁ ପଡୁଥିଲା। ସନ୍ଧ୍ୟା ସମୟରେ ଟ୍ରାଫିକ୍ ପୁଲିସମାନେ ହାତରେ ଲାଲ ଏବଂ ସାଗୁଆ ଲାଇଟ୍ ଦୁଇଟି ଟ୍ୟୁବ୍ ଧରି ଟ୍ରାଫିକ୍ ନିୟନ୍ତ୍ରଣ କରୁଥିଲେ। ଟ୍ରାଫିକ୍ ଲାଇଟ୍ ଅଚଳ ନେଇ ଗତ ୨୬ ତାରିଖ ଦିନ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଏହାପରେ ଲାଇଟ୍ ସଜାଡିବା ପାଇଁ ପ୍ରଶାସନ ତତ୍ପରତା ପ୍ରକାଶ କରିଥିଲା। ଶେଷରେ ଶୁକ୍ରବାର ଲାଇଟ୍ ମରାମତି କରାଯାଇଛି।

## ଆସିଲାନି ବନ ବିଭାଗ; ମରିଗଲା ଅଜଗର

**ଶଗଡ଼ା, ୬।୧୨(ସମିସ):** ବନ ବିଭାଗର ଅବହେଳା ଯୋଗୁଁ ଏକ ବିରାଟ ଅଜଗର ସାପର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। କଣ୍ଟାମାଳ ରେଞ୍ଜ ଲମ୍ବସରୀ ଗ୍ରାମ ନିକଟସ୍ଥ ପାଣି ଟାଙ୍କି ନିକଟରେ ଏକ ବିରାଟ ଅଜଗର ସାପ ଦେଖି ଲୋକେ ଭୟଭୀତ ହୋଇ ବନ ବିଭାଗକୁ ଖବର ଦେଇଥିଲେ; କିନ୍ତୁ ଖବର ଦେଲା ପରେ ମଧ ବନ ବିଭାଗ କର୍ମଚାରୀ ଆସି ନ ଥିଲେ। ସନ୍ଧ୍ୟାରେ ସାପଟି ମରି ପଡ଼ିଥିବା ଦେଖିବାକୁ ମିଳିଛି।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶ୍ରମିକ ମୃତ

**ଜୟପାଟଣା, ୬।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଉଛୁଳା ପଞ୍ଚାୟତ କୁଣ୍ଡୀଗୁଡା ଗ୍ରାମରେ ଅଘଟଣ ଘଟିଛି। ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ କୁଣ୍ଡୀଗୁଡ଼ା ଗ୍ରାମର ପରମାନନ୍ଦ ରାଉତ (୨୦)। ସେ ଦିଗାମ୍ବର ରାଉତଙ୍କ ଚାଷଜମିକୁ ଧାନ କାଟିବାକୁ ଯାଇଥିଲେ। ଧାନ କାଟିବା ସମୟରେ ବିଲ ଭିତରେ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ଖୁଣ୍ଟରେ ଥିବା ଆର୍ଥି ତାର ସଂସ୍ପର୍ଶରେ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାର ଦୀର୍ଘ ସମୟ ପରେ ବି ଘଟଣା ସ୍ଥଳରେ ବିଦ୍ୟୁତ ବିଭାଗ ଅଧିକାରୀ ପହଞ୍ଚି ନ ଥିବାରୁ ପରିବାର ଲୋକ ଓ ଗାଁ ଲୋକଙ୍କ ଭିତରେ ଅସନ୍ତୋଷ ଦେଖା ଦେଇଛି। କ୍ଷତିପୂରଣ ନ ଦେବା ଯାଏ ଶବ ଉଠାଇବାକୁ ପରିବାର ଲୋକେ ମନା କରିଥିଲେ। ଜୟପାଟଣା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

## ୬୯ କିଲୋ ଗଞ୍ଜେଇ ସହ ସ୍କୁଟି ଜବତ

**ତରଭା, ୬।୧୨(ସମିସ):** ତରଭା ଥାନା ଅଞ୍ଚଳ ଦେଇ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳରୁ ଗଞ୍ଜେଇ ଚୋରା ଚାଲାଣ ହେଉଛି। ଗୁରୁବାର ତରଭା ଥାନା ସବ ଇନ୍ସପେକ୍ଟର ମାରୁତ ଚନ୍ଦ୍ର ପ୍ରଧାନ, କମସରା ଫାଣ୍ଡି ଅଧିକାରୀ ଗଜାନନ ବେହେରା, କନେଷ୍ଟବଲ ନାରାୟଣ ଭୋଇ, ପ୍ରକାଶ ଧରୁଆ, ନାରାୟଣ ଭଞ୍ଜ ଓ ଶକ୍ତି ଭେସରା ପ୍ରମୁଖ ସିଂହାରି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ହାଇସ୍କୁଲ ପାଖରେ ଗଞ୍ଜେଇ ଥିବା ଖବର ପାଇଥିଲେ। ପୁଲିସ ଦଳ ଉକ୍ତ ସ୍ଥାନକୁ ଯାଇ ଗଞ୍ଜେଇ ଥିବାର ଦେଖିବାକୁ ପାଇଥିଲେ। ପୁଲିସ ଦଳକୁ ଦେଖି ସେଠାରେ ଥିବା ଜଣେ ବ୍ୟକ୍ତି ଗଞ୍ଜେଇ ଓ ସ୍କୁଟି ଛାଡି ଫେରାର ହୋଇଯାଇଥିଲା। ପୁଲିସ ସେଠାରେ ପହଞ୍ଚି ୫ଟି ଜରି ବ୍ୟାଗରେ ଥିବା ଗଞ୍ଜେଇ ଓ ଓଡି ୦୩-ଏସି ୩୮୦୮ ନମ୍ବର ସ୍କୁଟିକୁ ଜବତ କରି ଥାନାକୁ ଆଣିଥିଲେ। ଥାନାରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଦିପ୍ତୀମୟୀ ଭୁଏଙ୍କ ଉପସ୍ଥିତିରେ ଓଜନ କରିବାରୁ ୬୯ କେଜି ୬୦୦ ଗ୍ରାମ ହୋଇଥିଲା। ପୁଲିସ ଛାନଭିନ କରିବାରୁ ଉକ୍ତ ସ୍କୁଟି ଗୋଟିକ ଜୁନାନୀ ଗ୍ରାମର ଜିତୁ ସୁନାର ବୋଲି ଜାଣିବାକୁ ପାଇଛି। ତଦନ୍ତ ପରେ ଜିତୁ ସୁନା ଅଭିଯୁକ୍ତ ବୋଲି ଜଣାପଡ଼ିଲେ ତାକୁ ଗିରଫ କରାଯିବ ବୋଲି ଆଇଆଇସି ଅନିତା କିଡୋ କହିବା ସହ ତଦନ୍ତ ଦାୟିତ୍ୱ ଏସ ଆଇ ଲମ୍ବୋଦର ଡାଙ୍ଗଙ୍କୁ ନ୍ୟସ୍ତ କରିଥିବା ପ୍ରକାଶ କରିଛନ୍ତି।

# ଧାନକିଣାରେ ଅବ୍ୟବସ୍ଥା ନେଇ ଚାଷୀଙ୍କ ଅସନ୍ତୋଷ

**ଭବାନୀପାଟଣା, ୬।୧୨(ସମିସ):**

କଳାହାଣ୍ଡିରେ ଧାନ କିଣା ସମସ୍ୟାରେ ସୁଧାର ଆସୁନାହିଁ। ଅନେକ ଅବ୍ୟବସ୍ଥା ଆରମ୍ଭରୁ ଦେଖାଦେଇଥିବାବେଳେ ଚାଷୀ ମନରେ ଅସନ୍ତୋଷର ଭାବ ବୃଦ୍ଧି ହେଉଛି। ବିଜେପି ଦଲାଲମୁକ୍ତ ମଣ୍ଡି ପାଇଁ ଘୋଷଣା କରିଛି; କିନ୍ତୁ ବାସ୍ତବ ଚିତ୍ର ଭିନ୍ନ। ଗୋଟିଏ ପଟେ ରାଜ୍ୟ ସରକାର ବୋନସ ଶହ ଧାନ କୁଇଣ୍ଟାଲ ପିଛା ଚାଷୀଙ୍କୁ ୩୧ଶହ ଟଙ୍କା ପାଇବାର ଆଶା ଦେଖାଇଛନ୍ତି। ଜିଲ୍ଲାରେ ମଣ୍ଡି ଆରମ୍ଭ ହେଲାଣି; ହେଲେ ଧାନ କିଣାରେ ଘୋର ଅବ୍ୟବସ୍ଥା ଦେଖାଦେଇଛି। ଚଳିତ ଖରିଫ ଋତୁରେ ମିଲ୍ ମାଲିକମାନେ ବିଳମ୍ବରେ ଚୁକ୍ତି କରିଥିଲେ। ବିଳମ୍ବିତ ମଣ୍ଡି ଟ୍ୟାଗିଂ ପ୍ରକ୍ରିୟା ମଧ ଚାଷୀଙ୍କୁ ଅଡୁଆରେ ପକାଇଛି। ପ୍ରଥମରୁ ବିନା ମଣ୍ଡି ଟ୍ୟାଗିଂରେ ଧାନ ମଣ୍ଡି ଆରମ୍ଭ ହେବାରୁ ଚାଷୀ ହଇରାଣ ହେଉଛନ୍ତି। ମିଲରଙ୍କ ସହ ସରକାରଙ୍କ ଆଲୋଚନା ସାରିଥିଲେ ବି ସେମାନଙ୍କ ଦାବି ଏ ଯାଏଁ ପୂରଣ ନ ହେବାରୁ ସେମାନେ ଧରା ଛୁଆଁ ଦେଉ ନାହାନ୍ତି। ସେପଟେ ରାଜ୍ୟ ସରକାର ଆସନ୍ତା ୮ତାରିଖରୁ ବୋନସ ଟଙ୍କା ଦେବେ ବୋଲି ଘୋଷଣା କରିଛନ୍ତି। ରାଜ୍ୟ ସରକାର ଧାନ ସଂଗ୍ରହ ପାଇଁ ଅର୍ଥ ବ୍ୟୟ କରୁଥିଲେ ସୁଦ୍ଧା ଉତ୍ତମ ଭିତ୍ତିଭୂମି ନାହିଁ। ଏହା ପାଇଁ ଅସୁବିଧା ହୋଇଛି। ମୋହନ ସରକାରରେ ଚାଷୀ କଟନୀ ଛଟନୀର ସମ୍ମୁଖୀନ ହେବାରୁ ମୁକ୍ତି ପାଇବା ଓ ଚାଷୀ ବୋନସ ବାବଦରେ ୩୧ ଶହ ପାଇବ ବୋଲି ରାଜ୍ୟ କୃଷକ ମୋର୍ଚ୍ଚା ବିଜେପି ସଭାପତି ମହେଶ୍ୱର ସାହୁ କହିଛନ୍ତି। ଏଣୁ ଚାଷୀଙ୍କ ସ୍ୱାର୍ଥ ପାଇଁ ମଣ୍ଡି ଜଗିବେ ବିଜେପି କର୍ମୀ। ଏଠି ମିଲର ରାଜ ଚାଲିବ ନାହିଁ କି ଚାଷୀ ଅଭାବୀ ବିକ୍ରିର ଶିକାର ହେବେ ନାହିଁ ବୋଲି ସେ କହିଛନ୍ତି; ହେଲେ ପ୍ରଥମେ ବିଳମ୍ବିତ ମଣ୍ଡି ଏବଂ ଧାନ କିଣାରେ ଅବ୍ୟବସ୍ଥା ଲାଗି ରହିଥିବାବେଳେ ଟୋକନ ତାରିଖରେ ଚାଷୀ ହିନସ୍ତା ହେଉଥିବା ଲକ୍ଷ୍ୟ କରାଯାଇଛି। କାରଣ କାହା ଟୋକନ ଜାନୁଆରୀ ମାସ ସ୍ଥିର ହୋଇଛି ତ ଆଉ କେଉଁ ଚାଷୀର ଟୋକନ ଫେବୃଆରୀ ମାସରେ ରହିଛି। ଚାଷୀ ଶୀତ ଓ କୋହଲା ପାଗରେ ଧାନକୁ ନେଇ ଚିନ୍ତାରେ ପଡ଼ିଛି। ଅନେକଦିନରୁ ଧାନ ଅମଳ କରି ଖଳାରେ ରଖିବା ପରେ ଏବେ ପ୍ରମାଦ ଗଣୁଛି।

## ବାଲ୍ୟବିବାହ ରୋକିଲା ପ୍ରଶାସନ

**ସୋନପୁର, ୬।୧୨(ସମିସ):** ଜିଲ୍ଲା ପ୍ରଶାସନର ଉଦ୍ୟମକ୍ରମେ ଏକ ବାଲ୍ୟ ବିବାହକୁ ରୋକାଯାଇ ପାରିଛି। ଶୁକ୍ରବାର ଖବର ପାଇ ଶିଶୁ ମଙ୍ଗଳ ସମିତି ସଦସ୍ୟ ଶାନ୍ତନୁ କୁମାର କର୍ଣ୍ଣ, ଶିଶୁ ସୁରକ୍ଷା ୟୁନିଟ ସଦସ୍ୟ ରୁଦ୍ର ପ୍ରସନ୍ନ ମିଶ୍ର ଏବଂ ବାଲ୍ୟ ବିବାହ ନିରାକରଣ ଜିଲ୍ଲା ସଂଯୋଜକ ଅକ୍ଷୟ କୁମାର ସିଂହଙ୍କ ମିଳିତ ଉଦ୍ୟମରେ ବାଲ୍ୟ ବିବାହକୁ ରୋକାଯାଇ ପାରିଛି। ସୋନପୁର ବ୍ଲକ ଅନ୍ତର୍ଗତ ହରଡଖୋଲ ପଞ୍ଚାୟତ ଅଧିନସ୍ଥ ବାଲିଜୁରି ଗାଁକୁ ଯାଇ ନାବାଳିକା ଝିଅକୁ ବିବାହ ପାଇଁ ଉଦ୍ୟମ କରୁଥିବା ପରିବାରକୁ ବାଲ୍ୟ ବିବାହ ନିରୋଧ ଆଇନ ଓ ତାର ଦଣ୍ଡ ବିଧାନ ବିଷୟରେ ବୁଝାଇଥିଲେ। ସାବାଳିକା ହେବା ପରେ ଝିଅକୁ ବାହା ଦେବା ପାଇଁ ପରାମର୍ଶକୁ ଗ୍ରହଣ କରି ଶିଶୁ କନ୍ୟା ପିତା ଝିଅକୁ ୧୮ ବର୍ଷ ନ ପୂରିବା ଯାଏ ବିବାହ କରିବି ନାହିଁ ପ୍ରତିଶ୍ରୁତି ଦେଇଥିଲେ। ଝିଅର ଶିକ୍ଷା ଓ ସ୍ୱାସ୍ଥ୍ୟର ଉଚିତ ଧ୍ୟାନ ଦେବି ବୋଲି କହିଥିଲେ। ସ୍ଥାନୀୟ ଅଙ୍ଗନବାଡି କର୍ମୀ ରାଶେଶ୍ୱରୀ ରାଣା ସହଯୋଗ କରିଥିଲେ।



## ଆମ୍ବେଦକରଙ୍କ ତିରୋଧାନ ଦିବସ ପାଳିତ

**ବୌଦ୍ଧ, ୬।୧୨(ସମିସ):** ଜିଲ୍ଲା ପାଣ ଗଣ୍ଡା ସମାଜ ବିକାଶ ପରିଷଦ ପକ୍ଷରୁ ଭାରତର ସମ୍ବିଧାନ ପ୍ରଣେତା ତଥା ସମାଜ ସଂସ୍କାରକ ଭାରତରତ୍ନ ଭୀମରାଓ ଆମ୍ବେଦକରଙ୍କ ୬୯ ତମ ମହାପରିନିର୍ବାଣ ଦିବସ ପାଳିତ ହୋଇଛି। ଏହି ଅବସରରେ ବୌଦ୍ଧ କଚେରୀ ଛକସ୍ଥିତ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ପ୍ରଦୀପ ପଦ୍ଜଳନ ଏବଂ ପୁଷ୍ପ ମାଲ୍ୟାର୍ପଣ କରାଯିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ଏବଂ ଆମ୍ବେଦକରଙ୍କ ସ୍ମୃତିଚାରଣ କରାଯାଇଥିଲା। ସାଧାରଣ ସମ୍ପାଦକ ସୁଧାଂଶୁ ଡାଙ୍ଗଙ୍କ ନେତୃତ୍ୱରେ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ସଙ୍ଗଠନର ସହକାରୀ କୋଷାଧ୍ୟକ୍ଷ ଶ୍ରୀନିବାସ ହାତୀ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ କ୍ଷେତ୍ର ମୋହନ ମହାନନ୍ଦ, ପୁରୁଷୋତ୍ତମ ବାଘ, ରମେଶ ମହାନନ୍ଦିଆ, ସୁରେଶ ରାଜହଂସ, ବଳଭଦ୍ର ଭବସାଗର, ବାମନ ବେହେରା, ଗୌତମ କୁମ୍ଭାର, ହୃଦାନନ୍ଦ ବେହେରା, ଚନ୍ଦ୍ର ଶେଖର ବାଦୀ, ସୀମାଞ୍ଚଳ ବେହେରା, ରଞ୍ଜନ ରଣବିଡ଼ା, ଅର୍ଜୁନ ବେହେରା, ଅଜିତ କୁମ୍ଭାର, ଗଙ୍ଗାଧର କୁମ୍ଭାର, ସାନ ରଣବିଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ସୁବଳୟା: ସୁବର୍ଣ୍ଣପୁର ଜିଲ୍ଲା ବିରମହାରାଜପୁର ବ୍ଲକ ଅନ୍ତର୍ଗତ କମିରା ଛକରେ ସୁବଳୟା ଆମ୍ବେଦକର ସେବାସଂଘ ଆନୁକୂଲ୍ୟରେ ଶୁକ୍ରବାର ବାବାସାହେବଙ୍କ ମହାପରୀନିର୍ବାଣ ଦିବସ ପାଳନ ହୋଇଛି। ସଂଘର ସଭାପତି ଗଦାଧର ବାଦୀଙ୍କ ସଭାପତିତ୍ୱରେରେ ଅନୁଷ୍ଠିତ ସଭାରେ ବ୍ଲକ ଅଧକ୍ଷା ଶାନ୍ତି ଲୁହା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଗୁପ୍ତେଶ୍ୱର ଖୁରା ମୁଖ୍ୟବକ୍ତା, ବ୍ଲକ ଉପାଧକ୍ଷ ନାରାୟଣ ଲୁହା, ଚମ୍ପକମାଳ ସରପଞ୍ଚ ମହେନ୍ଦ୍ର ଜଗଦଳା, ଭୀମ ଆର୍ମି ସଭାପତି ପ୍ରଦୀପ ଜାଲ, ଅନାଦି ଜଗଦଳା, ବୀରମହାରାଜପୁର ଏସସିଏସଟି ସିସି ସଭାପତି ଅଭିମନ୍ୟୁ ଲୁହା, ଜିଲ୍ଲା କୋଡିନେଟର ରାଜକିଶୋର ନାଏକ, ରେଢ଼ାଖୋଲ ଗଣ୍ଡା ସମାଜର ସଭାପତି ସଞ୍ଜୟ ସାଗର, ସାମାଜିକ କର୍ମୀ ସୁମନ୍ତ ଜଗଦଳା ପ୍ରମୁଖ ସାମ୍ମନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଅଭିମନ୍ୟୁ ଲୁହା ସଭା ପରିଚାଳନା କରିଥିବା ବେଳେ ସଭାପତି ଶ୍ରୀ ବାଦୀ ଧନ୍ୟବାଦ ଅର୍ପଣ ଦେଇଥିଲେ।

## ଭବାନୀ ନିଆଲ ପାନୋରମା ଅନ୍ତର୍ଜାତୀୟ ସାହିତ୍ୟ ମହୋତ୍ସବର ଅଧକ୍ଷ ମନୋନୀତ

**ଭବାନୀପାଟଣା, ୬।୧୨(ସମିସ):** ପାନୋରାମା ଆନ୍ତର୍ଜାତୀୟ ସାହିତ୍ୟ ମହୋତ୍ସବ-୨୦୨୫ ଅବସରରେ ଡ.ଭବାନୀ ଶଙ୍କର ନିଆଲଙ୍କୁ ଏହାର ଆୟୋଜକ କମିଟି ଭାରତର ଅଧକ୍ଷ ଭାବରେ ମନୋନୀତ କରିଛନ୍ତି। ବିଶିଷ୍ଟ କବି ଡ.ଭବାନୀ ଶଙ୍କର ନିଆଲଙ୍କ ଅଭିଜ୍ଞତା ଏବଂ ସାହିତ୍ୟିକ ପାରଦର୍ଶିତାକୁ ମହୋତ୍ସବ କମିଟି ସମ୍ମାନ ଜଣାଇଛନ୍ତି। ସେ ଓଡିଆରେ ୪ଟି ଏବଂ ଇଂରାଜୀରେ ଦୁଇଟି କବିତା ସଂକଳନ ରଚନା କରିଥିବାବେଳେ ବହୁଚର୍ଚ୍ଚିତ ଓଡିଆ ସାହିତ୍ୟ ପତ୍ରିକା ମହୁରିର ମୁଖ୍ୟ ସମ୍ପାଦକ ଅଛନ୍ତି।

### 'ବୌଦ୍ଧ ଜିଲ୍ଲାରେ ଶିକ୍ଷା ଏକ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ର

## 'ସାକ୍ଷର ନୁହେଁ, ବରଂ ଶିକ୍ଷିତ ହେବା ଆବଶ୍ୟକ'

**ବୌଦ୍ଧ, ୬।୧୨(ସମିସ):** ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଆମକୁ ସାକ୍ଷର କରିବା ପରିବର୍ତ୍ତେ ଶିକ୍ଷିତ କରିପାରିଲେ ଦେଶ ଏବଂ ଜାତି ଆଗକୁ ବଢ଼ି ପାରିବ। ସ୍ଥାନୀୟ କଚେରୀ ଖେଳ ପଡ଼ିଆରେ ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ ଦ୍ୱାରା ଆୟୋଜିତ ଊନବିଂଶ ବୌଦ୍ଧ ପୁସ୍ତକମେଳାର ଚତୁର୍ଥ ସନ୍ଧ୍ୟାରେ ଜିଲ୍ଲା ପ୍ରେସ୍ କ୍ଲବ ବୌଦ୍ଧ ତରଫରୁ 'ବୌଦ୍ଧ ଜିଲ୍ଲାରେ ଶିକ୍ଷା ଏକ ଆହହ୍ୱାନ' ଉପରେ ଆଲୋଚନା ଚକ୍ରରେ ଏହି ମତ ପ୍ରକାଶ ପାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତାଭାବେ ବରଗଡ଼ ମହିଳା ମହାବିଦ୍ୟାଳୟ ପ୍ରାଧାପକ ଅଜିତ ହୋତା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ଜ୍ୟୋତି ରଞ୍ଜନ ବହିଦାର, ଗବେଷକ ବିଶ୍ୱେଶ୍ୱର ପୃଷ୍ଟି, ପ୍ରଦୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସାମ୍ବାଦିକ ବାଲାଜୀ ବିଭୁ ରଞ୍ଜନ ତରାସିଆ ମଞ୍ଚ ପରିଚାଳନା କରିଥିଲେ। ଆଜି ପର୍ଯ୍ୟନ୍ତ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ସରକାରୀ ହୋଇପାରି ନ ଥିବାରୁ ଅତିଥିଗଣ ଦୁଃଖ ପ୍ରକାଶ କରିଥିଲେ।


ଊନବିଂଶ ବୌଦ୍ଧ ପୁସ୍ତକମେଳାର ଚତୁର୍ଥ ସନ୍ଧ୍ୟା

## ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବୌଦ୍ଧ, ୬।୧୨(ସମିସ): ବୌଦ୍ଧ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରେଡକ୍ରସ ସମିତି ପକ୍ଷରୁ ଜିଲ୍ଲାସ୍ତରୀୟ ଶିକ୍ଷା ତଥା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବୌଦ୍ଧ ଉପ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଶିବିରକୁ ଉଦ୍‌ଘାଟନ କରିଥିଲେ। ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ରବୀନ୍ଦ୍ରନାଥ ଗୁରୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୌଦ୍ଧ ପଞ୍ଚାୟତ କଲେଜର ଅଧକ୍ଷ ନିରଞ୍ଜନ ମିଶ୍ର, ଅଧାପକ ଡ. ପ୍ରବୀର ଦାସ ଉପସ୍ଥିତ ଥିଲେ। ଅଧାପକ ଉତ୍ତମ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଜିଲ୍ଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜୁନିୟର ରେଡକ୍ରସ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷଣ ଶିବିର ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ।



## ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ



**ବୌଦ୍ଧ, ୬।୧୨(ସମିସ):** ବୌଦ୍ଧ ପୁଲିସ୍ ରିଜର୍ଭ ପଡ଼ିଆରେ ୬୨ତମ ଗୃହରକ୍ଷୀ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏସପି ନାଗରାଜ ଦେବରକୋଣ୍ଡା ଗୃହରକ୍ଷୀ ବାହିନୀ ଦ୍ୱାରା ଆୟୋଜିତ ପରେଡରେ ଅଭିବାଦନ ଗ୍ରହଣ କରି ଗୃହରକ୍ଷୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅତିଥି ଭାବେ ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଉପ ଜିଲ୍ଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ରିଜର୍ଭ ଇନ୍ସପେକ୍ଟର କୁଳମଣି ଗିରିଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଜୟ ଦୁର୍ଗା ଗ୍ରାମାଞ୍ଚଳ କ୍ରିକେଟ

## ସାହୁପଡ଼ାକୁ ହରାଇ ସେମିରେ ଜଡ଼ାପାଲ



**ମନମୁଣ୍ଡା, ୬।୧୨(ସମିସ):**

କଣ୍ଟାମାଳ ବ୍ଲକ ବିଲାସପୁର ପଞ୍ଚାୟତ ନରସିଂହପୁର ଗ୍ରାମରେ ଜୟ ଦୁର୍ଗା ୟୁଥ କ୍ଲବ ଆନୁକୂଲ୍ୟରେ ୪ର୍ଥ ଜୟ ଦୁର୍ଗା ଗ୍ରାମାଞ୍ଚଳ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଜଡ଼ାପାଲ ଦଳ ସାହୁପଡ଼ାକୁ ହରାଇ ସେମିଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି।

ପୂର୍ବରୁ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ପାଣ୍ଡିରିପଡ଼ା ଦଳକୁ ଯୋଗୀପଦର ଦଳ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ରାହାଯୋର ଦଳ ପୌକା ଦଳକୁ ପରାସ୍ତ କରିଥିଲା। ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଯୋଗୀପଦର ଏବଂ ରାହାଯୋର ମଧ୍ୟରେ ଖେଳା ଯାଇଥିଲା। ଯୋଗୀପଦର ଦଳ ରାହାଯୋରକୁ ପରାସ୍ତ କରି ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଥିଲା। ଶ୍ରୀକାନ୍ତ ସିଂ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ କରିଥିଲେ। ଶୁକ୍ରବାର ଦ୍ୱିତୀୟ ଦିବସରେ ବୌଦ୍ଧ ଜିଲ୍ଲାପରିଷଦ ଉପାଧକ୍ଷ ଶଙ୍କର୍ଷଣ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଶୁକ୍ରବାର ଖେଳା ଯାଇଥିବା ମ୍ୟାଚରେ ଜଡ଼ାପାଲ୍ ଦଳ ଆମ୍ବଗହନାକୁ ପରାସ୍ତ କରିଥିଲାବେଳେ ସାହୁପଡ଼ା ଦଳ ଗୁଡେଭେଲିପଦରକୁ ହରାଇଥିଲା। ସୁନିଲ ଭୁକ୍ତା, ରବୀନ୍ଦ୍ର ବାରିକ ଏବଂ ପଦ୍ମଲୋଚନ ମନହିରା ମ୍ୟାଚ ପରିଚାଳନା କରିଥିଲେ। ବିକାଶ ସେଠୀ ଧାରାବିବରଣୀ ପ୍ରଦାନ କରିଥିଲେ।

## ବାଳିକା ହାଇସ୍କୁଲର ବାର୍ଷିକ କ୍ରୀଡ଼ା



**ତରଭା, ୬।୧୨(ସମିସ):** ତରଭା ବାଳିକା ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ କବିତା ବରେଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମରାଡୁଗୁଛା ହାଇସ୍କୁଲ କ୍ରୀଡା ଶିକ୍ଷକ ଭବାନୀ ଶଙ୍କର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରି ବାର୍ଷିକ କ୍ରୀଡାକୁ ଉଦ୍‌ଘାଟନ କରିଥିଲେ।ସମ୍ମାନିତ ଅତିଥିଭାବେ ଏସ୍‌ଏମସି ପ୍ରେସିଡେଣ୍ଟ ନୌସାଦ ମହମ୍ମଦ ଓ ସଭ୍ୟ ସରିତ କୁମାର ମେହେର ଯୋଗଦେଇ କ୍ରୀଡ଼ାବିତଙ୍କୁ ଉତ୍ସାହିତ କରିଥିଲେ। ଜୁନିୟର ଓ ସବଜୁନିୟର ଦୁଇଟି ବିଭାଗରେ ମୋଟ ୨୦ ଟି ଇଭେଣ୍ଟ ଓ ଷ୍ଟାଫମାନଙ୍କ ପାଇଁ ଗୋଟିଏ ଇଭେଣ୍ଟରେ ପ୍ରତିଯୋଗିତା ହେଉଛି।ପିଇଟି ଭବାନୀ ଶଙ୍କର ସାହୁ, ମମନ ବେହେରା, କଲ୍ୟାଣ ଚନ୍ଦ୍ର ମହାପାତ୍ର, ଅଭିଳାଷ ରଣା କ୍ରୀଡ଼ା ପରିଚାଳନା କରୁଛନ୍ତି।

## କଲମପୁର ଦ୍ରୋଣାଚାର୍ଯ୍ୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

କଲମପୁର, ୬।୧୨(ସମିସ): କଳାହାଣ୍ଡି ଜିଲ୍ଲା କଲମପୁର ସଦରମହକୁମାରେ ଥିବା ଦ୍ରୋଣାଚାର୍ଯ୍ୟ ବିଦ୍ୟାଳୟର ୧୦ମ ବାର୍ଷିକ କ୍ରୀଡ଼ା ଉତ୍ସବ କଲମପୁର ମିନି ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜଗନ୍ନାଥ ମନ୍ଦିରରୁ ଛାତ୍ରଛାତ୍ରୀ ମଶାଲ ଶୋଭାଯାତ୍ରା ବାହାରି କଲମପୁର ମିନି ଷ୍ଟାଡିୟମରେ ପହଞ୍ଚିଥିଲେ। ବିଦ୍ୟାଳୟର ଅଧକ୍ଷ ଆଶିଷ ସାହୁ ପତାକା ଉତ୍ତୋଳନ କରି କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ରାଜେନ୍ଦ୍ର ପ୍ରଧାନ, ପୂର୍ବତନ ଶିକ୍ଷୟିତ୍ରୀ ସମିତା ବଗର୍ତ୍ତୀ ଅତିଥି ଭାବେ ଯୋଗ ଦେଇଥିଲେ। ୧୩୦ ଜଣ ଛାତ୍ରଛାତ୍ରୀ ୧୨ଟି ଗ୍ରୁପରେ ୪୦ଟି ଇଭେଣ୍ଟରେ ଭାଗ ନେଇଥିଲେ। ବାଳକ ବିଭାଗରେ ଶ୍ରିନୁ ନାଗ ଓ ବାଳିକା ବିଭାଗରେ ଅଙ୍କିତା ଲହଜଲ ଶ୍ରେଷ୍ଠ କ୍ରୀଡାବିତ ଭାବେ ବିବେଚିତ ହୋଇଛନ୍ତି। ଏହି ଅବସରରେ ଅଭିଭାବକ କ୍ରୀଡାରେ ମା'ମାନଙ୍କ ଚୌକିବସା ଖେଳ ହୋଇଥିଲା। ଏଥିରେ ନିବେଦିତା ହଂସ ପ୍ରଥମ ସ୍ଥାନ ହାସଲ କରିଥିଲେ। ଶିକ୍ଷୟିତ୍ରୀ ସୋନମ୍ ବାନୋ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଅମିତ ରଣା, ରୋସନ ଦେବ୍ ରାଜପୁତ, ଶିକ୍ଷୟିତ୍ରୀ କ୍ରୀଷ୍ଟା ସିଂ, ରୁପଶ୍ରୀ ଦେବୀ, ଶେଫାଳୀ ପଣ୍ଡା, ରୀତାଞ୍ଜଳି ବାଗ, ଶଙ୍ଖସିନି ବାଣୁଆ ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।




## ଏଇଏସ୍ କଲେଜର ବାର୍ଷିକ କ୍ରୀଡ଼ା

**ତରଭା, ୬।୧୨(ସମିସ):**

ତରଭା ଏଇଏସ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବାର୍ଷିକ କ୍ରୀଡ଼ାରେ ଯୁକ୍ତ ୨ ବାଳକ ବିଭାଗରେ ବିଭୁତି ନାଏକ ୧୫୦୦ ମିଟର ଦୌଡ଼ରେ ପ୍ରଥମ, ୪୦୦ ମିଟରରେ ଦ୍ୱିତୀୟ ଓ ପୁଟିଂ ଦି ସର୍ଟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଚାମ୍ପିଅନ ହୋଇଥିବା ବେଳେ ବାଳିକା ବିଭାଗର ୧୦୦ ମିଟର, ୨୦୦ ମିଟର ଓ ୬୦୦ ମିଟର ଦୌଡରେ ପ୍ରଥମ ସ୍ଥାନ ଅଧିକାର କରି ରିମା ଧରୁଆ ଚାମ୍ପିଅନ ହୋଇଛନ୍ତି।ସେହିଭଳି ଯୁକ୍ତ ୩ ବାଳକ ବିଭାଗରେ ସୁମନ୍ତ କୁଅଁର ୧୦୦ ମିଟର୧ ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁରେ ପ୍ରଥମ ଓ ୨୦୦ ମିଟର ଦୌଡ଼ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଚାମ୍ପିଅନ ହୋଇଥିବା ବେଳେ ବାଳିକା ବିଭାଗରେ କୁଞ୍ଜଲତା କର୍ମୀ ପୁଟ ଦି ସର୍ଟ, ଡିସକସ ଫିଙ୍ଗା ଓ ଜେଭଲିନ ଫିଙ୍ଗାରେ ପ୍ରଥମ ସ୍ଥାନ ଅଧିକାର କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। କଲେଜ ଅଧକ୍ଷ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ଶୈଳେନ୍ଦ୍ର କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।କ୍ରୀଡା ଉତ୍ସବକୁ କଲେଜ ଆଥଲେଟିକ ଏସୋସିଏସନର ଭାଇସ ପ୍ରେସିଡେଣ୍ଟ ଅଧାପକ ରୋହିତ ପ୍ରଧାନ ଓ ଅଧାପିକା ବନିତା ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଇଟି ସଞ୍ଜୀବ କୁମାର ସାହୁ, ମମନ ବେହେରା, ଭବାନୀ ଶଙ୍କର ସାହୁ, ଅଭିଳାଷ ରଣା, ସୁରେଶ ସାହୁ ଓ ଜୟନରାୟଣ ବାରିକ ପରିଚାଳନା କରିଥିଲେ।କଲେଜର ସମସ୍ତ ଶିକ୍ଷକ ଅଣଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।



## ଆଜିର ରାଶିଫଳ

**ମେଷ:** ଧୈର୍ଯ୍ୟ ଓ ସାହସର ସହ ଜଟିଳ ପରିସ୍ଥିତିକୁ ସାମ୍ନା କରିବେ। ବ୍ୟସ୍ତତା ଭିତରେ ଦିନଟି କଟିବ। କାର୍ଯ୍ୟରେ ବାଧା ସୃଷ୍ଟି ହୋଇପାରେ। ସାଙ୍ଗସାଥୀଙ୍କ ସହଯୋଗରେ ଉତ୍ସାହିତ ହେବେ।

**ବୃଷ:** ପ୍ରିୟଜନଙ୍କୁ ମନର କଥା କହି ଆତ୍ମସନ୍ତୋଷ ପାଇବେ। ବିଭିନ୍ନ କାର୍ଯ୍ୟରେ ସଫଳତା ପାଇବେ। ଆର୍ଥିକସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଜୀବନସାଥୀଙ୍କ ସହ କୌଣସି କଥାକୁ ନେଇ ମତଭେଦ ଦେଖାଦେବ।

**ମିଥୁନ:** ପଡ଼ୋଶୀଙ୍କ ସହଯୋଗରେ ସମସ୍ୟାରୁ ମୁକ୍ତି ପାଇବେ। କାର୍ଯ୍ୟକ୍ଷେତ୍ରରେ ଉଚ୍ଚକୋଟୀର ପ୍ରଦର୍ଶନ କରିବେ। କ୍ୟାରିୟରରେ ଉନ୍ନତି ହେବ। ପିଲାମାନେ ହସଖୁସିରେ ସମୟ ଅତିବାହିତ କରିବେ।

**କର୍କଟ:** ଦିନଟି ବ୍ୟସ୍ତତା ଭିତରେ କଟିପାରେ। ଦୂରଯାତ୍ରା କରିପାରନ୍ତି। କର୍ମକ୍ଷେତ୍ରରେ ସହଯୋଗ ପାଇବେ। ବାଣିଜ୍ୟରେ ନୂତନତା ଦେଖାଦେବ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ।

**ସିଂହ:** ପାରିବାରିକ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ବାଧାବିଘ୍ନ ସହ କର୍ତ୍ତୃପକ୍ଷଙ୍କର ଚାପ ରହିବ। ରାଜନୀତିରେ ସକ୍ରିୟ ରହିପାରନ୍ତି। ବାଣିଜ୍ୟରେ ପ୍ରତିବନ୍ଧକ ରହିବ। ଛାତ୍ରଛାତ୍ରୀ କୃତକାର୍ଯ୍ୟ ହେବେ।

**କନ୍ୟା:** ସରକାରୀ କର୍ମଚାରୀଙ୍କ ପାଇଁ ଦିନଟି ଭଲ। କର୍ମକ୍ଷେତ୍ରରେ ସମ୍ମାନ ବୃଦ୍ଧି ହେବ। ରାଜନୀତିରେ ବିରୋଧୀ ପ୍ରଶମିତ ହେବେ। ଛାତ୍ରଛାତ୍ରୀ ସଫଳ ହେବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ତୁଳା:** ସମସ୍ତ କାର୍ଯ୍ୟରେ ବିଳମ୍ବ ହୋଇପାରେ। କର୍ମକ୍ଷେତ୍ରରେ କାର୍ଯ୍ୟବହୁଳ ରହିବ। ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତା ରହିବ। ବାଣିଜ୍ୟ ପ୍ରତିକୂଳ ରହିବ। ଛାତ୍ରଛାତ୍ରୀ ଆଳସ୍ୟ ଅନୁଭବ କରିପାରନ୍ତି।

**ବିଛା:** ଶତ୍ରୁମାନଙ୍କର କୂଟଚକ୍ରାନ୍ତର ଶିକାର ହେବେ। କର୍ମକ୍ଷେତ୍ରରେ ଜଟିଳ ପରିସ୍ଥିତିର ସମ୍ମୁଖୀନ ହୋଇପାରନ୍ତି। କୌଣସି ନିଷ୍ପତ୍ତି ନେବା ପୂର୍ବରୁ ପୁନଶ୍ଚ ଭାବନ୍ତୁ। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** କାର୍ଯ୍ୟକ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେବ। ଛାତ୍ରଛାତ୍ରୀ କ୍ୟାରିୟରରେ ଉନ୍ନତି ପାଇଁ ନୂତନ ଯୋଜନା ପ୍ରସ୍ତୁତ କରିପାରନ୍ତି। ଉଧାର ଟଙ୍କା ଫେରି ପାଇବେ।

**ମକର:** ବିଭିନ୍ନ ଦିଗରୁ ହତୋତ୍ସାହ ହେବେ। ବାକି ପଡ଼ିଥିବା ଧନ ଫେରି ପାଇବେ। ସମୟ ପୂର୍ବରୁ କାର୍ଯ୍ୟ କରି ପ୍ରଶଂସା ସାଉଁଟିବେ। ନିଜ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିପାରନ୍ତି। ଦିନଟି ହସ ଖୁସିରେ ବିତିବ।

**କୁମ୍ଭ:** ସହକର୍ମୀଙ୍କ ସହଯୋଗ ପାଇବେ। ମହିଳାମାନେ ଚଳଚଞ୍ଚଳ ରହିବେ। ବ୍ୟବସାୟରେ ଆଶାନୁରୂପ ଫଳ ପାଇବେ। ଆୟ ବଢ଼ିବ। ନିଜ ମନକଥା ପ୍ରିୟଜନଙ୍କ ଆଗରେ କହି ଆତ୍ମସନ୍ତୋଷ ପାଇବେ।

**ମୀନ:** ପରିବାରରେ ହସଖୁସି ଲାଗି ରହିବ। ବ୍ୟବସାୟରେ କ୍ଷତିଗ୍ରସ୍ତ ହୋଇପାରନ୍ତି। ନିଜ ବୁଦ୍ଧି ବଳରେ ନୈରାଶ୍ୟଜନକ ସ୍ଥିତିକୁ ସୁଧାରି ନେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୨୫-ବାଷ୍ପଚାଳିତ ଜାହାଜ ଏଣ୍ଟରପ୍ରାଇଜ୍ କଲିକତାରେ ପହଞ୍ଚିଲା।
- ୧୮୭୯-ସ୍ୱାଧୀନତା ସଂଗ୍ରାମୀ ଯତୀନ୍ଦ୍ରନାଥ ମୁଖାର୍ଜୀଙ୍କ ଜନ୍ମ।
- ୧୯୧୭- ଆମେରିକା ପ୍ରଥମ ବିଶ୍ୱଯୁଦ୍ଧର ଅଂଶହେଲା।
- ୧୯୯୫-ଭାରତ ସଞ୍ଚାର ଉପଗ୍ରହ ଇନ୍‌ସ୍ୟାଟ୍-୨ ସିର ଉତ୍‌କ୍ଷେପଣ କଲା।
- ୨୦୦୩- ରମଣ ସିଂହ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ହେଲେ।
- ୨୦୦୯ - ଡେନମାର୍କର କୋପେନ୍‌ହେଗେନ୍‌ରେ ଜଳବାୟୁ ଶିଖର ସମ୍ମିଳନୀ ଆରମ୍ଭ।



# ସଶସ୍ତ୍ର ସେନା ପତାକା ଦିବସ

## ସେନା କର୍ମଚାରୀଙ୍କ କଲ୍ୟାଣ ନିମିତ୍ତ ଦିନଟିଏ

ସେନା ପ୍ରତି ସମ୍ମାନ ପ୍ରଦର୍ଶନ କରିବା ପାଇଁ ୧୯୪୯ରୁ ପ୍ରତିବର୍ଷ ଡିସେମ୍ବର ୭କୁ ସଶସ୍ତ୍ର ସେନା ପତାକା ଦିବସ ଭାରତରେ ପାଳନ କରାଯାଉଛି। ଦେଶର ଏକତା ଓ ଅଖଣ୍ଡତା ଲାଗି ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ଏହି ଦିନ ସ୍ମରଣ କରାଯାଏ। ଭାରତୀୟ ସଶସ୍ତ୍ର ସେନା କର୍ମଚାରୀଙ୍କ କଲ୍ୟାଣ ନିମନ୍ତେ ଏହି ଦିବସରେ ପାଣ୍ଠି ସଂଗ୍ରହ କରାଯାଇଥାଏ। ଭାରତ ସ୍ୱାଧୀନ ହେବା ପରେ ସେନା କର୍ମଚାରୀଙ୍କ କଲ୍ୟାଣ ପାଇଁ ୨୮ ଅଗଷ୍ଟ, ୧୯୪୯ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଏକ କମିଟି ଗଠନ କରାଯାଇ ପ୍ରତିବର୍ଷ ୭ ଡିସେମ୍ବରରେ ସଶସ୍ତ୍ର ସେନା ପତାକା ଦିବସ ପାଳନ କରିବା ଲାଗି ସ୍ଥିର କରାଯାଇଥିଲା। ଏହି ଦିବସ ଅବସରରେ ଲୋକମାନଙ୍କୁ ପତାକା ବଣ୍ଟନ କରାଯାଇ ତା'ବଦଳରେ ଦାନ ସଂଗ୍ରହ କରିବାର ଉଦ୍ଦେଶ୍ୟ ନିହିତ ଥିଲା। କାର୍ଯ୍ୟରତ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ତଥା ଯୁଦ୍ଧରେ ଶହୀଦ କିମ୍ବା ଆହତଙ୍କ ପରିବାରର ପୁନର୍ବାସ ଓ କଲ୍ୟାଣ ଉକ୍ତ ଦିବସର ମୁଖ୍ୟ ଲକ୍ଷ୍ୟ। ଏହା ଏକ ପ୍ରକୃଷ୍ଟ ଦିନ, ଯେଉଁଥିରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ବୟସ୍କ ଯବାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯିବା ସହ ଶହୀଦମାନଙ୍କୁ ସ୍ମରଣ କରାଯାଏ। । ଲୋକଙ୍କୁ ଲାଲ୍ ଏବଂ ନୀଳ ରଙ୍ଗର ପତାକାର ଷ୍ଟିକର ଦେଇ ପାଣ୍ଠି ସଂଗ୍ରହ କରାଯାଇଥାଏ। ଏହି ରାଶିକୁ ପତାକା ଦିବସ କୋଷରେ ଜମା କରାଯାଇଥାଏ। ଏହି କୋଷରେ ଶହୀଦ ହୋଇଥିବା ସୈନିକଙ୍କ ପରିବାର, ଆଘାତପ୍ରାପ୍ତ ସୈନିକଙ୍କର କଲ୍ୟାଣ କିମ୍ବା ପୁନର୍ବାସରେ ସହାୟତା କରାଯାଇଥାଏ। ସୈନିକ କଲ୍ୟାଣ ବୋର୍ଡ ଏହି ରାଶିକୁ ଖର୍ଚ୍ଚ କରିଥାଏ। ପ୍ରଥମେ ପ୍ରତିରକ୍ଷା ମନ୍ତ୍ରଣାଳୟ କମିଟି ଦ୍ୱାରା ଫ୍ଲାଗ୍ ଡେ' ଫଣ୍ଡ ( ପତାକା ଦିବସ ପାଣ୍ଠି) ୧୯୪୯ରେ ଗଠନ କରାଯାଇଥିଲା। ୧୯୯୩ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଆର୍ମଡ ଫୋର୍ସ ଫ୍ଲାଗ୍ ଡେ' ଫଣ୍ଡ ପୁଣି ଗଠନ କରିଥିଲେ, ଯାହା ଏବେ ଚାଲୁ ରହିଛି। ଏହି ଦିନ ଭାରତର ସ୍ଥଳସେନା, ନୌସେନା ଓ ବାୟୁସେନା ପକ୍ଷରୁ ବିଭିନ୍ନ କୌଶଳ ପ୍ରଦର୍ଶନ କରାଯାଏ।

# 'ସିକନ୍ଦର' ପୁଲିସ୍ ଅଫିସର୍ ଭୂମିକାରେ ସଲମାନ୍ !



ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍‌ଙ୍କର ଇଦ୍ ଓ ଦୀପାବଳି ଅବସରରେ ଅଧିକାଂଶ ଫିଲ୍ମ ଆସିଥାଏ। କିନ୍ତୁ ଚଳିତବର୍ଷ ସଲମାନ୍‌ଙ୍କ ପ୍ରଶଂସକମାନଙ୍କୁ ନିରାଶ ହେବାକୁ ପଡ଼ିଛି। କାରଣ ଏବର୍ଷ ତାଙ୍କ ଅଭିନୀତ ଗୋଟିଏ ବି ଫିଲ୍ମ ରିଲିଜ୍ ହୋଇନାହିଁ। କିନ୍ତୁ ୨୦୨୫ ଇଦ୍ ଅବସରରେ ସଲମାନ୍ ତାଙ୍କ ପ୍ରଶଂସକମାନଙ୍କୁ 'ସିକନ୍ଦର' ଫିଲ୍ମ ଭେଟି ଦେବେ। ଏହି ଫିଲ୍ମ ମାଧ୍ୟମରେ ସଲମାନ୍ ପ୍ରଥମ ଥର ସାଉଥ୍‌ର ଲୋକପ୍ରିୟ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ସହ ସ୍କ୍ରିନ୍ ସେୟାର୍ କରିବାକୁ ଯାଉଛନ୍ତି। ସାଜିଦ୍ ନାଦିୟାଡୱାଲାଙ୍କ ପ୍ରଯୋଜନାରେ ନିର୍ମିତ ଏହି ଫିଲ୍ମ ସମ୍ପର୍କରେ ନିୟମିତ ଅପଡେଟ୍ ସାମ୍ନାକୁ ଆସୁଛି। ନିକଟରେ ଏହି ଫିଲ୍ମରେ ସଲମାନ୍‌ଙ୍କ ଭୂମିକାକୁ ନେଇ ଏକ ଖବର ଆସିଛି। ଏ.ଆର୍ ମୁରୁଗାଦୋସ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ସଲମାନ୍ ଏବେ ଏହାର ସୁଟିଂ ହାଇଦ୍ରାବାଦର ଫଲକନାମା ପ୍ୟାଲେସ୍‌ରେ କରୁଛନ୍ତି। ସୁଟିଂ ସେଟ୍‌ରେ GJ-03 ନମ୍ବର ଯୁକ୍ତ ଏକ କାର୍ ବ୍ୟବହାର କରାଯାଉଥିବାର ଦେଖାଯାଇଛି। ଗାଡ଼ିର ବୋନଟ୍‌ରେ ମଧ୍ୟ ରାଜକୋଟ ପୁଲିସ୍ ଲେଖା ହୋଇଥିବାର ଦେଖାଯାଇଛି। ଏଥିରୁ ସଲମାନ୍ 'ୱାଣ୍ଟେଡ୍', 'ଦବଙ୍ଗ' ପରେ ପୁଣିଥରେ ପୁଲିସ୍ ଅଫିସର୍ ଭୂମିକାରେ ଦେଖାଯିବେ ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। କିନ୍ତୁ ଫିଲ୍ମ ନିର୍ମାତା ଏଯାବତ୍ ସଲମାନ୍‌ଙ୍କ ଭୂମିକାକୁ ଗୁପ୍ତ ରଖିବା ପାଇଁ ଚେଷ୍ଟା କରିଛନ୍ତି। ଏଥିରେ ସଲମାନ୍ ଏକ କ୍ରିମିନାଲ ଗ୍ୟାଙ୍ଗ୍ ସହ ଲଢୁଥିବାର ଦେଖାଯିବେ। ତେବେ ସଲମାନ୍ ଏହି ଫିଲ୍ମର ସୁଟିଂ ଟାଇଟ୍ ସିକ୍ୟୁରିଟି ମଧ୍ୟରେ କରୁଛନ୍ତି।

# ମହାକାଶରେ କେମିତି ହୁଏ ଚିକିତ୍ସା



ମହାକାଶଚାରୀମାନେ ମହାକାଶକୁ ବିଭିନ୍ନ ପ୍ରକାର ଗବେଷଣା ପାଇଁ ଯାଇଥାନ୍ତି। ମହାକାଶଚାରୀମାନେ ପୃଥିବୀ ପୃଷ୍ଠରୁ ବହୁ ଦୂରରେ ଭିନ୍ନ ଏକ ପରିବେଶରେ ରହିଥାନ୍ତି। ଏହି ସମୟରେ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଅଧିକ ପ୍ରଭାବ ପଡ଼ିଥାଏ। ତେବେ ମହାକାଶରେ ସ୍ୱାସ୍ଥ୍ୟ ବିଗିଡ଼ିଗଲେ, କେମିତି ଚିକିତ୍ସା କରାଯାଏ, ସେଠାରେ କ'ଣ ଡାକ୍ତର ଥାଆନ୍ତି, ଏହା ଜାଣିବାକୁ ସମସ୍ତେ ଆଗ୍ରହ ପ୍ରକାଶ କରନ୍ତି। ବାସ୍ତବ କଥା ହେଉଛି, ମହାକାଶ ବାତାବରଣ ପୃଥିବୀ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏହାବାଦ୍ ମହାକାଶରେ ବିକିରଣ ସ୍ତର ଅଧିକ ଥିବାରୁ ଏଠାରେ କର୍କଟ ହେବାର ଆଶଙ୍କା ଅଧିକ ରହିଥାଏ। ସେହିପରି ମହାକାଶରେ ଖାଦ୍ୟପେୟ ଶୈଳୀ ପୃଥିବୀପୃଷ୍ଠ ଠାରୁ ଭିନ୍ନ ହୋଇଥିବାରୁ ପାଚନଜନିତ ସମସ୍ୟା ଦେଖାଯାଇଥାଏ। ପୃଥିବୀପୃଷ୍ଠରୁ ମହାକାଶରେ ମହାକାଶଚାରୀଙ୍କୁ ଏକାକୀ ରହିବାକୁ ପଡ଼ିଥାଏ। ଏକାକୀପଣରୁ ମାନସିକ ଚିନ୍ତା ବୃଦ୍ଧିପାଇଥାଏ। ସେହିପରି ମହାକାଶଚାରୀ ଯାତ୍ରା ସାରି ଫେରିବା ପରେ ପ୍ରାୟତଃ ରକ୍ତହୀନତାର ଶିକାର ହୋଇଥାନ୍ତି। ଯଦିଓ ମହାକାଶରେ ଡାକ୍ତର ନ ଥାନ୍ତି, ହେଲେ ଏଠାରେ ମହାକାଶଚାରୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ପ୍ରକାର ଚିକିତ୍ସା ଉପକରଣ ମହଜୁଦ ରହିଥାଏ। ଯଦ୍ୱାରା ଜଣେ ନିଜର ଛୋଟମୋଟ ରୋଗର ନିରାକରଣ କରିପାରିବେ। ଏଠାରେ ମହାକାଶଚାରୀଙ୍କ ନିମନ୍ତେ ବ୍ୟାଣ୍ଡେଜ୍, ପେନ୍‌କିଲର, ଛୁଞ୍ଚି ଏବଂ କିଛି ସର୍ଜିକାଲ ସାମଗ୍ରୀ ରହିଥାଏ। ଗମ୍ଭୀର ସ୍ଥିତି ପାଇଁ କିଛି ମହାକାଶଯାନରେ ଅକ୍ସିଜେନ୍ ସିଲିଣ୍ଡର ଏବଂ ଭେଣ୍ଟିଲେଟର ଆଦି ଉପକରଣ ଥାଏ। ଏହାବାଦ୍ ପୃଥିବୀପୃଷ୍ଠରୁ ଡାକ୍ତରମାନେ ଭିଡିଓକଲ୍ ତଥା ଯୋଗାଯୋଗ ମାଧ୍ୟମରେ ମହାକାଶଚାରୀଙ୍କ ଚିକିତ୍ସା କରିଥାନ୍ତି। ମହାକାଶରେ ସମସ୍ତ ସମସ୍ୟାକୁ ସାମ୍ନା କରିବାକୁ ସେଠାକାର ବାତାବରଣରେ ଖାପଖୁଆଇ ଚଳିବାକୁ ମହାକାଶଚାରୀଙ୍କୁ ପୂର୍ବରୁ ତାଲିମ ଦିଆଯାଇଥାଏ। ଯାତ୍ରା ସମୟରେ ସେମାନଙ୍କୁ କିଛି ଔଷଧ ଏବଂ ଭିଟାମିନ୍ ବଟିକା ମଧ୍ୟ ଦିଆଯାଇଥାଏ। ବେଳେବେଳେ ଡାକ୍ତରଙ୍କୁ ମହାକାଶକୁ ଯାତ୍ରୀ ରୂପେ ପଠାଯାଇଥାଏ। ଉଦାହରଣ ସ୍ୱରୂପ ନାସାର କିଛି ମିଶନରେ ଡାକ୍ତର ମହାକାଶକୁ ଯାତ୍ରା କରିଥିବା ଦେଖିବାକୁ ମିଳିଥିଲା।

# ସୁମନ

## ସକାଳ ଶିଶୁ କୁଇଜ୍-୧୪୪

(୧) ଅଗ୍ନି ନିର୍ବାପକ ଯନ୍ତ୍ରରେ କେଉଁ ଗ୍ୟାସ୍ ଥାଏ?

ଉତ୍ତର : ______

(୨) ଓଡ଼ିଶାର କେଉଁ ଜିଲ୍ଲା ଧନୁଯାତ୍ରା ପାଇଁ ପ୍ରସିଦ୍ଧ?

ଉତ୍ତର : ______

(୩) ଗ୍ୟାଙ୍ଗଟକ୍ କେଉଁ ରାଜ୍ୟର ରାଜଧାନୀ?

ଉତ୍ତର : ______

(୪) ଗୁପ୍ତ ସାମ୍ରାଜ୍ୟର ସର୍ବଶ୍ରେଷ୍ଠ ଶାସକ କିଏ ଥିଲେ?

ଉତ୍ତର : ______

(୫) ପଞ୍ଚୁ ପାଣ୍ଡବଙ୍କ ପିତାଙ୍କ ନାମ କ'ଣ?

ଉତ୍ତର : ______

**ଗତ ସପ୍ତାହର କୁଇଜ୍ ବିଜେତା**
- ଓମ୍ ପ୍ରକାଶ ରଣା, ଚକେଇସିହାଣୀ , ଭୁବନେଶ୍ୱର
- ସତ୍ୟବ୍ରତ ମହାରଣା, ପିପିଲି, ପୁରୀ
- ଆଶୁତୋଷ ମିଶ୍ର, ରଣପୁର, ନୟାଗଡ଼

ସକାଳ ଶିଶୁ କୁଇଜ୍‌ରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନେ ଏବେ ସେମାନଙ୍କ ଉତ୍ତରକୁ sakalasishu@gmail.comରେ ପଠାଇବାକୁ ଅନୁରୋଧ। ତିନିଜଣ ସଠିକ୍ ଉତ୍ତରଦାତାଙ୍କ ନାମ ଏହି ପୃଷ୍ଠାରେ ପ୍ରକାଶ ପାଇବ।

ଆମର ଯୋଗାଯୋଗ ଠିକଣା

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍

ଇଡ୍‌କୋ ପ୍ଲଟ୍ ନଂ- ୯୦-୯୧, ଭଗବାନପୁର, ଭୁବନେଶ୍ୱର-୭୫୧୦୧୯

## ପ୍ରହେଳିକା



- ଉଲରେ ଗଢ଼ା ଦେହଟି ତା'ର
  ଶୀତରେ ସାଜେ ସେ ମିତ ଆମର
  ରହିଥିଲେ ସିଏ ଆମ ମୁଣ୍ଡରେ
  ଥରନ୍ତିନି ଆମେ ଜମା ଶୀତରେ
  ଶୀତରେ ତାହାକୁ ପିନ୍ଧିଛି ଯିଏ
  ନାମ ତା'ର ନିଶ୍ଚେ କହିବ ସିଏ ?

  ଉ-ଟୋପି

- ତୁଳାରେ ତିଆରି ହୁଅଇ ସିଏ
  ଯା ପାଇଁ ମଣିଷ ଶାନ୍ତିରେ ଶୁଏ
  ନରମ ନରମ ଆରାମ ଦିଏ
  ନାମଟି ତାହାର କହିବ କିଏ ?

  ଉ-ଗଦି

- ଶୀତ ଆସିଯାଏ ଯେବେ ରାତିରେ
  ତାକୁ ଢାଙ୍କି ହୋଇ ଶୋଉ ଶାନ୍ତିରେ
  ଶୀତକୁ ସେ ନିଜ ଦେହରେ ପିଏ
  ଗରମ ଛୁଆଁ ସେ ଆମକୁ ଦିଏ
  ଭାରି ଉପକାରୀ ବନ୍ଧୁଟେ ସିଏ
  ନାମଟି ତାହାର କହିବ କିଏ ?

  ଉ-କମ୍ବଳ

- ଏମିତି ଅଟଇ ଦରବଟିଏ
  ଅନେକଙ୍କୁ ସିଏ ସମ୍ମାନ ଦିଏ
  ମଞ୍ଚରେ ପକାନ୍ତି ତାକୁ କାନ୍ଧରେ
  ଆଉ ଢାଙ୍କିହୁଏ ଜାଡ଼ ଶୀତରେ
  ଭାରି ଉପକାରୀ ଅଟଇ ସିଏ
  ନାମଟି ତାହାର କହିବ କିଏ ?

  ଉ-ଚାଦର

- ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫

## ଆମ ଚିତ୍ରଶାଳା









**ଅଭୀଲିପ୍ସା ପ୍ରିୟଦର୍ଶିନୀ ସାହୁ**
ଅଷ୍ଟମ ଶ୍ରେଣୀ
କେନ୍ଦ୍ରୀୟ ବିଦ୍ୟାଳୟ
ଭୁବନେଶ୍ୱର



**ଆର୍ଯ୍ୟ ଅଂଶୁମାନ ମଲ୍ଲିକ**
ଷଷ୍ଠ ଶ୍ରେଣୀ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର
ନିମାପଡ଼ା



**ସ୍ୱାଗତିକା ପଣ୍ଡା**
ଷଷ୍ଠ ଶ୍ରେଣୀ
ଜନତା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ହରିପୁର, ପିପିଲି

# ଅହଙ୍କାରୀ ଓଡ଼ଶ







**ଲଳିତ ମୋହନ ମିଶ୍ର**

ଚିଙ୍କି ଓଡ଼ଶ ଏବଂ ରିଙ୍କି ପିମ୍ପୁଡ଼ି ଦୁହେଁ ଭାରି ସାଙ୍ଗ। ଦୁହେଁ ଏକ ସାଧାରଣ ଘରେ ରହୁଥିଲେ। ପୁରୁଣା ଜମିଦାରଙ୍କ ଖଟିଆରେ ଓଡ଼ଶ ରହୁଥିବା ବେଳେ ରିଙ୍କି ପିମ୍ପୁଡ଼ି ସେହି କୋଠରିରେ ଏକ ଛୋଟ ଗାତରେ ରହୁଥିଲେ। ରିଙ୍କି ପିମ୍ପୁଡ଼ି ସାରା ଦିନ ନିଜର ଖାଦ୍ୟ ଅନ୍ୱେଷଣରେ ଯାଉଥିଲା ଏବଂ ସନ୍ଧ୍ୟାରେ ନିଜ ବସାକୁ ଫେରି ଆସୁଥିଲା। ଅପରପକ୍ଷରେ ଚିଙ୍କି ଓଡ଼ଶ ଦିନସାରା ବୃଦ୍ଧଙ୍କ ଖଟିଆରେ ବିଶ୍ରାମ ନେଉଥିଲା। ସନ୍ଧ୍ୟାରେ ତଳକୁ ଆସି ରିଙ୍କି ପିମ୍ପୁଡ଼ି ସହିତ ଗପସପ କରୁଥିଲା। ଦୁହେଁ ଗପରେ ଏତେ ମଗ୍ନ ହୋଇଯାଉଥିଲେ ଯେ, ରାତି କେତେବେଳେ ହୋଇଯାଉଥିଲା, ତାହା ସେମାନଙ୍କୁ ଜଣା ନ ଥିଲା। ଦିନେ ଚିଙ୍କି ଓଡ଼ଶ ରିଙ୍କି ପିମ୍ପୁଡ଼ିକୁ କଥା କହି ହସରେ ଉଡ଼େଇ ଦେଲା। ସେ କହିଲା, ରିଙ୍କି ! ତୁମର ଜନ୍ମ ବ୍ୟର୍ଥ। ରିଙ୍କି ଆଶ୍ଚର୍ଯ୍ୟ ହୋଇ ପଚାରିଲା, ଏହା କେମିତି ? ଚିଙ୍କି ଓଡ଼ଶ ହସିହସି ତାଚ୍ଛଲ୍ୟ କରି କହିଲା - ମୋତେ ଦେଖ, ମୁଁ ସାରା ଦିନ ଶୋଇ ରହୁଛି ଏବଂ ରାତିର ଖାଦ୍ୟ ଆପେ ଆପେ ମୋ ପାଖକୁ ଆସିଯାଉଛି। ଜଣେ ବୃଦ୍ଧଙ୍କ ରକ୍ତ କେତେ ମଧୁର ? ମୋ ଜନ୍ମ ତେଣୁ ସଫଳ। ରିଙ୍କି ପିମ୍ପୁଡ଼ି କହିଲା - ତୁମେ ଏହିପରି ରକ୍ତ ପିଇବାକୁ ପସନ୍ଦ କରୁଛ ? ମୋତେ ତ ବୃଦ୍ଧଙ୍କ ଉପରେ ଦୟା ଆସୁଛି। ସେ ଲୋକଟି ତୁମକୁ ମାରି ପାରିବ ନାହିଁ। କାରଣ ସେ ବୃଦ୍ଧ। ଚିଙ୍କି ଓଡ଼ଶ ଗର୍ବର ସହିତ କହିଲା, ବୃଦ୍ଧ ହେଉ କି ଯୁବକ, କେହି ହେଲେ ମୋର କିଛି କରି ପାରିବେ ନାହିଁ। ମନୁଷ୍ୟର ରକ୍ତ ପିଇବା ପାଇଁ ମୁଁ ଜନ୍ମ ନେଇଛି। ରିଙ୍କି ପିମ୍ପୁଡ଼ି - ଚ୍ୟାଲେଞ୍ଜ କରି କହିଲା, "ଯଦି ତୁମର ସାହସ ଅଛି, ତେବେ ବୁଢ଼ାର ପୁଅ ଖଟିଆରେ ଶୋଇଛି। ତା'ର ରକ୍ତ ପିଇ ଦେଖାଅ ତ ! ମୁଁ ଦେଖିବି ତୁମେ କେତେ ସାହସୀ ? ଚିଙ୍କି ଓଡ଼ଶ ନିଷ୍ପତ୍ତି ନେଲା ଆଜି ଏହା ମୁଁ କରି ଦେଖାଇବି। ରାତି ହେବା ସହିତ ଚିଙ୍କି ଓଡ଼ଶ ଘର ମାଲିକ ପୁଅର ଖଟିଆ ଭିତରକୁ ପଶି ଯାଇଥିବା ବେଳେ ରିଙ୍କି ପିମ୍ପୁଡ଼ି ଠିଆ ହୋଇ ଏସବୁ ଦେଖୁଥିଲା। ବୁଢ଼ାର ପୁଅ ଖଟିଆରେ ଶୋଇବା ମାତ୍ରେ ତାକୁ ନିଦ ଆସି ଯାଇଥିଲା। ଚିଙ୍କି ଓଡ଼ଶ ସଙ୍ଗେ ସଙ୍ଗେ ରକ୍ତ ଚୋଷିବା ଆରମ୍ଭ କଲା। ବୁଢ଼ାର ପୁଅ ଏକ ଝଟ୍‌କାରେ ଠିଆ ହୋଇ ପଡ଼ିଲା। ଠେଙ୍ଗା ଆଣି ଜୋରରେ ଖଟିଆକୁ ବାଡ଼େଇଲା। ଭୟରେ ଖଟିଆରୁ ଚିଙ୍କି ଓଡ଼ଶ ଡେଇଁ ପଡ଼ିଲା, କିନ୍ତୁ ବୁଢ଼ାର ପୁଅ ତାକୁ ଦେଖି ଠଉରାଇ ଦେଲା। ସେ ଠେଙ୍ଗା ଉଠାଇ ତାର ମୁଣ୍ଡକୁ ଦେଲା ପାହାରେ। ଚିଙ୍କି ଓଡ଼ଶ ସେଠାରେ ଟଳି ପଡ଼ିଲା। ଏହା ଦେଖି ରିଙ୍କି ପିମ୍ପୁଡ଼ି ବହୁତ ଦୁଃଖ କଲା। ଯଦି ଚିଙ୍କି ଓଡ଼ଶ ଅହଙ୍କାରୀ ହୋଇ ନ ଥାନ୍ତା, ତେବେ ବୋଧହୁଏ ସେ ଏପରି ଅବସ୍ଥା ଭୋଗୀ ନଥାନ୍ତା ! ଅହଙ୍କାର କେବେ ବି କାହାର ଭଲ କରି ନ ଥାଏ। ଅହଙ୍କାରୀକୁ ଦିନେ ନା ଦିନେ ଏପରି ଦଶା ଭୋଗିବାକୁ ପଡ଼ିବ।

ନୟାଗଡ଼
ମୋ- ୯୪୩୭୯୮୫୮୬୬

## ଶୀତ ଡାକିଲାଣି ଠାରି



**ନିରାକାର ଚଇନି**

କେଉଁ ଗଣ୍ଠିଲିରେ ରେଜେଇ ଶୋଇଛି
ଖୋଜିଲେଣି ଜେଜେ ଆମ
କନ୍ଥା କମ୍ବଳଙ୍କ ସମୟ ଆସିଲା
ଦେଖେଇବେ ଏବେ କାମ,
ଥଣ୍ଡା ଲାଗିଲାଣି ଭାରି
ଗରମ ପୋଷାକେ ଦେହ ଢାଙ୍କିଦିଅ
ଶୀତ କହିଲାଣି ଠାରି।
ମୁହଁ ସଞ୍ଜବେଳେ କମାର ଶାଳରେ
ପଜେଇଲେ ବାପା ଦାଆ
ପାଚିଲା ଧାନକୁ ଅମଳ କରିବେ
କମଳା ହେଲେଣି ସାହା,
ଆସ ମୋର ସାଙ୍ଗ ସାଥୀ
ବଡ଼ ରାତି ବୋଲି ଚାରିଟାରୁ ଉଠି
ପଢ଼ିବାରେ ଯିବା ମାତି।

- କଳିଗାଁ, ହାଟଡିହି, କେନ୍ଦୁଝର

## ପରବ ସାର ମାଣବସା



**ରାମଚନ୍ଦ୍ର ବେହେରା**

ନଈପଠା ଧାରେ ସୋରିଷ କ୍ଷେତରେ
ଫୁଲର ଲହଡ଼ି ମାରୁଛି
ଲକ୍ଷ୍ମୀଙ୍କ ଚରଣେ ପୂଜା ପାଇବାକୁ
ହାତ ଠାରି ସିଏ ଡାକୁଛି।
ମଗୁଶିର ଶେଷ ଶୁଭ ଗୁରୁବାର
ଆମରି ରାଇଜେ ଆସୁଛି
ନୂଆ ଧାନବେଣୀ ମାଣ ଛିଟକନା
ବଜାରରୁ ମାଆ କିଣୁଛି।
ଘର ଅଗଣାରେ ମାତା କମଳାଙ୍କ
ପାଦପଦ୍ମ ଚିତା ପଡ଼ିବ
ଧୂପ ନୈବେଦ୍ୟରେ ପୂଜା ହେବେ ମାତା
ଶଙ୍ଖ ହୁଳହୁଳି ଶୁଭିବ।
ସ୍ୱଚ୍ଛତା ପରଖି ଆସିବେ ଜନନୀ
ଜାତିଭେଦ ମନୁ ଦୂରେଇ
ଭକ୍ତିଭାବ ଦେଖି ଖୁସିହୋଇ ମାଆ
ବୈଭବରେ ଦେବେ ବୁଡେଇ।
ପରବରେ ସାର ଆମ ମାଣବସା
ଖୁସି ଭରିଦିଏ ପରାଣେ
ମାତା ପଦ୍ମଜାଙ୍କ ଶୁଭାଶିଷ ବଳେ
ସୁଖ ଶାନ୍ତି ମିଳେ ଜୀବନେ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସାମି ସିଲ୍‌ଭା ଏସିସି ନୂଆ ଅଧ୍ୟକ୍ଷ



ନୂଆଦିଲ୍ଲୀ, ୬ ।୧୨(ଏଜେନ୍ସି): ଶ୍ରୀଲଙ୍କା କ୍ରିକେଟ ବୋର୍ଡର ପୂର୍ବତନ ସଭାପତି ସାମି ସିଲ୍‌ଭା ଏସିଆନ କ୍ରିକେଟ କାଉନସିଲ (ଏସିସି) ନୂଆ ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି । ସେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ନବ ନିର୍ବାଚିତ ଅଧ୍ୟକ୍ଷ ଜୟ ଶାହାଙ୍କ ଉତ୍ତରାଧିକାରୀ ଭାବେ ଏହି ଗୁରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶାହା ଏସିସି ଅଧ୍ୟକ୍ଷ ଭାବେ ୩ଟି କାର୍ଯ୍ୟକାଳ ସଫଳତାର ସହ ଦାୟିତ୍ୱ ସମ୍ପାଦନ କରିଛନ୍ତି । ଆଇସିସି ଅଧ୍ୟକ୍ଷ ଭାବେ ନିର୍ବାଚିତ ହେବା ପରେ ସେ ଏସିସି ପଦ ଛାଡିଛନ୍ତି । ୬୪ ବର୍ଷୀୟ ସାମି ମଧ୍ୟ ଏସିସି ଫାଇନାନ୍ସ ଓ ମାର୍କେଟିଂ କମିଟିର ମୁଖ୍ୟ ଭାବେ କାର୍ଯ୍ୟ କରିଛନ୍ତି ଓ କ୍ରିକେଟ ପ୍ରଶାସନରେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ରହିଛି । ଏସିସିର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବା ମୋ ଲାଗି ଗୌରବର ବିଷୟ ବୋଲି ସେ କହିଛନ୍ତି । ସେ ମଧ୍ୟ ଶାହାଙ୍କ କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ଶାହା ଏସିସି ଅଧ୍ୟକ୍ଷ ଭାବେ କୋଟୋଟି ନିର୍ଣ୍ଣାୟକ ନିଷ୍ପତ୍ତି ନେବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରିଛନ୍ତି ।

## ପ୍ରଥମ ଦିନରେ ଇଂଲଣ୍ଡ ପ୍ରଭାବୀ

ୱେଲିଂଟନ, ୬ ।୧୨(ଏଜେନ୍ସି): ସ୍ଥାନୀୟ ବେସିନ ରିଜର୍ଭ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଶୁକ୍ରବାରଠାରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି । ପ୍ରଥମ ଦିବସରେ ଇଂଲଣ୍ଡ ପ୍ରଭାବୀ ପ୍ରଦର୍ଶନ କରି ସ୍ଥିତ ଦୃଢ କରିଛି । ଟସ୍ ହାରି ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ମଧ୍ୟକ୍ରମ ବ୍ୟାଟର ହ୍ୟାରୀ ବ୍ରୁକ୍‌ଙ୍କ ଶତକ ଓ ୱିକେଟରକ୍ଷକ ଓଲି ପୋପ୍ ଅର୍ଦ୍ଧଶତକ ସତ୍ତ୍ୱେ ବଡ଼ା ସ୍କୋର ହାସଲ କରିପାରନାହିଁ । ଦଳ ୫୪.୪ ଓଭରରେ ୨୮୦ ରନକରି ଅଲଆଉଟ ହୋଇଛି । ଜବାବରେ ନ୍ୟୁଜିଲାଣ୍ଡ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୨୬ ଓଭରରେ ୫ ୱିକେଟ ହରାଇ ୮୬ ରନ ସଂଗ୍ରହ କରିଛି । ୫ ୱିକେଟ ବାକି ଥାଇ ନ୍ୟୁଜିଲାଣ୍ଡ ଏବେ ୧୯୪ ରନ ପଛରେ ପଡ଼ିଛି । ଷ୍ଟମ୍ପ ଅପସାରଣ ବେଳକୁ ୱିଲି ଓ'ରୁର୍କ ଶୂନ ଓ ଟମ୍ ବ୍ଲଣ୍ଡେଲ ୭ ରନକରି ଅପରାଜିତ ରହିଛନ୍ତି । ଅଧିନାୟକ ଟମ୍ ଲଥାମ ୧୭, ଡେଭନ କନୱେ ୧୧, ଅଭିଜ୍ଞ ବ୍ୟାଟର କେନ ୱିଲିୟମସନ ସର୍ବାଧିକ ୩୭, ରଚିନ ରବୀନ୍ଦ୍ର ୩ ଓ ଡାରିଲ ମିଚେଲ ୬ ରନକରି ଆଉଟ ହୋଇଛନ୍ତି । ବୋଲିଂରେ ଇଂଲଣ୍ଡ ତରଫରୁ ବ୍ରାଇଡନ କାର୍ସ ୨, କ୍ରିସ ୱୋକ୍ସ, ଗସ ଅଟକିନସନ ଓ ବେନ ଷ୍ଟୋକ୍ସ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ ।



### ହ୍ୟାରୀ ବ୍ରୁକ୍‌ଙ୍କ ଅଷ୍ଟମ ଟେଷ୍ଟ ଶତକ

ଇଂଲଣ୍ଡ ୪୩ ରନରେ ୪ ୱିକେଟ ହରାଇଥିଲା । କିନ୍ତୁ ୫ମ ୱିକେଟରେ ବ୍ରୁକ୍ ଓ ପୋପ୍ ୧୭୪ ରନ ସଂଗ୍ରହ କରି ସ୍ଥିତି ସମ୍ଭାଳିଥିଲେ । ୨୫ ବର୍ଷୀୟ ବ୍ରୁକ ୧୨୩ ରନ କରି ଅଷ୍ଟମ ଟେଷ୍ଟ ଶତକ ଅର୍ଜନ କରିଛନ୍ତି । ପୋପ୍ ୬୬ ରନ କରିଥିଲେ । ନ୍ୟୁଜିଲାଣ୍ଡର ନାଥନ ସ୍ମିଥ ସର୍ବାଧିକ ୪, ଓ'ରୁର୍କ ୩, ମ୍ୟାଟ ହେନେରୀ ୨ ୱିକେଟ ଅକ୍ତିଆର କରିଥିଲେ ।

## ୧ ଲକ୍ଷ କୋଟି ପାର୍ ହେଲା ଆଇପିଏଲ୍ ବ୍ରାଣ୍ଡ ଭେଲ୍ୟୁ



ନୂଆଦିଲ୍ଲୀ, ୬ ।୧୨(ଏଜେନ୍ସି): ବିଶ୍ୱର ସର୍ବାଧିକ ଲୋକପ୍ରିୟ ଟି-୨୦ ଲିଗ୍ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ର ବ୍ରାଣ୍ଡ ଭେଲ୍ୟୁରେ ଆଶାତୀତ ବୃଦ୍ଧି ପାଇଛି ଓ ଏହା ଏବେ ୧୨ ବିଲିଅନ ଡଲାର ଅର୍ଥାତ ୧.୦୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ଗତ ୨୦୨୩ ସଂସ୍କରଣ ତୁଳନାରେ ଏଥିରେ ୧୩ ପ୍ରତିଶତ ବୃଦ୍ଧି ଘଟିଛି । ବ୍ରାଣ୍ଡ ଭେଲୁଏସନ କରୁଥିବା ଜଣାଶୁଣା କମ୍ପାନୀ ବ୍ରାଣ୍ଡ ଫାଇନାନ୍ସର ନୂଆ ରିପୋର୍ଟରେ ଏ ନେଇ ସୂଚନା ଦିଆଯାଇଛି । ୨୦୨୩ରେ ଆଇପିଏଲ୍ ବ୍ରାଣ୍ଡ ଭେଲ୍ୟୁ ପ୍ରଥମଥର ପାଇଁ ୧୦ ବିଲିଅନ ଡଲାର ପାର କରିଥିଲା । ଗତ ବର୍ଷ ଏହା ୧୦.୭ ବିଲିଅନ ଡଲାର ଅର୍ଥାତ୍ ୯୦, ୬୭୯ କୋଟି ଟଙ୍କାରେ ପହଞ୍ଚିଥିଲା । ୨୦୦୯ ରେ ଏହା ୨ ବିଲିଅନ ଡଲାର ଅର୍ଥାତ ୧୬, ୯୪୩ କୋଟି ଟଙ୍କା ଥିଲା । ଉଲ୍ଲେଖଥାଉ କି, ଆଇପିଏଲ ୨୦୦୮ ରେ ଆରମ୍ଭ ହୋଇଥିଲା । ବ୍ରାଣ୍ଡ ଫାଇନାନ୍ସ ୨୦୦୯ ରୁ ଆଇପିଏଲ୍‌ର ବ୍ରାଣ୍ଡ ଭେଲୁଏସନ ନେଇ ନିୟମିତ ଭାବେ ରିପୋର୍ଟ ପ୍ରକାଶ କରିଆସୁଛି ।

### ୧୯ ବର୍ଷରୁ କମ୍ ଏସିଆକପ୍‌ରେ ବୈଭବଙ୍କ ବିସ୍ଫୋରକ ବ୍ୟାଟିଂ

# ଭାରତ-ବାଂଲାଦେଶ ଫାଇନାଲ୍



ଶାରଜା, ୬ ।୧୨(ଏଜେନ୍ସି): ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଚାଲିଥିବା ଏସିଆନ କ୍ରିକେଟ କାଉନସିଲ (ଏସିସି) ୧୯ ବର୍ଷରୁ କମ୍ ଏସିଆକପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକାଦଶ ସଂସ୍କରଣରେ ଭାରତ ଫାଇନାଲରେ ପ୍ରବେଶ କରିଛି । ଶୁକ୍ରବାର ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲରେ ଭାରତ ୧୭୦ ବଲ ବାକିଥାଇ ୭ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି । ଭାରତ ଏବେ ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ବାଂଲାଦେଶକୁ ଭେଟିବ । ଡିଫେଣ୍ଡିଂ ଚାମ୍ପିଅନ ବାଂଲାଦେଶ ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ପାକିସ୍ତାନକୁ ୧୬୭ଟି ବଲ ବାକିରଖି ୭ ୱିକେଟରେ ପରାସ୍ତକରି ଫାଇନାଲ ଟିକଟ ହାସଲ କରିଛି । ରବିବାର ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ ଖେଳାଯିବ । ପାକିସ୍ତାନ ଗ୍ରୁପ୍ ଏ'ରେ ତା'ର ସବୁ ୩ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇ ଶୀର୍ଷ ସ୍ଥାନରେ ରହିଥିଲେ ମଧ୍ୟ ସେମିଫାଇନାଲରେ ପରାସ୍ତ ହୋଇ ବାଦ୍ ପଡ଼ିଛି । ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳି ୧୩ ବର୍ଷୀୟ ଭାରତୀୟ ଓପନର ବୈଭବ ସୂର୍ଯ୍ୟବଂଶୀ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଗତ ମ୍ୟାଚ୍‌ରେ ୟୁଏଇ ବିପକ୍ଷରେ ସେ ୪୬ ବଲରେ ଅପରାଜିତ ୭୬ ରନର ଅର୍ଦ୍ଧଶତକୀୟ ପାଳି ମଧ୍ୟ ଖେଳିଥିଲେ ।

### ସେମିରେ ଶ୍ରୀଲଙ୍କାକୁ ହରାଇଲା ଭାରତ

ସ୍ଥାନୀୟ ଶାରଜା କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ଦ୍ୱିତୀୟ ସେମିରେ ଟସ୍ ଜିତି ଶ୍ରୀଲଙ୍କା ପ୍ରଥମେ ବ୍ୟାଟିଂକରି ୪୬.୨ ଓଭରରେ ୧୭୩ ରନକରି ଅଲଆଉଟ ହୋଇଥିଲା । ଦଳ ତରଫରୁ ଲାକଭିନ୍ ଆମେସିଂଘେ ସର୍ବାଧିକ ୬୯, ଶରୁଜାନ ଶନମୁକନାଥନ ୪୨ ରନ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ । ବୋଲିଂରେ ଭାରତ ପାଇଁ ଚେତନ ଶର୍ମା ୩, କିରନ ଚୋର୍ମେଲ ଓ ଆୟୁଷ ମହାତ୍ରେ ୨ଟି ଲେଖାଏ ଏବଂ ୟୁଧାଜିତ ଗୁହା ଓ ହାର୍ଦ୍ଦିକ ରାଜ ଗୋଟିଏ ଲେଖାଏ ୱିକେଟ ନେଇଥିଲେ । ଜବାବରେ ଭାରତ ୨୧.୪ ଓଭରରେ ୩ ୱିକେଟ ହରାଇ ୧୭୫ ରନକରି ବିଜୟୀ ହୋଇଥିଲା । ବୈଭବ ସୂର୍ଯ୍ୟବଂଶୀ ୩୬ ବଲରୁ ୬ ଚୌକା ଓ ୫ ଛକା ସହ ୬୭ରନର ଅର୍ଦ୍ଧଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ମହାତ୍ରେ ୩୪, ସି ଆନ୍ଦ୍ରେ ସିଦ୍ଧାର୍ଥ ୨୨ ରନକରି ଆଉଟ ହୋଇଥିବା ବେଳେ ଅଧିନାୟକ ମହମ୍ମଦ ଅମନ ୨୫ ଓ କେପି କାର୍ତ୍ତିକେୟ ୧୧ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ ।

**ସଂକ୍ଷିପ୍ତ ସ୍କୋର**

**ଶ୍ରୀଲଙ୍କା ୧୭୩/୧୦, ୪୬.୨ ଓଭର**

(ଲାକଭିନ୍ ଆମେସିଂଘେ - ୬୯, ଶରୁଜାନ ଶନମୁକନାଥନ- ୪୨, ଚେତନ ଶର୍ମା- ୩/ ୩୪, କିରନ ଚୋର୍ମେଲ- ୨/୩୨, ଅୟୁଷ ମହାତ୍ରେ- ୨/୩୭) ।

**ଭାରତ ୧୭୫/୩, ୨୧.୪ ଓଭର**

(ବୈଭବ ସୂର୍ଯ୍ୟବଂଶୀ- ୬୭, ଆୟୁଷ ମହାତ୍ରେ- ୩୪, ସି ଆନ୍ଦ୍ରେ ସିଦ୍ଧାର୍ଥ- ୨୨, ମହମ୍ମଦ ଅମନ- ୨୫*, କେପି କାର୍ତ୍ତିକେୟ- ୧୧*, ଭିହାସ ଥ୍ୟୁମିକା- ୧/ ୩୩, ଭିରାନ ଚାମୁଦିଥା- ୧/୩୮, ପ୍ରବୀଣ ମନିଷା- ୧/୨୭) ।

### ୮ ଟାଇଟଲ ସହ ଭାରତ ସଫଳତମ ଦଳ

ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ମୋଟ୍ ଉପରେ ୮ଥର ଚାମ୍ପିଅନ ହୋଇ ସଫଳତମ ଦଳ ବିବେଚିତ ହେଉଛି । ଏଥର ଫାଇନାଲରେ ବିଜୟୀ ହେଲେ ଭାରତ ୯ମ ଟାଇଟଲ ହାସଲ କରିବ । ଭାରତ ପୂର୍ବରୁ ୧୯୮୯, ୨୦୦୩, ୨୦୧୨, ୨୦୧୩/୧୪, ୨୦୧୬, ୨୦୧୮, ୨୦୧୯ ଓ ୨୦୨୧ରେ ଚାମ୍ପିଅନ ହୋଇଥିଲା । ସେହିପରି ପାକିସ୍ତାନ ୨୦୧୨ରେ, ବାଂଲାଦେଶ ୨୦୨୩ରେ ଓ ଆଫଗାନିସ୍ତାନ ୨୦୧୭ରେ ଟାଇଟଲ ଜିତି ଥରେ ଲେଖାଏ ଚାମ୍ପିଅନ ହେବାର ଗୌରବ ଅର୍ଜନ କରିଛନ୍ତି । ଶ୍ରୀଲଙ୍କ ୫ଥର ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ସବୁଥର ପରାସ୍ତ ହୋଇ ରନର୍ସଅପ୍ ହୋଇଛି ।

### କଟକରେ ବିଡବ୍ଲୁଏଫ୍ ଟୁର୍ ସୁପର ୧୦୦ ବ୍ୟାଡ୍‌ମିଣ୍ଟନ ୧୦ରୁ

## ଓଡ଼ିଶା ମାଷ୍ଟର୍ସ ଲାଗି ପ୍ରସ୍ତୁତି ଜୋରଦାର




ଭୁବନେଶ୍ୱର, ୬।୧୨ (ସମିସ): କଟକର ଜବାହାରଲାଲ ଇଣ୍ଡୋର ଷ୍ଟାଡ଼ିୟମ୍‌ରେ ଡିସେମ୍ବର ୧୦ରୁ ଆରମ୍ଭ ହେବ ଅନ୍ତର୍ଜାତିକ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ବିଡବ୍ଲ୍ୟୁଏଫ୍ ଟୁର୍ ସୁପର ୧୦୦ ଆରମ୍ଭ ହେବ । ଏହି ପ୍ରତିଯୋଗିତା ଲାଗି ପ୍ରସ୍ତୁତି ଜୋରଦାର ଚାଲିଛି । ଡିସେମ୍ବର ୧୫ରେ ଶେଷ ହେବାକୁ ଥିବା ଏହି ପ୍ରତିଯୋଗିତାରେ ପୁରସ୍କାର ୧ ଲକ୍ଷ ଟଙ୍କା ରହିଛି । ଓଡ଼ିଶା ବ୍ୟାଡ୍‌ମିଣ୍ଟନ ସଂଘ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜିତ ହେବ । ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଟୁର୍ ଟୁର୍ଣ୍ଣାମେଣ୍ଟରେ ୩୨ଟି ଦେଶରୁ ୩୫୦ କିମ୍ବା ତା'ଠାରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି । ପୁରୁଷ ଓ ମହିଳାରେ ଏକକ, ଯୁଗଳ ଓ ମିଶ୍ରିତ ଯୁଗଳରେ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ । ଓଡ଼ିଶାରେ ଏହି ପ୍ରତିଯୋଗିତାର ତୃତୀୟ ସଂସ୍କରଣ ହୋଇଥିବାରୁ ଏହାକୁ କିପରି ତ୍ରୁଟିଶୂନ୍ୟ କରାଯାଇପାରିବ ସେଥିଲାଗି ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଛି । ଏହି ପ୍ରତିଯୋଗିତାରେ ଓଡ଼ିଶାର ଶ୍ରେଷ୍ଠ ଖେଳାଳିମାନେ ଭାଗନେବେ । ସେମାନଙ୍କ ମଧ୍ୟରେ ଅଛନ୍ତି ମହିଳା ବିଭାଗରେ ଅନ୍ତର୍ଜାତୀୟ ଖେଳିଥିବା ଋତୁପର୍ଣ୍ଣା ପଣ୍ଡା ଓ ତାଙ୍କ ସାନଭଉଣୀ ଶ୍ୱେତପର୍ଣ୍ଣା ପଣ୍ଡା । ପୁରୁଷ ବିଭାଗରେ ଯୁଗଳ ପ୍ରତିଯୋଗୀ ଭାଗନେବେ । ସେମାନେ ହେଲେ ଆୟୁଷ ପଟ୍ଟନାୟକ- ଅବିନାଶ ମହାନ୍ତି, ଅମ୍ରିତ ମହାନ୍ତି- ଅଭିଜିତ ମହାରଣାଙ୍କ ଯୋଡି । ଭାରତୀୟ ଖେଳାଳିଙ୍କ ମଧ୍ୟରେ ପ୍ରିୟାଂଶୁ ରାଜାୱତ, କିରନ ଜର୍ଜ, ମହିଳାଙ୍କ ମଧ୍ୟରେ ଆକର୍ଷି କଶ୍ୟପ, ଅଶ୍ୱିନି ପୋନାପ୍ପା, ତନଷା କ୍ରାଷ୍ଟୋ, ସୁମିତ ରେଡ୍ଡୀଙ୍କ ପରି ଉଚ୍ଚମାନ୍ୟତାପ୍ରାପ୍ତ ଖେଳାଳିମାନେ ଅଂଶଗ୍ରହଣ କରିବେ । ଓଡ଼ିଶା ବ୍ୟାଡମିଣ୍ଟନ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, ସମ୍ପାଦକ ନିଲୀନ କୁମାର, କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ରଙ୍କ ପରାମର୍ଶରେ ପ୍ରତିଯୋଗିତାର ପ୍ରସ୍ତୁତି କାର୍ଯ୍ୟ ଚାଲିଛି । ପ୍ରଦୀପ ପଟ୍ଟନାୟକ, ଶୈଳେନ୍ଦ୍ର ଆଚାର୍ଯ୍ୟ, ମନୋରଞ୍ଜନ ପଣ୍ଡା, କମଲ ଦାଶ, ସୁରେଶଚନ୍ଦ୍ର ପଣ୍ଡା, ସୁରୁଲାଲ ମଟାରୀ, ଦୀପକ ମହାନ୍ତି, ଅଜିତ ମହାନ୍ତି, ଜୟପ୍ରକାଶ ସିଂ, ପ୍ରୀତପାଲ ସିଂ, ସମୀର ଦାଶ ଓ ତାରାକାନ୍ତ ଦାଶଙ୍କ ଅଧ୍ୟକ୍ଷତାରେ ବିଭିନ୍ନ କମିଟିମାନ ଏହି ପ୍ରତିଯୋଗିତାର ସଫଳ ରୂପାୟନ ଲାଗି ଉଦ୍ୟମ ଅବ୍ୟାହତ ରଖିଛନ୍ତି ।

**ଓଡ଼ିଶାରୁ ଭାଗନେବେ ପଣ୍ଡା ଭଉଣୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା**

**ଯୁଗଳରେ ଖେଳିବେ ଆୟୁଷ-ଅବିନାଶ, ଅମ୍ରିତ-ଅଭିଜିତଙ୍କ ଯୋଡ଼ି**

## ସୌମ୍ୟଙ୍କୁ ୪ ୱିକେଟ; ଓଡ଼ିଶାର ସ୍ଥିତି ଦୃଢ଼


କୌସ୍ତିକ ମହାନ୍ତି


ରାଜ ଯାଦବ

**ବିଜୟ ମର୍ଚ୍ଚାଣ୍ଟ ଟ୍ରଫି**

କଟକ, ୬।୧୨(ସମିସ): ୧୬ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି ଶୁକ୍ରବାର ଠାରୁ ଆରମ୍ଭ ହୋଇଛି । ଗ୍ୱାଲିୟରର ଶ୍ରୀମନ୍ତ ମାଧବରାଓ ସିନ୍ଧିଆ କ୍ରିକେଟ ଷ୍ଟାଡିୟମରେ ଓଡ଼ିଶା ଆସାମକୁ ଭେଟିଛି । ଖେଳର ପ୍ରଥମ ଦିନ ଓଡ଼ିଶା ଅକ୍ତିଆରରେ ରହିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆସାମ ୧୦୧ରନରେ ଅଲଆଉଟ ହୋଇଥିଲା । ଅଧିନାୟକ ହ୍ରିତିକ ଧର ସର୍ବାଧିକ ୨୭ରନ କରିଥିଲେ । ଓଡ଼ିଶା ତରଫରୁ ସୌମ୍ୟରଞ୍ଜନ ସିଂହ ସର୍ବାଧିକ ୪ଟି ୱିକେଟ ଅକ୍ତିଆର କରିଥିଲେ । ରାଜ ଯାଦବ ଏବଂ ମହେଶ କୁମାର ସାହୁଙ୍କୁ ଯଥାକ୍ରମେ ୩ଟି ଏବଂ ୨ଟି ୱିକେଟ ମିଳିଥିଲା । ପ୍ରଥମ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ଦୁଇ ୱିକେଟ ବିନିମୟରେ ୧୦୨ରନ ସଂଗ୍ରହ କରି ପାଳି ଆଗୁଆ ରହିବା ସହ ଦୃଢ଼ ସ୍ଥିତିରେ ପହଞ୍ଚିଛି । କୌସ୍ତିକ ମହାନ୍ତି ୫୫ରନ ଏବଂ ଅଧିନାୟକ ସ୍ୱାଗତ ସୌରଭ ମିଶ୍ର ୩୨ରନରେ ଅପରାଜିତ ଅଛନ୍ତି ।

**ବରିଷ୍ଠ ମହିଳା ଏକଦିବସୀୟ କ୍ରିକେଟ**

## ଉତ୍ତରାଖଣ୍ଡଠୁ ହାରିଲା ଓଡ଼ିଶା


ଜ୍ୟୋତି ପ୍ରସାଦ


ରସନାରା ପରୱିନ


ସୁଶ୍ରୀ ଦିବ୍ୟଦର୍ଶିନୀ

କଟକ, ୬।୧୨(ସମିସ): ବରିଷ୍ଠ ମହିଳା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ଉତ୍ତରାଖଣ୍ଡ ୫୦ରନରେ ଓଡ଼ିଶାକୁ ପରାସ୍ତ କରିଛି । ଓଡ଼ିଶାର ଏହା କ୍ରମାଗତ ଦ୍ୱିତୀୟ ପରାଜୟ । ଅହମ୍ମଦାବାଦର ଗୁଜରାଟ କଲେଜ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ । ପ୍ରତିପକ୍ଷ ଦଳର ପ୍ରେମା ୪୭ରନ, ରାଘବୀ ୩୮ରନ ଏବଂ କାଞ୍ଚନ ପରିହାର ୩୫ରନ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଉତ୍ତରାଖଣ୍ଡ ୧୭୬ରନ ସଂଗ୍ରହ କରିଥିଲା । ଜ୍ୟୋତି ପ୍ରସାଦ ସର୍ବାଧିକ ୩ଟି, ଅଧିନାୟିକା ସୁଶ୍ରୀ ଏବଂ ରସନାରା ପରୱିନ ୨ଟି ଲେଖାଏ ୱିକେଟ ହାସଲ କରିଥିଲେ । ଜବାବରେ ମଧ୍ୟକ୍ରମର ବ୍ୟାଟିଂ ବିଫଳତା ଯୋଗୁଁ ଓଡ଼ିଶାର ପାଳି ୧୨୬ରନରେ ସୀମିତ ରହିଥିଲା । ସୁଶ୍ରୀ ଲଢୁଆ ପ୍ରଦର୍ଶନ ସହ ସର୍ବାଧିକ ୫୨ରନ କରିଥିଲେ । ଅନ୍ୟ ସମସ୍ତ ଖେଳାଳି ଫେଲ୍ ମାରିଥିଲେ । ୮ ତାରିଖରେ ୩ୟ ଲିଗ୍‌ରେ ଅରୁଣାଚଳପ୍ରଦେଶକୁ ଭେଟିବ ଓଡ଼ିଶା ।

### ପୂର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଖୋ-ଖୋ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# କିଟ୍ ଚାମ୍ପିଅନ, ହେମଚାନ୍ଦ ରନର୍ସଅପ୍




ବାଲେଶ୍ୱର, ୬।୧୨(ସମିସ): ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ହେଇଥିବା ଚାରିଦିନିଆ ପୂର୍ବ ଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଖୋ-ଖୋ ଟୁର୍ନାମେଣ୍ଟର ଆନୁଷ୍ଠାନିକ ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତକାଲି ସମସ୍ତ ନକ ଆଉଟ ଓ ଲିଗ୍ ମ୍ୟାଚ ଖେଳାଯାଇ ଫଳାଫଳ ଘୋଷିତ କରାଯାଇଥିଲା । ଯୋଗ୍ୟବିବେଚିତ ୪ ଟି ଦଳ ଯଥାକ୍ରମେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ପଣ୍ଡିତ ରବିଶଙ୍କର ବିଶ୍ୱବିଦ୍ୟାଳୟ, ଛତିଶଗଡ଼ ସ୍ଥିତ ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟ ଓ କିଟ୍ ବିଶ୍ୱବିଦ୍ୟାଳୟ ମଧ୍ୟରେ କ୍ୱାଲିଫାୟର ମ୍ୟାଚ ଶେଷଦିନରେ ଖେଳାଯାଇ ଥିଲା । ଏଥିରେ ପ୍ରଥମ ସ୍ଥାନ କିଟ୍ ବିଶ୍ୱବିଦ୍ୟାଳୟ, ଦ୍ୱିତୀୟ ସ୍ଥାନରେ ହେମଚାନ୍ଦ ଯାଦବ ବିଶ୍ୱବିଦ୍ୟାଳୟ, ତୃତୀୟ ସ୍ଥାନ ପଣ୍ଡିତ ରବିଶଙ୍କର ବିଶ୍ୱବିଦ୍ୟାଳୟ ଅଧିକାର କରିଥିବା ବେଳେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନ ହାସଲ କରିଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ସଭାରେ ତଥା ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, କ୍ରୀଡ଼ା ପରିଷଦର ନିର୍ଦ୍ଦେଶକ ଡ. ପବିତ୍ର ମୋହନ ନାୟକ, ଉପନିର୍ଦ୍ଦେଶକ ଡ଼କ୍ଟର ଅମିତ କୁମାର ଶର୍ମା, ପି.ଇ.ଓ ସଂଗ୍ରାମ ବିଶୋଇଙ୍କ ଉପସ୍ଥିତିରେ ଏହି ଚାରି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା । ଏଥିସହ ଟୁର୍ନାମେଣ୍ଟର ସମସ୍ତ ମ୍ୟାଚରେ ରେଫରୀ ଦାୟିତ୍ୱ ନିର୍ବାହ କରିଥିବା ୨୫ ଜଣ ରେଫରୀଙ୍କୁ କୁଳପତି ପ୍ରଫେସର ତ୍ରିପାଠୀ ସମ୍ମାନିତ କରିଥିଲେ ।

## କୁଚ୍‌ବିହାର ଟ୍ରଫି; ଓଡ଼ିଶା ୨୦୫/୬

କଟକ/ସୁନ୍ଦରଗଡ଼, ୬।୧୨(ସମିସ): ୧୯ ବର୍ଷରୁ କମ୍ ବାଳକ କୁଚବିହାର ଟ୍ରଫିର ୫ମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ଚଣ୍ଡିଗଡ଼କୁ ଭେଟିଛି । ସୁନ୍ଦରଗଡ଼ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓଡ଼ିଶା ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା । ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଘରୋଇ ଦଳ ୬ ୱିକେଟ ବିନିମୟରେ ୨୦୫ରନ କରିଛି । ଓପନର ଶ୍ରେୟାଂଶୁ ପଟ୍ଟନାୟକ ୫ରନରେ ଆଉଟ ହୋଇଥିଲେ । ଅନ୍ୟତମ ଓପନର ଆୟୁଷ ସୂତାର ଏବଂ ସମ୍ବିତ ବେଜା ୫୭ରନର ଭାଗିଦାରୀ ସୃଷ୍ଟି କରି ଦଳକୁ ପ୍ରାରମ୍ଭିକ ବିପର୍ଯ୍ୟୟରୁ ମୁକୁଳାଇଥିଲେ । ଆୟୁଷ ସତର୍କତାର ସହ ଖେଳ ଜାରି ରଖି ୨୦୯ ବଲରୁ ୭୩ରନର ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି । ସମ୍ବିତ ୩୩ରନ କରିଥିବା ବେଳେ ଅଧିନାୟକ ଶ୍ରେୟାଂଶ ଭରଦ୍ୱାଜ ୩୯ରନ, ଅନୁରାଗ ମଲ୍ଲିକ ୩୦ରନ କରିଛନ୍ତି । ଚଣ୍ଡିଗଡ଼ର ଗିରିଶ ଖାତ୍ରୀଙ୍କୁ ୩ଟି ୱିକେଟ ମିଳିଛି ।

## ରାଜ୍ୟ ସଫ୍ଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

କଟକ, ୬।୧୨(ସମିସ): ଓଡ଼ିଶା ରାଜ୍ୟ ସଫ୍ଟବଲ ସଂଘ ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ୨୩ତମ ରାଜ୍ୟ ବରିଷ୍ଠ ସଫ୍ଟବଲ ପ୍ରତିଯୋଗିତା ଶୁକ୍ରବାରଠାରୁ ଆରମ୍ଭ ହୋଇଛି । ତିନି ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ପୁରୁଷ ବିଭାଗରେ ୧୮ଟି ଏବଂ ମହିଳା ବିଭାଗରେ ୧୦ଟି ଦଳ ଭାଗ ନେଇଛନ୍ତି । ମ୍ୟାଚ୍ ପରିଚାଳନା ନିମନ୍ତେ ୨୦ଜଣ ଅଫିସିଆଲ ନିଯୁକ୍ତ ହୋଇଛନ୍ତି । ସଫ୍ଟବଲ ସଂଘ ଉପଦେଷ୍ଟା ନୟନ କିଶୋର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ । ରାଜ୍ୟ ସଂଘ ସଭାପତି ଦୀପକ କୁମାର ଗୌଡ଼, ଶିବାନନ୍ଦ ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ରାଜ୍ୟ ସଂଘ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଏବଂ ଯୁଗ୍ମ ସମ୍ପାଦକ ରାଜ କିଶୋର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



### ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ଦିବାରାତ୍ର ଟେଷ୍ଟର ପ୍ରଥମ ଦିନ

# ଷ୍ଟାର୍କଙ୍କ ବୋଲିଂରେ ଘାଇଲା ଭାରତ

**ଆଡିଲେଡ୍, ୬।୧୨(ଏଜେନ୍ସି):** ବାମହାତୀ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂ ବଳରେ ଏଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଦିବାରାତ୍ର ଟେଷ୍ଟରେ ଭାରତୀୟ ବ୍ୟାଟର ଘାଇଲା ହୋଇଛନ୍ତି । ୪୮ ରନ୍‌ରେ ୬ଟି ୱିକେଟ ଅକ୍ତିଆର କରି ଷ୍ଟାର୍କ ତାଙ୍କ ଟେଷ୍ଟ ଜୀବନର ଶ୍ରେଷ୍ଠ ବୋଲିଂ ସଫଳତା ପାଇବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୪.୧ ଓଭରରେ ୧୮୦ ରନ୍ କରି ଅଲଆଉଟ ହୋଇଯାଇଛି । ଯୁବ ଖେଳାଳି ନୀତୀଶ ରେଡ୍ଡୀ ୪୨ ରନ୍ କରି ପୁଣିଥରେ ଦଳର ଟପ୍ ସ୍କୋରର ହୋଇଛନ୍ତି । ଜବାବରେ ପ୍ରଥମ ଦିନ ଖେଳ ଶେଷସୁଦ୍ଧା ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ଉସ୍‌ମାନ ଖୱାଜା (୧୩)ଙ୍କ ୱିକେଟ ହରାଇ ୮୬ ରନ୍ ଭରଣା କରିନେଇଛି । ଘରୋଇ ଦଳ ନିକଟରେ ପ୍ରଥମ ଇନିଂସରେ ଆଉ ୯ଟି ୱିକେଟ ବାକିଥାଇ ମାତ୍ର ୯୪ ରନ୍‌ରେ ପଛୁଆ ରହିଛି । ଷ୍ଟମ୍ପ ଅପସାରଣ ବେଳକୁ ଜୀବନର ଦ୍ୱିତୀୟ ଟେଷ୍ଟ ଖେଳୁଥିବା ନାଥାନ ମ୍ୟାକ୍‌ସ୍ୱିନୀ ୯୭ବଲ୍ ଖେଳି ୩୮ ଓ ପ୍ରଥମ ଟେଷ୍ଟରେ ଫ୍ଲପ୍ ହୋଇ ସମାଲୋଚିତ ହୋଇଥିବା ମାର୍ନସ ଲାବୁସେନ ୬୭ ବଲ୍ ଖେଳି ୨୦ ରନ୍‌ରେ ଅପରାଜିତ ରହିଛନ୍ତି । ଏହାର ଅର୍ଥ ପିଙ୍କ୍ ବଲ୍ ଓ ଫ୍ଲଡ୍ ଲାଇଟ୍‌ରେ ଖେଳାଯାଇଥିବା ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନ ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ରହିଛି । ପର୍ଥ ଟେଷ୍ଟ ଭଳି ବୁମ୍‌ରାଙ୍କ ଯାଦୁ ଏଠାରେ ଦେଖିବାକୁ



ମିଳି ନାହିଁ । ସେ ୧୧ ଓଭର ବୋଲିଂ କରି ୪ଟି ମେଡେନ ସହ ୧୩ ରନ୍‌ରେ ଏକମାତ୍ର ୱିକେଟ ଅକ୍ତିଆର କରିଛନ୍ତି ।

### ଷ୍ଟାର୍କଙ୍କ ଜୀବନର ଶ୍ରେଷ୍ଠ ବୋଲିଂ

ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ୍‌ର ପ୍ରଥମ ଦୁଇଟି ଟେଷ୍ଟରେ ଭାରତୀୟ ଅଧିନାୟକ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । ପର୍ଥରେ କାମଚଳା ଅଧିନାୟକ ଯଶପ୍ରୀତ୍ ବୁମ୍‌ରା ଓ ଏଠାରେ ନିୟମିତ ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ଭାରତୀୟ ଇନିଂସର ପ୍ରଥମ ବଲ୍‌ରେ ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ଆଉଟ କରି ମିଚେଲ ଷ୍ଟାର୍କ ଅଷ୍ଟ୍ରେଲିଆ ଲାଗି ଭଲ ଆରମ୍ଭ କରିଥିଲେ । ପ୍ରଥମ ଟେଷ୍ଟରେ ଶତକ ହାସଲ କରିଥିବା ଜୟସ୍ୱାଲ ଏଠାରେ ଖାତା ଖୋଲି ପାରି ନ ଥିଲେ ମଧ୍ୟ ଦ୍ୱିତୀୟ ୱିକେଟରେ ଲୋକେଶ ରାହୁଲ ଓ ଶୁବମାନ ଗିଲ୍ ୬୯ ରନ୍ ଉଠାଇ ଦଳକୁ ଏକ ଭଲ ସ୍ଥିତିରେ ପହଞ୍ଚାଇଥିଲେ । କିନ୍ତୁ ଅସ୍ୱାଭାବିକ ବାଉନ୍ସର ସଠିକ୍ ମୁକାବିଲା କରି ନ ପାରି ଷ୍ଟାର୍କଙ୍କ ବଲ୍‌ରେ ରାହୁଲ ୩୭ ରନ୍ କରି ଆଉଟ ହେବା ପରେ ଭାରତର ବ୍ୟାଟିଂ ହଡବଡ଼େଇ ଯାଇଥିଲା । ଭଲ ଖେଳୁଥିବା ଗିଲ ୩୧ ରନ୍ କରିଥିବା ବେଳେ ସ୍କଟ ବୋଲାଣ୍ଡଙ୍କ ଦ୍ୱାରା ଏଲବିଡବ୍ଲ୍ୟୁ ହୋଇଯାଇଥିଲେ । ଏହା ଫଳରେ ଭାରତ ମାତ୍ର ୧୩ ରନ୍ ମଧ୍ୟରେ ୩ଟି ବଡ଼ ୱିକେଟ ହରାଇଥିଲା । ଗିଲଙ୍କ ପରେ ବିରାଟ କୋହଲି ୭ ଓ ରୋହିତ ଶର୍ମା ୩ ରନ୍‌ରେ ଆଉଟ ହୋଇଥିଲେ । ୮୭ ରନ୍‌ରେ ପଞ୍ଚମ ୱିକେଟ ପଡ଼ିବା ପରେ ନୀତୀଶ ରେଡ୍ଡୀଙ୍କ ନେତୃତ୍ୱରେ ଭାରତ ବ୍ୟାଟିଂ ବିପର୍ଯ୍ୟୟରୁ ମୁକୁଳିଥିଲା । ଶେଷ ଖେଳାଳି ଭାବେ ଆଉଟ ହୋଇଥିବା ରେଡ୍ଡୀ କାଉଣ୍ଟର ଆଟାକ କରି ୫୪ ବଲ୍‌ରେ ୪୨ ରନ୍ କରିଥିଲେ । ରବି ଅଶ୍ୱିନ ୨୨ ବଲ୍‌ରୁ ୨୨ ରନ୍ କରି ଭଲ ସହାୟତା ଦେଇଥିଲେ । ଯାହା ଫଳରେ ଭାରତ ପ୍ରଥମ ଇନିଂସରେ ୧୮୦ ରନ୍ କରିବାକୁ ସମର୍ଥ ହୋଇଥିଲା ।

ଭାରତର ଏଭଳି ଦୟନୀୟ ସ୍ଥିତି ଲାଗି ମିଚେଲ ଷ୍ଟାର୍କ ମୁଖ୍ୟତଃ ଦାୟୀ । ସେ ଦିବାରାତ୍ର ଟେଷ୍ଟରେ ଶ୍ରେଷ୍ଠ ସଫଳତା ବଜାୟ ରଖିବା ସହ ଭାରତର ୬ଜଣ ପ୍ରମୁଖ ବ୍ୟାଟରଙ୍କୁ ଆଉଟ କରିଥିଲେ । ସେ ୧୪.୧ ଓଭର ବୋଲିଂ କରି ୪୮ ରନ୍ ବିନିମୟରେ ସର୍ବାଧିକ ୬ଟି ୱିକେଟ ପାଇଥିଲେ । ଅନ୍ୟ ଦୁଇ ପେସ୍ ବୋଲର ଅଧିନାୟକ ପ୍ୟାଟ କମିନ୍ସ ଓ ସ୍କଟ ବୋଲାଣ୍ଡଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଥିଲା ।

### ସଂକ୍ଷିପ୍ତ ସ୍କୋର

**ଭାରତ ପ୍ରଥମ ଇନିଂସ:** ୧୮୦/୧୦, ୪୪.୧ ଓଭର (ନୀତୀଶ ରେଡ୍ଡୀ-୪୨, ଲୋକେଶ ରାହୁଲ-୩୭, ଶୁବମାନ ଗିଲ୍-୩୧, ମିଚେଲ ଷ୍ଟାର୍କ-୬/୪୮, ପ୍ୟାଟ୍ କମିନ୍ସ-୨/୪୧, ସ୍କଟ ବୋଲାଣ୍ଡ-୨/୫୪) ।

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ:** ୮୬/୧, ୩୩ ଓଭର (ନାଥାନ ମ୍ୟାକ୍‌ସ୍ୱିନୀ-ବ୍ୟାଟିଂ-୩୮, ମାର୍ନସ ଲାବୁସେନ- ବ୍ୟାଟିଂ-୨୦, ଯଶପ୍ରୀତ୍ ବୁମ୍‌ରା-୧/୧୩) ।

## ଜନ୍ମଦିନରେ ବୁମ୍‌ରାଙ୍କୁ ୫୦ତମ ୱିକେଟ



**ଆଡିଲେଡ୍, ୬।୧୨(ଏଜେନ୍ସି):** ଭାରତୀୟ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ତାଙ୍କ ୩୧ତମ ଜନ୍ମଦିବସରେ ଅଷ୍ଟ୍ରେଲିଆର ଉସ୍‌ମାନ ଖୱାଜାଙ୍କୁ ଆଉଟ କରି ଚଳିତ କ୍ୟାଲେଣ୍ଡର ବର୍ଷ-୨୦୨୪ରେ ୫୦ତମ ଟେଷ୍ଟ ୱିକେଟ ହାସଲ କରିଛନ୍ତି । ଆଘାତ ସମସ୍ୟାରୁ ମୁକୁଳିବା ପରେ ବୁମ୍‌ରାଙ୍କ ଶ୍ରେଷ୍ଠ ପ୍ରଦର୍ଶନ କରି ବିଶ୍ୱର ପ୍ରଥମ ଖେଳାଳି ଭାବେ ଚଳିତ କ୍ୟାଲେଣ୍ଡର ବର୍ଷରେ ଏହି ସଫଳତା ପାଇଛନ୍ତି । ଏଥିଲାଗି ତାଙ୍କୁ ୧୧ଟି ଟେଷ୍ଟର ସହାୟତା ନେବାକୁ ପଡ଼ିଛି । ଗୋଟିଏ କ୍ୟାଲେଣ୍ଡର ବର୍ଷରେ ୫୦ କିମ୍ବା ତା'ଠାରୁ ଅଧିକ ଟେଷ୍ଟ ୱିକେଟ ନେବାରେ ସେ ହେଉଛନ୍ତି ଭାରତର ତୃତୀୟ ଫାଷ୍ଟ ବୋଲର । ତାଙ୍କ ପୂର୍ବରୁ ଭାରତୀୟ ପେସ୍ ବୋଲର ଭାବେ କପିଳ ଦେବ ୧୯୭୯ ରେ ୭୪ଟି ଓ ୧୯୮୩ରେ ୭୫ଟି, ଜାହିର ଖାଁ ୨୦୦୨ରେ ୫୧ଟି ୱିକେଟ ନେଇଥିଲେ । ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ଟେଷ୍ଟ ୱିକେଟ ନେବାରେ ରେକର୍ଡ ଅଷ୍ଟ୍ରେଲିଆର କିମ୍ବଦନ୍ତୀ ସ୍ପିନର ସେନ ୱାର୍ଣ୍ଣଙ୍କ ନାମରେ ରହିଛି । ସେ ୨୦୦୫ରେ ୧୫ଟି ଟେଷ୍ଟରୁ ୯୬ଟି ୱିକେଟ ନେଇଥିଲେ । ଚଳିତବର୍ଷ ବୁମ୍‌ରା ସମସ୍ତ ପ୍ରକାର ଅନ୍ତର୍ଜାତୀୟ ଫର୍ମାଟରେ ୧୯ଟି ମ୍ୟାଚ୍ ଖେଳି ୬୫ଟି ୱିକେଟ ନେବାରେ ସମର୍ଥ ହୋଇଛନ୍ତି ।

**ପ୍ରଥମ ବଲ୍‌ରେ ୱିକେଟ**

## ଷ୍ଟାର୍କଙ୍କ ତୃତୀୟ ସଫଳତା

ଏଠାରେ ଶୁକ୍ରବାର ଆରମ୍ଭ ହୋଇଥିବା ଦିବାରାତ୍ର ଟେଷ୍ଟରେ ଭାରତର ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ପ୍ରଥମ ବଲ୍‌ରେ ଆଉଟ କରିଛନ୍ତି ବାମହାତୀ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ । ଟେଷ୍ଟ କ୍ରିକେଟରେ ଏହାକୁ ମିଶାଇ ଷ୍ଟାର୍କ ତୃତୀୟଥର ଇନିଂସର ପ୍ରଥମ ବଲ୍‌ରେ ୱିକେଟ ନେଇଛନ୍ତି । ଯାହା ଫଳରେ ୱେଷ୍ଟଇଣ୍ଡିଜ୍‌ର ଫାଷ୍ଟ ବୋଲର ପେଡ୍ରୋ କଲିନ୍ସଙ୍କ ସହ ସେ ସମକକ୍ଷ ହୋଇଛନ୍ତି । ଷ୍ଟାର୍କ ୨୦୧୬ ଗଲ ଟେଷ୍ଟରେ ଶ୍ରୀଲଙ୍କାର ଦୀମୁଥ କରୁଣାରତ୍ନେ, ୨୦୨୧ ବ୍ରିସ୍‌ବେନ୍ ଟେଷ୍ଟରେ ଇଂଲଣ୍ଡର ରୋରି ବର୍ଣ୍ଣସଙ୍କୁ ପ୍ରଥମ ବଲ୍‌ରେ ଆଉଟ କରିଥିଲେ । ଏଠାରେ ସେ ଭାରତ ପ୍ରଥମ ଇନିଂସରେ ୪୮ ରନ୍‌ରେ ୬ଟି ୱିକେଟ ନେଇ ତାଙ୍କ ଟେଷ୍ଟ କ୍ୟାରିୟରେ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଛନ୍ତି । ଫଳରେ ଗୋଟିଏ ଇନିଂସରେ ଭାରତ ବିପକ୍ଷରେ ପ୍ରଥମଥର ୫ କିମ୍ବା ତା'ଠାରୁ ଅଧିକ ଓ ଦିବାରାତ୍ର ମ୍ୟାଚ୍‌ରେ ଚତୁର୍ଥଥର ଏହି ସଫଳତା ପାଇଛନ୍ତି । ଏହା ସହ ଆଡିଲେଡ ଓଭାଲ ଗ୍ରାଉଣ୍ଡରେ ମଧ୍ୟ ଷ୍ଟାର୍କ ୫୧ଟି ୱିକେଟ ନେଇଛନ୍ତି । ଦିବାରାତ୍ର ଟେଷ୍ଟରେ ୨୪ଟି ଇନିଂସରୁ ଷ୍ଟାର୍କ ବିଶ୍ୱରେ ସର୍ବାଧିକ ୭୨ଟି ୱିକେଟ ନେଇଛନ୍ତି ।

## ବୁମ୍‌ରାଙ୍କ ବୋଲିଂରେ ପନ୍ତଙ୍କ ୮ମ କ୍ୟାଚ୍ ଡ୍ରପ୍

ଏହି ଟେଷ୍ଟରେ ବୁମ୍‌ରାଙ୍କ ବୋଲିଂରେ ଅଷ୍ଟ୍ରେଲୀୟ ବ୍ୟାଟର ନାଥାନ ମ୍ୟାକ୍‌ସ୍ୱିନୀଙ୍କ କ୍ୟାଚ୍ ଡ୍ରପ୍ କରିଛନ୍ତି ୱିକେଟରକ୍ଷକ ଋଷଭ ପନ୍ତ୍ । ଅଷ୍ଟ୍ରେଲିଆ ଇନିଂସର ୬ଷ୍ଠ ଓଭରରେ ଏହା ଘଟିଥିଲା । ଏହା ଫଳରେ ବୁମ୍‌ରାଙ୍କ ବୋଲିଂରେ ପନ୍ତ୍ ଏହାକୁ ମିଶାଇ ୮ମଥର ଲାଗି କ୍ୟାଚ୍ ଡ୍ରପ୍ କରିଛନ୍ତି । ବୁମ୍‌ରାଙ୍କ ବୋଲିଂରେ ୱିକେଟ ପଛରେ ୪୨ଥର କ୍ୟାଚ୍ ଆଉଟର ସୁଯୋଗ ସୃଷ୍ଟି କରିଛନ୍ତି ବୁମ୍‌ରା । କିନ୍ତୁ ପନ୍ତ୍ ଏହା ମଧ୍ୟରୁ ୩୪ଟି କ୍ୟାଚ୍ ଧରିଥିଲାବେଳେ ଆଉ ୮ଟି କ୍ୟାଚ୍ ଡ୍ରପ୍ କରିଛନ୍ତି । କିନ୍ତୁ ଅନ୍ୟ ଭାରତୀୟ ବୋଲର ସୃଷ୍ଟି କରିଥିବା ୧୩୨ଟି ସୁଯୋଗ ମଧ୍ୟରୁ ପନ୍ତ୍ ୱିକେଟ ପଛରେ ମାତ୍ର ୧୦ଟି କ୍ୟାଚ୍ ଡ୍ରପ୍ କରିଛନ୍ତି । ବୁମ୍‌ରାଙ୍କ ବୋଲିଂରେ କ୍ୟାଚ୍ ଧରିବାର ସଫଳତା ହାର ୮୦.୯୫ ହୋଇଥିଲାବେଳେ ଅନ୍ୟ ବୋଲରଙ୍କ ଲାଗି ଏହା ୯୨.୪୨ ଶତକଡ଼ା ହୋଇଛି । ଦିବାରାତ୍ର ଟେଷ୍ଟର ପ୍ରଥମ ଦିନ ଦୁଇଥର ଫ୍ଲଡ୍‌ଲାଇଟ୍ ଫେଲ ହୋଇଛି । ଅଷ୍ଟ୍ରେଲିଆ ଇନିଂସର ୧୮ତମ ଓଭର ଦ୍ୱିତୀୟ ଓ ଚତୁର୍ଥ ବଲ୍‌ରେ ଫ୍ଲଡ୍‌ଲାଇଟ୍ ବନ୍ଦ ହୋଇଯାଇଥିଲା ।

### ହାଇବ୍ରିଡ୍ ମଡେଲରେ ଖେଳାଯିବ ଚାମ୍ପିଅନ୍ସ ଟ୍ରଫି

# ଦୁବାଇରେ ଭାରତ ଖେଳିବ ସବୁ ମ୍ୟାଚ୍

**ନୂଆଦିଲ୍ଲୀ, ୬।୧୨(ଏଜେନ୍ସି):** ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫି ବହୁ ଚର୍ଚ୍ଚିତ ହାଇବ୍ରିଡ୍ ମଡେଲ ଅନୁସାରେ ଖେଳାଯିବା ନିଶ୍ଚିତ ହୋଇଛି । ଦୁଇଟି ଦେଶରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ପାକିସ୍ତାନ ରାଜି ହୋଇଛି । ଦୁବାଇରେ ଅନୁଷ୍ଠିତ ଆଇସିସିର ଅନୌପଚାରିକ ବୈଠକରେ ଏ ନେଇ ଅନ୍ତିମ ନିଷ୍ପତ୍ତି ନିଆଯାଇଛି । ଆଇସିସି ମଧ୍ୟ ଏହି ହାଇବ୍ରିଡ ମଡେଲକୁ ଅନୁମୋଦନ କରିଛି । ଫଳରେ ଭାରତ ତା'ର ସବୁ ମ୍ୟାଚ୍ ଦୁବାଇରେ ଖେଳିବା ନିଶ୍ଚିତ ହୋଇଛି । ଅର୍ଥାତ ଶେଷରେ ଭାରତର ଯିଦ୍ ଆଗରେ ପାକିସ୍ତାନ ମୁଣ୍ଡ ନୁଆଁଇଛି । ଚାମ୍ପିଅନ୍ସ ଟ୍ରଫି ଫେବୃଆରୀ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୯ରେ ଶେଷ ହେବ ।

**ଆଜି ହୋଇପାରେ କାର୍ଯ୍ୟସୂଚୀ ଘୋଷଣା:** ମାର୍ଚ୍ଚ ୧ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ଗ୍ରୁପ୍ ମ୍ୟାଚ୍ ଦୁବାଇରେ ଖେଳାଯିବ । ଟୁର୍ଣ୍ଣାମେଣ୍ଟର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଶନିବାର ପ୍ରକାଶିତ ହେବ । ଗତ ସଂସ୍କରଣରେ ପାକିସ୍ତାନ ଟାଇଟଲ ଜିତିଥିଲା । ୨୦୧୭ରେ ଶେଷଥର ପାଇଁ ଚାମ୍ପିଅନ୍ସ ଟ୍ରଫି ଆୟୋଜନ ହୋଇଥିଲା ଓ ଫାଇନାଲରେ ଭାରତକୁ ହରାଇ ପାକିସ୍ତାନ ଟାଇଟଲ ହାସଲ କରିଥିଲା ।

**ହାଇବ୍ରିଡ୍ ମଡେଲକୁ ସବୁ ୧୫ ସଦସ୍ୟ ରାଷ୍ଟ୍ରରୁ ସମ୍ମତି:** ନୂଆ ଅଧ୍ୟକ୍ଷ ଜୟ ଶାହାଙ୍କ ସଭାପତିତ୍ୱରେ




ଅନୁଷ୍ଠିତ ଆଇସିସି ବୈଠକରେ ହାଇବ୍ରିଡ୍ ମଡେଲକୁ ସବୁ ୧୫ ସଦସ୍ୟ ରାଷ୍ଟ୍ର ସମର୍ଥନ କରିଥିଲେ । ପାକିସ୍ତାନ ମଧ୍ୟ ବୈଠକରେ ଏହାକୁ ବରୋଧ କରି ନଥିଲା । ତେବେ ପାକିସ୍ତାନ କେତୋଟି ସର୍ତ୍ତ ରଖିଥିଲା । ୨୦୩୧ ପର୍ଯ୍ୟନ୍ତ ଭାରତରେ ଆୟୋଜନ ହେବାକୁ ଥିବା ଆଇସିସି ଟୁର୍ଣ୍ଣାମେଣ୍ଟଗୁଡିକ ମଧ୍ୟ ହାଇବ୍ରିଡ ମଡେଲ ଖେଳାଯାଉ ବୋଲ ପାକିସ୍ତାନ ସର୍ତ୍ତ ରଖିଥିଲା । ଏଥିସହ ଆଇସିସିଠାରୁ ପାଉଥିବା ରାଜସ୍ୱରେ ୫.୭୫ ପ୍ରତିଶତ ବୃଦ୍ଧି କରିବାକୁ କହିଥିଲା ।

**୧୫ରୁ ୫ ମ୍ୟାଚ୍ ୟୁଏଇରେ ଖେଳାଯିବ:** ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଭାଗ ନେବେ ଓ ମୋଟ ଉପରେ ୧୫ଟି ମ୍ୟାଚ୍ ଖେଳାଯିବ । ଭାରତ ତା'ର ୩ଟି ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ୟୁଏଇର ଦୁବାଇରେ ଖେଳିବ । ସେହିପରି ୟୁଏଇରେ ଗୋଟିଏ ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଖେଳାଯିବ । ଅର୍ଥାତ ଟୁର୍ଣ୍ଣାମେଣ୍ଟର ୧୫ଟି ମ୍ୟାଚ୍ ପାକିସ୍ତାନରେ ଓ ୫ଟି ମ୍ୟାଚ୍ ୟୁଏଇରେ ଖେଳାଯିବ । ଅନ୍ୟପଟେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଭାରତ ସହିତ ତ୍ରିରାଷ୍ଟ୍ରୀୟ ସିରିଜ ଆୟୋଜନ କରିବାକୁ ଦାବି କରିଛି ।

■ ଦ. ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ

## ଶ୍ରୀଲଙ୍କାର ଦୃଢ଼ ଜବାବ



**ଗକବେର୍ହା, ୬।୧୨(ଏଜେନ୍ସି):** ଏଠାରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ଶ୍ରୀଲଙ୍କା ପ୍ରଥମ ପାଳିରେ ଦମ୍‌ଦାର ବ୍ୟାଟିଂ କରି ଦୃଢ଼ ଜବାବ ଦେଇଛି । ଦକ୍ଷିଣ ଆଫ୍ରିକା ପ୍ରଥମ ପାଳିରେ ୩୫୮ ରନକରି ଅଲଆଉଟ ହୋଇଥିଲା । ଜବାବରେ ପ୍ରଥମ ପାଳି ଆରମ୍ଭ କରି ଶ୍ରୀଲଙ୍କା ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୬୭ ଓଭରରେ ୩ ୱିକେଟ ହରାଇ ୨୪୨ ରନ ସଂଗ୍ରହ କରିଛି । ୭ ୱିକେଟ ବାକିଥାଇ ଶ୍ରୀଲଙ୍କା ଏବେ ୧୧୬ ରନ ପଛରେ ପଡ଼ିଛି । ଷ୍ଟମ୍ପ ଅପସାରଣ ବେଳକୁ ଆଞ୍ଜେଲୋ ମାଥ୍ୟୁସ ୪୦ ଓ କାମିନ୍ଦୁ ମେଣ୍ଡିସ୍ ୩୦ ରନକରି ଅପରାଜିତ ରହିଛନ୍ତି । ଓପନର ପଥୁମ ନିଶାଙ୍କା ୮୯, ଦିମୁଥ କରୁଣାରତ୍ନେ ୨୦, ଦୀନେଶ ଚାଣ୍ଡିମଲ ୪୪ ରନକରି ପ୍ୟାଭିଲିୟନ ଫେରିଛନ୍ତି । ଦକ୍ଷିଣ ଆଫ୍ରିକାର କାଗିସୋ ରାବାଡ଼ା, ଡେନ ପାଟରସନ ଓ କେଶବ ମହାରାଜ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ । ଅସମାପ୍ତ ପ୍ରଥମ ପାଳି ସ୍କୋର ୨୬୯/୭ରୁ ଖେଳ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ଶୁକ୍ରବାର ଅଲଆଉଟ ହୋଇଥିଲା । ଦଳ ତରଫରୁ ରିଆନ ରିକ୍ଲେଟନ ୧୦୧ ଓ କାଏଲ ଭେରେନ ଅପରାଜିତ ୧୦୫ ରନ କରିଥିଲେ । ଶ୍ରୀଲଙ୍କାର ଲାହିରୁ କୁମାରା ୪, ଅସିଥା ଫର୍ଣ୍ଣାଣ୍ଡୋ ୩, ବିଶ୍ୱ ଫର୍ଣ୍ଣାଣ୍ଡୋ ୨ଟି ୱିକେଟ ନେଇଥିଲେ ।

■ ଅନ୍ତର୍ଜାତୀୟ ଅଷ୍ଟ୍ରେଲିଆନ ଫୁଟବଲ୍

## ଭାରତୀୟ ଦଳରେ ମୟୂରଭଞ୍ଜର ଶିବ ମାର୍ଣ୍ଡି

**ବାରିପଦା, ୬।୧୨(ସମିସ):** ଭିଏତନାମଠାରେ ଅନୁଷ୍ଠିତ ହେବାକୁ ଥିବା ଆନ୍ତର୍ଜାତୀୟ ଅଷ୍ଟ୍ରେଲିଆନ ଫୁଟବଲ (ଫୁଟି) ଟୁର୍ଣ୍ଣାମେଣ୍ଟ-୨୦୨୪ ଲାଗି ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ମୟୂରଭଞ୍ଜର ଖେଳାଳି ଶିବ ମାର୍ଣ୍ଡି । ଜାତୀୟ ଚୟନ ଶିବିରରେ ଓଡ଼ିଶାରୁ ୩ ଜଣ ଖେଳାଳି ଯୋଗ ଦେଇଥିବା ବେଳେ କେବଳ ମାର୍ଣ୍ଡି ସାମିଲ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଫୁଟି ଆସୋସିଏସନ ଅଫ ଓଡ଼ିଶାର ସଭାପତି ରାମଚନ୍ଦ୍ର ମୁର୍ମୁ ଓ ଓଡ଼ିଶା ପ୍ରଶିକ୍ଷକ ଅନନ୍ତ ହେମ୍ବ୍ରମଙ୍କ ଅନ୍ୟ କର୍ମକର୍ତ୍ତା ତାଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ସଫଳତା କାମନା କରିଛନ୍ତି । ପ୍ରକାଶ ଥାଉକି ଶ୍ରୀ ମାର୍ଣ୍ଡି ମୟୂରଭଞ୍ଜ ଜିଲ୍ଲାର ଖୁଣ୍ଟା ବ୍ଲକ ଅନ୍ତର୍ଗତ ଭୋଲାଗଡ଼ିଆ ଗ୍ରାମର ବାସିନ୍ଦା । ସେ କିସ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି । ଭାରତୀୟ ଦଳରେ ସ୍ଥାନ ପାଇ ସେ ନିଜ ଗାଁ, ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣି ଅନ୍ୟ ଖେଳାଳିଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS